ଧରିତ୍ରୀ 52 Years
# ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ଫେବୃଆରୀ ୫/୨୦୨୬ (୧୬ ପୃଷ୍ଠା) | Bhubaneswar, Thursday, February 5/2026 | Page 16 | ₹ 7.00
୫୨ଶ ଭାଗ ୭୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 73 | ମୂଲ୍ୟ ₹୭/-



**ଫାଇନାଲରେ ଭାରତ**
ଆରୋନ ଜର୍ଜଙ୍କ ଶତକ ବଳରେ ଭାରତ ୧୯ ବର୍ଷରୁ କମ୍ ଦିନିକିଆ କ୍ରିକେଟ ବିଶ୍ୱକପ୍‌ର ଫାଇନାଲରେ ପ୍ରବେଶ କରିଛି।
୧୫

୧୪
**ସହ ନିର୍ଦ୍ଦେଶନାରୁ ଅଭିନୟ**
ସିଦ୍ଧାର୍ଥ ମାଲହୋତ୍ରା ପ୍ରଥମେ 'ମାଇଁ ନେମ୍ ଇଜ୍ ଖାନ୍' ଫିଲ୍ମର ସହ-ନିର୍ଦ୍ଦେଶକ ସାଜିଥିବାବେଳେ ପରବର୍ତ୍ତୀ ସମୟରେ ଅଭିନୟ କ୍ଷେତ୍ରରେ ପାଦ ଦେଇଥିଲେ।





ପୁରୀ ଶ୍ରୀମନ୍ଦିର ସମ୍ମୁଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ବର୍ଦ୍ଧିତ କରୁଛନ୍ତି। ନିକଟରେ ଅଛନ୍ତି ରାଜ୍ୟପାଳ ହରିବାବୁ କମ୍ଭମପାଟି, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ।

# ଓଡ଼ିଶା ଚାହୁଁଛି କେନ୍ଦ୍ର ମଧ୍ୟସ୍ଥତା

## ମହାନଦୀ ଜଳ ବିବାଦ

ଛତିଶଗଡ଼ ସରକାରଙ୍କ ପକ୍ଷରୁ ମହାନଦୀର ଉପରମୁଣ୍ଡରେ ୬୦ରୁ ଊର୍ଦ୍ଧ୍ୱ ବ୍ୟାରେଜ୍ କରାଯିବା ଯୋଗୁ ତଳମୁଣ୍ଡ ଓଡ଼ିଶାରେ ଏହି ନଦୀରେ ଜଳସଙ୍କଟ ଦେଖାଦେଉଛି। ଏନେଇ ୨୦୧୬ରୁ ଓଡ଼ିଶା-ଛତିଶଗଡ଼ ମଧ୍ୟରେ ମହାନଦୀ ଜଳ ବିବାଦ ଆରମ୍ଭ ହୋଇଥିବାବେଳେ ଏହାର ସମାଧାନ ପାଇଁ ୨୦୧୮ ମାର୍ଚ୍ଚରୁ ଟ୍ରିବ୍ୟୁନାଲ ଗଠନ ହୋଇଛି। ଏଯାଏ ଏହି ବିବାଦର ଅନ୍ତ ଘଟି ନ ଥିବାରୁ ସମାଧାନ ପାଇଁ କେନ୍ଦ୍ର ସରକାରଙ୍କୁ ମଧ୍ୟସ୍ଥ ସାଜିବାକୁ ଓଡ଼ିଶା ସରକାର ଅନୁରୋଧ କରିଛନ୍ତି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, କେବଳ ଟ୍ରିବ୍ୟୁନାଲ ଉପରେ ନିର୍ଭର ନ କରି ଆଲୋଚନା ମାଧ୍ୟମରେ ଏହାର ସମାଧାନ ହେବା ଆବଶ୍ୟକ। ଓଡ଼ିଶା ଏବଂ ଛତିଶଗଡ଼ରେ ଭାଜପା ସରକାର ଚାଲିଥିବାବେଳେ କେନ୍ଦ୍ରରେ ଏହି ଦଳ ନେତୃତ୍ୱରେ ସରକାର ଚାଲିଛି। ଏଭଳିସ୍ଥଳେ ଓଡ଼ିଶା ସରକାରଙ୍କ ଅନୁରୋଧକୁ କେନ୍ଦ୍ର ସରକାର ଗ୍ରହଣ କରିନେଲେ ଖୁବ୍‌ଶୀଘ୍ର ସମାଧାନର ବାଟ ବାହାରି ପାରନ୍ତା ବୋଲି ଆଶା କରାଯାଉଛି।

ଭୁବନେଶ୍ୱର,୪।୨
(ରବିନାରାୟଣ ଜେନା)

ମହାନଦୀ ଜଳ ବିବାଦର ସମାଧାନ ପାଇଁ ରାଜ୍ୟ ସରକାର ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ଏହା ଟ୍ରିବ୍ୟୁନାଲ ମାଧ୍ୟମରେ ସମାଧାନ ହେବା ସମୟସାପେକ୍ଷ। ତେଣୁ ମଧ୍ୟସ୍ଥ ଜରିଆରେ ଏହାର ସମାଧାନ ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ କେନ୍ଦ୍ର ସରକାରଙ୍କ ହସ୍ତକ୍ଷେପ ଲୋଡ଼ାଯାଇଛି ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି।

ବୁଧବାର ମନ୍ତ୍ରୀ ପୂଜାରୀ କହିଛନ୍ତି, ମହାନଦୀ ଟ୍ରିବ୍ୟୁନାଲ ଅବଧି ଏପ୍ରିଲ ୧୩ରେ ଶେଷ ହେଉଥିବାରୁ ଏହାକୁ ଆଉ ୯ ମାସ ବୃଦ୍ଧି କରିବାକୁ କେନ୍ଦ୍ରକୁ ଚିଠି ଲେଖାଯାଇଛି। ଗଣତନ୍ତ୍ର ବ୍ୟବସ୍ଥାରେ ଆଲୋଚନା ମାଧ୍ୟମରେ ସବୁକିଛି ସମସ୍ୟାର ସମାଧାନ ହୋଇପାରିବ। ଆନ୍ତଃମନ୍ତ୍ରୀସ୍ତରୀୟ କମିଟିର ଅଧ୍ୟକ୍ଷ କନକ ବର୍ଦ୍ଧନ ସିଂଦେଓ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏଙ୍କ ସହ ଆଲୋଚନା କରିଛନ୍ତି। ଟ୍ରିବ୍ୟୁନାଲରେ ମହାନଦୀ ଜଳ ବିବାଦର ସମାଧାନରେ ବହୁ ସମୟ ବିତିଯାଉଥିବାରୁ କଥାବାର୍ତ୍ତା ମାଧ୍ୟମରେ ସମସ୍ୟାର ସମାଧାନ କରିବୁ। ପୂଜାରୀ ପୁଣି କହିଛନ୍ତି, ବିଧାନସଭାରେ ପୂର୍ବତନ ଜଳସମ୍ପଦ ମନ୍ତ୍ରୀ ଯେଉଁ ଭୁଲ୍ ତଥ୍ୟ ଦେଇଥିଲେ, ତାହାକୁ ଅସ୍ତ୍ର ଭାବେ ଛତିଶଗଡ଼ ସରକାର ବ୍ୟବହାର କରୁଛନ୍ତି। ସେଥିପାଇଁ ମହାନଦୀ ଜଳ ବିବାଦର ସମାଧାନ ବିଳମ୍ବ ହେଉଛି।

ସୂଚନାଯୋଗ୍ୟ, ମହାନଦୀ ଜଳ ବିବାଦର ସମାଧାନ ଲାଗି ମହାନଦୀ ଟ୍ରିବ୍ୟୁନାଲ ୨୦୧୮ ମାର୍ଚ୍ଚରେ ଗଠନ ହୋଇଥିଲା। ନିୟମ ଅନୁଯାୟୀ, ଏହି ବିବାଦର ଅନ୍ତ ୩ ବର୍ଷ ମଧ୍ୟରେ ହେବାକଥା। ମାତ୍ର ପ୍ରଥମ ପର୍ଯ୍ୟାୟରେ ଏହା ବଢ଼ି ୨୦୨୩ ମାର୍ଚ୍ଚରେ ଫଇସଲା ହେବାକୁ ଥିଲା। ହେଲେ ପରବର୍ତ୍ତୀ ପର୍ଯ୍ୟାୟରେ ରାଜ୍ୟ ସରକାରଙ୍କ ଅନୁରୋଧକ୍ରମେ ଜଳଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ଏହାର କାର୍ଯ୍ୟକାଳ ୨୦୨୬ ଏପ୍ରିଲ ୧୩ ଯାଏ ବଢ଼ାଯାଇଥିଲା। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**
ଭାରତରେ ଇସ୍‌ଲାମ ପ୍ରବେଶ

# ଆମେରିକୀୟ କୃଷି ଉତ୍ପାଦ ଉପରେ ଭାରତ କଷିବନି ଟାରିଫ୍

ଆମେରିକା ଭାରତକୁ ରପ୍ତାନି କରିବାକୁ ଥିବା ବିବିଧ ଶିଳ୍ପ ଓ କୃଷି ଉତ୍ପାଦ ଉପରେ ନୂଆଦିଲ୍ଲୀ ୦% ଟାରିଫ୍ କଷିବ। ଅର୍ଥାତ୍ ଆମେରିକୀୟ ରାସାୟନିକ ସାମଗ୍ରୀ, ବିମାନ ଯନ୍ତ୍ରାଂଶ ଓ ଆଣବିକ ଉପକରଣ ସହ ଫଳ, ପନିପରିବା ଆଦି ଉପରେ ଭାରତ ପକ୍ଷରୁ ଆଦୌ କୌଣସି ଟାରିଫ୍ ଲଗାଯିବ ନାହିଁ ବୋଲି ଟ୍ରମ୍ପ୍ ପ୍ରଶାସନର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଏହି ବିଷୟ ସାମ୍ନାକୁ ଆସିବା ପରେ ଭାରତରେ ବଡ଼ ବିତର୍କ ମୁଣ୍ଡ ଟେକିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଚାପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୁଣ୍ଡ ନୁଆଁଇ ଏଥିରେ ସହମତି ପ୍ରକାଶ କରିଥିବା ଅଭିଯୋଗ ଆଣି ବିରୋଧୀ ଦଳଗୁଡ଼ିକ ସରକାରଙ୍କୁ ଘେରିଛନ୍ତି। ସଂସଦରେ ମଧ ଏହି ପ୍ରସଙ୍ଗରେ ପ୍ରବଳ ହଟ୍ଟଗୋଳ ହୋଇଛି।

- ୟୁଏସ୍‌ଟିଆର୍‌ଙ୍କ ମନ୍ତବ୍ୟକୁ ନେଇ ମୁଣ୍ଡ ଟେକିଲା ବିତର୍କ
- ଟ୍ରମ୍ପ୍‌ଙ୍କ ଚାପରେ ମୁଣ୍ଡ ନୁଆଁଇଛନ୍ତି ମୋଦି: କଂଗ୍ରେସ

ନ୍ୟୁୟର୍କ/ ୱାଶିଂଟନ୍/ ନୂଆଦିଲ୍ଲୀ, ୪।୨

ନୂଆଦିଲ୍ଲୀ ଏବଂ ୱାଶିଂଟନ୍ ମଧ୍ୟରେ କିଛି ମାସର ବାଣିଜ୍ୟିକ ଅନିଶ୍ଚିତତା ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଫେବୃଆରୀ ୨ରେ ଐତିହାସିକ ଟ୍ରେଡ୍ ଡିଲ୍ ନେଇ ଘୋଷଣା କରିଛନ୍ତି। କିନ୍ତୁ ଏହି ବାଣିଜ୍ୟିକ ଚୁକ୍ତି ଭାରତୀୟ ବଜାର ଓ ଅର୍ଥନୀତି ପାଇଁ କାଳ ହୋଇପାରେ, ଯାହାକି ଆମେରିକାର ଜଣେ ବରିଷ୍ଠ ଅଧିକାରୀଙ୍କ ସୂଚନାରୁ ☞ପୃଷ୍ଠା-୪



# ଇସିଙ୍କୁ ସୁପ୍ରିମକୋର୍ଟ ନୋଟିସ

## ଲୋକଙ୍କୁ ହତ୍ୟା କରୁଛି ଏସ୍ଆଇଆର୍: ମମତା

ନୂଆଦିଲ୍ଲୀ,୪।୨

ନିର୍ବାଚନ କମିଶନ(ଇସି) ଭୋଟର ତାଲିକାର ଶୁଦ୍ଧୀକରଣ ନାମରେ ଚଳାଇଥିବା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍) ଯୋଗୁ ପଶ୍ଚିମବଙ୍ଗରେ ୧୫୦ରୁ ଅଧିକ ଲୋକଙ୍କ ଜୀବନ ଗଲାଣି। ଏସ୍ଆଇଆର୍ ଜରିଆରେ ଲୋକଙ୍କୁ ଟାର୍ଗେଟ କରି ହତ୍ୟା କରାଯାଉଛି ବୋଲି ବୁଧବାର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଅଭିଯୋଗ ଆଣିଛନ୍ତି। ଏଥିସହ ସୁପ୍ରିମକୋର୍ଟ ଗଣତନ୍ତ୍ରର ସୁରକ୍ଷା କରନ୍ତୁ ବୋଲି ସେ ନିବେଦନ କରିଛନ୍ତି। ମମତାଙ୍କ ଏଭଳି ଯୁକ୍ତି ପରେ ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତଙ୍କ ଖଣ୍ଡପୀଠ ଇସିଙ୍କୁ ନୋଟିସ କରିଛନ୍ତି। ଆସନ୍ତା ୯ରେ ଏହାର ପରବର୍ତ୍ତୀ ଶୁଣାଣି ପାଇଁ ଶୀର୍ଷ ଅଦାଲତ ଧାର୍ଯ୍ୟ କରିଛନ୍ତି।

ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୁପ୍ରିମୋ ମମତା ବାନାର୍ଜୀ ଏସ୍ଆଇଆର୍‌କୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ



ସୁପ୍ରିମକୋର୍ଟ ପରିସରରେ ଓକିଲମାନଙ୍କ ସହ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ।

ଯୁକ୍ତି ବାଢ଼ିଛନ୍ତି। ଏପରି କରିବାରେ ମମତା ହେଉଛନ୍ତି ପ୍ରଥମ ମୁଖ୍ୟମନ୍ତ୍ରୀ। ସିଜେଆଇ ସୂର୍ଯ୍ୟ କାନ୍ତଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ ଜୟମାଲା ବାଗ୍‌ଚୀ ଓ ବିପୁଲ ଏମ୍. ଶାହାଙ୍କୁ ନେଇ ଗଠିତ ଖଣ୍ଡପୀଠ ମମତାଙ୍କ ଆବେଦନକୁ ଗ୍ରହଣ କରି କହିଛନ୍ତି, ଉପଯୁକ୍ତ ବ୍ୟକ୍ତିମାନେ ଭୋଟର ତାଲିକାରେ ରହିବା ଜରୁରୀ। ଶୁଣାଣି ବେଳେ ମମତା କହିଥିଲେ, ଏସ୍ଆଇଆର୍ ପ୍ରକ୍ରିୟାରେ ଅବ୍ୟବସ୍ଥା ନେଇ ସେ ଇସିଙ୍କୁ ୬ ଥର ଚିଠି ଲେଖିଲେଣି। କିନ୍ତୁ ଇସିଙ୍କ ପକ୍ଷରୁ ଏ ଯାଏ ଉତ୍ତର ଦିଆଯାଇନାହିଁ। ସେମାନଙ୍କ ଏସ୍ଆଇଆର୍ ପ୍ରକ୍ରିୟା କେବଳ ନାମ ହଟାଇବା ପାଇଁ ଉଦ୍ଦିଷ୍ଟ, ନାଗରିକଙ୍କୁ ସାମିଲକରିବା ଲାଗି ନୁହେଁ। ଆସାମରେ ଯେଉଁ ମାପଦଣ୍ଡ ଆପଣାଯାଇଛି, ପଶ୍ଚିମବଙ୍ଗରେ ତାକୁ କାହିଁକି ଲାଗୁ କରାଯାଉନାହିଁ? କୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ନିର୍ବାଚନ କମିଶନ ଭୋଟର ତାଲିକାରେ ନାମ ପଞ୍ଜୀକରଣ ନିମନ୍ତେ ଆଧାର କାର୍ଡକୁ ଦସ୍ତାବିଜ ରୂପେ ଗ୍ରହଣ କରୁନାହାନ୍ତି। ମମତା ବରିଷ୍ଠ ଓକିଲ କପିଲ ସିବଲ ଓ ଶ୍ୟାମ ଦିୱାନ୍‌ଙ୍କ ଜରିଆରେ ଆହୁରି କହିଥିଲେ, ଏସ୍ଆଇଆର୍ ଜରିଆରେ କମିଶନ ଜୀବିତ ନାଗରିକମାନଙ୍କୁ ମୃତ ଦର୍ଶାଉଛନ୍ତି। ତେଣୁ ସୁପ୍ରିମକୋର୍ଟ ଏହି ପ୍ରସଙ୍ଗରେ ହସ୍ତକ୍ଷେପ କରି ଗଣତନ୍ତ୍ରକୁ ରକ୍ଷା କରନ୍ତୁ। ତାଙ୍କ ଯୁକ୍ତି ଉପରେ ବିଚାର ଲାଗି ସିଜେଆଇଙ୍କ ଅଧ୍ୟକ୍ଷତାରେ ଏକ ସ୍ୱତନ୍ତ୍ର ଖଣ୍ଡପୀଠ ଗଠନ କରାଯାଉ। ଖଣ୍ଡପୀଠ ସବୁ ଶୁଣିବା ପରେ ଇସି ଏବଂ ପଶ୍ଚିମବଙ୍ଗ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ଙ୍କୁ ଏହା ଉପରେ ସୋମବାର ସୁଦ୍ଧା ଜବାବ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମମତା ସୁପ୍ରିମକୋର୍ଟକୁ ଯିବାବେଳେ ପାରମ୍ପରିକ ଧଳା ଶାଢ଼ି ଉପରେ କଳାରଙ୍ଗର ସ୍କାର୍ଫ ପିନ୍ଧିଥିଲେ। ତାଙ୍କ ସହ ଟିଏମ୍‌ସି ଏମ୍‌ପି ତଥା ବରିଷ୍ଠ ଆଇନଜୀବୀ କଲ୍ୟାଣ ବାନାର୍ଜୀ ଉପସ୍ଥିତ ଥିଲେ।

## ଏନ୍‌କାଉଣ୍ଟରରେ ୨ ଆତଙ୍କବାଦୀ ମୃତ

ଜମ୍ମୁ(ପି.ଟି),୪।୨

ଜମ୍ମୁ କଶ୍ମୀରର ଉଦ୍ଧମପୁର ଜିଲାରେ ବୁଧବାର ଭାରତୀୟ ସେନା ଗୁଳିରେ ଦୁଇ ଆତଙ୍କବାଦୀ ନିହତ ହୋଇଛନ୍ତି। ମୃତ ଆତଙ୍କବାଦୀଙ୍କ ମଧ୍ୟରେ ଜଣେ ପାକିସ୍ତାନୀ ଆତଙ୍କବାଦୀ ରହିଥିଲା ବେଳେ ଅନ୍ୟ ଆତଙ୍କବାଦୀ ଜଣକ ଜୈଶ୍-ଇ-ମହମ୍ମଦ ସଂଗଠନର ଜଣେ ଟପ୍ କମାଣ୍ଡର ବୋଲି ଜଣାପଡ଼ିଛି। ତାଙ୍କ ନାମ ରୁବାନି ଓରଫ ଅବୁ ମାଭିଆ। ସେ ଗତ କିଛି ବର୍ଷ ଧରି ଉଦ୍ଧମପୁର ଜିଲା ସମେତ ଜମ୍ମୁ କଶ୍ମୀରର ଅନ୍ୟ କିଛି ଇଲାକାରେ ଆତଙ୍କବାଦ କାର୍ଯ୍ୟକଳାପରେ ଲିପ୍ତ ଥିଲେ। ରାମନଗର-ବସନ୍ତଗଡ଼ ଅଞ୍ଚଳରେ ସର୍ଚ୍ଚ ଅପରେଶନ ଚାଲିଥିଲା ବେଳେ ଏକ ଗୁମ୍ଫା ମଧ୍ୟରୁ ବିସ୍ଫୋରଣ ଶବ୍ଦ ଶୁଣାଯାଇଥିଲା ଏହାପରେ ସେନା, ଜମ୍ମୁ କଶ୍ମୀର ପୋଲିସ ଏବଂ ସିଆର୍‌ପିଏଫ୍ ପକ୍ଷରୁ ସମ୍ପୃକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେସନକୁ ଜୋର୍‌ଦାର୍ କରାଯାଇଥିଲା। ଉକ୍ତ ଗୁମ୍ଫା ମଧ୍ୟରେ ଲୁଚି ରହିଥିବା ଦୁଇ ଆତଙ୍କବାଦୀଙ୍କୁ ସେନା ଏନ୍‌କାଉଣ୍ଟର କରିଥିବା ସେନା ପକ୍ଷରୁ କୁହାଯାଇଛି।

## କୋଲକାତାରେ ତୁର୍କୀ ବିମାନର ଜରୁରୀ ଅବତରଣ

ନୂଆଦିଲ୍ଲୀ,୪।୨

କାଠମାଣ୍ଡୁରୁ ଇସ୍ତାନବୁଲ୍ ଯାଉଥିବା ତୁର୍କୀ ଏୟାରଲାଇନ୍ସ ବିମାନ ବୁଧବାର ଅପରାହ୍ନରେ କୋଲକାତା ବିମାନ ବନ୍ଦରରେ ଜରୁରୀ ଅବତରଣ କରିଛି। ଏହି ବିମାନଟି ୨୩୬ ଯାତ୍ରୀଙ୍କୁ ନେଇ କାଠମାଣ୍ଡୁସ୍ଥିତ ତ୍ରିଭୁବନ ଅନ୍ତର୍ଜାତୀୟ ବିମାନ ବନ୍ଦରରୁ ଦିନ ପ୍ରାୟ ୧.୩୦ ମିନିଟ୍‌ରେ ଉଡ଼ାଣ କରିଥିଲା। କିନ୍ତୁ ଉଡ଼ାଣ କରିବାର ମାତ୍ର ୪ ମିନିଟ୍ ପରେ ଏହାର ଡାହାଣ ପଟ ଇଞ୍ଜିନ୍‌ରେ ନିଆଁ ଲାଗିଯାଇଥିବା ପାଇଲଟ୍ କକ୍‌ପିଟ୍ ସତର୍କତା ବ୍ୟବସ୍ଥାରୁ ଅବଗତ ହୋଇଥିଲେ। ନିଆଁ ଲାଗିଥିବା ଇଞ୍ଜିନ୍‌କୁ ବନ୍ଦ କରିଦେଇ ପାଇଲଟ୍ ତୁରନ୍ତ ଫେରିଯିବାକୁ ଉଦ୍ୟମ କରିଥିଲେ ମଧ୍ୟ କାଠମାଣ୍ଡୁ ବିମାନ ବନ୍ଦରରେ ଅବତରଣ ପାଇଁ ସମୟ ଲାଗିବ ବୋଲି କୁହାଯାଇଥିଲା। ଏହାପରେ ପାଇଲଟ୍ କୋଲକାତା ବନ୍ଦରରେ ବିମାନଟିକୁ ଅବତରଣ କରାଇଥିଲେ। ଅବତରଣ ପର୍ଯ୍ୟନ୍ତ ବିମାନଟି ଗୋଟିଏ ଇଞ୍ଜିନ୍ ଦ୍ୱାରା ଉଡ଼ାଣ କରିଥିଲା। ବିମାନର ସମସ୍ତ ଯାତ୍ରୀ ସୁରକ୍ଷିତ ରହିଛନ୍ତି।

## ଖେମ୍‌ଚନ୍ଦ ସିଂ ମଣିପୁର ମୁଖ୍ୟମନ୍ତ୍ରୀ

ଇମ୍ଫାଲ,୪।୨

ମଣିପୁରରେ ଜାରି ହୋଇଥିବା ରାଷ୍ଟ୍ରପତି ଶାସନ ବୁଧବାର ହଟିବା ପରେ ଭାଜପା ନେତୃତ୍ୱାଧୀନ ମେଣ୍ଟ ନେତା ୟୁମନାମ୍ ଖେମ୍‌ଚାନ୍ଦ ସିଂ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ରାଜ୍ୟପାଳ ଅଜୟ କୁମାର ଭାଲା ଖେମ୍‌ଚନ୍ଦ ସିଂଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି। ଏଥିସହିତ ନାଗା ପିପୁଲ୍ସ ଫ୍ରଣ୍ଟ ନେତା ଏଲ୍ ଦିଖୋ ମଧ୍ୟ ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ୨୦୨୫ ଫେବୃଆରୀରେ ଭାଜପା ନେତା ଏନ୍.ବୀରେନ୍ ସିଂ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବା ପରେ ମଣିପୁରରେ ରାଷ୍ଟ୍ରପତି ଶାସନ ଜାରି ହୋଇଥିଲା। ରାଜ୍ୟରେ ଲାଗି



ୟୁମନାମ୍ ଖେମ୍‌ଚନ୍ଦ ସିଂ

ରହିଥିବା ହିଂସା ନ ଥମିବା ଏବଂ ବିଭିନ୍ନ ଇଲାକାରେ ସ୍ଥିତି ଖରାପ ହେବା କାରଣରୁ ମୁଖ୍ୟମନ୍ତ୍ରୀଙ୍କୁ ହଟାଇବା ନେଇ ବିଭିନ୍ନ ମହଲରେ ସ୍ୱର ଉଠିଥିଲା। ଏହି କାରଣରୁ ୨୦୨୫ ଫେବୃଆରୀ ୯ରେ ବୀରେନ୍ ସିଂ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ।

## ଟ୍ରେଡ୍ ଡିଲ୍ ସତ୍ତ୍ୱେ ଟଙ୍କା ଦୁର୍ବଳ

### ଡଲାର ତୁଳନାରେ ୧୧ ପଇସା ଖସିଲା ଭାରତୀୟ ମୁଦ୍ରା

ବେଙ୍ଗାଲୁରୁ,୪।୨(ରଏଟର୍ସ/ପି.ଟି.)

ଆମେରିକା ସହ ଟ୍ରେଡ୍ ଡିଲ୍ ଘୋଷଣା ସତ୍ତ୍ୱେ ଭାରତୀୟ ଟଙ୍କା ଆଗାମୀ କିଛି ମାସ ଧରି ଦୁର୍ବଳ ରହିବ ବୋଲି ରଏଟର୍ସ ପକ୍ଷରୁ କରାଯାଇଥିବା ଏକ ପୋଲ୍‌ରୁ ଜଣାପଡ଼ିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସୋମବାର ଭାରତ ସହ ଟ୍ରେଡ୍ ଡିଲ୍ ହେବା ନେଇ ଘୋଷଣା କରିଥିଲେ। ତଦନୁସାରେ ଭାରତରୁ ଆମେରିକାକୁ ରପ୍ତାନି ହୋଇ ଯାଉଥିବା ସାମଗ୍ରୀଗୁଡ଼ିକ ଉପରେ ଆମଦାନୀ ଶୁଳ୍କ ୫୦% ପରିବର୍ତ୍ତେ ଏଣିକି ୧୮% ଲାଗିବ। ଏପରି ହେଲେ ଭାରତକୁ ବିଦେଶୀ ପୁଞ୍ଜିର ସ୍ରୋତ ବଢ଼ିବା ଆଶା କରାଯାଉଥିଲା। ତେବେ ରଏଟର୍ସର ସଦ୍ୟତମ ମାସିକ ପୋଲ୍‌ରୁ ଜଣାପଡ଼ିଛି ଯେ, ଟଙ୍କାର ଦୁର୍ବଳତା ପୂର୍ବଭଳି ଜାରି ରହିବ।

ଟାରିଫ୍ ହ୍ରାସ ଯୋଗୁ ମଙ୍ଗଳବାର ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କାରେ ୧.୩୬% ଉନ୍ନତି ପରିଲକ୍ଷିତ ହୋଇଥିଲା। ୨୦୧୮ ଡିସେମ୍ବର ପରେ ଟଙ୍କା ଏତେମାତ୍ରାରେ କେବେ ସବଳ ହୋଇ ନ ଥିଲା। କିନ୍ତୁ ବୁଧବାର ଟଙ୍କା ୧୧ ପଇସା ଖସି ଟ.୯୦.୪୩ରେ ରହିଛି। ଭାରତ-ଆମେରିକା ଟ୍ରେଡ୍ ଡିଲ୍ ଯୋଗୁ ପଜିଟିଭ୍ ସେଣ୍ଟିମେଣ୍ଟ ସତ୍ତ୍ୱେ ଚୁକ୍ତି ସ୍ୱାକ୍ଷରିତ ହେବା



କିମ୍ବା ଏହା ଉପରେ ଲିଖିତ ଭାବେ କୌଣସି ସରକାରୀ ବିବୃତି ବା ଦସ୍ତାବିଜ ଜାରି କରାଯାଇ ନ ଥିବାରୁ ଫରେନ୍ ଇଣ୍ଟରବ୍ୟାଙ୍କ ଏକ୍ସଚେଞ୍ଜରେ ଟ୍ରେଡର୍ସ ସତର୍କତା ସହ କାରବାର କରୁଛନ୍ତି। ଟ୍ରେଡ୍ ଡିଲ୍ ଉପରେ ଅଧିକ ସ୍ପଷ୍ଟତାକୁ ଅପେକ୍ଷା କରାଯାଇଛି। ଏଏନ୍‌ଜେଡ୍‌ର ଏଫ୍ଏକ୍ସ ଷ୍ଟ୍ରାଟେଜିଷ୍ଟ ଧୀରଜ ନିମ୍ କହିଛନ୍ତି, ଗତ ବର୍ଷକ ମଧ୍ୟରେ ଟଙ୍କା ଯେତିକି ଦୁର୍ବଳ ହୋଇଛି, ଆଗାମୀ ବର୍ଷକ ମଧ୍ୟରେ ସେତିକି ଉନ୍ନତି ଆସିବ ବୋଲି ଆଶା କରାଯାଇପାରିବ ନାହିଁ। ଇକ୍ୱିଟି ମାର୍କେଟରୁ ବିଦେଶୀ ସଂସ୍ଥାଗତ ନିବେଶକ (ଏଫ୍ଆଇଆଇ) ପୁଞ୍ଜି ପ୍ରତ୍ୟାହାର କରି ମୁହଁ ଫେରାଇ ନେବାର ଅନେକ କାରଣ ରହିଛି। ଷ୍ଟକ୍ସ ଓଭରସୋଲ୍ଡ ହେବା, ଗ୍ଲୋବାଲ ଏଆଇ ରାଲିରେ ଭାରତର ଯୋଗଦାନର ଅଭାବ, ଘରୋଇ ଆୟ ଚାପଗ୍ରସ୍ତ ହେବା ଭଳି ବିଭିନ୍ନ ସମସ୍ୟା ରହିଛି। ତେବେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପକ୍ଷରୁ ଟଙ୍କାକୁ ସବଳ କରିବା ପାଇଁ ଯେପରି ପଦକ୍ଷେପ ନିଆଯିବା କଥା, ସେପରି ଉଦ୍ୟମ ହେଉନାହିଁ।

9001/3/2526



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଲୋକସେବା ଅଧିକାର



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଆମ ସାଥୀ
ସରକାରୀ ସେବା, ଏବେ ଆପଣଙ୍କ ହାତ ମୁଠାରେ

ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ କରକମଳରେ
୫୭ଟି ଉପନିବନ୍ଧନ କାର୍ଯ୍ୟାଳୟର ଶୁଭ ଉଦ୍‌ଘାଟନ
ଓ
"ଆମ ସାଥୀ ୟୁନିଫାଏଡ୍ ହ୍ୱାଟ୍ସଆପ୍ ବଟ୍"
ମାଧ୍ୟମରେ
ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର
ମୁଖ୍ୟ ନାଗରିକ-କୈନ୍ଦ୍ରିକ ସେବା ଗୁଡ଼ିକର ଲୋକାର୍ପଣ

ଏହି QR Code କୁ ସ୍କାନ୍ କରି "ଆମ ସାଥୀ" ସହାୟକ ୟୁନିଫାଏଡ୍ ହ୍ୱାଟ୍ସଆପ୍ ବଟ୍ ସହ ଯୋଡ଼ି ହୋଇଯାଆନ୍ତୁ

ଗରିମାମୟ ଉପସ୍ଥିତି
ଶ୍ରୀ ସୁରେଶ ପୂଜାରୀ
ମନ୍ତ୍ରୀ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା, ଓଡ଼ିଶା

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
ଓଡ଼ିଶା ସରକାର




୯୪୩୭୨୯୨୦୦୦
ଏହି ହ୍ୱାଟ୍ସଆପ୍ ନମ୍ବରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମୁଖ୍ୟ ନାଗରିକ-କୈନ୍ଦ୍ରିକ ସେବା ଗୁଡ଼ିକ ସହ ୧୭୦ରୁ ଉର୍ଦ୍ଧ୍ୱ ଜରୁରୀ ସରକାରୀ ସେବା ଗୁଡ଼ିକ ପାଇ ପାରିବେ।

OIPR-9001/9008/2/25-26/0003

# ଧରିତ୍ରୀ DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ଗୁରୁବାର, ଫେବୃଆରୀ ୫/୨୦୨୬ | Bhubaneswar, Thursday, February 5/2026










କଟକ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ବୁଧବାର ଆରମ୍ଭ ହୋଇଥିବା ରାଜ୍ୟ କୁସ୍ତି ଚାମ୍ପିୟନଶିପ୍‌ରେ ଦୁଇ ମହିଳା ପ୍ରତିଯୋଗୀଙ୍କ ମଧ୍ୟରେ ଲଢ଼େଇ। **(ଫଟୋ: ରାଜକିଶୋର ମହାନ୍ତି)**

# ୯ ମହଲାରୁ ଡେଇଁ ୩ ଭଉଣୀଙ୍କ ଆତ୍ମହତ୍ୟା

## ଅନ୍‌ଲାଇନ ଗେମ୍ ନିଶା

**ଅନ୍‌ଲାଇନ ଗେମ୍ ପ୍ରତି ଆସକ୍ତିର ଏକ ଭୟଙ୍କର ପରିଣାମ ଦେଖିବାକୁ ମିଳିଛି ଉତ୍ତରପ୍ରଦେଶର ଗାଜିଆବାଦରେ। ମା'ବାପା ଉକ୍ତ ଗେମ୍ ଖେଳିବାକୁ ବାରଣ କରିବା ଏବଂ ମୋବାଇଲ ଫୋନ ଛଡ଼ାଇନେବାରୁ ୩ ନାବାଳିକା ଭଉଣୀ ମଙ୍ଗଳବାର ବିଳମ୍ବିତ ରାତିରେ ନିଜ ଆପାର୍ଟମେଣ୍ଟର ୯ମ ମହଲାରୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ପୂର୍ବରୁ ଏଭଳି ଘଟଣା ବହୁଥର ଦେଖିବାକୁ ମିଳିଛି, ଯାହାକି ଏବେ ଏକ ସାମାଜିକ ସଙ୍କଟ ଭାବେ ଉଭାହୋଇଛି। ଗତ ୨୯ ତାରିଖରେ କେନ୍ଦ୍ର ସରକାର ଆଣିଥିବା ଅର୍ଥନୈତିକ ସର୍ଭେ ରିପୋର୍ଟରେ 'ଡିଜିଟାଲ ଆଡିକ୍ସନ' ବା ମୋବାଇଲ ନିଶାକୁ ଏକ ସାଧାରଣ ସ୍ୱାସ୍ଥ୍ୟ ସଙ୍କଟ ଭାବେ ଦର୍ଶାଯାଇଛି। ଏଭଳିସ୍ଥଳେ ସରକାର 'ଟାସ୍କ-ଭିତ୍ତିକ' ଗେମ୍ ଏବଂ ଆପ୍‌ଗୁଡ଼ିକ ଉପରେ କଡ଼ା ନଜର ରଖିବା ସହ ପିଲାମାନଙ୍କ ପାଇଁ ଡିଜିଟାଲ ଗେଜେଟ୍ ବ୍ୟବହାରର ଏକ ସୀମା ନିର୍ଦ୍ଧାରଣ କରି ସେମାନଙ୍କୁ ସୁରକ୍ଷିତ ରଖିବା ଭଳି ବ୍ୟବସ୍ଥା ଆପଣାଇବା ଜରୁରୀ ହୋଇପଡ଼ିଥିବା ଅନେକେ ମନେକରୁଛନ୍ତି। ଗତ ଶନିବାର କେନ୍ଦ୍ରର ଏନ୍‌ଡିଏ ସରକାରଙ୍କ ସହଯୋଗୀ ଦଳ ତେଲୁଗୁ ଦେଶମ ପାର୍ଟି (ଟିଡିପି) ଏମ୍‌ପି ଏଲ୍.ଏସ୍.କେ. ଦେବରାୟଲୁ ୧୬ ବର୍ଷରୁ କମ୍ ବୟସର ପିଲାଙ୍କ ପାଇଁ ସୋସିଆଲ ମିଡିଆ ନିଷିଦ୍ଧ କରିବା ପାଇଁ ଏକ ପ୍ରାଇଭେଟ୍ ମେମ୍ବର ବିଲ୍ ଆଣିବାକୁ ଯାଉଥିବା କହିଥିଲେ, ଯାହାକି ଚଳିତ ବଜେଟ ଅଧିବେଶନରେ ଆଗତ ହୋଇପାରେ।**




ନାବାଳିକାମାନେ ଲେଖିଥିବା ସୁଇସାଇଡ୍ ନୋଟ୍।

**ଗାଜିଆବାଦ,୪।୨ (ପି.ଟି.)**

ଗାଜିଆବାଦର ଟିଲା ମୋଡ଼ ଥାନା ଅନ୍ତର୍ଗତ 'ଭାରତ ସିଟି ସୋସାଇଟି'ର ଏକ ଆପାର୍ଟମେଣ୍ଟର ୯ ମହଲାରେ ପରିବାର ସହ ରୁହନ୍ତି ଚେତନ କୁମାର। ତାଙ୍କ ୩ ନାବାଳିକା ଝିଅ ମଙ୍ଗଳବାର ରାତି ପ୍ରାୟ ୨.୧୫ ମିନିଟ୍‌ରେ ୯ମ ମହଲାରୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ସେମାନେ ହେଲେ ନିଶିକା (୧୬), ପ୍ରାଚୀ (୧୪) ଏବଂ ପାଖୀ (୧୨)। ୩ ଭଉଣୀ ଏକ କୋରିଆନ ଅନ୍‌ଲାଇନ ଗେମ୍ (କୋରିଆନ ଲଭ୍ ଗେମ୍)) ପ୍ରତି ଅତ୍ୟଧିକ ଆସକ୍ତ ଥିଲେ। ମା'ବାପା ସେମାନଙ୍କୁ ଉକ୍ତ ଗେମ୍ ଖେଳିବାକୁ ବାରଣ କରିବାରୁ ସେମାନେ ଅବସାଦଗ୍ରସ୍ତ ହୋଇ ଏହି ଚରମ ☞ପୃଷ୍ଠା-୪

# ୟୁପିଏସ୍‌ସି: କୃତକାର୍ଯ୍ୟଙ୍କୁ ଦ୍ୱିତୀୟ ପରୀକ୍ଷା ମନା

**ନୂଆଦିଲ୍ଲୀ,୪।୨**

■ ୯୩୩ ପଦବୀ ପାଇଁ ବିଜ୍ଞପ୍ତି ଜାରି

■ 'ଚେହେରା ଚିହ୍ନଟ' ବାଧ୍ୟତାମୂଳକ

କେନ୍ଦ୍ର ଲୋକ ସେବା ଆୟୋଗ (ୟୁପିଏସ୍‌ସି) ପକ୍ଷରୁ ବୁଧବାର ସନ୍ଧ୍ୟାରେ ୨୦୨୬ ବର୍ଷ ପାଇଁ ସିଭିଲ୍ ସର୍ଭିସେସ୍ ଏକ୍‌ଜାମିନେଶନ୍ (ସିଏସ୍‌ଇ) ବିଜ୍ଞପ୍ତି ଜାରି କରାଯାଇଛି। ଏବର୍ଷ ମୋଟ ୯୩୩ ଖାଲି ପଦବୀ ପୂରଣ ନିମନ୍ତେ ବିଜ୍ଞପ୍ତି ପ୍ରକାଶ କରାଯାଇଥିବାବେଳେ ଉଚ୍ଚ ପ୍ରଶାସନିକ ସେବା ପରୀକ୍ଷାରେ ସଂସ୍କାର ପାଇଁ କେତେକ ନୂଆ ନିୟମ ଅଣାଯାଇଛି। ତଦନୁସାରେ 'ୱାନ୍ ଟାଇମ୍ ଅପର୍ଚୁନିଟି' ଅନୁଯାୟୀ କୌଣସି ପରୀକ୍ଷାର୍ଥୀ ଥରେ ଉତ୍ତୀର୍ଣ୍ଣ ହୋଇଥିଲେ ଇମ୍ପ୍ରୁଭ୍‌ମେଣ୍ଟ ପାଇଁ ସେ ଆଉ ଥରେ ପରୀକ୍ଷା ଦେଇପାରିବେ ନାହିଁ। ସେହିପରି ଜାଲିଆତି ରୋକିବା ପାଇଁ ପରୀକ୍ଷା କେନ୍ଦ୍ରରେ ଫେସିଆଲ ଆଇଡେଣ୍ଟିଫିକେଶନ୍ (ଚେହେରା ଚିହ୍ନଟ)କୁ ବାଧ୍ୟତାମୂଳକ କରାଯାଇଛି।

ୟୁପିଏସ୍‌ସି ପକ୍ଷରୁ ଜାରି ସଦ୍ୟ ବିଜ୍ଞପ୍ତି ଅନୁସାରେ ପ୍ରଶାସନିକ ପଦବୀରେ ରହିବାକୁ ଚାହୁଁଥିବା ପ୍ରାର୍ଥୀମାନେ ଫେବୃଆରୀ ୪ରୁ ୨୪ ତାରିଖ ସନ୍ଧ୍ୟା ୬ଟା ମଧ୍ୟରେ ପରୀକ୍ଷା ପାଇଁ ଆବେଦନ କରିପାରିବେ। ସେମାନଙ୍କୁ ୟୁପିଏସ୍‌ସିର ୱେବ୍‌ସାଇଟ୍ upsc.gov.in. ସିଏସ୍‌ଇ୨୦୨୬ରେ ପ୍ରଦତ୍ତ ଯୋଗ୍ୟତା, କଟକଣା, ଆବେଦନ ଫି' ଓ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ବିବରଣୀ ସମ୍ପର୍କିତ ନିୟମଗୁଡ଼ିକୁ ପଢ଼ିବା ପାଇଁ ପରାମର୍ଶ ଦିଆଯାଇଛି। ଏଥର ୯୩୩ ପଦବୀ ପାଇଁ ଦରଖାସ୍ତ ଆହ୍ୱାନ କରାଯାଇଥିବାବେଳେ ସେଥିରୁ ୩୩ ଦିବ୍ୟାଙ୍ଗ, ୭ ଦୃଷ୍ଟିବାଧିତ, ୧୧ ମୂକ ଓ ଶ୍ରବଣବାଧିତ ବ୍ୟକ୍ତିଙ୍କ ସକାଶେ ସଂରକ୍ଷିତ ରଖାଯାଇଛି। ସେହିପରି ଲେପ୍ରୋସି ଆରୋଗ୍ୟ, ଏସିଡ୍ ଆକ୍ରମଣର ଶିକାର, ମାଂସପେଶୀଗତ ଅକ୍ଷମତା ଥିବା ବ୍ୟକ୍ତିଙ୍କ ପାଇଁ ୮ ପଦବୀ ସଂରକ୍ଷିତ ରଖାଯାଇଛି। ନୂଆ ନିୟମ ଅନୁଯାୟୀ ଜଣେ ପ୍ରାର୍ଥୀ ଭାରତୀୟ ପୋଲିସ ସେବା (ଆଇପିଏସ୍), ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ଏବଂ ଭାରତୀୟ ବିଦେଶ ସେବା (ଆଇଏଫ୍‌ଏସ୍) ଭଳି ଗ୍ରୁପ୍ 'ଏ' ସର୍ଭିସ୍‌ରେ ଥରେ କୃତକାର୍ଯ୍ୟ ହୋଇଥିଲେ ଆଉ ଥରେ ପରୀକ୍ଷା ଦେଇପାରିବେ ନାହିଁ। ପରୀକ୍ଷାରେ ପାସ୍ ହୋଇ ନିଯୁକ୍ତି ପାଇସାରିଥିଲେ ସମ୍ପୃକ୍ତ ବ୍ୟକ୍ତି ଜଣକ ୟୁପିଏସ୍‌ସି ସଦସ୍ୟ ରୂପେ ପରିଗଣିତ ହେଉଥିବାରୁ ତାଙ୍କୁ ସିଏସ୍‌ଇ ୨୦୨୬ ପରୀକ୍ଷା ଦେବାକୁ ବାରଣ କରାଯାଇଛି। ଏହି ସର୍ବଭାରତୀୟ ସେବା ପରୀକ୍ଷାରେ ଜାଲିଆତି ଅଭିଯୋଗ ଆସୁଥିବାରୁ ଜଣେ ପରୀକ୍ଷାର୍ଥୀଙ୍କ ପରିବର୍ତ୍ତେ ଅନ୍ୟ ଜଣେ ଯେପରି ତାଙ୍କ ପାଇଁ ପରୀକ୍ଷା ଦେଇ ନ ପାରିବେ, ତାହା ସୁନିଶ୍ଚିତ କରିବା ଲାଗି 'ମୁହଁ ଚିହ୍ନଟ' ପ୍ରକ୍ରିୟାକୁ ବାଧ୍ୟତାମୂଳକ କରାଯାଇଛି। କେବଳ ଆଡ୍‌ମିଟ୍ କାର୍ଡ ଧରି ପରୀକ୍ଷା କେନ୍ଦ୍ରକୁ ଗଲେ କିମ୍ବା ସେଠାରେ ବାୟୋମେଟ୍ରିକ୍ ଜରିଆରେ ପରୀକ୍ଷା ହଲ୍‌କୁ ଛଡ଼ାଯିବ ନାହିଁ। ପରୀକ୍ଷା ଦେବା ପୂର୍ବରୁ ପ୍ରାର୍ଥୀ ଫେସିଆଲ ରିକଗ୍ନିଶନ ପ୍ରକ୍ରିୟା ଦେଇ ଗତି କରିବେ। ପ୍ରବେଶ ଦ୍ୱାରରେ ଏକ ସ୍କାନର ରହିବ। ଉକ୍ତ ସ୍କାନର ପରୀକ୍ଷାର୍ଥୀଙ୍କ ଚେହେରାର ଲାଇଭ୍ ସ୍କାନ କରିବ। ତାକୁ ଆବେଦନ ଫର୍ମରେ ସଂଲଗ୍ନ ଫଟୋ ସହ ତତ୍କାଳ ମେଳ କରାଯିବ। ମେଳ ନ ଖାଇଲେ ନକଲି ପରୀକ୍ଷାର୍ଥୀ ବୋଲି ଜଣାପଡ଼ିବ ଓ ତାଙ୍କୁ ଭିତରକୁ ଛଡ଼ାଯିବ ନାହିଁ।

# ସାତକୋଶିଆ ବିକାଶ ପାଇଁ ୧୦୦ କୋଟି

**ଭୁବନେଶ୍ୱର, ୪।୨(ସୁନିତ୍ ମିଶ୍ର)**

ସାତକୋଶିଆ ପାଲଟିବ ବିଶ୍ୱସ୍ତରୀୟ ଇକୋ ଟୁରିଜମ୍ ହବ୍। ପାଖାପାଖି ୧୦୦ କୋଟି ଟଙ୍କା ବ୍ୟୟରେ ସାତକୋଶିଆରେ ଅତ୍ୟାଧୁନିକ ଭିତ୍ତିଭୂମି ନିର୍ମାଣ କରାଯିବ। ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ସକାଶେ ବ୍ୟାଘ୍ର ଅଭୟାରଣ୍ୟର ୬ଟି ସ୍ଥାନ ଚିହ୍ନଟ କରାଯାଇଛି। ପୁରୁଣାକୋଟ, ଜଗନ୍ନାଥପୁର ଏବଂ ଟିକରପଡ଼ାଠାରେ ନୂଆ ପ୍ରବେଶ ପଥ ନିର୍ମାଣ ହେବ। ବାଲିପୁଟ, କୁସଙ୍ଗ ଓ ଛାମୁଣ୍ଡିଆଠାରେ ମଧ୍ୟ ନୂଆ ପ୍ରବେଶ ପଥ ନିର୍ମାଣ କରାଯିବ। ଫୁଡ୍ କୋର୍ଟ, ଫ୍ଲୋଟିଂ ଜେଟି, ବନ୍ ଫାୟାର, ୱାଚ୍ ଟାୱାର, ରିଭର ଭ୍ୟୁ ଡେକ୍ ରହିବ ବୋଲି ଜଣାପଡିଛି। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅତିରିକ୍ତ ସଚିବ ଦେବେନ କୁମାର ପ୍ରଧାନ ଗତ ଜାନୁଆରୀ ୨୯ରେ ଏନେଇ ୱାଇଲ୍ଡ ଲାଇଫ୍ ପିସିସିଏଫ୍‌ଙ୍କୁ ଏକ ଚିଠି ଲେଖିଛନ୍ତି। ଉକ୍ତ ଚିଠିରେ ସେ ଉଲ୍ଲେଖ କରିଛନ୍ତି, ସାତକୋଶିଆରେ ଇଣ୍ଟିଗ୍ରେଟେଡ୍ ଇକୋ ଟୁରିଜମ୍ ବିକାଶକରିବା ପାଇଁ ୯୯ କୋଟି ୭୫ ଲକ୍ଷ ୮୮ ହଜାର ୯୨୦ ଟଙ୍କାର ଡିପିଆର୍(ଡିଟେଲଡ୍ ପ୍ରୋଜେକ୍ଟ ରିପୋର୍ଟ) ପ୍ରସ୍ତୁତ ହୋଇଛି। ସ୍ପେଶାଲ ଆସିଷ୍ଟାଣ୍ଟସ୍ ଟୁ ଷ୍ଟେଟ୍‌ସ୍ ଫର୍ କ୍ୟାପିଟାଲ ଇନ୍‌ଭେଷ୍ଟମେଣ୍ଟ(ଏସ୍‌ଏଏସ୍‌ସିଆଇ) ଯୋଜନାରେ ଏହି ଅର୍ଥ ମଞ୍ଜୁର କରାଯାଇଛି। ତେଣୁ ଉକ୍ତ ପ୍ରକଳ୍ପ କାମ ଆଗକୁ କିପରି ହେବ ତା'ର ତଦାରଖ କରିବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

# ରେଡିଓ ସଞ୍ଚାରକୁ ପ୍ରଭାବିତ କରିବ ସୌରଝଡ଼: ଇସ୍ରୋ



**ନୂଆଦିଲ୍ଲୀ,୪।୨**

ସୌର ଝଡ଼ର ତୀବ୍ରତାକୁ ନେଇ ଭାରତୀୟ ମହାକାଶ ଗବେଷଣା ସଂସ୍ଥାନ(ଇସ୍ରୋ) ସତର୍କତା ଜାରି କରିଛି। ସୌର ଝଡ଼ର ତୀବ୍ରତା ପୃଥିବୀମୁହାଁ ହେଲେ ଉପଗ୍ରହ, ରାଡାର,ଟେଲିଭିଜନ ସିଗ୍‌ନାଲ୍ ଏବଂ ପାୱାରଗ୍ରୀଡ୍ ସହ ରେଡିଓ ସଞ୍ଚାର ବ୍ୟବସ୍ଥାକୁ ଠପ୍ କରିଦେବ ବୋଲି ଇସ୍ରୋ ବୈଜ୍ଞାନିକମାନେ କହିଛନ୍ତି। ସୂର୍ଯ୍ୟର ପ୍ରଖରତା ଏବଂ ଏହାକୁ ନେଇ ସୌର ଝଡ଼ ତୀବ୍ର ହେବା ଯୋଗୁ ସାମଗ୍ରିକ ଭାବେ ଏହାର ପ୍ରଭାବ ପୃଥିବୀ ଉପରେ ପଡ଼ିବା ସହିତ ରେଡିଓ ସଞ୍ଚାର ବ୍ୟବସ୍ଥା ଭାଗିମାତ୍ରାରେ ପ୍ରଭାବିତ ହେବ ବୋଲି ସେମାନେ କହିଛନ୍ତି। କେବଳ ଇସ୍ରୋ ନୁହେଁ, ଏଭଳି ଆଶଙ୍କାକୁ ନେଇ ସାରା ବିଶ୍ୱରେ ମହାକାଶ ବୈଜ୍ଞାନିକମାନେ ଚିନ୍ତାପ୍ରକଟ କରିଥିଲା ବେଳେ ପ୍ରମୁଖ ଅନ୍ତର୍ଜାତୀୟ ସ୍ପେଶ୍ ଏଜେନ୍ସିଗୁଡିକ ମଧ୍ୟ ଏହା ଉପରେ ନଜର ରଖିଛନ୍ତି। ଏହିକ୍ରମରେ ମହାକାଶରେ ଅବସ୍ଥାପିତ ହୋଇଥିବା ସମସ୍ତ ଭାରତୀୟ ଉପଗ୍ରହ ଉପରେ ଇସ୍ରୋ ନଜର ରଖିଛି। ଯଦି ସୌର ଝଡ଼ ପ୍ରଭାବରେ କୌଣସି ଉପଗ୍ରହ ରେଡିଓ ସଞ୍ଚାର ବ୍ୟବସ୍ଥାରୁ ବିଚ୍ୟୁତ ହୁଏ କିମ୍ବା ଯୋଗାଯୋଗ ବ୍ୟବସ୍ଥା ବ୍ୟାହତ ହୁଏ ତେବେ ଏହି ସମସ୍ୟାର ତୁରନ୍ତ ସାମାଧାନ ଲାଗି ପ୍ରସ୍ତୁତି ନିଆଯାଇଛି ବୋଲି ଇସ୍ରୋର 'ଟେଲିମେଟ୍ରି, ଟ୍ରାକିଂ ଆଣ୍ଡ ☞ପୃଷ୍ଠା-୪




# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଓଡ଼ିଶା କଲ୍‌ଚରାଲ୍ ସର୍କଲ ଏବଂ ଓଡ଼ିଶା ଆତ୍ମା ପକ୍ଷରୁ ମଧୁବାବୁଙ୍କ ଜୀବନୀ ଉପରେ ସ୍ୱତନ୍ତ୍ର ଯୁବ ସାଂସ୍କୃତିକ ସମ୍ମେଳନ 'ଜଣେ ଓଡ଼ିଆ ଥିଲେ', ସ୍ଥାନ: ଓଡ଼ିଶୀ ଗବେଷଣା କେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା ୪୫।
- ତୋଷାଳି ସ୍ୱଦେଶୀ ମେଳା ପ୍ରଚାର ରଥ ଶୁଭାରମ୍ଭ, ସ୍ଥାନ: ଏକ୍ରାମ ହାଟ, ସମୟ: ଅପରାହ୍ନ ୪ଟା ୩୦।
- ଆଇଟି ପକ୍ଷରୁ ୫୧ତମ ନ୍ୟାଶନାଲ ଥିଏଟର୍ ଫେଷ୍ଟିଭାଲ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ହିନ୍ଦୁସ୍ତାନୀ ସଙ୍ଗୀତ ସଭା ପକ୍ଷରୁ କ୍ଲାସିକାଲ୍ ମ୍ୟୁଜିକ୍ କନ୍‌ସର୍ଟ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ଟା ୩୦।
- 'ଲାବଣ୍ୟ ନାଟ୍ୟ ମହୋତ୍ସବ' ଉପଲକ୍ଷେ ନାଟକ ବାଉଁଶ ଠେଙ୍ଗାରେ ସ୍ୱାଧୀନତା, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।
- ୩୦ତମ ବାର୍ଷିକ ଶ୍ରୀରାମ ଚରିତ ମାନସ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ବାଲିଅନ୍ତା ବ୍ଲକର ଭିଙ୍ଗାରପୁରସ୍ଥିତ ଦୁର୍ଗାମଣ୍ଡପ ପରିସର, ସମୟ: ସନ୍ଧ୍ୟା ୭ ଟା।

## କଟକ

- ମୁଣ୍ଡଳି ନୋଡାଲ ହାଇସ୍କୁଲର ୪୬ତମ ବାର୍ଷିକ ପୁରସ୍କାର ବିତରଣୀ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ମୁଣ୍ଡଳି, ସମୟ: ଅପରାହ୍ନ ୨ଟା।
- ୧୭ତମ ଫକ୍କୁଲ ସ୍ମାରକୀ ରାଜ୍ୟସ୍ତରୀୟ ଫୁଟବଲ୍ ଟୁର୍ନାମେଣ୍ଟ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଇନ୍ଦିରା ଗାନ୍ଧୀ ମିନି ଷ୍ଟାଡିୟମ, ପଙ୍କାଳ, ତିଗିରିଆ, ସମୟ: ଅପରାହ୍ନ ୩ଟା।
- ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ପାଲା ମହୋତ୍ସବର ଉଦ୍‌ଯାପନୀ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା।
- ବୀରଗୌରବ ପ୍ୟାରୀମୋହନ ସାମନ୍ତରାୟଙ୍କ ୧୦୯ତମ ଜୟନ୍ତୀ ସମାରୋହ, ସ୍ଥାନ: ପ୍ରମିଳା ମଣ୍ଡପ, ମଧୁପାଟଣା, ସମୟ: ସନ୍ଧ୍ୟା ୭ଟା।

## ପୁରୀ

- ବିଦ୍ୟାର୍ଥୀ ଜାଗରଣ ଅଭିଯାନ, ସ୍ଥାନ: ସରସ୍ୱତୀ ଶିଶୁ ମନ୍ଦିର, ଘୋଡ଼ାବଜାର, ସମୟ: ପୂର୍ବାହ୍ନ ୧୧ଟା।
- ମିଳିତ ଟ୍ରେଡ୍ ୟୁନିୟନର କନ୍‌ଭେନଶନ, ସ୍ଥାନ: କୁଳମଣି ଭବନ, ସମୟ: ମଧ୍ୟାହ୍ନ ୧୨ଟା।
- ସତ୍ୟବାଦୀ ମହୋତ୍ସବ ଉପଲକ୍ଷେ ପଞ୍ଚସଖା ଜ୍ୟୋତି ଯାତ୍ରା ସାଂସ୍କୃତିକ ସମାରୋହ, ସ୍ଥାନ: ସାକ୍ଷୀଗୋପାଳ ବସ୍‌ଷ୍ଟାଣ୍ଡ ପଞ୍ଚସଖା ସ୍ମୃତି ମଣ୍ଡପ, ସମୟ: ଅପରାହ୍ନ ୪ଟା।
- ଦଶମ ସତ୍ୟବାଦୀ ମହୋତ୍ସବ–୨୦୨୬ ଉଦ୍‌ଘାଟନ, ସ୍ଥାନ: ପଞ୍ଚସଖା ମୁକ୍ତାକାଶ ରଙ୍ଗମଞ୍ଚ, ସାକ୍ଷୀଗୋପାଳ ବକୁଳବନ, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର

- ବାର୍ଷିକ ଉତ୍ସବ, ସ୍ଥାନ: ରେଞ୍ଜସ୍କୁଲ, ଚାନ୍ଦିପୁର, ବାଲେଶ୍ୱର, ସମୟ : ପୂର୍ବାହ୍ନ ୧୦ଟା
- ଆଇଡିଆଲ ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: କୋଚିଆକୋଇଲି, ଖଇରା, ସମୟ: ଅପରାହ୍ନ ୩ଟା।

## ଭଦ୍ରକ

- ବିଦ୍ୟାଳୟରେ ଖାଦ୍ୟ ମେଳା, ସ୍ଥାନ: ମଦନ ମୋହନ ଡିଏଭି ପବ୍ଲିକ ସ୍କୁଲ, ଇଚ୍ଛାପୁର, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ନାଟ୍ୟ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ଟାଉନ ହଲ, ଭଦ୍ରକ, ସମୟ: ସନ୍ଧ୍ୟା ୭ଟା।

## କେନ୍ଦୁଝର

- ଅଭାଷୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପାଟଣା ସବ୍ ରେଜିଷ୍ଟ୍ରି କାର୍ଯ୍ୟାଳୟ ଉଦ୍‌ଘାଟନ, ସ୍ଥାନ: ପାଟଣା ବ୍ଲକ ଅଫିସ ଅଶ୍ୱାନ ହଲ, ସମାୟ: ମଧ୍ୟାହ୍ନ ୧୨ଟା ୪୫।

## ମୟୂରଭଞ୍ଜ

- ଏସ୍‌ଏଲ୍‌ଏସ୍ ବିଦ୍ୟାଳୟ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଯୋଗଦାନ, ସ୍ଥାନ: ପାହାଡ଼ପୁର, କୁସୁମୀ,ସମୟ: ସକାଳ ୯ଟା।
- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଶିମିଳିପାଳ ପରିଦର୍ଶନ,ସ୍ଥାନ: ଯଶୀପୁର,ଗୁଡୁଗୁଡ଼ିଆ, କୁସୁମୀ,ସମୟ: ଅପରାହ୍ନ ୫ଟା।

## କନ୍ଧମାଳ

- ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସ କ୍ୟାମ୍ପୋରୀ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ସିମନବାଡ଼ି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।
- ଆଶା, ଗାଁ କଲ୍ୟାଣ ସମିତି, ଜନ ଆରୋଗ୍ୟ ସମିତିର ସମ୍ମିଳନୀ, ସ୍ଥାନ ଗାନ୍ଧୀ ସ୍ମୃତି ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ବାରକୋଷ ମହୋତ୍ସବ ଉଦ୍‌ଘାଟନ, ସ୍ଥାନ: ଚକାପାଦ ବିରୂପାକ୍ଷ ମନ୍ଦିର ପଡିଆ, ସମୟ : ସନ୍ଧ୍ୟା ୬ଟା ୩୦।

## ଅନୁଗୋଳ

- ସାଥୀ ପରିବାର, 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ସହଯୋଗରେ ୫ ଦିନିଆ ଜଙ୍ଗଲ ନିଆଁ ନିବାରଣ ଓ ପରିବେଶ ସୁରକ୍ଷା ସମ୍ପର୍କିତ ସଚେତନତା ସାଇକେଲ ଯାତ୍ରା ଆରମ୍ଭ, ସ୍ଥାନ: ଅନୁଗୋଳ ପୁରୁଣାଗଡ଼, ସମୟ: ସକାଳ ୮ଟା।
- ସରକାରୀ ଏନ୍‌ଏସି ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ଅନୁଗୋଳ ସ୍କୁଲ ପରିସର, ସମୟ: ମଧ୍ୟାହ୍ନ ୧୨ଟା ୩୦।

## ଜଗତ୍‌ସିଂହପୁର

- ପାରାଦୀପ ବନ୍ଦର ପକ୍ଷରୁ ୫୦ତମ ପୁଷ୍ପ ପ୍ରଦର୍ଶନୀ, ସ୍ଥାନ: ଅଫିସର୍ସ କ୍ଲବ, ମଧୁବନ, ପାରାଦୀପ, ସମୟ: ସକାଳ ୮ଟା।

## କେନ୍ଦ୍ରାପଡ଼ା

- ସ୍ୱାମୀ ମୁକୁନ୍ଦାନନ୍ଦଜୀଙ୍କ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ସଂସ୍କୃତି ଭବନଲ ଉଦୟ ନଗର, ଡେରାବିଶ, ସମୟ: ଅପରାହ୍ନ ୫ଟା ।
- ଡେରାବିଶ ଯୁବ ମହୋତ୍ସବ, ସ୍ଥାନ: ମିନି ଷ୍ଟାଡିୟମ, କୁରୁଜଙ୍ଗା, ଡେରାବିଶ, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ : ସୁକିନ୍ଦା ବ୍ଲକ କାର୍ଯ୍ୟାଳୟ ପରିସର, ସମୟ : ପୂର୍ବାହ୍ନ ୧୦ଟା।
- ବ୍ଲକ ପ୍ରଶାସନ ପକ୍ଷରୁ ଟ୍ୟାଙ୍କର ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଶୁଭାରମ୍ଭ, ସ୍ଥାନ : ଧର୍ମଶାଳା ବ୍ଲକ ଜାରକାସ୍ଥିତ ମହୋତ୍ସବ ପଡ଼ିଆ, ସମୟ: ଅପରାହ୍ନ ୩ଟା।

## ନୟାଗଡ଼

- ଦ୍ୱାଦଶ ବାର୍ଷିକ ନବାହ୍ନ ପାରାୟଣ ମାନସ ପ୍ରବଚନ ଓ ଜ୍ଞାନଯଜ୍ଞର ୩ୟ ଦିବସରେ ସୂର୍ଯ୍ୟପୂଜା ସହ ଶ୍ରୀରାମଙ୍କ ଜନ୍ମ ବାଲ୍ୟଲୀଳା, ତାଡକାବଦ୍ଧ ଓ ମିଥିଳା ଯାତ୍ରା, ସ୍ଥାନ:ଖଣ୍ଡପଡା ବ୍ଲକ ମର୍ଦ୍ଧରାଜପୁର ଶ୍ରୀ ଶ୍ରୀ ମୁଣ୍ଡିଆ ହନୁମାନ ପୀଠ ମୁକ୍ତିକ୍ଷେତ୍ର, ସକାଳ ୬ଟାରୁ ରାତି ୯ଟା ।

## ରାୟଗଡ଼ା

- ଶ୍ରୀନିବାସ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ, ସ୍ଥାନ: ଆମ୍ବେଦକର କଲୋନୀ, ଡାଙ୍ଗସୋରଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ନବରଙ୍ଗପୁର

- ସମ୍ପୂର୍ଣ୍ଣତା ଅଭିଯାନ ଉନ୍ମୋଚନ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ,ତେନ୍ତୁଲିଖୁଣ୍ଟି, ସମୟ: ପୂର୍ବାହ୍ନ ୧୦ଟା।
- ଗୁରୁକୃପା ପବ୍ଲିକ ସ୍କୁଲର ବାର୍ଷିକୋତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ଡାବୁଗାଁ, ସମୟ : ସନ୍ଧ୍ୟା ୬ଟା।

## କୋରାପୁଟ

- ଭିନ୍ନକ୍ଷମ ବର୍ଗଙ୍କ ମଧ୍ୟରେ କ୍ରୀଡା ଓ ସାଂସ୍କୃତିକ ପ୍ରତିଯୋଗିତା, ମିନି ଷ୍ଟାଡିୟମ, ବୈପାରୀଗୁଡ଼ା, ସମୟ: ସକାଳ ୯ଟା।

- ଆନ୍ତର୍ଜାତୀୟ ମହିଳା ଚାଷୀ ବର୍ଷ ଆଲୋଚନା ଚକ୍ର, ସ୍ଥାନ: ରାଜୀବ ଗାନ୍ଧୀ ସେବାକେନ୍ଦ୍ର ଲିମା, କୁନ୍ଦୁରା, ସମୟ: ମଧ୍ୟାହ୍ନ ୧୨ଟା।
- ମଣ୍ଡଳସ୍ତରୀୟ ଭିବିଜିରାମଜି ସମ୍ମିଳନୀ, ସ୍ୱାଗତ ସମ୍ବର୍ଦ୍ଧନା, ସ୍ଥାନ: ଦିଗାପୁର ମଣ୍ଡଳ ଘଷର ଛକ, କୁନ୍ଦୁରା, ସମୟ: ମଧ୍ୟାହ୍ନ ୧୨ଟା।

## ସମ୍ବଲପୁର

- ଉତ୍ସର୍ଗ ସ୍ୱାସ୍ଥ୍ୟ ଓ ଶିକ୍ଷା ପ୍ରକଳ୍ପର ବୈଠକ, ସ୍ଥାନ : ଗେଇଟି ରୋଡ ସ୍ଥିତ ଉତ୍ସର୍ଗ କାର୍ଯ୍ୟାଳୟ, ସମୟ : ପୂର୍ବାହ୍ନ ୧୧ଟା।
- ପରମାଣପୁର ଧନୁଯାତ୍ର କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ : ପରମାଣପୁର ଗ୍ରାମ, ସମୟ : ରାତି ୭ଟା।
- କଣ୍ଠଶିଳ୍ପୀ ଅଭିଜିତ ମଜୁମଦାରଙ୍କ ସ୍ୱରାଞ୍ଜଳି କାର୍ଯ୍ୟକ୍ରମର ପ୍ରସ୍ତୁତି ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ସନ୍ଧ୍ୟା ୭ଟା।
- ସ୍ୱତନ୍ତ୍ର ମାର୍ଶଲ ଆର୍ଟ ପ୍ରଶିକ୍ଷଣ ଶିବିର , ସ୍ଥାନ : ଜିଲା ଜୁଡୋ ହଲ, ସମୟ : ସନ୍ଧ୍ୟା ୭ଟା।

## ବଲାଙ୍ଗୀର

- ସରକାରୀ ଆୟୁର୍ବେଦ କଲେଜ ଏବଂ ହସ୍ପିଟାଲର ସୁବର୍ଣ୍ଣ ଜୟନ୍ତୀ ଉପଲକ୍ଷେ ଶୋଭାଯାତ୍ରା
- ସ୍ଥାନ: ସରକାରୀ ଆୟୁର୍ବେଦ କଲେଜ, ବଲାଙ୍ଗୀର ସମୟ: ସକାଳ ୯ଟା ୩୦।

## ରାଉରକେଲା

- ବାଲାଜୀ ମନ୍ଦିରରେ ବ୍ରହ୍ମୋତ୍ସବ, ସ୍ଥାନ: ପ୍ରଧାନପାଲୀ, ଛେଣ୍ଡ, ସମୟ: ସକାଳ ୯ଟା ୩୦।
- ଭାଗବତ କଥା ପ୍ରବଚନ, ସ୍ଥାନ: ସେକ୍ଟର–୧୯ ଆଖଣ୍ଡଳମଣି ମନ୍ଦିର, ସମୟ: ଅପରାହ୍ନ ୪ଟା।
- କଲଚରାଲ ଏକାଡେମୀ ପକ୍ଷରୁ ଆଲୋଚନାଚକ୍ର, ସ୍ଥାନ: ସେକ୍ଟର–୫, ଭଞ୍ଜଭବନ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା ୩୦।

## ବରଗଡ଼

- ରୁଦ୍ରେଶ୍ୱର ଓ ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ,ସ୍ଥାନ: ରିଜର୍ଭ ପୋଲିସ, ପଥର୍ଲା, ବରଗଡ଼, ସମୟ: ସକାଳ ୮ଟା।

## କଳାହାଣ୍ଡି

- ଜୁନାଗଡ଼ ମହୋତ୍ସବ ଉଦ୍‌ଯାପନ, ସ୍ଥାନ: ଜୁନାଗଡ଼ ହାଇସ୍କୁଲ ପଡିଆ, ସମୟ: ଅପରାହ୍ନ ୫ଟା।
- ବ୍ଲକସ୍ତରୀୟ ସମ୍ପୂର୍ଣ୍ଣତା ଅଭିଯାନ ୨.୦ର ଶୁଭାରମ୍ଭ, ସ୍ଥାନ: ପଞ୍ଚାୟତ ସମିତି ଥୁଆମୂଳ ରାମପୁର, ସମୟ: ପୂର୍ବାହ୍ନ ୧୦ଟା ୩୦।

## ବୌଦ୍ଧ

- ବାବା କପ ରାଜ୍ୟ ସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ଚତୁର୍ଥ ଦିନ, ସ୍ଥାନ: ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆ,ସମୟ: ଅପରାହ୍ନ ୩ଟା।

## ଦେବଗଡ଼

- ବାର୍ଷିକ କ୍ରୀଡ଼ା ଉତ୍ସବ, ସ୍ଥାନ: ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ସୁଗୁଡ଼ା ଗ୍ରାମ, ସମୟ: ପୂର୍ବାହ୍ନ ୧୦ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।

## ସୁବର୍ଣ୍ଣପୁର

- ଅଷ୍ଟପ୍ରହର ନାମଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ପଡିଆପାଲି,ବୀରମହାରାଜପୁର, ସ୍ଥାନ: ବୀରମହାରାଜପୁର ବ୍ଲକ, ସମୟ: ସକାଳ ୮ଟା।
- ସଙ୍କୀର୍ତ୍ତନ ବୈଠକ, ସ୍ଥାନ: କେନ୍ଦୁପାଲି, ବହଳପଦର ପଞ୍ଚାୟତ, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।

## ନୂଆପଡ଼ା

- ଖଡିଆଳ ମହୋତ୍ସବ ଉପଲକ୍ଷେ ଭଲିବଲ, ଚେସ୍ ଓ କ୍ୟାରମ ପ୍ରତିଯୋଗିତା, ସ୍ଥାନ: ସ୍ୱୟଂ ଶାସିତ ମହାବିଦ୍ୟାଳୟ ଖଡିଆଳ, ସମୟ: ସକାଳ ୯ଟା।
- ଖଡିଆଳ ମହୋତ୍ସବ ଉପଲକ୍ଷେ ଲୋକଗୀତ, ଲୋକନୃତ୍ୟ ଓ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ରାଜା ଏଟି ଉଚ୍ଚ ବିଦ୍ୟାଳୟ ଖଡିଆଳ, ସମୟ: ପୂର୍ବାହ୍ନ ୧୦ଟା।

## ରେଡିଓ ସଞ୍ଚାରକୁ...

କମାଣ୍ଡ ନେଟ୍‌ୱର୍କ(ଇସ୍‌ଟ୍ରାକ୍)' ନିର୍ଦ୍ଦେଶକ ଅନୀଲ କୁମାର କହିଛନ୍ତି। ଏହାଛଡ଼ା ମିଶନ କଣ୍ଟ୍ରୋଲ ସେଣ୍ଟର ଏବଂ ଗ୍ରାଉଣ୍ଡ ଷ୍ଟେଶନ ମଧ୍ୟରେ ଉତ୍ତମ ସମନ୍ୱୟ ରଖି ଆବଶ୍ୟକସ୍ଥଳେ ତ୍ୱରିତ ପଦକ୍ଷେପ ନେବାକୁ ମଧ୍ୟ ପ୍ରସ୍ତୁତି ନିଆଯାଇଛି ବୋଲି ଅନୀଲ କୁମାର କହିଛନ୍ତି। ଉଲ୍ଲେଖଯୋଗ୍ୟ, ଚୁମ୍ବକୀୟ ବିଘଟନକୁ ବର୍ତ୍ତମାନ ସୌରମଣ୍ଡଳରେ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଯେଉଁଳି ତୀବ୍ରତା ଦେଖାଯାଇଛି ତାହାକୁ 'ଆକ୍ଟିଭ୍ ରିଜିୟନ ୧୪୩୬୬' ନାମକରଣ କରାଯାଇଛି। ଗତ କିଛି ଦିନ ଧରି ଏହି ଅଞ୍ଚଳରେ ଶକ୍ତିଶାଳୀ ସୋଲାର ଫ୍ଲେୟାର ବା ରଶ୍ମି ନିର୍ଗତ ହେଉଛି। ଏଥିରେ X8.1 ଶ୍ରେଣୀର ପ୍ରଚଣ୍ଡ ଏବଂ ଶକ୍ତିଶାଳୀ କିରଣ ରହିଛି ଯାହାକି ୨୦୨୬ ବର୍ଷ ସୁଦ୍ଧା ସବୁଠୁ ଶକ୍ତିଶାଳୀ ବୋଲି ବୈଜ୍ଞାନିକମାନେ କହିଛନ୍ତି। ନାସା ବୈଜ୍ଞାନିକମାନଙ୍କ ସୂଚନା ଅନୁଯାୟୀ ଫେବୃଆରୀ ୧ରୁ ୨ ମଧ୍ୟରେ ଏହି କିସମର ଶକ୍ତିଶାଳୀ ବିକିରଣ ପୃଥିବୀ ପାଇଁ ଘାତକ ହୋଇପାରେ। ୧୯୯୬ ମସିହା ପରେ ସୌରମଣ୍ଡଳରେ ଯେତିକି ସୌର ବିକିରଣ ହୋଇଛି ସେଗୁଡ଼ିକ ତୁଳନାରେ ଏହା ସବୁଠୁ ଶକ୍ତିଶାଳୀ ହେବ। ତେଣୁ ଏଥିପ୍ରତି ସଜାଗ ରହିବା ନିତାନ୍ତ ଜରୁରୀ ବୋଲି ନାସା ବୈଜ୍ଞାନିକମାନେ ଚେତାଇ ଦେଇଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅକାଳେ ସକାଳେ କଲି ବେଉସା**
**ମୁଣ୍ଡରେ ପଡ଼ିଲା କୁରାଢ଼ି ପଶା।**

ବେପାର ବଣିଜରେ ସାଧାରଣତଃ ଲାଭ ମିଳୁଥିବାର ଦେଖିବାକୁ ମିଳୁଥିବା ବେଳେ ଅର୍ଥ ଉପାର୍ଜନ କରିବା ଆଶାରେ କିଛି ବ୍ୟକ୍ତି ଏଭଳି ବୃତ୍ତିକୁ ଆପଣେଇ ନେଉଥିବାର ଲକ୍ଷ୍ୟ କରାଯାଇଥାଏ। କିନ୍ତୁ ବ୍ୟବସାୟ କରିବାର କୌଶଳ ଜାଣି ନ ଥିବା ବ୍ୟକ୍ତି ହଠାତ୍ ବ୍ୟବସାୟ କରିବସିଲେ ଲାଭ ବଦଳରେ ତାଙ୍କୁ ଅଧିକ କ୍ଷତି ସହିବାକୁ ପଡ଼ିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଅନ୍ଧାରି ମୁଲକେ ଭକୁଆ ରାଜା**
**ଟଙ୍କେ ସେର ଭାଜି ଟଙ୍କେ ସେର ଖଜା।**

ନୀତିନିୟମ ତଥା ଭଲ ଖରାପ ମଧ୍ୟରେ କୌଣସି ବାଛବିଚାର ନ ରହିଲେ ପ୍ରଶାସନିକ ବ୍ୟବସ୍ଥା ଭୁଶୁଡ଼ି ଯାଇଥାଏ। ଫଳସ୍ୱରୂପ ନାନା ବିଶୃଙ୍ଖଳା ମଧ୍ୟ ସୃଷ୍ଟି ହୋଇଥାଏ। ଅନ୍ଧ ରାଇଜରେ ଜିନିଷ ମଧ୍ୟରେ କିଛି ବି ବାଛ ବିଚାର ରହି ନ ଥିବା ଭଳି ମୂର୍ଖ ଲୋକଙ୍କୁ ଓଲୁ ବା ବୋକା ବନାଇବା ଅତି ସହଜ କାର୍ଯ୍ୟ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଅବଶିଷ୍ଟାଂଶ

## ଆମେରିକୀୟ କୃଷି ...

ସ୍ପଷ୍ଟ ହୋଇଛି। ଆମେରିକା ବାଣିଜ୍ୟ ପ୍ରତିନିଧି (ୟୁଏସ୍‌ଟିଆର୍) ଜେମିଏସନ ଗ୍ରିର୍ ଟ୍ରେଡ୍ ଡିଲ୍‌କୁ ତାଙ୍କ ଦେଶ ପାଇଁ ଏକ ବଡ଼ ବିଜୟ ଭାବେ ଅଭିହିତ କରିଛନ୍ତି। ସିଏନ୍‌ବିସିକୁ ସାକ୍ଷାତ୍‌କାର ଦେଇ ଗ୍ରିର୍ କହିଛନ୍ତି, ଆମେରିକାରୁ ଭାରତ ଆମଦାନୀ କରିବାକୁ ଥିବା ଶିଳ୍ପ ଓ କୃଷି କ୍ଷେତ୍ରର ବିବିଧ ଉତ୍ପାଦ ଉପରେ ୦% ଟାରିଫ୍ ଲଗାଇବାକୁ ସହମତି ପ୍ରକାଶ କରିଛି। ବର୍ତ୍ତମାନ ଟ୍ରେଡ୍ ଡିଲ୍ ପାଇଁ ଉପଯୁକ୍ତ ସମୟ ଆସିଯାଇଛି। ଭାରତରୁ ଆମେରିକାକୁ ପ୍ରବେଶ କରିବାକୁ ଥିବା ସାମଗ୍ରୀଗୁଡ଼ିକ ଉପରେ ୧୮% ଆମଦାନୀ ଶୁଳ୍କ ଲାଗିବ। କାରଣ ଭାରତ ସହିତ ଆମର ବାଣିଜ୍ୟିକ ନିଅଣ୍ଟ ଜାରି ରହିଛି। କିନ୍ତୁ ଆମେରିକାରୁ ଭାରତକୁ ରପ୍ତାନି ହେବାକୁ ଥିବା ଶିଳ୍ପ ଓ କୃଷି କ୍ଷେତ୍ରର ଅନେକ ଉତ୍ପାଦ ଉପରେ ଆଦୌ ଆମଦାନୀ ଶୁଳ୍କ ନ ଲଗାଇବା ପାଇଁ ନୂଆଦିଲ୍ଲୀ ରାଜି ହୋଇଛି। ସେଗୁଡ଼ିକ ମଧ୍ୟରେ କୃଷି ଉତ୍ପାଦ, ମାନୁଫାକ୍ଚର୍ଡ ଗୁଡ୍ସ, କେମିକାଲ୍ସ, ଡାକ୍ତରୀ ଉପକରଣ ଇତ୍ୟାଦି ରହିଛି। ଏହା ଉଭୟ ଦେଶ ପାଇଁ ଏକ ଉତ୍ସାହଜନକ ସୁଯୋଗ। ଡିଲ୍ ସମ୍ପର୍କରେ ବିସ୍ତୃତ ସୂଚନା ଦେବାକୁ ଯାଇ ଗ୍ରିର୍ କହିଛନ୍ତି, ଭାରତରେ ଶିଳ୍ପ ଉତ୍ପାଦଗୁଡ଼ିକ ଉପରେ ୧୩.୫% ଟାରିଫ୍ ରହିଛି, ଯାହାକି ବାସ୍ତବରେ ଶୂନ ହେବାକୁ ଯାଉଛି। ୯୮–୯୯% ଶିଳ୍ପ ସାମଗ୍ରୀ ଭାରତକୁ ପ୍ରବେଶ କରିବ, ଯାହା ଉପରେ ନୂଆଦିଲ୍ଲୀ ଆଦୌ ଶୁଳ୍କ ଲଗାଇବ ନାହିଁ। ସେହିପରି ୱାଇନ୍, ସ୍ପିରିଟ୍, ଫଳ, ପନିପରିବା ଭଳି ବିବିଧ କୃଷିଜାତ ସାମଗ୍ରୀଗୁଡ଼ିକ ଉପରେ ମଧ୍ୟ ଭାରତ ଆଦୌ ଆମଦାନୀ ଶୁଳ୍କ କଷିବ ନାହିଁ। ଏହା ଏକ ବଡ଼ ବିଜୟ। ଏଥିଯୋଗୁ ଆମେରିକୀୟ ଚାଷୀ ଓ ଉତ୍ପାଦକମାନେ ଭାରତୀୟ ବଜାରକୁ ଅନାୟାସରେ ପ୍ରବେଶ କରିପାରିବେ।

ସେହିପରି ହ୍ୱାଇଟ୍ ହାଉସ୍ ପ୍ରେସ୍ ସେକ୍ରେଟାରି କାରୋଲିନ୍ ଲିଏଭିଟ୍ଟ କହିଛନ୍ତି, ଭାରତ ଆଉ ରୁଷୀୟ ତୈଳ କ୍ରୟ ନ କରିବା ପାଇଁ ପ୍ରତିଶ୍ରୁତି ଦେଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ଆମେରିକାର କେତେକ ପ୍ରମୁଖ ସେକ୍ଟରରେ ୫୦୦ ବିଲିୟନ୍ ଡଲାର ପୁଞ୍ଜିନିବେଶ କରିବାକୁ ସହମତି ପ୍ରକାଶ କରିଛନ୍ତି। ଇତିମଧ୍ୟରେ ଭାରତର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଏବଂ ଆମେରିକା ପରରାଷ୍ଟ୍ର ସଚିବ ମାର୍କୋ ରୁବିଓ ମଙ୍ଗଳବାର ୱାଶିଂଟନ୍ ବୈଠକରେ ଟ୍ରେଡ୍ ଡିଲ୍‌କୁ ସ୍ୱାଗତ କରିବା ସହ ମୂଲ୍ୟବାନ୍ ଖଣିଜ ସମ୍ପଦ ଅନ୍ୱେଷଣ ଏବଂ ଖନନ ଉପରେ ଦ୍ୱିପାକ୍ଷିକ ସହଯୋଗ ଆଗକୁ ବଢ଼ାଇବା ଉପରେ ଆଲୋଚନା କରିଛନ୍ତି। ନୂଆ ଅର୍ଥନୈତିକ ସୁଯୋଗ ସୃଷ୍ଟି ଓ ଶକ୍ତି ନିରାପତ୍ତା ସହଯୋଗ ବୃଦ୍ଧି ନେଇ ଆଗକୁ ବଢ଼ିବା ନେଇ ଉଭୟ ଦେଶ ଗୁରୁତ୍ୱ ଦେଉଛନ୍ତି ବୋଲି ପରରାଷ୍ଟ୍ର ବିଭାଗ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି।

ପ୍ରକାଶ ଯେ, ଟ୍ରମ୍ପ ସୋମବାର ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ଫୋନ୍‌ରେ ଆଲୋଚନା ପରେ ଟ୍ରୁଥ୍ ସୋସିଆଲରେ ଏକ ପୋଷ୍ଟ କରି କହିଥିଲେ, ଭାରତ ଓ ଆମେରିକା ମଧ୍ୟରେ ଟ୍ରେଡ୍ ଡିଲ୍ ନେଇ ସହମତି ପ୍ରକାଶ ପାଇଛି। ତଦନୁଯାୟୀ ଆମେରିକା ଭାରତରୁ ଆମଦାନୀ କରୁଥିବା ସାମଗ୍ରୀଗୁଡ଼ିକ ଉପରେ ପାରସ୍ପରିକ ଟିକସକୁ ୨୫%ରୁ ୧୮%କୁ ଖସାଇଦେଇଛି। ଅପରପକ୍ଷେ ଭାରତ ଆମେରିକୀୟ ସାମଗ୍ରୀଗୁଡ଼ିକ ଉପରେ ୦% ଟାରିଫ୍ ଲଗାଇବାକୁ ରାଜି ହୋଇଛି। ଆମେରିକାର ଶକ୍ତି, ପ୍ରଯୁକ୍ତି, କୃଷି, କୋଇଲା ସମେତ ଅନେକ କ୍ଷେତ୍ରରେ ଉତ୍ପାଦନ ନିମନ୍ତେ ଭାରତ ପକ୍ଷରୁ ୫୦୦ ବିଲିୟନ୍ ଡଲାର ପୁଞ୍ଜିନିବେଶ କରିବାକୁ ମୋଦି ପ୍ରତିଶ୍ରୁତିବଦ୍ଧ ହୋଇଥିବା ଟ୍ରମ୍ପ ନିଜ ସାମାଜିକ ଗଣମାଧ୍ୟମ ମଞ୍ଚରେ ସୂଚନା ଦେଇଥିଲେ।

ଏହି ପ୍ରସଙ୍ଗ ସାମ୍ନାକୁ ଆସିବା ପରେ ବିରୋଧୀ ଦଳଗୁଡ଼ିକ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛନ୍ତି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ବୁଧବାର କହିଛନ୍ତି, ସଂସଦର ବଜେଟ ଅଧିବେଶନ ଚାଲିଥିବାବେଳେ ଯେପରି ଭାବେ ଭାରତ–ଆମେରିକା ଟ୍ରେଡ୍ ଡିଲ୍ ନେଇ ଘୋଷଣା କରାଗଲା, ତାହା ଅନେକ ପ୍ରଶ୍ନ ଛିଡ଼ା କରାଇଛି। ଆମେରିକାର ଚାପରେ ପଡ଼ି ଭାରତ ମୁଣ୍ଡ ନୁଆଁଇଛି କି? ଆମେରିକୀୟ ସାମଗ୍ରୀଗୁଡ଼ିକ ଉପରେ ଭାରତ ଆଦୌ ଟାରିଫ୍ ନ ଲଗାଇବାକୁ ରାଜି ହୋଇଛି କି, ଯାହାକି ଟ୍ରମ୍ପ ଓ ତାଙ୍କ ସହଯୋଗୀମାନେ ଦାବି କରିଆସୁଛନ୍ତି? ଭାରତ କୃଷି କ୍ଷେତ୍ରକୁ ଆମେରିକୀୟ ବଜାର ପାଇଁ ଖୋଲିଦେଲେ ଦେଶର କୃଷକମାନେ କ୍ଷତିଗ୍ରସ୍ତ ହେବେ। ସେହିପରି କଂଗ୍ରେସ ନେତା ଆନନ୍ଦ ଶର୍ମା ମଧ୍ୟ ଅନୁରୂପ ପ୍ରଶ୍ନ ଉଠାଇ ସରକାରଙ୍କୁ ଘେରିଛନ୍ତି। ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ପୀୟୂଷ ଗୋୟଲ ଲୋକ ସଭାରେ ଏହାର ଜବାବ ରଖି କହିଛନ୍ତି, ସରକାର ଖାଦ୍ୟ ଓ କୃଷି ଭଳି ଗୁରୁତ୍ୱପୂର୍ଣ୍ଣ ସେକ୍ଟରକୁ ନେଇ ସମ୍ବେଦନଶୀଳ। ଟ୍ରେଡ୍ ଡିଲ୍ ଆମେରିକୀୟ ବଜାରରେ ଭାରତୀୟ ରପ୍ତାନି ପ୍ରତିଦ୍ୱନ୍ଦ୍ୱିତାକୁ ଗତିଶୀଳ କରିବ। ତେବେ ଗୋୟଲଙ୍କ ବିବୃତିକୁ ନେଇ ଅସନ୍ତୁଷ୍ଟ ବିରୋଧୀ ଦଳଗୁଡ଼ିକର ସଦସ୍ୟମାନେ ଏହି ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀଙ୍କ ସ୍ପଷ୍ଟୀକରଣ ଲୋଡ଼ି ହଟ୍ଟଗୋଳ କରଥିଲେ।

## ଓଡ଼ିଶା ଚାହୁଁଛି ...

ଆନ୍ତଃରାଜ୍ୟ ନଦୀଜଳ ବିବାଦ ଆଇନ–୧୯୫୬ର ଧାରା–୫(୨) ଅନୁସାରେ ଟ୍ରିବ୍ୟୁନାଲର ରିପୋର୍ଟ ଓ ନିଷ୍ପତ୍ତି ୩ ବର୍ଷ ମଧ୍ୟରେ ଦାଖଲ କରାଯିବା କଥା। ମାତ୍ର ୨୦୨୧ ମାର୍ଚ୍ଚ ୧୧ର ଧାର୍ଯ୍ୟ ସମୟସୀମା ଶେଷ ହେଉଥିଲେ ମଧ୍ୟ ଟ୍ରିବ୍ୟୁନାଲ ରିପୋର୍ଟ ଦେବାରେ ବିଫଳ ହେବା ପରେ କେନ୍ଦ୍ର ସରକାର ଏହି ଅବଧିକୁ ଆଉ ୨ ବର୍ଷ ଅର୍ଥାତ୍ ୨୦୨୩ ମାର୍ଚ୍ଚ ୧୧ ପର୍ଯ୍ୟନ୍ତ ବୃଦ୍ଧି କରିଥିଲେ। କରୋନା ମହାମାରୀ ଯୋଗୁ ୨୦୨୦ ମାର୍ଚ୍ଚରୁ ୨୦୨୧ ଜୁନ୍ ପର୍ଯ୍ୟନ୍ତ କାର୍ଯ୍ୟ କରିପାରି ନ ଥିବା ଦର୍ଶାଇ ଟ୍ରିବ୍ୟୁନାଲ ପକ୍ଷରୁ କେନ୍ଦ୍ର ସରକାରଙ୍କୁ ପୁଣିଥରେ ଅବଧି ବୃଦ୍ଧି ପାଇଁ ଅନୁରୋଧ କରାଯାଇଥିଲା। ତେବେ ମହାନଦୀ ହେଉଛି ଓଡ଼ିଶାର ଜୀବନରେଖା। ଏହା ଉପରେ ରାଜ୍ୟର ପ୍ରାୟ ୧୬ଟି ଜିଲାର ଲୋକେ ପାନୀୟଜଳ, କୃଷିକାର୍ଯ୍ୟ ସହ ଶିଳ୍ପ ପାଇଁ ନିର୍ଭରଶୀଳ। ମାତ୍ର ମହାନଦୀର ଉପରମୁଣ୍ଡରେ ଛତିଶଗଡ଼ ସରକାର ୬୦ରୁ ଊର୍ଦ୍ଧ୍ୱ ବନ୍ଧ ନିର୍ମାଣକରି ଜଳବିବାଦ ସୃଷ୍ଟି କରିଥିଲେ। ଏହାକୁ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୧୬ରେ ସୁପ୍ରିମ୍‌କୋର୍ଟରେ ଅଭିଯୋଗ କରାଯାଇଥିଲା। ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ର ସରକାରଙ୍କ ଜଳଶକ୍ତି ମନ୍ତ୍ରଣାଳୟ ୨୦୧୮ ମାର୍ଚ୍ଚ ୧୨ରେ ୩ ଜଣିଆ ଖଣ୍ଡପୀଠଙ୍କୁ ନେଇ ମହାନଦୀ ଜଳବିବାଦ ଟ୍ରିବ୍ୟୁନାଲ ଗଠନ କରିଥିଲେ। ଟ୍ରିବ୍ୟୁନାଲଙ୍କ ନିର୍ଦ୍ଦେଶକ୍ରମେ ଉଭୟ ରାଜ୍ୟର ବୈଷୟିକ କମିଟି ବାରମ୍ବାର ଗସ୍ତ କରିଥିଲେ ମଧ୍ୟ ତାହା ସମାଧାନ ଦିଗରେ ଅଗ୍ରସର ହୋଇ ନ ଥିଲା। ୨୦୨୩ ମେ'୧୯ରେ ମହାନଦୀ ଜଳବିବାଦ ଟ୍ରିବ୍ୟୁନାଲର ଅଧ୍ୟକ୍ଷ ବିଚାରପତି ଏ.ଏମ୍. ଖାନୱିଲକରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ୧୦ ଦିନିଆ ଓଡ଼ିଶା ଗସ୍ତରେ ଆସିଥିଲା। ଏହାପୂର୍ବରୁ ଛତିଶଗଡ଼ର ବ୍ୟାରେଜ୍ ଅଞ୍ଚଳକୁ କେନ୍ଦ୍ରୀୟ ଟ୍ରିବ୍ୟୁନାଲ ଦଳ ପରିଦର୍ଶନ କରିଥିଲା। ଟ୍ରିବ୍ୟୁନାଲ ଅଧ୍ୟକ୍ଷଙ୍କ ଗସ୍ତକୁ ନେଇ ଜଳସମ୍ପଦ ବିଭାଗ ତତ୍ପରତା ଦେଖାଇଥିଲା।

## ୯ ମହଲାରୁ...

ନିଷ୍ପତ୍ତି ନେଇଛନ୍ତି। ଏହି ଘଟଣାଟି ପିଲାମାନଙ୍କ ମାନସିକ ସ୍ୱାସ୍ଥ୍ୟ ଏବଂ ଅନ୍‌ଲାଇନ ଗେମିଂର କୁପ୍ରଭାବ ବିଷୟରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ପୋଲିସ ତଦନ୍ତରୁ ଜଣାପଡିଛି ଯେ, ୩ ଭଉଣୀ କୋରିଆନ ସଂସ୍କୃତି ଦ୍ୱାରା ଏତେ ପ୍ରଭାବିତ ଥିଲେ ଯେ ସେମାନେ ନିଜର କୋରିଆନ ନାମ ମଧ୍ୟ ରଖିଥିଲେ। ସେମାନେ ନିଜକୁ 'କୋରିଆନ ରାଜକୁମାରୀ' ବୋଲି ଭାବୁଥିଲେ ଏବଂ ଭବିଷ୍ୟତରେ କୋରିଆ ଯିବାକୁ ଚାହୁଁଥିଲେ। ଉକ୍ତ ଗେମ୍‌ରେ ୩ ଭଉଣୀଙ୍କୁ ନିୟମିତ କିଛି 'ଟାସ୍କ' ଦିଆଯାଉଥିଲା, ଯାହା ସେମାନଙ୍କୁ ମାନସିକ ସ୍ତରରେ ଗଭୀର ଭାବେ ପ୍ରଭାବିତ କରିଥିଲା। ଏନେଇ ତଦନ୍ତ କରାଯାଉଥିବା ଏସିପି ଅତୁଲ କୁମାର ସିଂ କହିଛନ୍ତି। ପୋଲିସକୁ ସେମାନଙ୍କ ଘରୁ ଏକ ଡାଏରୀ ମିଳିଛି। ସେଥିରେ ସେମାନେ ଲେଖିଛନ୍ତି, 'ସରି ପାପା... ଆମେ କୋରିଆକୁ ଛାଡ଼ି ରହିପାରିବୁ ନାହିଁ। କୋରିଆ ହିଁ ଆମର ଜୀବନ। ଆପଣ ଆମକୁ ସେଠାରୁ ଅଲଗା କରିପାରିବେ ନାହିଁ, ସେଥିପାଇଁ ଆମେ ଆତ୍ମହତ୍ୟା କରୁଛୁ।'

ପିଲାମାନଙ୍କ ବାପା ଚେତନ କୁମାର କହିଛନ୍ତି, ତାଙ୍କ ଝିଅମାନେ ଗତ ୨/୩ ବର୍ଷ ହେବ ଏହି ଗେମ୍ ଖେଳୁଥିଲେ। ସେ ଭାବିଥିଲେ ଏହା ସାଧାରଣ ଗେମ୍ ଭଳି, ଯାହା ପିଲାମାନେ ଖେଳନ୍ତି। ଝିଅମାନେ ସବୁବେଳେ କହୁଥିଲେ ଯେ ସେମାନେ କୋରିଆ ଯିବାକୁ ଚାହାନ୍ତି। ମଙ୍ଗଳବାର ରାତିରେ ସମସ୍ତେ ଶୋଇଥିବାବେଳେ ଝିଅମାନେ ପାଣି ପିଇବା ବାହାନାରେ ଉଠିଥିଲେ। ସେମାନେ ଭିତରୁ କବାଟ ବନ୍ଦ କରିଦେଇଥିଲେ ଏବଂ ନିଜର ଫୋନଗୁଡ଼ିକୁ ବାହାରକୁ ଫିଙ୍ଗିଦେଇଥିଲେ। ଏହାପରେ ସେମାନେ ବାଲ୍‌କୋନିରୁ ଡେଇଁ ପଡ଼ିଥିଲେ।

ଡିସିପି ନିମିଶ ପାଟିଲ କହିଛନ୍ତି, ଚେତନ ୨ ଥର ବିବାହ କରିଥିବାବେଳେ ତାଙ୍କର ୪ ଝିଅ ଓ ଗୋଟିଏ ପୁଅ ଥିଲେ। ସବୁ ପରିବାର ସଦସ୍ୟ ଏକାଠି ରହୁଥିଲେ। ଆତ୍ମହତ୍ୟା କରିଥିବା ୩ ଭଉଣୀ ୨୦୨୦ କରୋନା କାଳରୁ ପ୍ରାୟତଃ ସ୍କୁଲ ଯିବା ବନ୍ଦ କରିଦେଇଥିଲେ। ୧୬ ବର୍ଷର ବଡ଼ ଭଉଣୀ ଏବେ ମଧ୍ୟ ଚତୁର୍ଥ ଶ୍ରେଣୀରେ ପଢୁଥିବା ଜଣାପଡ଼ିଛି। ପାଠପଢ଼ାରେ ଖରାପ ଫଳାଫଳ ଯୋଗୁ ସେମାନେ ଲଜ୍ଜିତ ଅନୁଭବ କରୁଥିଲେ ଏବଂ ସବୁବେଳେ ଘର ଭିତରେ ବନ୍ଦ ହୋଇ ରହୁଥିଲେ। ମଝିଆ ଭଉଣୀ ପ୍ରାଚୀ ନିଜକୁ 'ବସ୍' ବୋଲି କହୁଥିଲେ ଏବଂ ଅନ୍ୟ ଦୁଇ ଭଉଣୀ ତାଙ୍କ ନିର୍ଦ୍ଦେଶ ମାନୁଥିଲେ। ସେମାନେ ଖାଇବା, ପିଇବା ଏବଂ ଗାଧୋଇବା ସବୁକିଛି ଏକାଠି ହିଁ କରୁଥିଲେ। ଯେତେବେଳେ ମା'ବାପା ସେମାନଙ୍କୁ ମୋବାଇଲ ବ୍ୟବହାର କରିବାକୁ ମନାକଲେ, ସେମାନେ ଏହାକୁ ସହ୍ୟ କରିପାରିଲେ ନାହିଁ। ସେମାନଙ୍କ ପାଇଁ କୋରିଆନ ଡ୍ରାମା ଏବଂ ଗେମ୍‌ରୁ ଦୂରେଇରହିବା ଜୀବନ ହାରିବା ସହିତ ସମାନ ଥିଲା। ଏହି ତିନି ଭଉଣୀ ବାହାର ଦୁନିଆରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଇଥିଲେ। ସେମାନେ ସବୁବେଳେ ଏକାଠି ରହୁଥିଲେ ଏବଂ ଏକାଠି ହିଁ କୋରିଆନ କଣ୍ଟେଣ୍ଟ ଦେଖୁଥିଲେ। ଯେଉଁ ଅନ୍‌ଲାଇନ ଗେମ୍ ଭିତରେ ନିଜକୁ ହଜାଇ ଦେଇଥିଲେ ସେହି ଗେମ୍ ହିଁ ୩ ଭଉଣୀଙ୍କ ପାଇଁ ଶେଷରେ ଘାତକ ସାଜିଲା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ** — ଆଜି ଉତ୍ତରାଫାଲଗୁନୀ ନକ୍ଷତ୍ରରେ ଚନ୍ଦ୍ର କର୍ମଜଞ୍ଜାଳଜନିତ ବ୍ୟସ୍ତତା ବୃଦ୍ଧି କରାଇପାରନ୍ତି। ସ୍ୱାସ୍ଥ୍ୟୋନ୍ନତି ଓ କାର୍ଯ୍ୟସିଦ୍ଧିରୁ ଯେତିକି ଖୁସି ହେବେ ଭ୍ରାତୃବିବାଦ ଓ ବନ୍ଧୁସମ୍ପର୍କହାନିରୁ ସେତିକି ଦୁଃଖୀ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନା ସହ ସାଂସ୍କୃତିକ କିମ୍ବା ଧର୍ମାନୁଷ୍ଠାନ ଦିଗ ପାଇଁ ଯୋଜନା କରିପାରନ୍ତି।

**ବୃଷ** — ରବି ତୃତୀୟାଧିପତିଙ୍କ ନକ୍ଷତ୍ରସ୍ଥ ଯୋଗୁ ଆପଣଙ୍କୁ ବନ୍ଧୁବର୍ଗ ଓ ପ୍ରିୟଜନଙ୍କ ଘରୋଇ କାମରେ ନିୟୋଜିତ କରାଇବାର ସ୍ଥିତି ଆସିବ। ଅସ୍ଥିରମନ ନେଇ, ବିବାଦୀୟ ଘଟଣାରେ ମଧ୍ୟସ୍ଥତା କରି ସମାଲୋଚିତ ହେବେ। ସନ୍ତାନ ହେତୁକ କିମ୍ବା ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ରାଦିରେ ବିବାଦୀୟ ସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିପାରେ।

**ମିଥୁନ** — ଧନିଷ୍ଠା ନକ୍ଷତ୍ରସ୍ଥ ବୁଧ ବନ୍ଧୁଙ୍କ ସହ ମତାନ୍ତରଜନିତ ଅଶାନ୍ତିକର ପରିସ୍ଥିତି ସୃଷ୍ଟି କରିପାରେ। ସ୍ନାୟବିକ ଦୁର୍ବଳତା କିମ୍ବା ଅସାବଧାନତାରୁ ଆଘାତପ୍ରାପ୍ତ ହେବେ। ସ୍ଥଗିତ ଫାଇଲ୍ କାମ କିମ୍ବା ଦାୟିତ୍ୱରେ ଅବହେଳାଜନିତ କର୍ମ କ୍ଷେତ୍ରରେ କୈଫିୟତ୍ ଦେବାକୁ ପଡ଼ିବ। ବ୍ୟବସାୟ ଓ ପରିବହନରେ କୌଣସି ପରିବର୍ତ୍ତନ ପରିଲକ୍ଷିତ ହେବନାହିଁ।

**କର୍କଟ** — ଶୁକ୍ର କର୍ମାଧିପତିଙ୍କ ନକ୍ଷତ୍ରରେ ଥିବାରୁ ପାରିବାରିକ କ୍ଷେତ୍ରରେ ନିଷ୍ପତ୍ତି ନେବାରେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। କେତେକ କ୍ଷେତ୍ରରେ କ'ଣ କରିବେ କିମ୍ବା ନ କରିବେ ସ୍ଥିର କରିପାରିବେ ନାହିଁ। ଯାହାକୁ ନିଜର ଭାବିବେ ତାହା ଉପରେ ଭରସା ମଧ୍ୟ କରି ନ ପାରନ୍ତି। ପିଲାଙ୍କ ସ୍ୱାସ୍ଥ୍ୟ, ଅର୍ଥ ସମ୍ପର୍କ, ଆଲୋଚନାରେ ସଫଳତା ପାଇବା ଆଶା କରାଯାଇପାରେ।

**ସିଂହ** — ମଙ୍ଗଳ ଉଚ୍ଚଭାବରେ ରହିଥିବାରୁ ଘରର ବାକିଆ କାମ ବନ୍ଧୁଙ୍କ ପରାମର୍ଶରେ ହାସଲ କରିପାରିବେ। ସାମାଜିକ ସ୍ତରରେ ଲୋକପ୍ରିୟତା ବୃଦ୍ଧି ସାଙ୍ଗକୁ ପାରିବାରିକ ଓ କର୍ମକ୍ଷେତ୍ରରେ ବିଶେଷ କିଛି ଅସୁବିଧା ନ ଘଟିପାରେ। ଜମିଜମା କିମ୍ବା ଯାନ୍ତ୍ରିକ ଦ୍ରବ୍ୟ କ୍ରୟ, ଚୁକ୍ତିନାମା, ବିବାଦ ସମାଧାନ କ୍ଷେତ୍ରରେ ପାଦେ ଆଗକୁ ବଢ଼ିପାରନ୍ତି।

**କନ୍ୟା** — କେନ୍ଦ୍ରସ୍ଥ ଦେବଗୁରୁ କାର୍ଯ୍ୟହାସଲ ସକାଶେ ଅନୁକୂଳ ସାହାଯ୍ୟ, ସହଯୋଗ ଯୋଗାଇ ଦେବେ। କିଛି ଚିନ୍ତା ନ କରି ଯାହା କରିବା କଥା ଶୀଘ୍ର ଆରମ୍ଭ କଲେ ଭଲ। ସ୍ଥାନୀୟ ବ୍ୟକ୍ତିଙ୍କ ଦ୍ୱାରା ପାରିବାରିକ ସମସ୍ୟା ସମାଧାନ ହେବ। ଅର୍ଥସଙ୍କଟକୁ ସୁଧାରିବା କିମ୍ବା ଆବଶ୍ୟକତା ପୂରଣ ସକାଶେ କରଜ କରିବାକୁ ମନସ୍ଥ କରିପାରନ୍ତି।

**ତୁଳା** — ଶନିଶ୍ଚର ଉତ୍ତରଭାଦ୍ରପଦ ନକ୍ଷତ୍ରରେ ଅବସ୍ଥାନ କରି ବନ୍ଧୁଙ୍କ ସହାୟତାରେ ଲକ୍ଷ୍ୟପୂରଣ କରିବେ। ଗୃହ ନିର୍ମାଣ, ଯାନ ମରାମତି ପ୍ରଭୃତି ପାଇଁ ଦିନଟି ଅନୁକୂଳ। ଯାତ୍ରା କାଳରେ ମିତ୍ରତାର ବନ୍ଧନରେ ଆବଦ୍ଧ ହୋଇ ନୂତନ ଯୋଜନାରମ୍ଭ ସକାଶେ ମନ ବଳାଇବେ। ନୂଆ କମ୍ପାନୀରେ ଅଫର୍, ବିଦେଶ ଯାତ୍ରା ଅଥବା ତୀର୍ଥାଟନର ସୁଯୋଗ ଜୁଟିବ।

**ବିଛା** — ଆତ୍ମୀୟଙ୍କ ସମ୍ପର୍କହାନି କିମ୍ବା ପର ଉପରେ ଅଭିମାନ କରି ବର୍ତ୍ତମାନର ସୁଯୋଗର ସଦ୍ ବ୍ୟବହାରକୁ ହରେଇପାରନ୍ତି। ବାଣିଜ୍ୟ, ପରିବହନ, ବନ୍ଧୁସମ୍ପର୍କରେ ସମସ୍ୟାଜନିତ ବ୍ୟସ୍ତତା ବୃଦ୍ଧି ପାଇପାରେ। ମଙ୍ଗଳଙ୍କ ସୁପ୍ରଭାବରୁ ସ୍ୱାସ୍ଥ୍ୟ ସମସ୍ୟାର ନିୟନ୍ତ୍ରଣ, ସ୍ଥଗିତ କାର୍ଯ୍ୟାରମ୍ଭ ଓ ଅଧ୍ୟୟନ, ଅଧ୍ୟାପନା କ୍ଷେତ୍ରରେ ଉନ୍ନତି ଘଟିବ।

**ଧନୁ** — ଅଷ୍ଟମାଧିପତି କର୍ମଭାବସ୍ଥ ଯୋଗୁ ଆଜି ସବୁଥିରେ ସମସ୍ୟାର ସମ୍ମୁଖୀନ ହେବେ। ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ କାମ କଲେ ସଫଳତା ପାଇପାରନ୍ତି। ସଂକୁଚିତ ଅର୍ଥନୀତି, କାର୍ଯ୍ୟ ସାଧନରେ ଶିଥିଳତା ଓ ସହଯୋଗର ଅଭାବ ମନସ୍ତାପର କାରଣ ହେବ। ସାହିତ୍ୟ ଚର୍ଚ୍ଚା, ସାମ୍ବାଦିକତା, ଶିଳ୍ପ ବାଣିଜ୍ୟାଦିରୁ ପ୍ରତିବନ୍ଧକ ଦୂରେଇଯିବ।

**ମକର** — ଚନ୍ଦ୍ରଙ୍କ କୋଣସ୍ଥାନରେ ଚତୁଃଗ୍ରହ ଯୋଗ ଆପଣଙ୍କୁ ଅନେକ ଯୋଜନା, ଏକାଧିକ ଚିନ୍ତାରେ ନିମଗ୍ନ କରାଇପାରେ। ମାନସିକ ଅସ୍ଥିରତାରୁ ଯାହା କଲେ ମଧ୍ୟ ଅଗ୍ରଗତି ହୋଇ ପାରିବ ନାହିଁ। ସମ୍ପର୍କହାନି, ଅର୍ଥାଭାବ ଏବଂ ପିଲାଙ୍କ ସମସ୍ୟା ବ୍ୟଥିତ କରିବ। ପାରିବାରିକ କ୍ଷେତ୍ରରେ ବନ୍ଧୁଙ୍କ ହସ୍ତକ୍ଷେପ ଦ୍ୱାରା ସମସ୍ୟା ସମାଧାନ ହୋଇଯାଇପାରେ।

**କୁମ୍ଭ** — କାର୍ଯ୍ୟହାନି, ବନ୍ଧୁଙ୍କ ପ୍ରତାରଣା ଓ ଅର୍ଥପ୍ରାପ୍ତିର ଅବରୁଦ୍ଧତା ଦୁଶ୍ଚିନ୍ତାର କାରଣ ହୋଇପାରେ। ପାରିବାରିକକ୍ଷେତ୍ର ବୁଝାମଣା ଭିତ୍ତିରେ ଶୃଙ୍ଖଳିତ ରହିବା ସାଙ୍ଗକୁ କାର୍ଯ୍ୟସାଧନ ଦିଗରେ ବନ୍ଧୁଙ୍କ ସହ ବିଚାରବିମର୍ଶ କରିବେ। ଯାତ୍ରାରେ ବିଘ୍ନ ଆସିଲେ ମଧ୍ୟ ବିଶେଷ କିଛି ଅସୁବିଧା ହେବନାହିଁ। ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣରେ ରହିବ।

**ମୀନ** — ଏକାଦଶସ୍ଥ ଗ୍ରହମାନେ ଆପଣଙ୍କ କର୍ମ ପରିସରକୁ ବୃଦ୍ଧି କରିବା ସହ ଆର୍ଥିକ ଅଭିବୃଦ୍ଧିରେ ସହାୟକ ହେବେ। ପାରିବାରିକ ସ୍ଥିତି, ବନ୍ଧୁସମ୍ପର୍କ, ବ୍ୟବସାୟ, ଯାତ୍ରା ପାଇଁ ଦିନଟି ମଧ୍ୟମ ପ୍ରକାର ରହିବ। ସାହିତ୍ୟ, ରାଜନୀତି, ସଭାସମିତି, ପ୍ରକାଶନ ଓ ପ୍ରଶାସନିକ ସ୍ତରରେ ସମସ୍ୟାର ସରଳ ସମାଧାନ କରିବାରେ ସଫଳ ହେବେ।

ଆଜି ଫେବୃଆରୀ ୫ ତାରିଖ, ଫାଲ୍‌ଗୁନ କୃଷ୍ଣ ଚତୁର୍ଥୀ ଗୁରୁବାର, ରାଶିନକ୍ଷତ୍ର–ଉତ୍ତରାଫାଲଗୁନୀ/କନ୍ୟା, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ. ୦୬।୨୪ମି. ଗତେ ଘ.୦୭।୫୩ମି. ମଧ୍ୟେ, ଘ.୧୦।୫୩ମି. ଗତେ, ଘ.୦୧।୦୮ମି ମଧ୍ୟେ ଶୁଦ୍ଧ ଶୁଭ ବେଳା । ଅପରାହ୍ନ ଘ.୦୧।୨୪ମି. ଗତେ ଘ.୦୨।୪୮ମି. ମଧ୍ୟେ ରାହୁ କାଳ ।

# ମାର୍ଚ୍ଚ ଯାଏ ବଢ଼ିଲା ଇଭି ଗାଡ଼ି ଉପରେ ସୁଧ ଛାଡ଼

ଭୁବନେଶ୍ୱର,୪।୨(ରବିନାରାୟଣ ଜେନା)

ରାଜ୍ୟରେ ବୈଦ୍ୟୁତିକ ଯାନ(ଇଭି)ର ବହୁଳ ବ୍ୟବହାର ତଥା ପ୍ରଦୂଷଣକୁ ରୋକିବା ଲାଗି ଅର୍ଥ ବିଭାଗ ପକ୍ଷରୁ ବୁଧବାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ବିଭାଗୀୟ ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର ସବୁ ବିଭାଗ ସଚିବଙ୍କୁ ପତ୍ର ଲେଖି ଦର୍ଶାଇଛନ୍ତି ଯେ, ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୨୧ରେ ସ୍ୱତନ୍ତ୍ର ଭାବେ 'ଇଭି' ନୀତି ଅଣାଯାଇଥିଲା। ସରକାରୀ କର୍ମଚାରୀଙ୍କୁ ଇଭି ଗାଡ଼ି କିଣିବା ଉପରେ ସେବେଠାରୁ ସୁଧ ଛାଡ଼ ପ୍ରଦାନ କରାଯାଇଆସୁଛି। ପ୍ରଥମେ ଏନେଇ ୨୦୨୩ ମାର୍ଚ୍ଚ ୧୭ରୁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏହାପରେ ପର୍ଯ୍ୟାୟକ୍ରମେ ୨୦୨୫ ଡିସେମ୍ବର ପର୍ଯ୍ୟନ୍ତ ଏହାର ଅବଧି ରହିଥିଲା। ମାତ୍ର ସରକାରଙ୍କ ପକ୍ଷରୁ ଏହାର ପୁନର୍ବିଚାର କରାଯାଇ ଏହି ଅବଧିକୁ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ତେବେ ଫେବୃଆରୀ ୨୮ ମଧ୍ୟରେ ଏଥିପାଇଁ ସରକାରୀ କର୍ମଚାରୀମାନେ ଆବେଦନ କରିବାକୁ ନିର୍ଦ୍ଦେଶ ରହିଛି। ସେହିପରି ମାର୍ଚ୍ଚ ୧୦ ମଧ୍ୟରେ ଆବେଦନପତ୍ରଗୁଡ଼ିକୁ ଯାଞ୍ଚକରି ମଞ୍ଜୁର କରିବାକୁ ପ୍ରମୁଖ ଶାସନ ସଚିବ ସମସ୍ତ ବିଭାଗୀୟ ମୁଖ୍ୟଙ୍କୁ ଅବଗତ କରାଇଛନ୍ତି। ତେବେ କେଉଁ ବର୍ଗର ସରକାରୀ କର୍ମଚାରୀ ଏହି ଛାଡ଼ ସୁବିଧା ପାଇପାରିବେ, ତାହା ପୂର୍ବ ନିର୍ଦ୍ଦେଶନାମାକୁ ଅନୁସରଣ କରିବାକୁ ଅର୍ଥ ବିଭାଗ ପକ୍ଷରୁ କୁହାଯାଇଛି।

# ବିଦ୍ୟୁତ୍ ବିତରଣ କ୍ଷତିକୁ ଉପଭୋକ୍ତା କାହିଁକି ଭରିବେ: ଓଇଆର୍‌ସି ଅଧ୍ୟକ୍ଷ

ଭୁବନେଶ୍ୱର,୪।୨(ରବିନାରାୟଣ ଜେନା)

ରାଜ୍ୟରେ ବିଦ୍ୟୁତ୍ ବିତରଣ କମ୍ପାନୀ ଟାଟା ପାୱାର ନିୟମିତ ଭାବେ ଗ୍ରୀଡ୍‌କୋଠାରୁ କ୍ରୟ କରୁଥିବା ବିଦ୍ୟୁତ୍ ବିତରଣ କ୍ଷତିର ବିଲ୍ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ପ୍ରଦାନ କରିପାରୁନାହିଁ। କାହିଁକି ଏଭଳି ବ୍ୟତିକ୍ରମ ଦେଖାଦେଉଛି ବୋଲି ଓଡ଼ିଶା ବିଦ୍ୟୁତ୍‌ନିୟାମକ ଆୟୋଗ(ଓଇଆର୍‌ସି) ଅଧ୍ୟକ୍ଷ ପ୍ରଦୀପ ଜେନା ବୁଧବାର ଜନଶୁଣାଣିବେଳେ ପ୍ରଶ୍ନ କରିଛନ୍ତି। ସ୍ଥାନୀୟ ଗୀତଗୋବିନ୍ଦ ସଦନଠାରେ ଓଇଆର୍‌ସିଙ୍କ ପକ୍ଷରୁ ଚାଲିଥିବା ଜନଶୁଣାଣି ବେଳେ ଅଧ୍ୟକ୍ଷ ଜେନା ଟାଟା ପାୱାରକୁ ପ୍ରଶ୍ନ କରିଛନ୍ତି ଯେ, ଟାଟା କାହିଁକି ଗ୍ରୀଡ୍‌କୋଠାରୁ କ୍ରୟ କରୁଥିବା ବିଦ୍ୟୁତ୍ ବିତରଣ କ୍ଷତି ୧୫%ର ବିଲ୍ ସମୟସୀମା ମଧ୍ୟରେ କରିପାରୁନାହିଁ। ଏହାସହ ବିତରଣ କ୍ଷତିକୁ ଉପଭୋକ୍ତାମାନେ କାହିଁକି ଭରଣା କରିବେ?

ବୁଧବାର ଶୁଣାଣିରେ ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ କୁମାର ପଟ୍ଟନାୟକ, ଗ୍ରୀଡ୍‌କୋର ପୂର୍ବତନ କମ୍ପାନୀ ସେକ୍ରେଟାରି ଉମାକାନ୍ତ ପଣ୍ଡାଙ୍କ ସହ ରମେଶ ଶତପଥୀ, ଆନନ୍ଦ ମହାପାତ୍ର, ବାସୁଦେବ ଭଞ୍ଜ, ପ୍ରସନ୍ନ ବିଶୋଇ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପଟ୍ଟନାୟକ କହିଥିଲେ, ଟାଟା ମାଗିଥିବା ଅତିରିକ୍ତ ସୁରକ୍ଷାଜମା ଉପରେ ସ୍ଥଗିତାଦେଶ ପ୍ରଦାନ କରାଯାଉ। ସେବା ପ୍ରଦାନ ନିୟମାବଳୀ(ଏସ୍‌ଓପି) ଉପଭୋକ୍ତା–ଅନୁକୂଳ କରାଯାଉ ଓ ଜିଆର୍‌ଏଫ୍ ସଂଖ୍ୟା ବୃଦ୍ଧି କରାଯାଉ। ସେହିପରି ଅନ୍ୟ ଆପତ୍ତିକର୍ତ୍ତାମାନେ ବହୁ ମତାମତ ଦେଇଥିଲେ। ଯେପରିକି କର୍ଣ୍ଣାଟକ ମଡେଲ୍ ଅନୁସରଣ କରି ଷ୍ଟାଟିକ୍ ମିଟରକୁ ସ୍ମାର୍ଟ ମିଟରରେ ପରିବର୍ତ୍ତନ କରାଯାଉ ଏବଂ ଏଥିପାଇଁ ସ୍ୱଳ୍ପମୂଲ୍ୟରେ ମିଳୁଥିବା ସ୍ପେଶାଲ୍ ଡିଭାଇସ୍ ସ୍ଥାପନ କରାଯାଉ। ଏହାସହିତ ସାମାଜିକ ସେବାସଂସ୍ଥାଗୁଡ଼ିକୁ ବାଣିଜ୍ୟ ଉପଭୋକ୍ତା ନ କରି ଘରୋଇ ବର୍ଗରେ ରଖାଯାଉ ଏବଂ ଉପଭୋକ୍ତାଙ୍କ ବିଦ୍ୟୁତ୍ ବିଲ୍‌ରେ ମାସକୁ କେତେଥର ଓ କେତେଘଣ୍ଟା ବିଦ୍ୟୁତ୍ ବ୍ୟାହତ ହୋଇଛି ତାହା ଉଲ୍ଲେଖ କରାଯାଉ।

ଜନଶୁଣାଣି ଆରମ୍ଭରେ ଟାଟା ପାୱାର କେନ୍ଦ୍ରୀୟ ଓଡ଼ିଶା ବିତରଣ କମ୍ପାନୀ (ଟିପିସିଓଡିଏଲ୍)ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅରବିନ୍ଦ ସିଂହ ୨୦୨୬–୨୭ ବର୍ଷରେ କେନ୍ଦ୍ରୀୟ ଓଡ଼ିଶା ପାଇଁ ୧୩ ହଜାର ୨୪୮ ନିୟୁତ ୟୁନିଟ୍ ଗ୍ରୀଡ୍‌କୋଠାରୁ କ୍ରୟ କରିବାକୁ ଯୋଜନା ରଖିଛନ୍ତି। ସେଥିରୁ ୧୧,୨୪୧ ନିୟୁତ ୟୁନିଟ୍ ଉପଭୋକ୍ତାଙ୍କୁ ବିକ୍ରୟ ହେବ। ଅବଶିଷ୍ଟ ୧୫% ବିତରଣ କ୍ଷତି ଉପଭୋକ୍ତା ଭରଣା କରିବେ। ରାଜସ୍ୱ ନିଅଣ୍ଟ ୭୬ କୋଟି ଟଙ୍କା ଦର୍ଶାଇବା ସହିତ ପୁରୁଣା ବାକି ପରିଶୋଧ କରିବା ପାଇଁ ୧୧୪ କୋଟି ଆବଶ୍ୟକ ଦର୍ଶାଇ ରାଜସ୍ୱ ନିଅଣ୍ଟକୁ ୧୮୯ କୋଟି ଟଙ୍କାକୁ ବୃଦ୍ଧି କରାଯାଇଥିବା ଦର୍ଶାଇଥିଲା।




# ଆରମ୍ଭ ହେଲା କାରାଭାନ୍ ଟୁରିଜମ୍





'କାରାଭାନ୍ ଟୁରିଜମ୍' ପାଇଁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ଗାଡ଼ି।

ଭୁବନେଶ୍ୱର,୪।୨(ସୌମ୍ୟରଞ୍ଜନ ରାଉତ)

ପର୍ଯ୍ୟଟନ ବିଭାଗ ପକ୍ଷରୁ ଓଡ଼ିଶାରେ ଆରମ୍ଭ ହେଲା 'କାରାଭାନ୍ ଟୁରିଜମ୍'। ଏଣିକି ନିଜେ କିମ୍ବା ପରିବାର ଓ ବନ୍ଧୁପରିଜନଙ୍କ ସହ ସ୍ୱତନ୍ତ୍ର ତଥା ଅତ୍ୟାଧୁନିକ ବ୍ୟବସ୍ଥା ଥିବା ଯାନରେ ପର୍ଯ୍ୟଟନସ୍ଥଳ ବୁଲିବାର ସୁଯୋଗ ପାଇବେ। ବିଭିନ୍ନ ସ୍ଥାନର ଖାଦ୍ୟପେୟ, ଐତିହ୍ୟ, ସଂସ୍କୃତି ଓ ପର୍ଯ୍ୟଟନ ସ୍ଥଳୀର ନିଆରା ମଜା ନେଇପାରିବେ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବୁଧବାର ଭୁବନେଶ୍ୱରସ୍ଥିତ ଶାନ୍ତିସ୍ତୂପ ଧଉଳିଠାରେ ଏହି 'କାରାଭାନ୍ ଟୁରିଜମ୍'ର ଲୋକାର୍ପଣ କରିଛନ୍ତି। ଏହି ଅବସରରେ ସେ କହିଲେ, କାରାଭାନ୍ ଟୁରିଜମ୍ ୟୁରୋପୀୟ ଦେଶରେ ଖୁବ୍ ଲୋକପ୍ରିୟ। ଏ କ୍ଷେତ୍ରରେ ଆମର ଅନନ୍ୟ ପ୍ରୟାସ ଯୁବ ପର୍ଯ୍ୟଟକ ବିଶେଷକରି ଦୁଃସାହସିକ ଏବଂ ପ୍ରକୃତି ଆଧାରିତ ପର୍ଯ୍ୟଟନପ୍ରେମୀଙ୍କୁ ଆକର୍ଷିତ କରିବ। କାରାଭାନ ଯାତ୍ରା ବିଶେଷ ଭାବରେ ଶାନ୍ତ, କାନ୍ତ, କମନୀୟ ପ୍ରାକୃତିକ ସୌନ୍ଦର୍ଯ୍ୟଭରା ସ୍ଥାନଗୁଡ଼ିକରେ ନୂତନ ଅଭିଜ୍ଞତା ଆଣିଦେବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏକାମ୍ର ବିଧାୟକ ବାବୁ ସିଂ କହିଲେ, 'କାରାଭାନ୍ ଟୁରିଜମ୍' ଭଳି ନୂଆ ବ୍ୟବସ୍ଥା ରାଜ୍ୟ ପର୍ଯ୍ୟଟନ କ୍ଷେତ୍ରକୁ ଆହୁରି ପରିବ୍ୟାପ୍ତ କରିବା ସହ ପର୍ଯ୍ୟଟକଙ୍କୁ ସୁଖଦ ଓ ସୁରକ୍ଷିତ ଯାତ୍ରା ଲକ୍ଷ୍ୟ ହାସଲ ଦିଗରେ ସହାୟକ ହୋଇପାରିବ। ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ସ୍ୱାଗତ ଭାଷଣରେ କହିଲେ, ପର୍ଯ୍ୟଟକମାନେ ନିଜ ସ୍ୱଚ୍ଛନ୍ଦରେ ପାର୍ବତ୍ୟାଞ୍ଚଳଠାରୁ ଆରମ୍ଭ କରି ଦୁର୍ଗମ ଗ୍ରାମାଞ୍ଚଳକୁ ପରିଭ୍ରମଣ କରିପାରିବେ। ଏହା ପର୍ଯ୍ୟଟକମାନଙ୍କୁ ଭ୍ରମଣଭିତ୍ତିକ ଭିନ୍ନ ଆନନ୍ଦ ପ୍ରଦାନ କରିବ। ପର୍ଯ୍ୟଟନ ବିଭାଗ ପକ୍ଷରୁ ରାଜ୍ୟର ହୀରାକୁଦ, ଶିମିଳିପାଳ, ଦାରିଙ୍ଗବାଡ଼ି, ଦେଓମାଳି, ତାଳସାରି, ପେଣ୍ଠ, ମଙ୍ଗଳାଯୋଡି, ଜିରାଙ୍ଗ ଓ ଅନ୍ୟାନ୍ୟ ମନୋରମ ସ୍ଥାନକୁ ଏହି କାରାଭାନ ଟୁରିଜମ୍‌ରେ ଅନ୍ତର୍ଭୁକ୍ତ କରାଯାଇଛି। ବିଭାଗ ଦ୍ୱାରା ଭାଏବିଲିଟି ଗ୍ୟାପ୍ ଫଣ୍ଡିଂ (ଭିଜିଏଫ୍) ଅଧୀନରେ ସ୍ୟାଣ୍ଡ୍ ପେବଲ୍ସ ଟୁର୍‌ସ ଆଣ୍ଡ୍ ଟ୍ରାଭେଲ୍ସ ସଂସ୍ଥା ସହଯୋଗରେ ଏହି ଅଭିଯାନ ଆରମ୍ଭ ହୋଇଛି।

କାରାଭାନରେ ହୋଟେଲ ଭଳି ସବୁ ସୁବିଧା ମିଳିବ। ଏଥିରେ ବେଡ୍‌ରୁମ୍‌ଠାରୁ ଆରମ୍ଭ କରି କିଚେନ୍, ଶୌଚାଳୟ ଏବଂ ଅନ୍ୟାନ୍ୟ ଅତ୍ୟାଧୁନିକ ବ୍ୟବସ୍ଥା ରହିଛି। ଏହା ପର୍ଯ୍ୟଟକମାନଙ୍କୁ ଭ୍ରମଣ ସମୟରେ ପଞ୍ଚତାରକା ହୋଟେଲର ଅନୁଭୂତି ଦେବ। ପ୍ରଥମେ ଏହି କାରାଭାନ୍‌ରେ ଅନ୍ନଦା ପ୍ରସାଦ ପାଢ଼ୀ ଓ ଅର୍ଚ୍ଚନା ପାଢ଼ୀ ଧଉଳିରୁ ବାଲେଶ୍ୱର ଜିଲାର ତାଳସାରି ପର୍ଯ୍ୟଟନସ୍ଥଳକୁ ଭ୍ରମଣ କରିଥିଲେ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସେମାନଙ୍କୁ ଟିକେଟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଭୁବନେଶ୍ୱର ବ୍ଲକ ଅଧ୍ୟକ୍ଷା ନିରୁପମା ସାହୁ, ଧଉଳି ସରପଞ୍ଚ ଚନ୍ଦନ ମଲ୍ଲିକଙ୍କ ସମେତ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ବିଭାଗୀୟ ଅତିରିକ୍ତ ଶାସନ ସଚିବ ରୁଦ୍ର ନାରାୟଣ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।




ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପର୍ଯ୍ୟଟକ ଦମ୍ପତି ଅନ୍ନଦା ପ୍ରସାଦ ପାଢ଼ୀ ଓ ଅର୍ଚ୍ଚନା ପାଢ଼ୀଙ୍କୁ ପ୍ରଥମ ଯାତ୍ରାର ଟିକେଟ ପ୍ରଦାନ କରୁଛନ୍ତି।

## ଲୋକାର୍ପଣ କଲେ ଉପମୁଖ୍ୟମନ୍ତ୍ରୀ

### ଖାଦ୍ୟପେୟ, ସଂସ୍କୃତି ଜାଣିବା ସହ ପର୍ଯ୍ୟଟନ ସ୍ଥଳୀ ଭ୍ରମଣର ସୁଯୋଗ

# କୂଅରୁ ମିଳିଲା ଛାତ୍ରଙ୍କ ମୃତଦେହ, ହତ୍ୟା ଅଭିଯୋଗ

## ଅବହେଳା ପାଇଁ ଦୁଇ ଶିକ୍ଷୟିତ୍ରୀ ନିଲମ୍ବିତ

ଗଣିଆ, ୪।୨ (ସନ୍ତୋଷ କୁମାର ପ୍ରଧାନ)

ନୟାଗଡ଼ ଜିଲା ଗଣିଆ ଥାନା ଅନ୍ତର୍ଗତ ବେଲପଡ଼ା ପାଟଣା ସରକାରୀ ବିଦ୍ୟାଳୟରେ ପଞ୍ଚମ ଶ୍ରେଣୀରେ ପଢୁଥିବା ଜଣେ ଛାତ୍ରଙ୍କ ମୃତଦେହ ବୁଧବାର ପୋଲିସ ଏକ କୂଅରୁ ଜବତ କରିଛି। ମୃତ ଛାତ୍ର ହେଲେ ହେଲେ ବିଜୟ ମଲିକଙ୍କ ପୁଅ ଭୋଳାନାଥ ମଲିକ(୧୦)। ମଙ୍ଗଳବାର ମଧ୍ୟାହ୍ନ ଭୋଜନ ପରେ ଭୋଳାନାଥ ଶୌଚ ପାଇଁ ଯାଇ ନିଖୋଜ ହୋଇଯାଇଥିଲେ। ବୁଧବାର ଛାତ୍ରଙ୍କ ମୃତଦେହ କୂଅରୁ ମିଳିବା ପରେ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଛନ୍ତି। ଏପରିକି ଉତ୍ତ୍ୟକ୍ତ ଗ୍ରାମବାସୀ ସ୍କୁଲ୍‌ରେ ତାଲା ପକାଇ ରାସ୍ତାରେ ଟାୟାର ଜାଳି ଆନ୍ଦୋଳନ କରିଥିଲେ। ଏହି ଘଟଣାରେ ସ୍କୁଲର ୨ ଶିକ୍ଷୟିତ୍ରୀଙ୍କୁ ନିଲମ୍ବନ କରାଯାଇଛି। ଏନେଇ ଗଣିଆ ଥାନାରେ ଏକ ମାମଲା(ନଂ. ୧୫/୨୬) ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଛି।

ସୂଚନାନୁଯାୟୀ, ବେଲପଡ଼ାପାଟଣା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଭୋଳାନାଥ ୫ମ ଶ୍ରେଣୀରେ ପଢ଼ନ୍ତି। ମଙ୍ଗଳବାର ସେ ସ୍କୁଲକୁ ଯାଇଥିଲେ। ମଧ୍ୟାହ୍ନଭୋଜନ ପରେ ଶିକ୍ଷୟିତ୍ରୀ ମନୀଷା ସେନାପତିଙ୍କୁ କହି ବାହାରକୁ ଶୌଚ ପାଇଁ ଯାଇ ଆଉ ଫେରି ନ ଥିଲେ। ଅପରାହ୍ନ ୪ଟାରେ ସ୍କୁଲ ଛୁଟି ହେବାପରେ ଭୋଳାନାଥ ଘରକୁ ନ ଫେରିବାରୁ ପରିବାର ଲୋକେ



ଭୋଳାନାଥ ମଲିକ

ଖୋଜାଖୋଜି କରି ପାଇ ନ ଥିଲେ। ପରେ ନିଖୋଜ ହୋଇଥିବା ନେଇ ଥାନାରେ ଅଭିଯୋଗ କରିଥିଲେ। ଗଣିଆ ପୋଲିସ ଓ ଅଗ୍ନିଶମ କର୍ମଚାରୀ ବିଭିନ୍ନ ସ୍ଥାନ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ସନ୍ଧାନ ପାଇ ନ ଥିଲେ। ବୁଧବାର ସକାଳେ ଗ୍ରାମ ନିକଟ ଏକ କୂଅରେ ଚପଲ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ଓ ପରିବାର ପୋଲିସକୁ ଖବର ଦେଇଥିଲେ। ପୋଲିସ ଓ ଅଗ୍ନିଶମ କର୍ମଚାରୀ କୂଅରୁ ଭୋଳାନାଥଙ୍କ ମୃତଦେହ ଜବତ କରିଥିଲେ। ତାଙ୍କ କାନପାଖରେ ଆଘାତ ଲାଗି ରକ୍ତ ବାହାରୁଥିବା ଦେଖି ହତ୍ୟା ସନ୍ଦେହକରି ଲୋକେ ଗଣିଆ ବଜାର ମୁଖ୍ୟରାସ୍ତାରେ ମୃତଦେହ ରଖି ଟାୟାର ଜାଳି ଅବରୋଧ କରିଥିଲେ। ଖବର ଜଣାପଡ଼ିବା ପରେ ଗଣିଆ ଥାନା ଅଧିକାରୀ ଟଙ୍କଧର ଛତ୍ରିଆ, ତହସିଲଦାର ଐଶ୍ୱର୍ଯ୍ୟା ପୃଷେଠ୍, ଖଣ୍ଡପଡ଼ା ଏସ୍‌ଡିପିଓ ମଦନ ମୋହନ ପ୍ରଧାନ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇବାପରେ ରାସ୍ତା ଅବରୋଧ ହଟିଥିଲା। ଘଟଣାସ୍ଥଳରେ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରିଥିଲେ। ଅଗ୍ନିଶମ କର୍ମଚାରୀମାନେ କୂଅରୁ ପାଣି ଶୁଖାଇ ଛାତ୍ରଙ୍କ ପ୍ୟାଣ୍ଟ ପାଇଥିଲେ। ଖବରପାଇ ନୟାଗଡ଼ ଜିଲା ଶିକ୍ଷା ଅଧିକାରୀ ଓ ଗଣିଆ ବ୍ଲକ ଶିକ୍ଷା ଅଧିକାରୀ ସ୍କୁଲ୍‌ରେ ପହଞ୍ଚି ତଦନ୍ତ କରିବା ସହ ୨ ଜଣ ଶିକ୍ଷୟିତ୍ରୀ ମନୀଷା ସେନାପତି ଓ ଶୈଳାଳା ଦେଈଙ୍କୁ ନିଲମ୍ବନ କରିଛନ୍ତି। ସ୍କୁଲ୍‌ରେ ଶୌଚାଳୟ ଥାଇ ସମ୍ପୃକ୍ତ ଶିକ୍ଷୟିତ୍ରୀ କିଭଳି ଛାତ୍ର ଜଣକୁ ବାହାରକୁ ଶୌଚ ହେବା ପାଇଁ ପଠାଇଲେ। ଏଥିରୁ ଶିକ୍ଷୟିତ୍ରୀଙ୍କ ଦାୟିତ୍ୱହୀନତା ଯୋଗୁ ଏକ ଛାତ୍ରର ଜୀବନ ଗଲା ବୋଲି ଅଭିଯୋଗ ଆଣି ଉତ୍ତ୍ୟକ୍ତ ଗ୍ରାମବାସୀ ସ୍କୁଲ୍ ଫାଟକରେ ତାଲା ପକାଇ ଦେଇଥିଲେ। ଏ ସମ୍ପର୍କରେ ଖଣ୍ଡପଡ଼ା ଏସ୍‌ଡିପିଓ ପ୍ରଧାନଙ୍କୁ ପଚାରିବାରୁ ପୋଲିସ ବିଭିନ୍ନ ଦିଗରୁ ତଦନ୍ତ କରୁଛି। ପରେ ଘଟଣାର ପ୍ରକୃତ ରହସ୍ୟ ଜଣାପଡ଼ିବ ବୋଲି ସେ କହିଛନ୍ତି।




# ମାଲକାନଗିରି ମାଓବାଦୀମୁକ୍ତ: ଏସ୍‌ପି

## ମାଓବାଦୀ ନେତା ସୁଖରାମଙ୍କ ଆତ୍ମସମର୍ପଣ

ମାଲକାନଗିରି,୪।୨ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ମାଓବାଦୀ ନେତା ସୁଖରାମ ମରକମ୍ ଓରଫ ସୁରେଶ ଓରଫ ଯୋଗେଶ୍ ମାଲକାନଗିରି ପୋଲିସ ନିକଟରେ ଅସ୍ତ୍ରଶସ୍ତ୍ର ସହ ବୁଧବାର ଆତ୍ମସମର୍ପଣ କରିଛନ୍ତି। ଏହା ପରେ ମାଲକାନଗିରି ଜିଲା ଏସ୍‌ପି ବିନୋଦ ପାଟିଲ ଖବରଦାତା ସମ୍ମିଳନୀକରି ଆଜିଠାରୁ ମାଲକାନଗିରି ଜିଲା ମାଓବାଦୀମୁକ୍ତ ହେଲା ବୋଲି ଘୋଷଣା କରିଛନ୍ତି। ଅନ୍ୟ ଜିଲା କିମ୍ବା ରାଜ୍ୟରେ ଥିବା ମାଓବାଦୀମାନେ ଏଭଳି କାର୍ଯ୍ୟକଳାପରୁ ନିବୃତ୍ତ ରହି ମୁଖ୍ୟସ୍ରୋତରେ ସାମିଲହେବାକୁ ସେ ଆହ୍ୱାନ ଦେଇଛନ୍ତି। ଆତ୍ମସମର୍ପଣ କରୁଥିବା ମାଓବାଦୀଙ୍କୁ ସରକାରଙ୍କ ପକ୍ଷରୁ ସମସ୍ତ ସୁବିଧା ଯୋଗାଇ ଦିଆଯିବ ବୋଲି ସେ ସୂଚନା ଦେଇଛନ୍ତି।

ସୂଚନାନୁଯାୟୀ, ୨୦୧୦ରେ ସୁଖରାମ ବାଲ୍ ସଙ୍ଗଠନ, ୨୦୧୪ରେ ପାର୍ଟି ମେମ୍ବର ଭାବେ ଓ ମାଲକାନଗିରି ଜିଲାର ବିଭିନ୍ନ ମାଓବାଦୀ ସଙ୍ଗଠନରେ ଯୋଗଦେଇଥିଲେ।



ଆତ୍ମସମର୍ପଣ କରିଥିବା ମାଓବାଦୀ ସୁଖରାମ ମରକମ୍।

ସୁଖରାମ ଛତିଶଗଡ଼ର ବିଭିନ୍ନ ହିଂସାକାଣ୍ଡରେ ସମ୍ପୃକ୍ତରହିବା ସହ ଗ୍ରାମବାସୀ, ପୋଲିସ ଉପରେ ଆକ୍ରମଣ କରିବା ଏବଂ ବିଭିନ୍ନ ଲ୍ୟାଣ୍ଡମାଇନ ବିସ୍ଫୋରଣ ଆଦି ଘଟଣାରେ ଜଡ଼ିତ ରହିଥିଲେ। ସରକାରଙ୍କ ପକ୍ଷରୁ ସୁଖରାମଙ୍କ ଉପରେ ୨୧ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିବା ଜଣାପଡ଼ିଛି। ତାଙ୍କ ନାଁରେ ଜିଲାର ମାଥିଲି ଥାନା ସହ ଛତିଶଗଡ଼ର ବିଭିନ୍ନ ଥାନାରେ ମାମଲା ରହିଛି। ବର୍ତ୍ତମାନ ମାଓବାଦୀ ସଙ୍ଗଠନ ସମ୍ପୂର୍ଣ୍ଣ ଭାବେ ଭୁଶୁଡ଼ିଯାଉଥିବାରୁ ଏବଂ ଛତିଶଗଡ଼ ସରକାରଙ୍କ ଦ୍ୱାରା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ସେ ଆତ୍ମସମର୍ପଣ କରିଥିବା କହିଛନ୍ତି। ବର୍ତ୍ତମାନ ସେ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇ ସାଧାରଣ ଜୀବନଯାପନ କରିବାକୁ ନିଷ୍ପତ୍ତି ନେଇଥିବା ସୂଚନା ଦେଇଛନ୍ତି। ସେ ଆତ୍ମସମର୍ପଣ କରିଥିବାରୁ ତାଙ୍କୁ ୨୫ ହଜାର ଟଙ୍କାର ଅନୁକମ୍ପାମୂଳକ ରାଶି, ୨୫ ହଜାର ଟଙ୍କା ଏକକାଳୀନ ବିବାହ ରାଶି, ୧୦ ହଜାର ଟଙ୍କାର ଷ୍ଟାଇପେଣ୍ଡ ସହ ଅନ୍ୟ ସମସ୍ତ ସୁବିଧା ସୁଯୋଗ ପ୍ରଦାନ କରାଯିବ ବୋଲି ଏସ୍‌ପି ପାଟିଲ କହିଛନ୍ତି।

ମଣିଷକୁ ପରିବେଶ ପରିସ୍ଥିତି ଉପରେ କର୍ତ୍ତୃତ୍ୱ ଆଣିବାକୁ ହେବ । କିନ୍ତୁ ତା'ସହିତ ବିଶ୍ୱ-ଐକ୍ୟ ଓ ବିଶ୍ୱ-ସଙ୍ଗତି ଆଣିବା ଦିଗରେ ତତ୍ପର ହେବାକୁ ପଡିବ । ମଣିଷ ତା'ର ନିଜର ସ୍ୱତନ୍ତ୍ର ବ୍ୟକ୍ତିତ୍ୱକୁ ନିଶ୍ଚୟ ଉପଲବ୍ଧି କରିବ । କିନ୍ତୁ ଅହଂ ସତ୍ତାକୁ ବିଶ୍ୱାତ୍ମା ସହିତ ଏକ ହେବା ଲାଗି ବଢାଇ ବଢାଇ ଚାଲିବାକୁ ହେବ । ତା'ର ଅସ୍ତିତ୍ୱରୁ ସେ ପାଇବ ଏକ ବିଶ୍ୱଜନୀନ ଓ ଆଧ୍ୟାତ୍ମିକ ଆନନ୍ଦ ।-ଶ୍ରୀଅରବିନ୍ଦ

# ଭାରତରେ ଇସ୍‌ଲାମ ପ୍ରବେଶ



ଦେବଦତ୍ତ ପଟ୍ଟନାୟକ

ଆରବରେ ଇସ୍‌ଲାମ ଧର୍ମ ସପ୍ତମ ଶତାବ୍ଦୀରେ ସୃଷ୍ଟି ହୋଇ ପୃଥିବୀର ବିଭିନ୍ନ ଅଞ୍ଚଳକୁ ବ୍ୟାପିଥିଲା । ପଶ୍ଚିମରେ ଭୂମଧ୍ୟସାଗରୀୟ ଅଞ୍ଚଳ ଏବଂ ପୂର୍ବକୁ ପର୍ସିଆ ବା ପାରସ୍ୟ (ଏବକାର ଇରାନ)କୁ ବିସ୍ତାର ହୋଇଥିଲା । ଅଷ୍ଟମ ଶତାବ୍ଦୀ ସୁଦ୍ଧା ଏହା ସ୍ପେନ୍‌ରୁ ଆରମ୍ଭ କରି ସିନ୍ଧ୍ ଅଞ୍ଚଳକୁ ମଧ୍ୟ ବ୍ୟାପିଥିଲା । ପ୍ରଶ୍ନ ହେଉଛି ଏହା ଭାରତରେ କେମିତି ପହଞ୍ଚିଥିଲା । ରାଜନୈତିକ ଦୃଷ୍ଟିକୋଣରୁ ହିଂସା ଓ ଲୁଣ୍ଠନକୁ ଆଧାର କରି ଇସ୍‌ଲାମ ଭାରତକୁ ଆସିଥିଲା ବୋଲି କୁହାଯାଏ । କିନ୍ତୁ ବୁଦ୍ଧିଜୀବୀମାନେ କହନ୍ତି, କେବଳ ଏହି ମାଧ୍ୟମରେ ନୁହେଁ ବରଂ ବାଣିଜ୍ୟ, ଯୁଦ୍ଧ, ପ୍ରଚାର, କୃଷି ଓ ପ୍ରବାସନ ମାଧ୍ୟମରେ ଭାରତରେ ଇସ୍‌ଲାମ ଧର୍ମ ପ୍ରବେଶ କରିଥିଲା ।

ଭାରତରେ ସପ୍ତମ ଶତାବ୍ଦୀରେ ନିର୍ମିତ ଅନେକ ମସ୍‌ଜିଦ ଦେଖାଯାଏ । ସେଗୁଡ଼ିକ ମଧ୍ୟରେ ରହିଛି ଚେରାମାନ ଜୁମା ମସ୍‌ଜିଦ (କେରଳ), ତାମିଲନାଡୁର ପାଲାୟା ଜୁମା ପାଲି, ଗୁଜରାଟର ଘୋଘା ସ୍ଥିତ ବରୱାଡ ମସ୍‌ଜିଦ । ସ୍ଥାନୀୟ ହିନ୍ଦୁ ରାଜା ଏଗୁଡ଼ିକୁ ନିର୍ମାଣ କରିଥିଲେ ଏବଂ ଆରବର ନାବିକ ଓ ବଣିକମାନେ ଏଥିରେ ସହାୟତା ଯୋଗାଇ ଦେଇଥିଲେ । ବାସ୍ତବରେ ଏହି ନାବିକ ଓ ବଣିକମାନେ ପ୍ରଥମେ ଭାରତୀୟ ଉପକୂଳ ଅଞ୍ଚଳକୁ ଇସ୍‌ଲାମ ସଂସ୍କୃତି ଆଣିଥିଲେ । ତ୍ରୟୋଦଶ ଶତାବ୍ଦୀର ଏକ ପର୍ସିଆନ (ଇରାନୀୟ) ଗ୍ରନ୍ଥରେ ବର୍ଣ୍ଣନା କରାଯାଇଛି ଯେ, ସପ୍ତମ ଶତାବ୍ଦୀରେ ସିନ୍ଧ୍‌କୁ ଆରବୀୟ ଲୁଣ୍ଠନ କରିଥିଲେ । ସପ୍ତମ ଓ ଅଷ୍ଟମ ଶତାବ୍ଦୀରେ ଆରବୀୟମାନେ ସିନ୍ଧ୍ (ପାକିସ୍ତାନର ଦକ୍ଷିଣପୂର୍ବ ଅଞ୍ଚଳ)କୁ ଆକ୍ରମଣ କରିଥିଲେ ଏବଂ ମୁମ୍ବାଇ ନିକଟସ୍ଥ ଥାଣେ ଅଞ୍ଚଳକୁ ଦଖଲ କରିବା ଏହାର ଉଦ୍ଦେଶ୍ୟ ଥିଲା । କିନ୍ତୁ ସେତେବେଳେ ସେଠାକାର ପ୍ରତିହାର ରାଜାମାନେ ଆରବୀୟଙ୍କୁ ତଡ଼ି ଦେଇଥିଲେ । ଏହା ସ୍ପଷ୍ଟ ଯେ, ଆରମ୍ଭରୁ ଇସ୍‌ଲାମ ଧର୍ମ ବାଣିଜ୍ୟ ପଥ ଦେଇ ପ୍ରସାର ଲାଭ କରିଥିଲା । ଏହାସହ ସପ୍ତମ ଶତାବ୍ଦୀରେ ଉପମହାଦେଶରେ ସେନା ଅଭିଯାନ ମାଧ୍ୟମରେ ସେମାନେ ପହଞ୍ଚି ସିନ୍ଧ୍ ଅଞ୍ଚଳକୁ ଯାଇଥିଲେ । ପ୍ରାୟ ଦଶମ ଶତାବ୍ଦୀରେ କେନ୍ଦ୍ର ଏସିଆରୁ ମହମ୍ମଦ ଗଜ୍‌ନୀଙ୍କ ଭଳି ଆକ୍ରମଣକାରୀମାନେ ହିନ୍ଦୁକୁଶ ପର୍ବତ ଅତିକ୍ରମ କରି ଆସି ଉତ୍ତର ଭାରତର ମନ୍ଦିରଗୁଡ଼ିକୁ ଲୁଣ୍ଠନ କରିଥିଲେ । ଦ୍ୱାଦଶ ଶତାବ୍ଦୀ ପରଠାରୁ ସେମାନେ ଭାରତରେ ରହିବା ଆରମ୍ଭ କଲେ ଏବଂ ବିଶାଳ କୃଷି ସମ୍ପଦର ମାଲିକାନାକୁ ହାତକୁ ନେଇଗଲେ । ଏହି ଲୁଣ୍ଠନକାରୀମାନେ ଆରବର ନ ଥିଲେ ବରଂ ସେମାନେ କେନ୍ଦ୍ର ଏସିଆର ତୁର୍କ (ତୁର୍କୀର ବାସିନ୍ଦା) ଥିଲେ । ପଞ୍ଚଦଶ ଶତାବ୍ଦୀରୁ ତୁର୍କ ଓ ଆଫଗାନଙ୍କ ପ୍ରଭାବ ମୋଗଲଙ୍କ ଦ୍ୱାରା ହ୍ରାସ ପାଇଚାଲିଲା ।

ଭାରତରେ ସୁଲତାନମାନେ ଏକ ନୂଆ ପର୍ସିଆନ ଦରବାର ସଂସ୍କୃତି ମୂଳଦୁଆ ପକାଇ ପୁରୁଣା ସଂସ୍କୃତ ଭାଷା ତଥା ସଂସ୍କୃତି ପରମ୍ପରାକୁ ବଦଳେଇଦେଲେ । ସେମାନେ ସାଙ୍ଗରେ ଆଣିଥିବା ଲଢୁଆ ଘୋଡ଼ାଗୁଡ଼ିକ ନେଇ ସୈନ୍ୟବାହିନୀକୁ



ଅଧିକ ଶକ୍ତିଶାଳୀ କରିଥିଲେ । ସେଥିପାଇଁ ରାଜସ୍ଥାନର ବିଭିନ୍ନ ଅଞ୍ଚଳରେ ଘୋଡ଼ା ଉପରେ ବସିଥିବା ଦେବତା (ପୀର କିମ୍ବା ବୀର କୁହାଯାଏ)ଙ୍କୁ ଉଭୟ ହିନ୍ଦୁ ଓ ମୁସଲମାନମାନେ ପୂଜା କରିଥାନ୍ତି । ଦକ୍ଷିଣ ଭାରତର ମନ୍ଦିରଗୁଡ଼ିକରେ ଭାବର ଓ ରଭୁତାନ ଭଳି ମୁସଲମାନ ଅଶ୍ୱାରୋହୀ ଯୋଦ୍ଧାମାନେ ହିନ୍ଦୁ ଦେବଦେବୀଙ୍କୁ ଜଗିଥିବା ଚିତ୍ର ଦେଖିବାକୁ ମିଳିଥାଏ । ଉତ୍ତର କିମ୍ବା ଦକ୍ଷିଣ ଭାରତରେ ଏହିସବୁ ଛବି ବା ପ୍ରତୀକ ସଦ୍‌ଭାବନାର ବାର୍ତ୍ତା ଦେଇଥାଏ । ଦକ୍ଷିଣ ଭାରତର ଶ୍ରୀରଙ୍ଗମ୍ ବିଷ୍ଣୁ ମନ୍ଦିର ମୁସଲମାନ ରାଜକୁମାରୀ ତଥା ଭକ୍ତ ବିବି ନାଛିୟାରଙ୍କ କାହାଣୀକୁ ସୂଚିତ କରେ, ଯିଏ ଦେବତାଙ୍କ ଧର୍ମପତ୍ନୀ ମାନ୍ୟତା ପାଇପାରିଥିଲେ । ଏହି କାହାଣୀ ଉଭୟ ସଂସ୍କୃତିର ନିବିଡ଼ ସମ୍ପର୍କକୁ ଦର୍ଶାଏ । ଦ୍ୱାଦଶ ଶତାବ୍ଦୀ ପରଠାରୁ ସୁଫିମାନଙ୍କର ଭାରତ ପ୍ରବେଶ ଆରମ୍ଭ ହୋଇଥିଲା । ସେମାନେ କେନ୍ଦ୍ର ଏସିଆର ଇସ୍‌ଲାମୀୟ ସୁଫିବାଦୀ ଥିଲେ । ପୁରୁଣା ଆରବ ସାମ୍ରାଜ୍ୟ ଉପରେ ମଙ୍ଗୋଲୀୟମାନେ ଆକ୍ରମଣ କରି ତାହା ପତନ ଘଟାଇବା ପରେ ସୁଫିମାନେ ଲୋକପ୍ରିୟତା ଲାଭ କରିଥିଲେ । ଅଧ୍ୟାତ୍ମବାଦୀ ସୁଫିମାନେ ବାଣିଜ୍ୟ ପଥ ଦେଇ ଭାରତର ସବୁ ଅଞ୍ଚଳରେ ପହଞ୍ଚିପାରିଥିଲେ । ସେମାନଙ୍କ ମଧ୍ୟରୁ କେତେକେ ସୈନ୍ୟ କିମ୍ବା ଘାଜି ଥିଲେ । ବାକିସବୁ ଥିଲେ ଧର୍ମ ପ୍ରଚାରକ ; ଯେଉଁମାନେ ଭାବନାତ୍ମକ ଶାନ୍ତି, ନ୍ୟାୟିକ ସେବା, ଔଷଧ ଓ କୃଷିଗତ ଜ୍ଞାନ ବିତରଣ କରୁଥିଲେ । ଏହିସବୁ ଜ୍ଞାନର ଅଧିକାରୀ ହୋଇଥିବାରୁ ଲୋକେ ସେମାନଙ୍କୁ ଭଲ ପାଉଥିଲେ । ସେମାନେ ବିଭିନ୍ନ ସ୍ଥାନରେ ରହୁଥିଲେ ଏବଂ ସେମାନଙ୍କ ମୃତ୍ୟୁ ଘଟିଲା ପରେ ସେମାନଙ୍କ ଦରଘା କିମ୍ବା ସମାଧି ବା କବରସ୍ଥଳୀ ଏକ ଆଧ୍ୟାତ୍ମିକ କେନ୍ଦ୍ର ପାଲଟିଯାଇଥିଲା । ଲୋକେ ଆଶୀର୍ବାଦ ନେବା ପାଇଁ ସେଠାକୁ ଆସୁଥିଲେ ।

କୃଷିଭିତ୍ତିକ ନୂତନତ୍ୱ ଜ୍ଞାନ ମାଧ୍ୟମରେ ପ୍ରସାର ଲାଭ କରିଥିବା ଇସ୍‌ଲାମ ଧର୍ମକୁ ଅନେକ ସମୟରେ ଅଣଦେଖା କରାଯାଇଛି । ଦଶମ ଶତାବ୍ଦୀରୁ ଭାରତକୁ ଆସିଥିବା ସୁଫିମାନେ କୃଷିର ନୂଆ ଜ୍ଞାନକୌଶଳ ଆରମ୍ଭ କରିଥିଲେ । ସେମାନେ ସ୍ପେନ୍ ଓ ପର୍ସିଆରେ ଜଳ ଚକ, ଭୂତଳ କେନାଲ ନିର୍ମାଣ କରିଥିଲେ । ଫଳରେ ଜଳାଭାବ ହେଉଥିବା ଅଞ୍ଚଳରେ କୃଷି ସମ୍ଭବ ହୋଇପାରିଥିଲା । ସେମାନେ ପ୍ରୟୋଗ କରୁଥିବା କୃଷିଭିତ୍ତିକ ଜ୍ଞାନକୌଶଳ ସିନ୍ଧ୍ ଓ ପଞ୍ଜାବକୁ ଆସିବା ପରେ ସେଠାରେ କୃଷିରେ ଉନ୍ନତି ହୋଇଥିଲା । ଫଳରେ ଏହି ଦୁଇ ଅଞ୍ଚଳରେ ଚାଷଜମି ନ ଥିବା ଜାଠମାନେ ଜମି ମାଲିକ ହୋଇଗଲେ ଏବଂ ଆର୍ଥିକ ଲାଭ ପାଇଲେ । ଦେଖିବାକୁ ଗଲେ ଏହିସବୁ ଅଞ୍ଚଳରେ ମୁସଲମାନ ସଂଖ୍ୟା ସବୁଠୁ ଅଧିକ ଥିଲା ଏବଂ ସମୟକ୍ରମେ ସେମାନେ ପାକିସ୍ତାନ ଚାଲିଯାଇଥିଲେ । ତେବେ ପୂର୍ବ-ଭାରତରେ ମୋଗଲ ଶାସନ ସମୟରେ ଗଙ୍ଗା ନଦୀ ଅବବାହିକାରେ କୃଷିର ଉନ୍ନତି ପାଇଁ ପଦକ୍ଷେପ ନିଆଯାଇଥିଲା । ମୁଖ୍ୟତଃ ରାଜସ୍ୱ ଭିତ୍ତିଭୂମି ବୃଦ୍ଧି ପାଇଁ ସେମାନେ ଏହା କରିଥିଲେ । ପରେ ସୀମାନ୍ତ ଅଞ୍ଚଳର ଲୋକମାନେ ସୁଫି ବିଦ୍ୱାନ୍‌ଙ୍କ ସହଯୋଗରେ ନୂଆ ବସତି ସ୍ଥାପନ କରିଥିଲେ ଯାହା ପରେ ବାଂଲାଦେଶ ହୋଇଛି । ଏଠାରେ ପଞ୍ଚପୀରଙ୍କ ପୂଜା ପରମ୍ପରା ରହିଛି , ଯାହାଙ୍କୁ ପଞ୍ଚପାଣ୍ଡବ ବୋଲି ସୂଚିତ କରାଯଏ । କୃଷି ସହ ଜଡ଼ିତ ସ୍ଥାନୀୟ ଦେବୀ ବନ୍ ବିବି ସୁନ୍ଦରବନରେ ପୂଜା ପାଉଛନ୍ତି । ପଶ୍ଚିମବଙ୍ଗର କୁଟୀରଗୁଡ଼ିକ ଭଳି ଟେରାକୋଟା ମସ୍‌ଜିଦଗୁଡ଼ିକ ଦେଖିବାକୁ ମିଳେ, ଯାହା ଆରବ ଓ ପର୍ସିଆନ ମସ୍‌ଜିଦଠାରୁ ଅଲଗା ।

ତ୍ରୟୋଦଶ ଶତାବ୍ଦୀର ମଙ୍ଗୋଲ ଆକ୍ରମଣ ପରେ କେନ୍ଦ୍ର ଏସିଆ ଏବଂ ପାରସ୍ୟରୁ ଅନେକ ପ୍ରବାସୀ ମୁସଲମାନ ଦିଲ୍ଲୀ ଓ ବାହାମନି ସାମ୍ରାଜ୍ୟକୁ ଆସିଥିଲେ । ଅନେକେ ବିବାହ ପରେ ଆସିଥିଲେ ଏବଂ କେତେକେ ଭାରତକୁ ଆସି ସ୍ଥାନୀୟ ମହିଳାଙ୍କୁ ବାହା ହୋଇଥିଲେ । ସେମାନେ ଥିଲେ ଇସ୍‌ଲାମ ଧର୍ମାବଲମ୍ବୀ, ପାର୍ସିଭାଷାଭାଷୀ ଓ ରାଜ ଦରବାରର ପ୍ରତିଷ୍ଠିତ ବ୍ୟକ୍ତି ଏବଂ ପର୍ସିଆନ ଶୈଳୀରେ ମସ୍‌ଜିଦ ନିର୍ମାଣ କରିଥିଲେ । ହେଲେ ସ୍ଥାନୀୟ ସମ୍ଭ୍ରାନ୍ତୀୟ ଭାରତୀୟ ମୁସଲମାନମାନେ ପ୍ରବାସୀ ମୁସଲମାନଙ୍କୁ ବିରୋଧ କରିଥିଲେ । ପ୍ରତିଷ୍ଠିତ ମୁସଲମାନ ବର୍ଗ ନୀଚ ଜାତିରୁ ଧର୍ମାନ୍ତରୀକରଣ ହୋଇଥିବା ମୁସଲମାନଙ୍କୁ ଘୃଣା କରୁଥିଲେ । ଏଣୁ ଭାରତର ଜାତିପ୍ରଥାକୁ ଭାରତରେ ଇସ୍‌ଲାମ ଧର୍ମର ଲୋକେ ଅନୁକରଣ କରିଥିଲେ । ଇସ୍‌ଲାମ ପ୍ରୋଫେଟ ନିଜକୁ ଉଚ୍ଚବର୍ଗର ବୋଲି ଗଣୁଥିବାବେଳେ ସାମାଜିକ ସ୍ତରରେ ଅନଗ୍ରସର ଗୋଷ୍ଠୀର ମୁସଲମାନଙ୍କୁ ନୀଚ ଜାତି ଭାବେ ଦେଖାଯାଉଥିଲା । ଏହି ଦୁଇ ବର୍ଗ ମଧ୍ୟରେ ଯେଉଁମାନେ ରହିଲେ, ସେମାନେ ଆରବର ବଣିକ ଏବଂ ପାରସ୍ୟର ଉଚ୍ଚବର୍ଗର ଉତ୍ତରାଧିକାରୀ ଭାବେ ଦାବି କଲେ । ଏହି ପରି ଭାବେ ଭାରତରେ ଇସ୍‌ଲାମ ଧର୍ମର ପ୍ରବେଶକୁ ନେଇ ସାତ ଶତାବ୍ଦୀର କାହାଣୀ ରହିଛି, ଯେଉଁଥିରେ ବାଣିଜ୍ୟ, ଯୁଦ୍ଧ ରହିଛି ଏବଂ ପ୍ରଚାରକ, କୃଷିବିତ୍ ଓ ପ୍ରବାସୀ କଥାକୁ ଜଡ଼ିତ କରାଯାଇଛି ।

-devduttofficial@gmail.com

# ବାଲଡା ଗୁମ୍ଫା



ଅଧ୍ୟାପକ ରାଜେଶ ରାୟ

ଓଡ଼ିଶାର କୋରାପୁଟ ଜିଲା ଅସରନ୍ତି ପ୍ରାକୃତିକ ସମ୍ପଦ ଏବଂ ନିଆରା ଆଦିବାସୀ ପରମ୍ପରା ପାଇଁ ସାରା ବିଶ୍ୱରେ ଖ୍ୟାତ । ଏଠାରେ ଦେଖିବାକୁ ମିଳୁଥିବା ଆକର୍ଷଣୀୟ ସୁନ୍ଦର ସବୁଜିମା ଶୋଭାରାଜି ଯେକୌଣସି ପର୍ଯ୍ୟଟକଙ୍କୁ ନିଜ କୋଳରେ ଚିରଦିନ ଯାଏ ବାନ୍ଧି ରଖିଥାଏ । କୋରାପୁଟ ଗର୍ଭରେ ଅବସ୍ଥାନ କରିଥିବା ଦେଓମାଳି ପର୍ବତ ପାଖରୁ ଆରମ୍ଭ କରି ଗୁପ୍ତେଶ୍ୱର ମନ୍ଦିର ପର୍ଯ୍ୟନ୍ତ ବିଭିନ୍ନ ପ୍ରାକୃତିକ ସୌନ୍ଦର୍ଯ୍ୟଭରା ସ୍ଥାନଗୁଡ଼ିକ ଓଡ଼ିଶାର ପର୍ଯ୍ୟଟନ ମାନଚିତ୍ରରେ ସତନ୍ତ୍ର ପରିଚୟ ବହନ କରିଛନ୍ତି । ସେହିପରି ଗୋଟିଏ ପ୍ରାକୃତିକ ପର୍ଯ୍ୟଟନ ସ୍ଥଳୀ ହେଉଛି 'ବାଲଡ଼ା ଗୁମ୍ଫା ବା ନାଗେଶ୍ୱରୀ ଗୁମ୍ଫା' ଯାହା କି କୋରାପୁଟ ଜିଲାର ନନ୍ଦପୁର ବ୍ଲକ ଅଧୀନ ବାଲଡା ପଞ୍ଚାୟତରେ ଥିବା ନାଗେଶ୍ୱରୀ ପାହାଡ଼ରେ ଦେଖିବାକୁ ମିଳିଥାଏ । ଏହି ସ୍ଥାନଟି ବିଶେଷ କରି ପାହାଡ଼ଘେରା ସବୁଜିମାମୟ ପରିବେଶରେ ପରିପୂର୍ଣ୍ଣ । ପ୍ରକୃତିରାଣୀର ଅପରୂପ ସୌନ୍ଦର୍ଯ୍ୟରେ ସଜେଇ ହୋଇଥିବା ବାଲଡ଼ା ଗୁମ୍ଫା ପର୍ଯ୍ୟଟକଙ୍କ ମନରେ ଅପୂର୍ବ ଆନନ୍ଦ ଭରିଦିଏ । ସେଥିପାଇଁ ଏହି ଗୁମ୍ଫାକୁ ବର୍ଷକ ବାରମାସ ଯାକ ପର୍ଯ୍ୟଟକଙ୍କ ଭିଡ଼ ଲାଗିଥାଏ । ବାଲଡ଼ା ଗୁମ୍ଫାର ଉପର ଭାଗରେ ଏକ ପ୍ରାକୃତିକ ଜଳାଶୟ ଏବଂ ନାଗେଶ୍ୱରୀ ଗୁମ୍ଫା ନାମରେ ଅନ୍ୟଏକ ଗୁମ୍ଫା ରହିଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ବାଲଡା ଗୁମ୍ଫାର ଆଖପାଖ ଅଞ୍ଚଳରେ ବସବାସ କରୁଥିବା ବିଭିନ୍ନ ଆଦିବାସୀ ସମ୍ପ୍ରଦାୟ ଯଥା କନ୍ଧ, ପରଜା, ଗଡବା, ଭୂମିଆ ଆଦିଙ୍କ ସାଂସ୍କୃତିକ, ଆଧ୍ୟାତ୍ମିକ ଏବଂ ସାମାଜିକ ପରମ୍ପରା ସହ ଏହି ଗୁମ୍ଫା ଗଭୀର ସମ୍ପର୍କ ରହିଛି । ଆଦିବାସୀମାନେ ପାହାଡ଼ରେ ଅବସ୍ଥାନ କରିଥିବା ମା' ନାଗେଶ୍ୱରୀଙ୍କୁ ନିଜର ଇଷ୍ଟଦେବୀ ଡଙ୍ଗର ଦେବୀ ରୂପେ ପୂଜା କରନ୍ତି । ସେଥିପାଇଁ ବର୍ଷକୁ ଥରେ ମା' ନାଗେଶ୍ୱରୀ ଗୁମ୍ଫା ଯାତ୍ରା ଅନୁଷ୍ଠିତ ହୁଏ ।

ଗୋଟିଏ ଅର୍ଥରେ କହିବାକୁ ଗଲେ ଆଦିବାସୀଙ୍କର ଆସ୍ଥା, ବିଶ୍ୱାସ, ସାମାଜିକ ଜୀବନ ଏବଂ ପୂର୍ବଜଙ୍କ ସ୍ମୃତି ସହ ଏହି ଗୁମ୍ଫା ଅଙ୍ଗାଙ୍ଗୀ ଭାବେ ଜଡ଼ିତ । କିନ୍ତୁ ବର୍ତ୍ତମାନ ବାଲଡା ଗୁମ୍ଫା ଉପରେ ଯେପରି କାହାର କୋପଦୃଷ୍ଟି ପଡ଼ି ଯାଇଛି !

ସମସ୍ତଙ୍କୁ ପ୍ରାକୃତିକ ଶାନ୍ତି ବାଣ୍ଟୁଥିବା ଏହି ଗୁମ୍ଫା ଆଜି ବିପଦ ମୁହଁରେ ! କାରଣ ଏହାର ଚତୁଃପାର୍ଶ୍ୱରେ ବକ୍ସାଇଟ ଖଣିଜ ଖନନ ପାଇଁ ନିଲାମ କାର୍ଯ୍ୟ ଆରମ୍ଭ ହୋଇଛି । ଭାରତର ଖ୍ୟାତନାମା କମ୍ପାନୀ ଆଦାନୀ ଗ୍ରୁପ ଦାରା ବକ୍ସାଇଟ ପ୍ରକଳ୍ପ ଅଧୀନରେ ନାଗେଶ୍ୱରୀ ସଂରକ୍ଷିତ ଜଙ୍ଗଲକୁ ନିଲାମ ନିଆଯାଇ ବାଲଡା ଗୁମ୍ଫା ନିକଟରେ ଖଣି ଖନନ ପାଇଁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି ଯାହାକୁ ନେଇ ଏବେ ଚାରିଆଡୁ ବିରୋଧର ସ୍ୱର ଛୁଟୁଛି । ବିଶେଷ କରି ସେଠାକାର ଆଦିବାସୀମାନେ ଏହି କାର୍ଯ୍ୟକୁ ତୀବ୍ର ବିରୋଧ କରୁଛନ୍ତି । ସେମାନଙ୍କ କହିବା ଅନୁଯାୟୀ ଯଦି ଖଣି ଖନନ କାର୍ଯ୍ୟ ହୁଏ ତେବେ ବାଲଡା ଗୁମ୍ଫାର ପ୍ରାକୃତିକ ସୌନ୍ଦର୍ଯ୍ୟ ନଷ୍ଟ ହେବ ଏବଂ ପରିବେଶ ସନ୍ତୁଳନ ବିଗିଡ଼ିଯିବ । ୨୦୨୫ ମାର୍ଚ୍ଚ ୧୮ରେ ଆଦିବାସୀମାନେ ସମୂହ ଭାବେ ନନ୍ଦପୁର ତହସିଲ ଘେରାଉ କରି ଦାବିପତ୍ର ପ୍ରଦାନ କରିଛନ୍ତି, ଯେଉଁଥିରେ ବକ୍ସାଇଟ ଖଣିର ନିଲାମକୁ ରଦ୍ଦ ତଥା ଖଣି ଖନନକୁ ବନ୍ଦକରି ବାଲଡା ଗୁମ୍ଫାକୁ ସୁରକ୍ଷା ଦେବାପାଇଁ ଦାବି ରହିଛି । ଉକ୍ତ ପତ୍ରରେ କେତୋଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଦୃଷ୍ଟି ଆକର୍ଷଣ କରାଯାଇଛି ଯଥା - ବାଲଡା ଗୁମ୍ଫାରେ ଆରମ୍ଭ ହୋଇଥିବା ଖଣି ଖନନ କାର୍ଯ୍ୟ ଜଙ୍ଗଲ ଅଧିକାର ଆଇନ ୨୦୦୬ ଏବଂ ପଞ୍ଚାୟତ (ଅନୁସୂଚିତ ଅଞ୍ଚଳ) ବିସ୍ତାର ଆଇନ, ୧୯୯୬କୁ ଉଲ୍ଲଂଘନ କରିଛି । ୨୦୨୫ ମାର୍ଚ୍ଚ ୬ରେ କୋରାପୁଟ ପ୍ରଶାସନ ଏବଂ ଓଡ଼ିଶା ରାଜ୍ୟ ପ୍ରଦୂଷଣ ବୋର୍ଡ ପକ୍ଷରୁ ଏକ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ବାଲଡା ଗୁମ୍ଫା ସୁରକ୍ଷା ପ୍ରସଙ୍ଗରେ ନନ୍ଦପୁର ବ୍ଲକର ଲୋକମାନେ ନିଜର ମତ ରଖିଥିଲେ । ବର୍ତ୍ତମାନ ସାମାଜିକ ଗଣମାଧ୍ୟମଠାରୁ ଆରମ୍ଭ କରି ବିଭିନ୍ନ ଗଣମାଧ୍ୟମରେ ଏହି ଗୁମ୍ଫାର ସୁରକ୍ଷା ପାଇଁ ସ୍ୱର ଉତ୍ତୋଳନ ହେଉଛି । ଯଦି ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ ହୁଏ ତେବେ ନନ୍ଦପୁର ବ୍ଲକ ଅଧୀନ ବାଲଡା, ଭେଜା, ବାଡ଼େଲ, ଅତଣ୍ଡା ଏବଂ କୁଲାବିର ପଞ୍ଚାୟତରେ ରହୁଥିବା ୪୦,୦୦୦ରୁ ଊର୍ଦ୍ଧ୍ୱ ଲୋକ ପ୍ରଭାବିତ ହେବେ । ପ୍ରକୃତି ବିରୁଦ୍ଧରେ କାର୍ଯ୍ୟକଲେ ଦିନେ ଆମେ ସେହି ପ୍ରକୃତିର କରାଳ କୋପରେ ଲୋପ ପାଇଯିବା । ଗୋଟିଏ ପଟେ ପର୍ଯ୍ୟଟନର ବିକାଶ ପାଇଁ ରୋଡ଼ ମ୍ୟାପ ପ୍ରସ୍ତୁତ କରି ଅନ୍ୟପଟେ ପ୍ରାକୃତିକ ସମ୍ପଦକୁ ନଷ୍ଟକଲେ ତାହା କୌଣସି ବି ସକାରାତ୍ମକ ଫଳ ଦେବନାହିଁ ବରଂ ପ୍ରକୃତିର ନକାରାତ୍ମକ ପ୍ରଭାବ ଆମକୁ ଅନେକ ସମୟରେ ପକାଇବ । ତେଣୁ ବେଳ ଥାଉ ଥାଉ ଏଥିପ୍ରତି ସଚେତନ ହେବା ସହ ବାଲଡା ଗୁମ୍ଫା ପରି ପ୍ରାକୃତିକ ଉତ୍ସର ସୁରକ୍ଷା ପାଇଁ ଆଗେଇ ଆସିବା ଦରକାର ।

ସାମୟିକ ଉଦ୍‌ଘୋଷକ,
ଆକାଶବାଣୀ, ଜୟପୁର, କୋରାପୁଟ
ମୋ.- ୬୩୭୧୫୫୫୯୪୦

## ଏଇ ଭାରତରେ

ବାସ୍ତବରେ ସେବା ମନୋଭାବର ଶେଷ ନାହିଁ । ଚାକିରିରେ ଥାଇ ଦେଶ ସେବାରେ ଜୀବନ ଲଗାଇଦେବା ପରେ ବି ଅନେକେ ଅନ୍ୟବାଟରେ ଦେଶର ସେବା ଜାରି ରଖିଥାନ୍ତି । ଏଭଳି ବ୍ୟକ୍ତିଙ୍କ ମଧ୍ୟରେ ଭାରତୀୟ ସେନା ଅଧିକାରୀ ଅଶିମ କୋହଲି ଅନ୍ୟତମ । ସେନାରେ ୩୭ ବର୍ଷ ସେବା କରିବା ପରେ ମେଜର ଜେନେରାଲ ଅଶିମ୍ ଏବେ ସେବାର ଏକ ନୂଆ ଉପାୟ ଆପଣାଇଛନ୍ତି । ସେ ଅଦରକାରୀ ଆର୍ମି ୟୁନିଫର୍ମରୁ ଅସହାୟ ପିଲାଙ୍କ ସ୍କୁଲ ବ୍ୟାଗ୍ ତିଆରି କରୁଛନ୍ତି ଏବଂ ସେନା ୟୁନିଫର୍ମର କର୍ତ୍ତବ୍ୟ କେବେ ଶେଷ ହୁଏନାହିଁ ବୋଲି ନିଶ୍ଚିତ କରିଛନ୍ତି । ଏହାଯୋଗୁ ବର୍ଜ୍ୟ ପରିମାଣ ମଧ୍ୟ ହ୍ରାସ କରାଯାଇପାରୁଛି । ଅଶିମ ଓ ତାଙ୍କ ଝିଅ 'ସେୱାକ୍ ନେଶିମ୍ ଫାଉଣ୍ଡେସନ' ଗଠନ କରି ଏହି କାର୍ଯ୍ୟ କରିଆସୁଛନ୍ତି । ସାରାଦେଶରୁ ସୈନ୍ୟମାନେ ପୁରୁଣା ୟୁନିଫର୍ମ ଦାନ କରୁଛନ୍ତି । ଗୋଟିଏ ୟୁନିଫର୍ମକୁ ରିସାଇକେଲ କରିବାରେ ୬୦୦ ଟଙ୍କା ଖର୍ଚ୍ଚ ହେଉଥିଲେ ମଧ୍ୟ ବିନା ଲାଭରେ ସେ ଏଗୁଡ଼ିକୁ ଦାନ କରୁଛନ୍ତି । ଏବେ ସୁଦ୍ଧା ସେ ୪୦ ହଜାର ୟୁନିଫର୍ମକୁ ରିସାଇକେଲ କରିସାରିଲେଣି ।

## ୫୦ ବର୍ଷ ତଳର ଧରିତ୍ରୀ

୫ ଫେବୃଆରୀ ୧୯୭୭

- ଭାରତ ଆମେରିକାରୁ ୫୦ ହଜାର ଟନ ସୋୟାବିନ ତୈଳ ଆମଦାନୀ କରିବା ନେଇ ଦୁଇ ଦେଶ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ ।
- ପଶ୍ଚିମବଙ୍ଗର ପୁରୁଖା କଂଗ୍ରେସ ନେତା ତଥା ବିଧାନସଭା ସଦସ୍ୟ ବିଜୟ ସିଂହ ନାହାରଙ୍କ ସମେତ ୪ ତୁଙ୍ଗ ନେତାଙ୍କ ଦଳରୁ ଇସ୍ତଫା ପ୍ରଦାନ ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 1 | | 7 | | 9 | |
| 7 | | | | | | | | |
| | 1 | 5 | | 9 | | | 2 | |
| | | 6 | | 7 | | | | 2 |
| | 9 | | 8 | 1 | | | | |
| | 4 | 3 | 6 | | 5 | | | 1 |
| | | 2 | | 6 | 4 | | 8 | 7 |
| | 7 | | | 5 | | | 4 | 9 |
| 9 | | | | | | | | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 8 | 7 | 6 | 1 | 4 | 2 | 5 | 9 | 3 |
| 2 | 1 | 4 | 9 | 3 | 5 | 8 | 7 | 6 |
| 9 | 5 | 3 | 8 | 7 | 6 | 4 | 1 | 2 |
| 5 | 6 | 7 | 4 | 2 | 1 | 3 | 8 | 9 |
| 3 | 8 | 1 | 7 | 5 | 9 | 2 | 6 | 4 |
| 4 | 9 | 2 | 3 | 6 | 8 | 7 | 5 | 1 |
| 6 | 3 | 8 | 2 | 1 | 7 | 9 | 4 | 5 |
| 1 | 2 | 9 | 5 | 8 | 4 | 6 | 3 | 7 |
| 7 | 4 | 5 | 6 | 9 | 3 | 1 | 2 | 8 |

ଗତକାଲିର ଉତ୍ତର

# ଯଜ୍ଞର ଦୁଇ ରୂପ



ବ୍ରଜମୋହନ ମିଶ୍ର

ଆମେ ଯଜ୍ଞ କରୁ ଏବଂ ଆମ ପାଇଁ ଯଜ୍ଞହୁଏ । ଆମ ଯଜ୍ଞକୁ ଆମେ କେତେ ପ୍ରକାରେ କରିଥାଉ । ତାହା ସମ୍ପାଦନ କରିବା ପାଇଁ ଆମେ କେତେ ନିଃସ୍ୱାର୍ଥପର, ସେ କଥା ଆମେ ନିଜକୁ ପଚାରିଲେ ବେଶ୍ ଜାଣିପାରିବା । ବିଶ୍ୱଶାନ୍ତି ନାମରେ ଆମେ କରୁଥିବା ଯଜ୍ଞରେ ସତରେ ବିଶ୍ୱଗତ ପ୍ରାଣ ହୋଇ ତାହା ଆମେ ମନୁପୁତ୍ର/ପୁତ୍ରୀମାନେ କରିବାର ମୁହାଁସ ଆମ ଅନ୍ତରରେ ଶ୍ୱେତପଦ୍ମ ପରି ଫୁଟି ଉଠିଥାଏ ତ ? ଏବେ ଯେଉଁ ଯଜ୍ଞକର୍ମ ବିଭିନ୍ନ ସ୍ଥାନରେ ବିଭିନ୍ନ ସଂସ୍ଥା କରୁଛନ୍ତି, ସେ ସବୁରେ ହୃଦୟ ବେଶି କ୍ରିୟାଶୀଳ ନା ମସ୍ତିଷ୍କ ? ଆବେଗ ନା ବୁଦ୍ଧି ସେ ସବୁର ହୃତ୍‌ପିଣ୍ଡ ? ତାହା ଉପଚାର ସର୍ବସ୍ୱ ନା ଆସ୍ପୃହା ସମନ୍ୱିତ ? ଆସ୍ପୃହା ଏକ ଶୁଦ୍ଧ, ପବିତ୍ର ପ୍ରାଣର ପ୍ରାର୍ଥନାମୟତା, ଯେଉଁଥିରେ ସଂପୂର୍ଣ୍ଣ ଅହଂଶୂନ୍ୟତାର ଆଲୋକ ବିକିରିତ ହେଉଥାଏ । ପକ୍ଷାନ୍ତରେ ଉପଚାରର ଆୟୋଜନ ଭିତରେ ସତେ ଯେପରି ଆମ କର୍ତ୍ତାପଣିଆ (ଅନେକ କ୍ଷେତ୍ରରେ) ଭାରି ମାତବର ହୋଇଥାଏ ! ନିଜକୁ ଷୋଳଅଣା ନିଜ ପାଇଁ ବୋଲିର ଦୁର୍ଭାବନା ଅବା ବିକୃତ ମାନସଟିଏ ସେଇ କ୍ରିୟାରେ ସଂଗୁପ୍ତ ଭାବରେ ଭାରି ସିହାଣା ହୋଇ ନିଜକୁ ସକ୍ରିୟ ରଖିଥାଏ । ତେଣୁ ଆମେ କରିଚାଲୁଥିବା ଯଜ୍ଞ ମଣ୍ଡପରେ ସର୍ବବିଧ ସାଜସଜ୍ଜା ସତ୍ତ୍ୱେ ସତେଯେପରି ତାର ଭିତରଟା ଫମ୍ପା ହୋଇଯାଇଥାଏ । ସେଥିରେ ଦେହଥାଏ, ଆତ୍ମାନଥାଏ ଏବଂ ସେହି ପ୍ରକାର ଅବିମୃଶ୍ୟକାରିତା ଯୋଗୁଁ ଯଜ୍ଞ ନାମକ ସାର୍ବଜନୀନ ସାତ୍ତ୍ୱିକ ସଂଚାଳନଟିଏ ତା'ର ଅସଲ ଚରିତ୍ରଠାରୁ ଯୋଜନ ଯୋଜନ ଦୂରକୁ ଘୁଞ୍ଚାଇଥାଏ ଅବା ତାହାକୁ ନିର୍ବାସିତ କରାଯାଇଥାଏ । ତେଣୁ ବିଶ୍ୱଶାନ୍ତି (ମହା ?) ଯଜ୍ଞ, ଯଜ୍ଞର ମହାନତା ହରାଇ ତୁଚ୍ଛାଗୁଡ଼ାଏ କର୍ମକାଣ୍ଡର ମୋଗଲ ତାମସା ପାଲଟିଯାଏ ।

ପକ୍ଷାନ୍ତରେ ସଂସାରରେ ପ୍ରତି ନିୟତ ଯେଉଁ ଯଜ୍ଞ ଅକୁଣ୍ଠିତ, ଅନବରତ ଏବଂ ଅନହଂକାର ଭାବେ କରାଯାଉଛି ଅବା ସଂସାର ତା'ର ବିବିଧ ସାତ୍ତ୍ୱିକ ସମ୍ଭାର (କି ସୁନ୍ଦର ଆହା, କି ଆନନ୍ଦମୟ ଏହି ବିଶାଳ ସଂସାର- ମଧୁରାଓ) ଯୋଗୁଁ ଯେଉଁ ଯଜ୍ଞ କରି ଚାଲିଛି କେଉଁ ଅନନ୍ତ କାଳରୁ, ତାହା ଆମେ କରୁଥିବା ଯଜ୍ଞର ପୂରା ବିପରୀତ ଏବଂ ସେଇ ମହାନ୍ ଅଧିଷ୍ଠାନକୁ ଉଚ୍ଛ୍ୱସିତ ଭାବେ ନିଜ ସହ ସମୀକୃତ କରି ବିଶ୍ୱ କବି ରବୀନ୍ଦ୍ରନାଥ ଠାକୁର ଗାଇ ଉଠିଛନ୍ତି "ଜଗତ ଆନନ୍ଦେ ଯଜ୍ଞ ଆମାର ନିମନ୍ତ୍ରନ/ ଧନ୍ୟହଲ ଧନ୍ୟ ହଲ ଆମାର ଜୀବନ" । ଏ ଯଜ୍ଞ ନିର୍ଦ୍ଦିଷ୍ଟ ଅଞ୍ଚଳରେ ହେଉ ନାହିଁ, ପୁଣି ନିର୍ଦ୍ଦିଷ୍ଟ ଅଞ୍ଚଳ ପାଇଁ ମଧ୍ୟ ହେଉନାହିଁ, ପୁଣି କେବଳ ନିର୍ଦ୍ଦିଷ୍ଟ ସମୟରେ ମଧ୍ୟ ହେଉନାହିଁ । କିନ୍ତୁ ନିର୍ଦ୍ଦିଷ୍ଟ ଲକ୍ଷ୍ୟରେ ହେଉଛି । ଏହାର ମନ୍ତ୍ର ଉଚ୍ଚାରଣ କରିବାକୁ ଡାକବାଜି ଯନ୍ତ୍ର ଆବଶ୍ୟକ ପଡୁନାହିଁ କି ଏହା ସମ୍ପାଦନ କରିବାକୁ କାମନାସର୍ବସ୍ୱ ପୁରୋହିତ ଦରକାର ହେଉନାହାନ୍ତି (ଯଦିଓ ଏହା ପୁରୋହିତଶୂନ୍ୟ ନୁହଁ) । ଆମର ଦୁର୍ଭାଗ୍ୟ (ତେଣୁ ତଜ୍ଜନିତ ଦୁଃସ୍ଥିତି) ଯେ ଆମେ ଏହି ମଙ୍ଗଳ ମହୋତ୍ସବର ଧାର ଧାରୁନାହୁଁ ଯଦିଓ ତାହା ଯୋଗୁ ଆମ ଦୈନନ୍ଦିନ ବଞ୍ଚିବା ସମ୍ଭବ ହେଉଛି । ହୃଦୟ ଖୋଲି ବିଚାର କଲେ ଆମ ପାଇଁ ଏହା ବେଶ୍ ଫର୍ଚ୍ଚା ହୋଇଯିବ ଏହି ମନ୍ତବ୍ୟ ସତ ନା ମିଛ । ସତରେ ଏହି ଜଗତ ଯଜ୍ଞ ଆମ ଜୀବନର ଧାରକ, ପୋଷକ ଓ ବଳବର୍ଦ୍ଧକ କି ନୁହଁ, ତାହା ଆଉ ଅଛପା, ଅଜଣା ରହିବ ନାହିଁ । ସମ୍ଭବତଃ ଏଇ ଯଜ୍ଞ ସର୍ଜନା କରିଛନ୍ତି



ଏବଂ ଏହା ସୃଷ୍ଟିର ସକଳ ମଂଗଳ ସାଧନ ହେବ ବୋଲି କେତେ ମହତ୍ ଅଭୀପ୍ସା ପୋଷଣ କରିଛନ୍ତି ସଦା ସହର୍ଷ ଯଜ୍ଞ କରୁଥିବା ସେହି ଯଜ୍ଞପୁରୁଷ (ସହଯଜ୍ଞା ପ୍ରଜାସୃଷ୍ଟ୍ୱା ପୁରୋବାଚ ପ୍ରଜାପତିଃ/ ଅନେନ ପ୍ରସବିଷ୍ୟଧ୍ୱମେଷ ବୋଽସ୍ତିଷ୍ଟକାମଧୁକ୍ -ଗୀତା- ତୃତୀୟ ଅଧ୍ୟାୟ - କର୍ମଯୋଗ/ ୧୦) । ଅର୍ଥାତ୍ ସୃଷ୍ଟିକର୍ତ୍ତା ବ୍ରହ୍ମା ଲୋକ ସୃଷ୍ଟି କରିବା ସଙ୍ଗେ ସଙ୍ଗେ ଏଇ ଯଜ୍ଞ ସୃଷ୍ଟି କରିଛନ୍ତି । ଲୋକେ ଏହି ଯଜ୍ଞକର୍ମରେ ଲାଗିରହି କ୍ରମେ ଉନ୍ନତି କରିବେ ।

ନିର୍ଦ୍ଦିଷ୍ଟ ଚିତ୍ତରେ ଥରେ ଭାବିଦେଲେ ବିଶ୍ୱଯଜ୍ଞର ଗୁମର ବ୍ୟକ୍ତି ନିକଟରେ ପ୍ରାଞ୍ଜଳ ହୋଇଯାଏ । ଏହାର କାର୍ଯ୍ୟଧାରା ଅବିରତ ଚାଲେ, କାରଣ କ୍ଷଣେମାତ୍ର ଏହାର ପରାର୍ଥ ଓ ପରମାର୍ଥ ପରିପୋଷଣ ବନ୍ଦ ହୋଇଗଲେ ସମଗ୍ର ସୃଷ୍ଟି ଜୀବନଧାରଣ କରିପାରିବ ନାହିଁ । ଏହି ଗୁହ୍ୟତମ ଯୋଗ ସମ୍ପର୍କରେ 'ବିଶ୍ୱଯାଜ୍ଞିକ' ଏତେ ସଶ୍ରଦ୍ଧ, ସଚେତ ଓ ସଂଗ୍ରାମୀ ଯେ ସେ କଦାଚ ଏଥିରେ ସାମାନ୍ୟତମ ବ୍ୟତିକ୍ରମ ଆଣନ୍ତି ନାହିଁ । କେହି କହିପାରିବେ କି ପୃଥିବୀର କେଉଁ କୋଣର ବାୟୁଦେବତାଙ୍କ ଯଜ୍ଞ ମୁହୂର୍ତ୍ତେ ମାତ୍ର ବନ୍ଦ ହୋଇଯାଇଛି ବୋଲି ? ସେହିପରି କେଉଁଠାରେ ଜଳ ଦେବତା ଯଜ୍ଞ କରୁଥିବା ବେଳେ ତାଙ୍କ ଦାନଶୀଳତା (ଇଦଂ ନମମ, ଇଦଂ ନମମ) ତ୍ୟାଗ କରିଛନ୍ତି ବୋଲି ? ସେ ପରମାନନ୍ଦରେ ସର୍ବୋତ୍ତମ ସେବା, (ଦାନ ଯୋଗ)ରେ କେତେ ସୁଠାମ, ସୁସଞ୍ଚ ଓ ସୁଷ୍ଠୁ ହୋଇନାହାନ୍ତି ! ପ୍ରକୃତି ମାତାଙ୍କ କୋଣେ ଅନୁକୋଣେ ଫୁଲ ଫୁଟି ଓ ଫଳ ଫିଟି ପ୍ରାଣିଜଗତର ପୋଷଣ କରିବାର ଯଜ୍ଞରେ ବ୍ୟାପୃତ । କେଉଁ ଅନାଦି କାଳରୁ ସକଳ ଶକ୍ତିର ଆଧାର ସୂର୍ଯ୍ୟଦେବ ତିଳେମାତ୍ର ସ୍ୱଧର୍ମ ପାଳନ କରିବାରୁ ବିରତ ହୋଇଛନ୍ତି କି? ଏବଂ ଏପରି ମହାନ୍ କର୍ମଯୋଗ ସମ୍ପାଦନ କରୁଛନ୍ତି ବୋଲି ସେହି ବିରାଟ ମହିମ୍ନ କେବେ କର୍ତ୍ତାପଣିଆରେ ଫୁଲି ଉଠିଛନ୍ତି କି ? ଦୁନିଆଯାକର ଅନ୍ଧାରର ପରିବର୍ତ୍ତନ କ୍ରିୟା ସମ୍ପାଦନ କରି ସେ ଯେଉଁ ବାର୍ତ୍ତାଟି ଆମ ପାଇଁ ପ୍ରେରଣ କରୁଛନ୍ତି, ତାହା ଆମେ କେବେ ଦେଖିବାକୁ, ବୁଝିବାକୁ ଓ ଗ୍ରହଣ କରିବାକୁ ତଥା ସେଇ ଅନୁରୂପ ହୋଇ ଯିବାକୁ ଶ୍ରଦ୍ଧାବାନ୍ ହୋଇଛନ୍ତି କି? (ଶ୍ରଦ୍ଧୟାଗ୍ନି ସମିଧ୍ୟତେ ଶ୍ରଦ୍ଧୟା ହୁୟତେ ହବି...) । ଏହିପରି ଆହୁରି ଅନେକ ଦିବ୍ୟ ସତ୍ତା ଜଗତରେ ଯଜ୍ଞ କରି ତାର ଆନନ୍ଦବର୍ଦ୍ଧନ କରିଚାଲିଛନ୍ତି । ତେଣୁ କବି ତାଙ୍କ ତୃତୀୟ ନୟନରେ ଏବଂ ଷଷ୍ଠେନ୍ଦ୍ରିୟ ଦ୍ୱାରା (ଇଣ୍ଟୁସନ) ଏହି ମହାଯଜ୍ଞର ସ୍ତବପାଠ କରିଛନ୍ତି । ଏହା ମଧ୍ୟରେ ରବୀନ୍ଦ୍ରନାଥଙ୍କ ଉଲ୍ଲସିତ ପ୍ରାଣର ଉଚ୍ଛ୍ୱସିତ ପ୍ରକାଶ ଯେପରି ଘଟିଛି, ସେପରି ସୂଚୀତ ହୋଇଛି ବିଶ୍ୱଯଜ୍ଞର ମାହାତ୍ମ୍ୟ ଯାହାର ତାଦାତ୍ମ୍ୟ ହେବାକୁ ସତେଯେପରି କବି ଆମ ସମସ୍ତଙ୍କୁ ଆମନ୍ତ୍ରଣ କରିଛନ୍ତି ! ସେ ସ୍ୱୟଂ ଏହି ଆନନ୍ଦ ଯଜ୍ଞକୁ ଆମନ୍ତ୍ରିତ ବୋଲି ପ୍ରକାଶ କରିବାରେ ଯେଉଁ ମହାଭାବ ଫୁଟି ଉଠିଛି ତାହା ଯୁଗପତ୍ ଆଲୋକ ଓ ଆନନ୍ଦର ଶରଦରାସ ।

ଖୁବ୍‌ଜ୍ଞାନୀ ବୋଲାଇ, ଅତ୍ୟନ୍ତ ଅହଂକାରରେ 'ମହୀମଣ୍ଡଳେ ନାହିଁ ଏମନ୍ତ ଜନ/ ମୋ ଅଧିକାରେ ଯେହୁ କରିବ ରଣ'ର କିଳିକିଳା ନାଦ କରୁଥିବା ଆମେ ମରଣଶୀଳ ମାସ୍‌ରମାନେ ଆମ ଚାରିପଟେ ଚବିଶଘଣ୍ଟା ଅନୁଷ୍ଠିତ ହେଉଥିବା ବିଶ୍ୱଯଜ୍ଞ ପ୍ରତି ଧ୍ୟାନ ଦେଲେନାହିଁ କାହିଁକି ? ତେଣୁ ଆମେ ଖୁବ୍ ଆଡ଼ମ୍ବର ଓ ଆତ୍ମମ୍ଭରିତାରେ ଯଥେଷ୍ଟ ଆୱାଜ କରି ଯଜ୍ଞ କରୁଛୁ ବୋଲି ଫାଟି ପଡୁଥିଲେ ହେଁ ଆମେ ଯେ ଯଜ୍ଞପରି ସାତ୍ତ୍ୱିକ ସାଂଭ୍ରାନ୍ତ୍ୟ ଠାରୁ ଯୋଜନ ଯୋଜନ ଦୂରରେ ଅଛୁ, ଏହା କ'ଣ ମିଥ୍ୟା ? ଅସଲ ଯଜ୍ଞ ହିଁ ବିଶ୍ୱଯଜ୍ଞ, ବିଶ୍ୱ ପ୍ରାଣଯଜ୍ଞ, ବିଶ୍ୱଗତ ଯଜ୍ଞ, ବିଶ୍ୱ ପ୍ରୀତିଯଜ୍ଞ । ତାହା ଆମର ହେଉ କର୍ମଯୋଗ, ଭକ୍ତିଯୋଗ, ଜ୍ଞାନଯୋଗ ଏବଂ ହେଉ ମଧ୍ୟ ମହାଯୋଗୀ ଶ୍ରୀ ଅରବିନ୍ଦଙ୍କ ରୂପାନ୍ତର ଯୋଗର ଆଧାର ।

ଭଦ୍ରକ, ମୋ: ୮୦୧୮୦୮୭୮୩୧

## ପାଠକ ଶ୍ରେଷ୍ଠ ବିଚାରକ

### ବିସ୍ଥାପିତଙ୍କୁ ଥଇଥାନ କରାଯାଉ

ମହାଶୟ,

ସରକାରୀ ଜାଗାରୁ ବିସ୍ଥାପନ ହେଉଥିବା ହିତାଧିକାରୀଙ୍କୁ ଅନ୍ୟ ସ୍ଥାନରେ ଥଇଥାନ କରାଯାଉ । ଦୋକାନ ଗୃହ ହୋଇଥିଲେ ଭେଣ୍ଡିଂଜୋନ୍ ମାଧ୍ୟମରେ ସ୍ୱଳ୍ପମୂଲ୍ୟରେ ଦୋକାନ ଗୃହ ଯୋଗାଣ ହେଉ । ବିସ୍ଥାପିତମାନେ ଦୈନନ୍ଦିନ ଗୁଜରାଣ ମେଣ୍ଟାଉଥିବାରୁ ଅର୍ଥର ବାଧକ ହେଉଛି । ଏଥିପ୍ରତି ବିଳମ୍ବ ନ କରି ବିନା ବନ୍ଧକ ଓ ଗ୍ୟାରେଣ୍ଟରରେ ସେମାନଙ୍କୁ ଅର୍ଥ ଦିଆଯାଉ । ମୁଦ୍ରା ଯୋଜନାରେ ମଧ୍ୟ ଋଣ ସହାୟତା ନିଶ୍ଚିତ କରାଯାଉ । ଏହା ହୋଇପାରିଲେ ବିସ୍ଥାପିତଙ୍କ ଜୀବନଜୀବିକା ସୁନିଶ୍ଚିତ ହୋଇପାରିବ ।

-ରମେଶ ଚନ୍ଦ୍ର ବେହେରା, ଆୟଉପୁର, କଟକ

## ଚିରନ୍ତନୀ

ଜଡ଼ ଏ ଧରାରେ ଜାଗେ
ବିପୁଳ ଜୀବନ,
ମୂର୍ଚ୍ଛିତ ଦଶଦିଶ
ହୁଏ ସଚେତନ !
-(ଚିରନ୍ତନ କୁହୁ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଶାସକ ପକ୍ଷକୁ ଘେରିଲେ ମହିଳା ଏମ୍‌ପି

## ଲୋକ ସଭାରେ ହଟ୍ଟଗୋଳ, ନାଟକୀୟ ଦୃଶ୍ୟ

ନୂଆଦିଲ୍ଲୀ,୪।୨(ପି.ଟି.)

ଲୋକ ସଭାରେ ବୁଧବାର ବିପକ୍ଷର ମହିଳା ଏମ୍‌ପିମାନେ ଶାସକ ପକ୍ଷକୁ ଘେରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ବେଳେ ନିଜ ବକ୍ତବ୍ୟ ରଖିବାକୁ ଥିବାବେଳେ ବିରୋଧୀ ସଦସ୍ୟା ସଦସ୍ୟଙ୍କ ନାଟକୀୟ ଦୃଶ୍ୟ ଦେଖିବାକୁ ମିଳିଥିଲା। ବିରୋଧୀ ଏମ୍‌ପିମାନେ ବ୍ୟାନର ଧରି ପ୍ରଧାନମନ୍ତ୍ରୀଙ୍କ ଆସନ ଆଡ଼କୁ ଅଗ୍ରସର ହୋଇଥିଲେ। ପ୍ରବଳ ହଟ୍ଟଗୋଳ ଭିତରେ ବାଚସ୍ପତି ଗୃହକୁ ଦିନକ ପାଇଁ ମୁଲତବୀ କରିବାକୁ ବାଧ ହୋଇଥିଲେ।

ଲୋକ ସଭାରେ ପ୍ରଧାନମନ୍ତ୍ରୀ ନ ଥିଲେ। ସେ ଅପରାହ୍ନ ୫ଟାରେ ବକ୍ତବ୍ୟ ରଖିବେ ବୋଲି ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଥିଲା। ଗୃହ ୩ ଥର ମୁଲତବୀ ହେବା ପରେ ଅପରାହ୍ନ ୫ଟାରେ ପୁଣି ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ବାଚସ୍ପତିଙ୍କ ଆସନରେ ସଭାକାର୍ଯ୍ୟ ତୁଲାଉଥିବା ଭାଜପା ସଦସ୍ୟ ସନ୍ଧ୍ୟା ରାଏ ଭାଜପା ସଦସ୍ୟ ପି.ପି. ଚୌଧରୀଙ୍କୁ ଧନ୍ୟବାଦ ପ୍ରସ୍ତାବ ଉପରେ ମନ୍ତବ୍ୟ ଦେବାକୁ ଅନୁମତି ପ୍ରଦାନ କରିଥିଲେ। ବିରୋଧୀ ଦଳଗୁଡ଼ିକର ମହିଳା ସଦସ୍ୟାମାନେ ଆମେରିକାର ଟ୍ରେଡ୍ ଡିଲ୍ ଏବଂ ପୂର୍ବତନ ସେନା ମୁଖ୍ୟ ଏମ୍.ଏମ୍. ନରଓ୍ୱଣେଙ୍କ ଅପ୍ରକାଶିତ ପୁସ୍ତକ ପ୍ରସଙ୍ଗରେ ଗୃହର ମଧ୍ୟଭାଗକୁ ମାଡ଼ିଆସି ଟ୍ରେଜେରି ବେଞ୍ଚକୁ ଘେରିଥିଲେ। ଫଳରେ ବାଚସ୍ପତି ଗୃହକୁ ଦିନକ ପାଇଁ ମୁଲତବୀ ଘୋଷଣା କରିଥିଲେ। ପ୍ରଧାନମନ୍ତ୍ରୀ ରାଜ୍ୟ ସଭାରେ ଗୁରୁବାର ବକ୍ତବ୍ୟ ରଖିପାରନ୍ତି।

# ରାହୁଲ-ବିଟ୍ଟୁ କଥା କଟାକଟି



ଲୋକ ସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଓ କେନ୍ଦ୍ର ରେଳ ରାଷ୍ଟ୍ରମନ୍ତ୍ରୀ ରବନୀତ ସିଂ ବିଟ୍ଟୁଙ୍କ ମଧ୍ୟରେ କଥା କଟାକଟି ହୋଇଛି। ଗୃହକାର୍ଯ୍ୟ ଜାରି ରହିଥିବାବେଳେ ରାହୁଲ ତାଙ୍କ

## ବିଶ୍ୱାସଘାତକ ବନାମ ଦେଶର ଶତ୍ରୁ

ପୂର୍ବ କଂଗ୍ରେସ ସହଯୋଗୀ ବିଟ୍ଟୁଙ୍କୁ 'ବିଶ୍ୱାସଘାତକ ବନ୍ଧୁ' ବୋଲି ସମ୍ବୋଧନ କରିଥିଲେ। ଏହାର ଜବାବରେ ବିଟ୍ଟୁ ରାହୁଲଙ୍କୁ 'ଦେଶର ଶତ୍ରୁ' ବୋଲି କହିଥିଲେ। ୩ ଥର ଏମ୍‌ପି ଥିବା କେନ୍ଦ୍ରମନ୍ତ୍ରୀ ବିଟ୍ଟୁ ୨୦୨୪ ଲୋକ ସଭା ନିର୍ବାଚନ ପୂର୍ବରୁ କଂଗ୍ରେସ ଛାଡ଼ି ଭାଜପାରେ ସାମିଲ ହୋଇଥିଲେ।

ମକର ଦ୍ୱାର ନିକଟରେ କଂଗ୍ରେସ ଏମ୍‌ପିମାନେ ବିକ୍ଷୋଭ ପ୍ରଦର୍ଶନ କରୁଥିବାବେଳେ ରାହୁଲ ବିଟ୍ଟୁଙ୍କ ଆଡ଼କୁ ଇଙ୍ଗିତ କରି କହିଥିଲେ, ଜଣେ ବିଶ୍ୱାସଘାତକ ଯାଉଛନ୍ତି, ତାଙ୍କ ମୁହଁକୁ ଦେଖ। ତା'ପରେ ରାହୁଲ ତାଙ୍କ ଆଡ଼କୁ ହାତ ମିଳାଇବା ପାଇଁ ବଢ଼ାଇଥିଲେ। ହେଲୋ ବ୍ରଦର, ମାଇଁ ଟ୍ରେଟର ଫ୍ରେଣ୍ଡ୍। ଆପଣ କଂଗ୍ରେସକୁ ଫେରିଆସିବେ ବୋଲି ରାହୁଲ କହିଥିଲେ। ବିଟ୍ଟୁ ତାଙ୍କୁ ଦେଶର ଶତ୍ରୁ କହି ହାତ ମିଳାଇ ନ ଥିଲେ। କଂଗ୍ରେସ ଏମ୍‌ପିମାନେ ଏଭଳି ବସିଛନ୍ତି, ଯେପରି ସେମାନେ ଏକ ଯୁଦ୍ଧ ଜିତିଛନ୍ତି ବୋଲି ବିଟ୍ଟୁ କଟାକ୍ଷ କରିଥିଲେ।

# ସିଇସିଙ୍କ ବିପକ୍ଷରେ ମହାଭିଯୋଗ ଆଣିବେ ବିରୋଧୀ

ନୂଆଦିଲ୍ଲୀ(ପି.ଟି),୪।୨

ମୁଖ୍ୟ ନିର୍ବାଚନ କମିଶନର(ସିଇସି) ଜ୍ଞାନେଶ କୁମାରଙ୍କ ବିରୋଧରେ ସାମୂହିକ ଭାବେ ମହାଭିଯୋଗ ଆଣିବାକୁ ପ୍ରମୁଖ ବିରୋଧୀ ଦଳ ନିଷ୍ପତ୍ତି ନେଇଛନ୍ତି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଏ ସମ୍ପର୍କରେ ବୁଧବାର ଘୋଷଣା କରିଛନ୍ତି। ପଶ୍ଚିମବଙ୍ଗରେ ସ୍ୱତନ୍ତ୍ର ସଘନ ସଂଶୋଧନ(ଏସ୍‌ଆଇଆର୍)କୁ ନେଇ ସିଇସିଙ୍କ ବିରୋଧରେ ଏଭଳି ପଦକ୍ଷେପ ନେବାକୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମଙ୍ଗଳବାର ଦାବି କରିବା ପରେ କଂଗ୍ରେସ ସମେତ ଅନ୍ୟ ବହୁ ପ୍ରମୁଖ ବିରୋଧୀ ଦଳ ଏହାକୁ ସମର୍ଥନ କରିଛନ୍ତି। ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ମମତାଙ୍କ ପ୍ରସ୍ତାବକୁ ସମର୍ଥନ ଜଣାଇବା ସହିତ ସବୁ ବିରୋଧୀ ଦଳ ଏକାଠି ହୁଅନ୍ତୁ ବୋଲି କହିଛନ୍ତି। ସେହିପରି ଶିବସେନା(ୟୁବିଟି) ସାଂସଦ ପ୍ରିୟଙ୍କା ଚତୁର୍ବେଦୀ ମଧ୍ୟ ଏହି ପ୍ରସ୍ତାବକୁ ସମର୍ଥନ ଜଣାଇଛନ୍ତି। ସିଇସିଙ୍କୁ ଉପଯୋଗ କରି ଭାଜପା ଏସ୍‌ଆଇଆର୍ ନାଁରେ ଯେଭଳି ଭୋଟରଙ୍କ ଅଧିକାର ଛିନ୍ନ କରୁଛି,ତାହା ବିରୋଧରେ ସବୁ ବିରୋଧୀ ଏକାଠି ହେବା ଉଚିତ ବୋଲି ସେ କହିଛନ୍ତି।

# ଅନ୍‌ଲାଇନ ଗେମ୍ ନେଉଛି ଜୀବନ

ନୂଆଦିଲ୍ଲୀ,୪।୨

'କୋରିଆନ୍ ଗେମ୍' ଭଳି ଅନ୍‌ଲାଇନ ଗେମ୍ ଆପ୍ ଜାଲରେ ପଡ଼ି ଉତ୍ତରପ୍ରଦେଶ ଗାଜିଆବାଦ ସହରର ସାହିବାବାଦ ଅଞ୍ଚଳରେ ୩ ନାବାଳିକା ଭଉଣୀ ୯ ମହଲା ଉପରୁ ଡେଇଁ ଆତ୍ମହତ୍ୟା କରିବା ଘଟଣା ସାରା ଦେଶକୁ ସ୍ତମ୍ଭୀଭୂତ କରିଦେଇଛି। ବୁଧବାର ପ୍ରତ୍ୟୁଷରେ ଏଭଳି ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିବା ପରେ ମଣିଷ ଉପରେ ଅନ୍‌ଲାଇନ ଗେମିଂ ଆପ୍‌ର କୁପ୍ରଭାବକୁ ନେଇ ବିଭିନ୍ନ ମହଲରେ ତର୍ଜମା ଆରମ୍ଭ ହୋଇଛି। କେବଳ ଏହି କୋରିଆନ୍ ଗେମ୍ ନୁହେଁ, ଏହାପୂର୍ବରୁ ଅନେକ ଅନ୍‌ଲାଇନ ଗେମ୍ ପ୍ଲାଟଫର୍ମ ଜାଲରେ ପଡ଼ି ବହୁ ଜୀବନ ଯିବାର ମଧ୍ୟ ନଜିର ରହିଛି। ଏହାସତ୍ତ୍ୱେ ଦିନକୁ ଦିନ ପିଲାଙ୍କଠାରୁ ଆରମ୍ଭ କରି ସ୍ୱଳ୍ପ ବୟସ୍କ ଯୁବକମାନେ ଅନ୍‌ଲାଇନ ଗେମ୍ ଜାଲରୁ ମୁକୁଳି ପାରୁନାହାନ୍ତି। ବରଂ ଅନ୍‌ଲାଇନ୍ ଗେମ୍ ଏବଂ ଏଥିସହିତ ଜଡ଼ିତ ଡିଜିଟାଲ୍ ଚ୍ୟାଲେଞ୍ଜ ଛୋଟ ପିଲାଙ୍କ ଜୀବନଶୈଳୀର ଅଙ୍ଗ ପାଲଟିଯାଇଛି।



## ପିଲାଙ୍କ ମାନସିକ ଅବସାଦ ବଢ଼ୁଛି

ଗାଜିଆବାଦ ଘଟଣା ସମ୍ପର୍କରେ ବିଶେଷଜ୍ଞମାନେ ତର୍ଜମା ଆରମ୍ଭ କରିଛନ୍ତି। ପ୍ରକୃତରେ କୋରିଆନ୍ ଗେମ୍‌ର ଅର୍ଥ ଏହା କୋରିଆ ଦେଶର ଖେଳ ନୁହେଁ। ଏହି ଶବ୍ଦକୁ ଅନ୍ୟ ଅର୍ଥରେ ବ୍ୟବହାର କରାଯିବା ସହିତ ସମ୍ପୃକ୍ତ ଆପ୍‌ରେ ଖେଳୁଥିବା ପିଲାଙ୍କୁ ଏକ ନିର୍ଦ୍ଦିଷ୍ଟ ସମୟରେ କିଛି କାର୍ଯ୍ୟ ଶେଷ କରିବାକୁ କୁହାଯାଇଥାଏ। ଅନ୍‌ଲାଇନ ଗେମ୍‌ରେ ରିୱାର୍ଡ, ପଏଣ୍ଟ, ଲେବଲ ବ୍ୟବସ୍ଥା ରହିଥିଲାବେଳେ ଏହାକୁ ଖେଳୁଥିବା ପିଲାଙ୍କୁ ସବୁ ଦିଗରୁ ଆଗକୁ ଯିବାକୁ ପ୍ରୋତ୍ସାହିତ କରାଯାଇଥାଏ। କୋରିଆନ୍ ଗେମ୍ ଆପ୍‌ରେ ମଧ୍ୟ ସମାନ ବ୍ୟବସ୍ଥା ସହିତ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଗୋଟିଏ ସ୍ତରରୁ ଉପରକୁ ଯିବାକୁ କୁହାଯାଇଥାଏ। କିନ୍ତୁ ଏହି ପ୍ରକ୍ରିୟାରେ ଏଭଳି ବ୍ୟବସ୍ଥା ଥାଏ ଯେ, ଜଣେ ଖେଳୁଥିବା ସମୟରେ ଅତ୍ୟନ୍ତ ଉତ୍ସାହିତ ହୋଇପଡ଼ିଥାନ୍ତି। ଏହି ସମୟରେ ମସ୍ତିଷ୍କର ଡୋପାମାଇନ୍ ସ୍ତର ବଢ଼ି ଯାଇଥାଏ ଏବଂ ଖେଳୁଥିବା ଯୁବକ କିମ୍ବା ପିଲା ଆଗକୁ ଆଗକୁ ବଢ଼ିବା ଲାଗି ବ୍ୟାକୁଳ ହେବା ସହିତ ଯେକୌଣସିମତେ ସଫଳ ହେବାକୁ ଚାହେଁ ବୋଲି ମନସ୍ତାତ୍ତ୍ୱିକ ବିଶେଷଜ୍ଞ ଡ. ପ୍ରଶାନ୍ତ ଗୋଏଲ କହିଛନ୍ତି।

# ଗଦ୍ଦାଫିଙ୍କ ପୁଅଙ୍କୁ ହତ୍ୟା

ତ୍ରିପୋଲି,୪।୨

ଲିବ୍ୟାର ପୂର୍ବତନ ନେତା ମୁଆମାର୍ ଗଦ୍ଦାଫିଙ୍କ ପୁତ୍ର ତଥା ଲିବ୍ୟାର ଜଣାଶୁଣା ନେତା ସୈଫ୍ ଅଲ-ଇସ୍‌ଲାମ୍ ଗଦ୍ଦାଫିଙ୍କୁ ହତ୍ୟା କରାଯାଇଛି। ତ୍ରିପୋଲିଠାରୁ ପ୍ରାୟ ୧୩୬ କି.ମି. ଦୂର ଜିନ୍‌ତାନ୍ ସହରରେ ତାଙ୍କ ଆବାସିକ ଘରେ କେତେଜଣ ସଶସ୍ତ୍ର ବ୍ୟକ୍ତି ତାଙ୍କୁ ଗୁଳିକରି ହତ୍ୟା କରିଛନ୍ତି। ଏ ସମ୍ପର୍କରେ ସୈଫ୍‌ଙ୍କ ରାଜନୈତିକ ପରାମର୍ଶଦାତା ଅବଦୁଲା ଓଥ୍‌ମ୍ୟାନ୍ ଫେସ୍‌ବୁକ୍‌ରେ ପୋଷ୍ଟ କରି ଉଲ୍ଲେଖ କରିଛନ୍ତି। ପରେ ପରେ ସୈଫ୍‌ଙ୍କ ରାଜନୈତିକ ଟିମ୍ ପକ୍ଷରୁ ମଧ୍ୟ ଏହି ଖବର ସମ୍ପର୍କରେ ସୂଚନା ଜାରି କରାଯାଇଛି। ୪ ଜଣ ସଶସ୍ତ୍ର ବ୍ୟକ୍ତି ସୈଫ୍‌ଙ୍କ ଘରେ ପ୍ରବେଶ କରି ଅତ୍ୟନ୍ତ ଜଘନ୍ୟ ଭାବେ ତାଙ୍କୁ ହତ୍ୟା କରିଛନ୍ତି ବୋଲି ଏହି ଟିମ୍ କହିଛି। ହାଇଷ୍ଟେଟ୍ କାଉନ୍‌ସିଲ୍‌ର ପୂର୍ବତନ ମୁଖ୍ୟ ଖାଲିଦ୍ ଅଲ-ମିଶ୍ରି ସୈଫ୍‌ଙ୍କ ହତ୍ୟା ଘଟଣାର ତରନ୍ତ ନିରପେକ୍ଷ ଯାଞ୍ଚ ପାଇଁ ଦାବି କରିଛନ୍ତି।



ସୈଫ୍ ଅଲ-ଇସ୍‌ଲାମ୍ ଗଦ୍ଦାଫି

# କର୍ଣ୍ଣାଟକରେ ଭିବି-ଜି ରାମ ଜି ବିରୋଧରେ ପ୍ରସ୍ତାବ ପାରିତ

ବେଙ୍ଗାଲୁରୁ,୪।୨

ଭିବି-ଜି ରାମ ଜିକୁ ବିରୋଧ କରି କର୍ଣ୍ଣାଟକ ବିଧାନସଭାରେ ବୁଧବାର ଏକ ପ୍ରସ୍ତାବ ପାରିତ ହୋଇଛି। ରାଷ୍ଟ୍ରୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ନାମ ପୂର୍ବ ଭଳି ଏମ୍‌ଜିଏନ୍‌ଆରଇଜିଏସ୍ ରଖିବାକୁ କେନ୍ଦ୍ର ସରକାରଙ୍କ ନିକଟରେ ଦାବି ରଖି ଏହି ପ୍ରସ୍ତାବ ପାରିତ କରାଯାଇଛି। ଶାସକ ଦଳର ଏହି ଆଭିମୁଖ୍ୟକୁ ବିରୋଧ କରି ଭାଜପା ଏବଂ ଜେଡି(ଏସ୍) ଦଳର ସଦସ୍ୟମାନେ ବିଧାନସଭା ଏବଂ ବିଧାନ ପରିଷଦରୁ କକ୍ଷତ୍ୟାଗ କରିଥିଲେ।


## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍- (୦୬୭୪) ୨୩୯୩୫୨୪
ଏପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ:(୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ https://oshb.org

ପତ୍ରସଂଖ୍ୟା ୩୦୪ **ବିଜ୍ଞାପନ** ତା.୧୭.୦୧.୨୦୨୬

**No.13001/20/2526**:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି । ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ । ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ ।

| କ୍ର. ନଂ. | ମୃତ ଆବଣ୍ଟନଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧ | ନାମ-√ଉତ୍ତମ ଲେଙ୍କା<br>ସ୍ୱାମୀ-√କସ୍ତୁରୀ ଲେଙ୍କା<br>ଗ୍ରା/ପୋ-କୋଟପଲ୍ଲା<br>ଥାନା-ବାଘମାରି, ବେଗୁନିଆ<br>ଜିଲ୍ଲା-ଖୋର୍ଦ୍ଧା। | ଘର ନଂ-ଜି/ଏଲ-୭୪<br>(G/L-74)<br>କମ୍ପୋଜିଟ ହାଉସିଂ ପ୍ରକଳ୍ପ<br>୩ୟ ପର୍ଯ୍ୟାୟ,<br>ଭି.ଏସ.ଏସ. ନଗର<br>ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା। | ୧. ତ୍ରିଲୋଚନ ଲେଙ୍କା (ପୁତ୍ର)<br>୨. ପ୍ରମୋଦ ଲେଙ୍କା (ପୁତ୍ର)<br>୩. ମନୋରମା ଲେଙ୍କା (ବି.କନ୍ୟା)<br>୪.କୁମୁଦିନି ଲେଙ୍କା (ବି.କନ୍ୟା) |

ସ୍ୱା./- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-13001/13030/1/25-26/0020

## RAJENDRA UNIVERSITY

PRAJNA VIHAR, BALANGIR-767002, ODISHA (INDIA)

No.133/RUB Date : 31.01.2026

**WALK IN INTERVIEW FOR TEMPORARY ENGAGEMENT OF ASSISTANT PROFESSOR/GUEST FACULTY**

**No.11001/8/2526** : Interested candidates may appear for the walk-in-interview for temporary engagement as Assistant Professor/Guest Faculty in different departments of Rajendra University, Balangir in the subjects :- **Odia, English, Philosophy, Mathematics, Chemistry, Physics, Zoology, Commerce, Education & Political Science** on 18.02.2026 in the University premises. For further details, please visit www.rajendrauniversity.ac.in.

Sd./- Registrar
Rajendra University, Balangir

OIPR-11001/11141/1/25-26/0008

## OFFICE OF THE NOTIFIED AREA COUNCIL, BANPUR

Bid Reference No. : E.O-N.A.C-BNR-02/2025-26
Tender Call Notice No 156/Dt.22.01.2026

**No.13001/20/2526** : The Executive Officer on behalf of Banpur NAC invites percentage basis tender from the registered contractors in offline.

1. Type of Works : Civil construction works as in the D.T.C.N
2. Total No. of works : As per DTCN
3. Tender Amount Cost : As per DTCN
4. Period of Completion : 60 days
5. Date and time of availability of Bid Documents in the office : From 11.00 A.M. of Dt.04.02.2026 to 5.00 P.M. of Dt.11.02.2026
6. Date and time for submission of Original documents in offfice : 12.02.2026 at 11.00 A.M. to 1.00 P.M.
7. Date & Time of Opening of Tender : Dt.12.02.2026 at 3.00 P.M.

Further amendments, corrigendum or other communication regarding this letter will be available by office notice and print media.

Sd./- Executive Officer
Banpur NAC

OIPR-13001/13177/1/25-26/0020

## Government of Odisha "e" procurement Notice

Bid Identification No. TENDER ONLINE SBPR-20 OF 2025-26
e-mail ID : rw_sambalpur@yahoo.co.in, Phone No. 0663-2401850

No.25001/21/2526 No.1011 dated. 03.02.2026

1. Name of the work : Road Works as per DTCN available in the website www.tendersodisha.gov.in
2. Total No. of Work : 05 (Five) Nos.
3. Estimated Cost : Varies from Rs.6.72 lakhs to 18.49 lakhs
4. Period of Completion : 01 (One) Calendar month
5. Period and time of availability of bid document in the portal for bidding : 07.02.2026 at 11.00 A.M. to 13.02.2026 up to 5.00 P.M.
6. Date and time of opening of Tender : 16.02.2026 at 11.00 A.M.
7. Name and address of the officer inviting bid : S.E.R.W. Divn. Sambalpur

(1) Other details can be seen from detailed notice inviting tenders, available in website www.tendersodishagov.in
(2) Corrigendum if any shall only be published in the website : www.tenderodisha.gov.in

Sd./- Superintending Engineer
Rural Works Division, Sambalpur

OIPR-25001/25076/1/25-26/0021

## OFFICE OF THE SUPERINTENDING ENGINEER RURAL WATER SUPPLY AND SANITATION DIVISION, BHUBANESWAR

Plot No. 1214 (Part), Tapovan Road, Khandagiri, Bhubaneswar-30
Short Quotation Call Notice No. - 37 of 2025-26

**No.25001/25/2526** : Sealed quotations are invited from reputed Suppliers/Authorized Firms/Resellers of the State for the works "Supply & installation of C.C. TV for Addition, Alternation & Renoation of existing Conference Hall in the Office of the Additional Chief Engineer, RWS&S Circle, Bhubaneswar."

| | | |
|---|---|---|
| Last date of issue of Bid Document | : | 05.02.2026 till 03:00 P.M. |
| Last date of submission of Bids | : | 05.02.2026 by 04:00 P.M. |
| Opening of Bids | : | 06.02.2026 at 11:30 A.M. |

The Quotation details with materials description can be collected from Office of the Superintending Engineer, RWS&S Division, Bhubaneswar. The Superintending Engineer, RWS&S Division, Bhubaneswar reserves the right to accept/reject/modify & cancel the full tender or part thereof at any time without assigning any reason thereof.

Sd./- Superintending Engineer
RWS&S Division, Bhubaneswar

OIPR-25001/25011/1/25-26/0025

## e-Procurement Notice
## OFFICE OF THE NOTIFIED AREA COUNCIL, CHIKITI, GANJAM

Tender Call Notice No. 111, Dt.02.02.2026
Bid Identification No.- CHKT-NAC-03/2025-26

**No.13001/20/2526** : Bid document consisting for Selection of an agency for execution and management of the Development Work of Chikiti NAC, Estimated Cost, Cost of Tender paper, E.M.D and the set of terms and conditions and other necessary documents can be seen in Govt. i.e. www.tenderorissa.gov.in.

| | |
|---|---|
| Total Number of Works | 19 Nos. |
| Estimated Cost | Rs.214142/- to Rs.1301530/- |
| Date & Time of availability of Bid documents in the portal | 11.00 A.M. of Dt.04.02.2026 to 05.00 P.M. of Dt.16.02.2026 for Online Bidding |
| Last Date of receive of Bid through Online | 05.00 P.M. of Dt.16.02.2026 |
| Date and time of Opening of Bid received online | 11.00 A.M. on Dt. 17.02.2026 |

OIPR-13001/13222/1/25-26/0020 Sd./- Executive Officer, NAC, Chikiti

## OFFICE OF THE MUNICIPAL COUNCIL, JODA

Phone No. : 06767-272214, Fax No. : 06767-272214,
E-Mail : eojodamunicipality@rediffmail.com

No.324/ Dt.02.02.2026

**'e'-procurement Notice**
**Bid Identification No. JM-03/2025-26**

**No.13001/20/25-26** : Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Govt. website i.e www.tendersodisha.gov.in

1. Nature of Work : Civil Works
2. No. of Works : 10 Nos.
3. Estimated Cost : From Rs.4,23,754/- to Rs.16,94,967/-
4. Bid identification No. : 2026_ORULB_125410_1 to 2026_ORULB_125410_10
5. Date & time of availability of the Documents in the Portal : From dt.03.02.2026 at 10.00 A.M. Up to Dt.13.02.2026 at 5.00 P.M.
6. Last date/time for receipt of Bids in the Portal : On dt.13.02.2026 up to 5.00 P.M.
7. Bids received online shall be opened : On Dt.16.02.2026 at 11.00 A.M.
8. Name and address of the Officer Inviting Bid : Executive Officer, Joda Municipality

Further, the details can be seen from the e-Procurement Portal : www.tendersodisha.gov.in.

Sd./- Executive Officer
Joda Municipality

OIPR-13001/13244/1/25-26/0020

## OFFICE OF THE EXECUTIVE ENGINEER RURAL WATER SUPPLY & SANITATION DIVISION, MALKANGIRI

Email : eerwss_mal@nic.in, eerwssmlkg@gmail.com
QUOTATION CALL NOTICE No. 01 of 2025-26 / Dt.30.01.2026

**No.25001/23/2526** : The Superintending Engineer, RWS&S Division, Malkangiri on behalf of Governor of Odisha invites Sealed quotations from interested reputed Travel Agencies / Tour Operators or private individuals for providing one numbers of AC Diesel driven vehicles having sitting capacity not more than nine including driver, which shall confirm to the Terms and conditions for official use of the Assistant Executive Engineer, RWS&S Sub-Division, Malkangiri under RWS&S Division, Malkangiri.

The time schedule of the quotation is as follows.

| | | |
|---|---|---|
| Date for sale of quotation | : | Dt.04.02.2026 to 12.02.2026 up to 04.00 P.M. |
| Date for submission of quotation | : | Dt.04.02.2026 to 12.02.2026 up to 05.00 P.M. |
| Date of Opening of Quotation | : | 13.02.2026 at 11.00 A.M. |

The Detailed Quotation Call Notice will be available in the Office of the Executive Engineer, RWS&S Division, Malkangiri as per the above date & time.

The Authority reserves the right to reject any or all quotations.

Sd./- Superintending Engineer
RWS&S Division, Malkangiri

OIPR-25001/25044/1/25-26/0023

## VISA STEEL LIMITED

CIN: L51109OR1996PLC004601

Registered Office : 11 Ekamra Kanan, Nayapalli, Bhubaneswar 751 015, Odisha Phone: (+91-674) 255 2479, Fax : (+91-674) 255 4661
Website: www.visasteel.com ● Email ID for registering Investor Grievances: cs@visasteel.com

Extract of Unaudited Standalone/Consolidated Financial Results for the Quarter and Nine Months ended 31 December 2025

(Rs. In Crore, except EPS)

| Sl. No. | Particulars | Standalone | | | | Consolidated | |
|---|---|---|---|---|---|---|---|
| | | Quarter Ended | | Nine Months Ended | | Quarter Ended | Nine Months Ended |
| | | 31 December 2025 | 31 December 2024 | 31 December 2025 | 31 December 2024 | 31 December 2025 | 31 December 2025 |
| 1 | Total Income from Operations (net) | 145.14 | 119.07 | 396.07 | 404.89 | 145.14 | 396.07 |
| 2 | Net Profit / (Loss) for the period (before tax, Exceptional and / or Extraordinary items) | (16.53) | (17.27) | (32.43) | (35.85) | (16.53) | (32.43) |
| 3 | Net Profit / (Loss) for the period before tax (after Exceptional and / or Extraordinary items) | (16.53) | (17.27) | (32.43) | (28.35) | (16.53) | (32.43) |
| 4 | Net Profit / (Loss) for the period after tax (after Exceptional and / or Extraordinary items) | (16.53) | (17.27) | (32.43) | (28.35) | (16.53) | (32.43) |
| 5 | Total Comprehensive Income for the Period [Comprising Profit/(Loss) for the period (after tax) and Other Comprehensive Income (after tax)] | (16.57) | (17.29) | (32.57) | (28.42) | (16.58) | (32.57) |
| 6 | Equity Share Capital (face value of Rs. 10/- each) | 129.29 | 115.79 | 129.29 | 115.79 | 129.29 | 129.29 |
| 7 | Other Equity * | | | | | | |
| 8 | Earnings Per Share (of Rs. 10/- each) (Basic and Diluted) | (1.42) | (1.49) | (2.79) | (2.45) | (1.42) | (2.79) |

* Other Equity as on 31 March 2025 stands at Rs.(1,476.63) Crore and Rs.(1,476.62) Crore respectively for the Standalone and Consolidated Financial Results.

Notes :

1. The above is an extract of the detailed format of Financial Results for the quarter and nine months ended 31 December 2025, filed with the Stock Exchanges under Regulation 33 of the Securities and Exchange Board of India (Listing Obligation and Disclosure Requirements) Regulations, 2015. The full format of the Financial Results for the quarter and nine months ended 31 December 2025 are available on the Company's website: www.visasteel.com and also available on the Stock Exchange websites, NSE: www.nseindia.com & BSE: www.bseindia.com. The same can be accessed by scanning the QR Code below.

By Order of the Board
For VISA Steel Limited

Sd/-
Vishal Agarwal
Vice Chairman & Managing Director
DIN 00121539

Place : Kolkata
Date : 04 February 2026

## ODISHA STATE CIVIL SUPPLIES CORPORATION LTD. KENDRAPARA

e-mail : cso.kendrapada@gmail.com

**Tender Call Notice No.** Dt.

**No.7001/1/2526** : In pursuance of instructions communicated vide letter No.1403 dtd. 22.01.2026 of OSCSC Ltd, Bhubaneswar, the undersigned invites sealed tender / quotation from interested reputed Travel Agencies / Tour Operators or Private individuals for providing 2 (two) nos. of Non AC / AC vehicles one Petrol driven (Honda Amaze / Tata Altros / Maruti Celerio / Maruti Desires / Tata Tiago / Bolt / (Petrol Driven Vehicle for Official Purpose and another Diesel driven is Bolero & Ertiga etc.) for Paddy Procurement Operation for the KMS-2025-2026 (Only commercial registered vehicles are allowable). The tender selection programme will be as follows.

The Tender documents with terms and conditions and other details are also available in the District website at www.kendrapara.nic.in.

| Particulars of tender process | Programme Date |
|---|---|
| 1. Publication of tender notice in 02 (two) local edition of a leading Oriya daily of the state | By Dt.02.02.2026 |
| 2. Sale of tender paper (all working days) | From Dt. 02.02.2026 to 20.02.2026 (1 P.M.) |
| 3. Receipt of tender paper | From Dt. 02.02.2026 to 20.02.2026 (02 P.M.) |
| 4. Opening of tender paper & selection of tenders | 20.02.2026 at 4 P.M. in the Office Chamber of the ADM (Gen.) Kendrapara |

By Order of Collector, Kendrapara
Sd./- CSO-cum-District Manager
OSCSC Ltd., Kendrapara

OIPR-7001/7039/1/25-26/0001

## ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ
( ଓଡ଼ିଶା ସରକାରଙ୍କ ଏକ ଉପକ୍ରମ)

ODISHA POWER TRANSMISSION CORPORATION LIMITED
(A Government of Odisha Undertaking)

ଉପ ମହାପ୍ରବନ୍ଧକ(ବିଦ୍ୟୁତ)ଙ୍କ କାର୍ଯ୍ୟାଳୟ, ଅତ୍ୟୁଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ୍ ନିର୍ମାଣ ବିଭାଗ, ବଲାଙ୍ଗୀର

**ବିଜ୍ଞପ୍ତି**

ଏତଦ୍ୱାରା ଜନ ସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ୧୩୨/୩୩ କେ.ଭି. ଗ୍ରୀଡ୍ ସବ୍‌ଷ୍ଟେସନ ତରଭା ଏବଂ ଏହାକୁ ୧୩୨ କେ.ଭି. ବଲାଙ୍ଗୀର - ସୋନପୁର ଲାଇନ୍ ସହିତ ସଂଯୋଗ କରୁଥିବା ୧୩୨ କେ.ଭି. ଲିଲୋ ଲାଇନ୍‌ର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଯାଇଛି । ଉକ୍ତ ଲାଇନ୍‌ଟି ସୁବର୍ଣ୍ଣପୁର ଜିଲ୍ଲାର ମନହୀରା, ସିବତୁଲା, ପଦ୍ମପୁର ଗ୍ରାମ ଦେଇ ଯାଉଅଛି । ଏହି ଗ୍ରୀଡ୍ ସବ୍‌ଷ୍ଟେସନ ତଥା ଲାଇନ୍‌ଟିକୁ ଆସନ୍ତା ତା. ୦୫.୦୨.୨୦୨୬ ରିଖ ପରଠାରୁ ଯେ କୌଣସି ମୁହୂର୍ତ୍ତରେ ବିଦ୍ୟୁତ୍ ସଂଯୋଗ କରାଯାଇ ବିଦ୍ୟୁତ ପ୍ରବାହ କରାଯିବ।

ଏହି ବିଜ୍ଞାପନ ଜରିଆରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ପ୍ରଚଳିତ ଭାରତୀୟ ନିୟାମକ ୧୯୫୯ ଧାରା ୭୯,୮୦ ଏବଂ ୮୨(କ) ଅନୁଯାୟୀ ବିନା ଅନୁମତିରେ ବିଦ୍ୟୁତ୍ ଲାଇନ୍ ତଳେ ଘର ତୋଳିବା, ଗଛ ଲଗାଇବା, ବିଦ୍ୟୁତ୍ ଟାୱାରରେ ଚଢିବା,ଗୃହପାଳିତ ପଶୁ ବାନ୍ଧିବା, କୌଣସି ଲୁହା ଛଡ ବା ଲୁହା ପାଇପ ବା କଞ୍ଚା ବାଉଁଶ ଇତ୍ୟାଦି ନେବା ଆଣିବା କରିବା ନିଷେଧ ଅଟେ। ଏହା ଦ୍ୱାରା ଧନ ଜୀବନ ହାନିର ଆଶଙ୍କା ରହିଛି । ଏହି ଅତ୍ୟୁଚ୍ଚ ବିଦ୍ୟୁତ୍ ଲାଇନ୍ ନିକଟରେ ବସବାସ କରୁଥିବା ବା ଚଳପ୍ରଚଳ କରୁଥିବା ଜନସାଧାରଣ ନିରାପତ୍ତା ମୂଳକ ସାବଧାନତା ଅବଲମ୍ବନ କରିବା ଉଚିତ।

ଉପରଲିଖିତ ନିୟମମାନ ଉଲ୍ଲଂଘନ କରିବା ଆଇନ ଅନୁଯାୟୀ ଦଣ୍ଡନୀୟ ଅପରାଧ ଅଟେ । ଏଣୁ ସର୍ବସାଧାରଣଙ୍କୁ ନିଜ ଧନ ଜୀବନର ନିରାପତ୍ତା ଦୃଷ୍ଟିରୁ ସତର୍କ ରହି ସାଧାରଣ ନିୟମ ପାଳନ କରିବାକୁ ଅନୁରୋଧ।

ସ୍ୱା/- ଉପ ମହାପ୍ରବନ୍ଧକ (ବିଦ୍ୟୁତ)
ଅତ୍ୟୁଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ୍ ପ୍ରକଳ୍ପ ବିଭାଗ,ବଲାଙ୍ଗୀର

FIPR-94/2025-26

/optcl.odisha /optcl_odisha

**ଜାଗୁଲାଇପଦର ଆଶ୍ରମରେ ଦୁଇଦିନିଆ ଧର୍ମସଭା**

କଣାସ (ବିଭୂତି ଭୂଷଣ ତ୍ରିପାଠୀ): କଣାସ ବ୍ଲକ ଅନ୍ତର୍ଗତ ଗୋପୀନାଥପୁର ପଞ୍ଚାୟତ ଜାଗୁଲାଇପଦର ଗ୍ରାମଠାରେ ଥିବା ଶ୍ରୀଅଭିରାମ ପରମହଂସଙ୍କ ପାଦୁକା ଆଶ୍ରମରେ ୨ଦିନିଆ ଭକ୍ତ ମିଳନ ଓ ଧର୍ମସଭା ଅନୁଷ୍ଠିତ ହୋଇଛି। କରମଳା ଶାନ୍ତି ଆନନ୍ଦ ଆଶ୍ରମର ସନ୍ୟାସୀ ହରେକୃଷ୍ଣ ଦାସ, ସନ୍ୟାସୀ ବନବିହାରୀ ଦାସ, ସନ୍ୟାସୀ ବୁଦ୍ଧଦେବ ଦାସ, ସନ୍ୟାସୀ ଦେବବ୍ରତ ଦାସ, ସନ୍ୟାସୀ ସତ୍ୟପ୍ରଜ୍ଞାନ ଦାସ, ସନ୍ୟାସୀ ତ୍ରିଲୋଚନ ଦାସ ପ୍ରମୁଖ ଯୋଗଦେଇ ପୂଜା, ଭଜନ, କୀର୍ତ୍ତନ, ପ୍ରବଚନ କରିଥିଲେ। ଗାୟିକା କଳ୍ପନା ନାୟକ ପାଲା ପରିବେଷଣ କରିଥିଲେ। ବିଭିନ୍ନ ଗ୍ରାମରୁ ଆସିଥିବା ଭକ୍ତମାନେ ଏହି ଧାର୍ମିକ ସଭାରେ ଅଂଶଗ୍ରହଣ କରିଥିଲେ।

## ସଂକ୍ଷେପରେ

### ଗାଡ଼ି ଧକ୍କାରେ ବୃଦ୍ଧ ମୃତ

**ଯୋଗେଶ୍ୱରପୁର,୪।୨(ରଶ୍ମିରଞ୍ଜନ ସାହୁ):** ନୟାହାଟ-ନାଗପୁର ରାସ୍ତାର ବିଶୁଲିପଡ଼ା ମଦ୍ରାସା ନିକଟରେ ଗାଡ଼ି ଧକ୍କାରେ ଗୁରୁତର ହୋଇ ଚିକିତ୍ସାଧୀନ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ବ୍ୟକ୍ତି ହେଲେ ନୟାହାଟ ଫାଣ୍ଡି ଅନ୍ତର୍ଗତ ଧୂଳିଆଠେଙ୍ଗ ଗ୍ରାମର ଗୌରାଙ୍ଗ ମହାରଣା(୪୮)। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲିକ ଘଟଣାସ୍ଥଳରେ ପହଞ୍ଚି ସେଠାରେ ଲାଗିଥିବା ସିସିଟିଭି ଫୁଟେଜ୍‌କୁ ଯାଞ୍ଚ କରି ତଦନ୍ତ ଚଳାଇଛନ୍ତି। ସୂଚନାଯୋଗ୍ୟ, ରବିବାର ଗୌରାଙ୍ଗ ନୟାହାଟ ଆସୁଥିବା ବେଳେ ବିଶୁଲିପଡ଼ାଠାରେ ଏକ ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା।

### ୭ରେ ପ୍ରଣାମ ପୁରୀ ସମ୍ମାନ ସମାରୋହ

**ପୁରୀ, ୪।୨(ଅଜିତ୍ କୁମାର ମହାନ୍ତି):** ଆସନ୍ତା ୭ ତାରିଖ ସନ୍ଧ୍ୟାରେ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଶ୍ରୀଧାମ କଲ୍‌ଚରାଲ ଏକାଡେମୀ ଦ୍ୱାରା 'ପ୍ରଣାମ ପୁରୀ ସମ୍ମାନ ସମାରୋହ-୨୦୨୬ ଓ ରିୟା ଡୁକିୟା ନାଇଟ୍' କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏନେଇ ବୁଧବାର ସ୍ଥାନୀୟ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ସଭାଗୃହରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ଉପଦେଷ୍ଟା ଡ. ପ୍ରଧାନ ଧୀରେନ୍ ରାୟ, ଓଜେପି ରାଜ୍ୟ ଉପସଭାପତି ସଞ୍ଜୀବ କୁମାର ମହାପାତ୍ର, ସାଂସ୍କୃତିକ ସମ୍ପାଦିକା ମାମାଲି ମିଶ୍ର, ବରିଷ୍ଠ ସଦସ୍ୟ ତଥା ଅଭିନେତା ବୁବୁନ୍ ମିଶ୍ର ଏବଂ ଅନୁଷ୍ଠାନର ସମ୍ପାଦିକା ବନିତା ବାରିକ୍, ସଂଯୋଜକ ସନ୍ତୋଷ କୁମାର ବାରିକ୍ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡ଼ିଆ ସିନେମାର ନିର୍ଦ୍ଦେଶକ ଓ ଅଭିନେତା ସୁଧାକର ବସନ୍ତ ଯୋଗଦେବେ।

### ମେଧାବୃତ୍ତିରେ ଭୀମପୁର କ୍ଲଷ୍ଟରର ୩ ଛାତ୍ରୀଛାତ୍ର କୃତକାର୍ଯ୍ୟ

**ସାକ୍ଷୀଗୋପାଳ,୪।୨(ଭରତ ରାଉତ):** ସତ୍ୟବାଦୀ ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶିତ ମେଧାବୃତ୍ତି ତାଲିକାରେ ୩ୟ ଓ ୫ମ ଶ୍ରେଣୀରୁ ଭୀମପୁର କ୍ଲଷ୍ଟରର ୩ ଛାତ୍ରୀଛାତ୍ର ସଫଳତା ହାସଲ କରିଛନ୍ତି। ସଫଳ ଛାତ୍ରୀଛାତ୍ର ହେଲେ ପକ୍ଷୀମୁଣ୍ଡ ନୋଡାଲ ଉ.ପ୍ରା. ବିଦ୍ୟାଳୟର ପ୍ରଜ୍ଞା ପାରମିତା ପରିଡ଼ା(୫ମ), ଡାହାଣ କୁମ୍ଭାରପଡ଼ା ଉ.ପ୍ରା. ବିଦ୍ୟାଳୟର ସାଇପ୍ରସାଦ ବରାଳ(୫ମ) ଏବଂ ଲୁଣିଆ ଡିହପଡ଼ା ପ୍ରାଥମିକ ବିଦ୍ୟାଳୟର ତୃତୀୟ ଶ୍ରେଣୀ ଛାତ୍ର ଅନ୍ୱେଷ ଦାଶ। ଛାତ୍ରୀଛାତ୍ରମାନେ ଉକ୍ତ ସଫଳତାର ଶ୍ରେୟ ସେମାନଙ୍କ ଗୁରୁ, ଗୁରୁଜନ ଓ ଅଭିଭାବକଙ୍କୁ ଦେବା ସହ ସମସ୍ତଙ୍କ ସହଯୋଗ, ଆଶୀର୍ବାଦ ଓ ନିଜର ଅଧ୍ୟବସାୟ ବଳରେ ଏହି କୃତିତ୍ୱ ମିଳିପାରିଛି ବୋଲି ମତପ୍ରକାଶ କରିଛନ୍ତି।

### ସାମ୍ବାଦିକଙ୍କ ଜେଜେମା'ଙ୍କ ଦେହାନ୍ତ

**କୋଣାର୍କ,୪।୨(ଜ୍ୟୋତିରାଜ ମହାନ୍ତି):** କୋଣାର୍କ ଏନ୍‌ଏସି ଅଧୀନ ୧୦ନଂ. ୱାର୍ଡ ରାଣୀହାଟ ସାହିର ସାମ୍ବାଦିକ ଗଣେଶ ଚନ୍ଦ୍ର ବେହେରାଙ୍କ ଜେଜେମା' ରୂପେଇ ବେହେରାଙ୍କ ବୁଧବାର ଦେହାନ୍ତ ହୋଇଛି। ଏହି ସମୟରେ ନାତି ସାମ୍ବାଦିକ ଗଣେଶ ଚନ୍ଦ୍ର ବେହେରା, ନାତି ମାନସ ବେହେରା, ସନ୍ତୋଷ ବେହେରା ଓ ବୋହୂ କୁନିମଣି ବେହେରାଙ୍କ ସମେତ ବନ୍ଧୁ ପରିଜନ ଉପସ୍ଥିତ ଥିଲେ। ସ୍ୱର୍ଗତ ରୂପେଇ ବୟସାଧିକ କାରଣରୁ ଶଯ୍ୟାଶାୟୀ ଥିଲେ। ସେ ଜଣେ ପରୋପକାରୀ, ଧର୍ମପରାୟଣା ମହିଳା ଭାବେ ଲୋକପ୍ରିୟତା ଅର୍ଜନ କରିଥିଲେ। ତାଙ୍କ ଶବାଧାରକୁ ଶୋଭାଯାତ୍ରାରେ ସ୍ୱର୍ଗରଥରେ ପୁରୀ ସ୍ୱର୍ଗଦ୍ୱାର ନିଆଯାଇଥିଲା। ସେଠାରେ ସାନପୁଅ ବିଜୟ ମୁଖାଗ୍ନି ଦେଇଥିଲେ।

### ସ୍ୱେଚ୍ଛାସେବୀଙ୍କ ଦିନିକିଆ ତାଲିମ ଶିବିର

**କଣାସ,୪।୨(ବିଭୂତି ଭୂଷଣ ତ୍ରିପାଠୀ):** ସୁରକ୍ଷିତ ମାତୃତ୍ୱ ଓ ସୁସ୍ଥ ଶିଶୁ ଜନ୍ମକୁ ସୁନିଶ୍ଚିତ କରିବା ଲକ୍ଷ୍ୟରେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ବୁଧବାର ସୁମନ ସ୍ୱେଚ୍ଛାସେବୀଙ୍କ ପାଇଁ ଏକ ଦିନିକିଆ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟେକ ଉପକେନ୍ଦ୍ରରୁ ୨ଜଣ କରି ସ୍ୱେଚ୍ଛାସେବୀଙ୍କୁ ଚିହ୍ନଟକରି ସୁରକ୍ଷିତ ମାତୃତ୍ୱ ଆଶ୍ୱାସନା କାର୍ଯ୍ୟକ୍ରମରେ ସେମାନଙ୍କୁ ସାମିଲ କରିବା ଉଦ୍ଦେଶ୍ୟରେ ଏହି ତାଲିମ ଆୟୋଜନ କରାଯାଇଥିଲା। ଅରବିନ୍ଦ ଓ ମାଆଙ୍କ ଆଦର୍ଶରେ ଅନୁପ୍ରାଣିତ ପ୍ରାୟ ୨୩ଜଣ ସୁମନ ସ୍ୱେଚ୍ଛାସେବୀଙ୍କ ସହ ସମୁଦାୟ ୪୦ ସ୍ୱେଚ୍ଛାସେବୀ ଯୋଗଦେଇ ମାଆ ଓ ଶିଶୁ ସ୍ୱାସ୍ଥ୍ୟ ସୁରକ୍ଷାରେ ନିଜ ଭୂମିକା ନିର୍ବାହ କରିବା ପାଇଁ ପ୍ରଶିକ୍ଷଣ ଗ୍ରହଣ କରିଥିଲେ।

# ଓବିସିସି ଦ୍ୱାରା ନିର୍ମିତ ସମସ୍ତ ପ୍ରକଳ୍ପର ସମୀକ୍ଷା

**ପୁରୀ,୪।୨(ଅଜିତ୍ କୁମାର ମହାନ୍ତି)**



ସମୀକ୍ଷା ବୈଠକରେ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀଙ୍କ ସମେତ ଅନ୍ୟ ଅଧିକାରୀମାନେ।

ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ବୁଧବାର ଓବିସିସି ଦ୍ୱାରା ନିର୍ମିତ ପ୍ରକଳ୍ପଗୁଡ଼ିକର ସମୀକ୍ଷା କରିଛନ୍ତି। ମାର୍ଚ୍ଚ ୧୦ ସୁଦ୍ଧା ନିର୍ମାଣାଧୀନ ଷ୍ଟାଫ୍ କ୍ୱାର୍ଟର୍ସ କାର୍ଯ୍ୟ ଓ ଶ୍ରୀଗୁଣ୍ଡିଚା ମନ୍ଦିରର ନବୀକରଣ କାର୍ଯ୍ୟ ୧୫ ଏପ୍ରିଲ ସୁଦ୍ଧା ସାରିବାକୁ ଓବିସିସିକୁ ଅନୁରୋଧ କରିଛନ୍ତି। ସେହିପରି ନରେନ୍ଦ୍ରକୋଣରେ ନିର୍ମାଣ କରାଯାଇଥିବା ଶୌଚାଳୟ, ଶୁଦ୍ଧିକ୍ରିୟା ଗୃହ ଓ ମୁଣ୍ଡନ ଗୃହ ଶ୍ରୀମନ୍ଦିର ପ୍ରଶାସନକୁ ହସ୍ତାନ୍ତର କରାଯିବ। ଏଥିସହିତ ଇନ୍ଦ୍ରଦ୍ୟୁମ୍ନ ଓ ମାର୍କଣ୍ଡେୟ ପୁଷ୍କରିଣୀଠାରେ ଶୌଚାଳୟ ଓ ଆଲୋକୀକରଣ କରାଯିବ। ଅବଢ଼ା ଯୋଜନାରେ ନୀଳାଦ୍ରି ଭକ୍ତନିବାସ ପଶ୍ଚାତ୍‌ଭାଗରେ ଆଉ ଏକ ଭକ୍ତନିବାସ ନିର୍ମାଣ କରାଯିବା ସହ ଅନ୍ନପୂର୍ଣ୍ଣା ଥିଏଟର ଓ ପୁରାତନ ମଠମନ୍ଦିରର ଉନ୍ନତୀକରଣ, ଦୋଳବେଦି ସଂରକ୍ଷଣ ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଆପତ୍ତିବିହୀନ ପ୍ରମାଣପତ୍ର ଦିଆଯିବା ପାଇଁ ପରିଚାଳନା କମିଟିଙ୍କ ଅନୁମୋଦନକ୍ରମେ ଏନ୍‌ଓସି ଦିଆଯିବା ବ୍ୟବସ୍ଥା ଗ୍ରହଣ କରାଯିବ।

ଶ୍ରୀମନ୍ଦିର ବୈଷୟିକ ଦଳର ପରିଦର୍ଶନ ପରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପରେ ଓବିସିସି ଦ୍ୱାରା ନିର୍ମିତ ବିଦ୍ୟୁତ୍ ଗୃହ ସହ ଟ୍ରାନ୍ସଫର୍ମର ପ୍ୟାନେଲ ବୋର୍ଡ, ଶ୍ରୀଗୁଣ୍ଡିଚା ମନ୍ଦିର ଓ ଶ୍ରୀମନ୍ଦିରରେ ଲାଗିଥିବା ସିସିଟିଭିଗୁଡ଼ିକ ଶ୍ରୀମନ୍ଦିରକୁ ହସ୍ତାନ୍ତର କରାଯିବ। ଶ୍ରୀମନ୍ଦିର ଆଦର୍ଶ ଗୁରୁକୁଳ ଜମିରେ ଅସ୍ଥାୟୀ ଟିଣବାଡ଼ ସଂସ୍ଥାପନ ଓ ପ୍ରମୋଦ ଉଦ୍ୟାନ କାର୍ଯ୍ୟ ଆରମ୍ଭ କରାଯିବ। ଆସନ୍ତା ୧୫ ତାରିଖ ସୁଦ୍ଧା ଆଇଆଇଟିଙ୍କ ପରାମର୍ଶରେ ନାଟମଣ୍ଡପରେ ଶୃଙ୍ଖଳିତ ଦର୍ଶନ ପାଇଁ ହୋଇଥିବା କାଠ ର୍‌ୟାମ୍ପର ଚୂଡ଼ାନ୍ତ ଡିଜାଇନ୍ ପ୍ରସ୍ତୁତି ଶେଷ କରିବାକୁ ନିଷ୍ପତ୍ତି ହୋଇଛି। ଅପରପକ୍ଷରେ ବାସେଳି ସାହିରେ ନିର୍ମାଣାଧୀନ ୩୬୦୦ ବେଡ୍‌ବିଶିଷ୍ଟ ଧର୍ମଶାଳାର ନିର୍ମାଣ କାର୍ଯ୍ୟ ରଥଯାତ୍ରା ପୂର୍ବରୁ ଶେଷ କରିବାକୁ ମୁଖ୍ୟ ପ୍ରଶାସକ ପରାମର୍ଶ ଦେଇଛନ୍ତି। ସମସ୍ତ କାର୍ଯ୍ୟ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଶେଷ କରିବାକୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପାଢ଼ୀ ଓବିସିସି ଅଧିକାରୀଙ୍କୁ ଅନୁରୋଧ କରିଛନ୍ତି। ସମୀକ୍ଷା ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଓବିସିସିର ଚିଫ୍ ଜେନେରାଲ ମ୍ୟାନେଜରଙ୍କ ସମେତ ୩ଜଣ ଜେନେରାଲ ମ୍ୟାନେଜର ଓ ଶ୍ରୀମନ୍ଦିରର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# ଜାଗର ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

**ଅସ୍ତରଙ୍ଗ,୪।୨(ମମତା ଜେନା)**

କାକଟପୁର ବ୍ଲକ ଅନ୍ତର୍ଗତ ଓଥକା ପଞ୍ଚାୟତର ନରଣପୁର ବାବା ବିଶ୍ୱନାଥ ଦେବଙ୍କର ୧୬ତମ ବାର୍ଷିକୋତ୍ସବ, ଜାଗରମେଳା ଓ ନବଘନ ସାସ୍‌ମଲ ସାହିତ୍ୟ ସଂସଦ ସାହିତ୍ୟ ଆସର ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଡ. ହୃଦାନନ୍ଦ ସାସ୍‌ମଲଙ୍କ ପୌରୋହିତ୍ୟରେ ମନ୍ଦିର ବେଢ଼ାରେ ଅନୁଷ୍ଠିତ ହୋଇଯାଇଛି। ୪ ଦିନ ବ୍ୟାପୀ ଏହି ଉତ୍ସବରେ ବିଭିନ୍ନ ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ନାମସଙ୍କୀର୍ତ୍ତନ, ବରିଷ୍ଠ ଗାୟକଙ୍କ ଦ୍ୱାରା ପାଲା ପରିବେଷଣ, ପ୍ରତିଦିନ ସନ୍ଧ୍ୟାରେ ଭଜନ ପରିବେଷଣ, ସାହିତ୍ୟ ସଂସଦ ପକ୍ଷରୁ ଓଡ଼ିଶାର ନାମୀଦାମୀ କବି ଓ କବୟିତ୍ରୀଙ୍କ ଦ୍ୱାରା କବିତା ପ୍ରତିଯୋଗିତା ଅନୁଷ୍ଠିତ ହେବ। ଶ୍ରଦ୍ଧାଳୁ, ମାନସିକଧାରୀ ଭକ୍ତମାନେ କିପରି ଶାନ୍ତିଶୃଙ୍ଖଳାର ସହ ଦୀପଜାଳି ଦର୍ଶନ କରିବେ ସେନେଇ ସଭ୍ୟମାନଙ୍କୁ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ବୈଠକରେ ସର୍ବଶ୍ରୀ ରାମହରି ପ୍ରହରାଜ, ଉମେଶ ଚନ୍ଦ୍ର ପ୍ରହରାଜ, ପଣ୍ଡିତ ତୋଫାନ ରଥ, ସୌମ୍ୟରଞ୍ଜନ ରଥ, ବାମଦେବ ମହାରଣା, ମଙ୍ଗରାଜ ମହାରଣା, ବିଜୟ କୁମାର ମହାରଣା, ରାମଚନ୍ଦ୍ର ମିଶ୍ର, ରସାନନ୍ଦ ସାସ୍‌ମଲ, ନଳିନୀକାନ୍ତ ପ୍ରହରାଜ, ଅନିରୁଦ୍ଧ ସାସ୍‌ମଲ, ବନବିହାରୀ ସାସ୍‌ମଲ ଓ ସୁଜୟ କୁମାର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ମାର୍ଚ୍ଚ ୧୯ରେ ଜାଗୃତି ମହୋତ୍ସବ




ବୈଠକରେ ଉପସ୍ଥିତ ଅତିଥିମାନେ।

**ପିପିଲି, ୪।୨(ପ୍ରଭାତ କୁମାର ମହାପାତ୍ର)**

ଭାରତୀୟ ନବବର୍ଷ ପାଳନ ଉପଲକ୍ଷେ ଜାଗୃତି ସାଂସ୍କୃତିକ ଯୁବ ସଂଗଠନ ପକ୍ଷରୁ ପିପିଲିରେ ପାଳିତ ହେବ ୧୭ତମ ଜାଗୃତି ମହୋତ୍ସବ-୨୦୨୬। ମାର୍ଚ୍ଚ ୧୯, ୨୦, ୨୧ରେ ପାରମ୍ପରିକ ଭାବେ ମହାଆଡ଼ମ୍ବରରେ ଏହା ପାଳନ ହେବାକୁ ଚୂଡ଼ାନ୍ତ ହୋଇଯାଇଛି। ପୂର୍ବ ପ୍ରସ୍ତୁତି ପାଇଁ ବୁଧବାର ଅନୁଷ୍ଠାନ ପକ୍ଷରୁ ପିପିଲି ନିକଟ ବାଜପେୟୀଛକ ସ୍ଥିତ ଅନ୍ନପୂର୍ଣ୍ଣା କଲ୍ୟାଣମଣ୍ଡପରେ ଜାଗୃତି ବନ୍ଧୁମିଳନର ଆୟୋଜନ ହୋଇଥିଲା। ସଂଗଠନ ସଭାପତି ପ୍ରଭାତ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପିପିଲିର ପୂର୍ବତନ ତହସିଲଦାର ହୃଷୀକେଶ ତ୍ରିପାଠୀ, ଅତିରିକ୍ତ ତହସିଲ୍‌ଦାର ବସନ୍ତ ବେହେରା, ପିପିଲି କଲେଜ ଅଧ୍ୟକ୍ଷ ସଦାଶିବ ଦାଶ, ଏନ୍‌ଏସି ଅଧ୍ୟକ୍ଷ ସେକ୍ ବାବୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଆଗାମୀ ଜାଗୃତି ମହୋତ୍ସବ ପାଳନ ପାଇଁ ନିଜର ମତାମତ ରଖିଥିଲେ। ସଂଗଠନ ଉପଦେଷ୍ଟା ରମେଶ ଶତପଥୀ, ବାମଦେବ ମିଶ୍ର, ସଙ୍ଗୀତ ଅଧ୍ୟାପକ ସଚ୍ଚିକାନ୍ତ ନାୟକ, ବିଶିଷ୍ଟ ସାହିତ୍ୟିକ ଅର୍ଜୁନ ଘଡ଼େଇ, ଅବସରପ୍ରାପ୍ତ ସହକାରୀ ଯନ୍ତ୍ରୀ ନଟବର ବିଶ୍ୱାଳଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏଥିରେ ଯୋଗଦେଇ ଆଗାମୀ ଜାଗୃତି ମହୋତ୍ସବ ଗତବର୍ଷଠାରୁ ଆହୁରି ସରସ ସୁନ୍ଦର କରିବା ପାଇଁ ପ୍ରସ୍ତୁତି ଓ ସହଯୋଗିତା ସମ୍ପର୍କରେ ଆଲୋକପାତ କରିଥିଲେ। ଓଡ଼ିଆ କଳା, ସଂସ୍କୃତି ଓ ପରମ୍ପରା ନେଇ ୩ ଦିନ ବ୍ୟାପୀ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ମହୋତ୍ସବ ପାଳନ କରାଯିବ। ଏଥିସହ ଚଳିତ ବର୍ଷ ପ୍ରଥମକରି ପିପିଲି ପୁସ୍ତକ ମେଳା ସଂଗଠନ ସହ ମିଳିତ ଭାବେ ପୁସ୍ତକ ମେଳା ମଧ୍ୟ ସାମିଲ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ନିଷ୍ପତ୍ତି ହୋଇଛି। କାର୍ଯ୍ୟକ୍ରମରେ ସଂଗଠନ କାର୍ଯ୍ୟକର୍ତ୍ତା ମନୋଜ ପ୍ରଧାନ, ମୁନୁ ଅଗ୍ରୱାଲ, ବିଭୂତି ସାମନ୍ତରାୟ, ସୁରେନ୍ଦ୍ର ମହାପାତ୍ର, ବିକାଶ ଅଗ୍ରୱାଲ, ଗୌରାଙ୍ଗ ଷଡ଼ଙ୍ଗୀ, ନିରଞ୍ଜନ ମହାପାତ୍ର, ପ୍ରଫୁଲ୍ଲ ସାହୁ, ମନୋରଞ୍ଜନ ମହାପାତ୍ର, ବାପୁ ବେହେରାଙ୍କ ସମେତ ସମସ୍ତ ସଦସ୍ୟ ସାମିଲ ହୋଇଥିଲେ। ସଂଯୋଜକ ଅରୁଣ ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଭାଜପାରେ ମିଶିଲେ ବିଜେଡି, କଂଗ୍ରେସର ୨ହଜାରରୁ ଊର୍ଦ୍ଧ୍ୱ କର୍ମୀ



ମିଶ୍ରଣ ପର୍ବରେ ଉପମୁଖ୍ୟମନ୍ତ୍ରୀଙ୍କ ସମେତ ଅନ୍ୟ ଅତିଥିବୃନ୍ଦ।

**ନିମାପଡ଼ା,୪।୨(ବିଚିତ୍ରାନନ୍ଦ ସାହୁ)**

ନିମାପଡ଼ା ନିର୍ବାଚନମଣ୍ଡଳୀ ଭାଜପା ପକ୍ଷରୁ ଏକ ମିଶ୍ରଣ ପର୍ବ ସ୍ଥାନୀୟ ଟାଉନ୍‌ହଲ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଉପମୁଖ୍ୟମନ୍ତ୍ରୀ ତଥା ନିମାପଡ଼ା ବିଧାୟିକା ପ୍ରଭାତୀ ପରିଡ଼ାଙ୍କ ଦୃଢ଼ ନେତୃତ୍ୱରେ ସାମଗ୍ରିକ ଭାବେ ବିଭିନ୍ନ ବିକଶିତ କାର୍ଯ୍ୟ ଓ ନିମାପଡ଼ା ନିର୍ବାଚନମଣ୍ଡଳୀକୁ ରାଜ୍ୟରେ ଏକ ଅଗ୍ରଣୀ, ସ୍ୱାଭିମାନ, ବିକଶିତ ମଣ୍ଡଳୀରେ ପରିଣତ କରିବାର ସ୍ୱପ୍ନ ଓ ପରିକଳ୍ପନା। ଏହି ମିଶ୍ରଣ ପର୍ବରେ ନିମାପଡ଼ା ଓ ଗୋପ ବ୍ଲକର ୪୬ଟି ପଞ୍ଚାୟତ ଏବଂ ନିମାପଡ଼ା ଏନ୍‌ଏସିର ବିଭିନ୍ନ ୱାର୍ଡରୁ ୨ ହଜାରରୁ ଊର୍ଦ୍ଧ୍ୱ ବିଜେଡି, କଂଗ୍ରେସ ନେତୃବୃନ୍ଦ ଓ କର୍ମୀ ଦଳ ଛାଡ଼ି ଭାଜପାରେ ସାମିଲ ହୋଇଛନ୍ତି। ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ନିଆଳି ବିଧାୟକ ଛବି ମଲ୍ଲିକ, ଭାଜପା ଜିଲା ଉପସଭାପତି ମୀନଲତା ମହାନ୍ତି, ମଣ୍ଡଳ ସଭାପତି ତଥା ଭାଜପାର ବରିଷ୍ଠ ନେତା ଦେବାଶିଷ ଆଚାର୍ଯ୍ୟ, ସନ୍ତୋଷ ପରିଡ଼ା, ନିରଞ୍ଜନ ନାୟକ, ଜିଲା ପରିଷଦ ସଭ୍ୟ ପ୍ରମୋଦ ରାୟ, ଯତିନ୍ଦ୍ର ସ୍ୱାଇଁ, ସାଂସଦଙ୍କ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା ପ୍ରମୁଖ ଯୋଗଦେଇ ଦଳରେ ନୂତନ ଭାବେ ସାମିଲ ହୋଇଥିବା କର୍ମୀ ଓ ନେତୃବୃନ୍ଦଙ୍କୁ ଦଳୀୟ ଉତ୍ତରୀୟ ପ୍ରଦାନକରି ସମ୍ବର୍ଦ୍ଧିତ କରିଥିଲେ। ସମାରୋହକୁ ଭାଜପାର ବରିଷ୍ଠ ନେତା ସୁଶାନ୍ତ ସ୍ୱାଇଁ ସଂଯୋଜନା କରିଥିଲେ। ଏଥିରେ ନିମାପଡ଼ା ଓ ଗୋପ ବ୍ଲକର ବିଭିନ୍ନ ମଣ୍ଡଳର ସଭାପତିଙ୍କ ସମେତ ପାର୍ଟିର ବହୁ କାର୍ଯ୍ୟକର୍ତ୍ତା, ନେତୃମଣ୍ଡଳୀ ଓ ଆଗଧାଡ଼ିର କର୍ମୀ, ବହୁ ମହିଳା ନେତ୍ରୀ, ନିର୍ବାଚିତ ପଞ୍ଚାୟତ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

### ଖାନ୍‌ପୁର ପ୍ରିମିୟର ଲିଗ୍, ଷ୍ଟାର୍ ଇଲେଭେନ ସେମିକୁ ଉନ୍ନୀତ

**କାକଟପୁର,୪।୨(ଶୁଭଦର୍ଶନ ମିଶ୍ର):** ଖାନ୍‌ପୁର ଟି -୧୦ ପ୍ରିମିୟର ଲିଗ୍‌ର ବୁଧବାର ଚତୁର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଏନ୍‌ସିଟି ପିପିଲି ଏବଂ ଷ୍ଟାର ଇଲେଭେନ୍ ସିଉଳା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଷ୍ଟାର ଇଲେଭେନ୍ ଟସ୍ ଜିତି ଏନ୍‌ସିଟି ପିପିଲିକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ଏନ୍‌ସିଟି ମାତ୍ର ୭ ଓଭର ଖେଳି ୧୦୪ ରନ୍‌କରି ସମସ୍ତ ଉଇକେଟ ହରାଇଥିଲା। ଦଳ ପକ୍ଷରୁ ରାଜେଶ କର ବ୍ୟକ୍ତିଗତ ସର୍ବାଧିକ ୨୯ ଏବଂ ସୁନୀଲ ନାୟକ ବ୍ୟକ୍ତିଗତ ୨୯ ରନ୍ କରିବାକୁ ସକ୍ଷମ ହୋଇଥିଲେ। ଏହାର ଜବାବରେ ଷ୍ଟାର ଇଲେଭେନ୍ ୪୬ ରନ୍‌କରି ସମସ୍ତ ଉଇକେଟ ହରାଇ ପରାଜୟ ସ୍ୱୀକାର କରିଥିଲା। ଏନ୍‌ସିଟି ପିପିଲି ପକ୍ଷରୁ ରାଜେଶ କର ଏବଂ ସୁନୀଲ ନାୟକ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଏନ୍‌ସିଟିର ରାଜେଶ କର ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

### ଦୁଇ କାର୍ ମୁହାଁମୁହିଁ ଧକ୍କା, ୩ ଆହତ

**କୋଣାର୍କ, ୪।୨(ଜ୍ୟୋତିରାଜ ମହାନ୍ତି):** କୋଣାର୍କ-ପିପିଲି ପୂର୍ତ୍ତ ବିଭାଗ ରାସ୍ତାର ବନାଖଣ୍ଡି ଗ୍ୟାସ୍ ଗୋଦାମଠାରେ ଦୁଇ କାର୍ ମୁହାଁମୁହିଁ ଧକ୍କା ହୋଇଥିଲା ବେଳେ ୩ ଜଣ ଆହତ ହୋଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ଗୋପରୁ କୋଣାର୍କ ଅଭିମୁଖେ ଆସୁଥିବା ଏକ କାର୍ ସହ କୋଣାର୍କରୁ ଗୋପ ଅଭିମୁଖେ ଯାଉଥିବା ଅନ୍ୟ ଏକ କାର୍ ଗ୍ୟାସ୍ ଗୋଦାମଠାରେ ମୁହାଁମୁହିଁ ଧକ୍କା ହୋଇଥିଲା। ଏହି ଦୁର୍ଘଟଣାରେ ୩ ଜଣ ଆହତ ହୋଇଥିବା ଜଣାପଡ଼ିଛି। ଖବରପାଇ କୋଣାର୍କ ପୋଲିସ ପହଞ୍ଚି କାର୍ ଦୁଇଟିକୁ ଜବତ କରିବା ସହ ଆହତମାନଙ୍କୁ ପ୍ରାଥମିକ ଚିକିତ୍ସା ନିମନ୍ତେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲ୍‌କୁ ପଠାଯାଇଛି। ଏ ନେଇ କୋଣାର୍କ ଥାନା ପୋଲିସ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା କୋଣାର୍କ ଥାନାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ପ୍ରକାଶ କରିଛନ୍ତି।

# ଭଦ୍ର ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ଚାରିଛକ,୪।୨(ଶିଶିର କୁମାର ସ୍ୱାଇଁ)**

ଚାରିଛକ ନିକଟସ୍ଥ ଭୋଦର ପଞ୍ଚାୟତର ଭଦ୍ର ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଡ. ସନ୍ତୋଷ କୁମାର ମିତ୍ର, ମୁଖ୍ୟବକ୍ତା ଭାବେ କାକଟପୁର ମଙ୍ଗଳା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଚନ୍ଦ୍ରକାନ୍ତ ଦଳାଇ, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ତଥା ପୂର୍ବତନ ଆଲୁମ୍ନି ସଭାପତି ଗୋପବନ୍ଧୁ ନନ୍ଦୀ, ତୁଳସୀପୁର ଶାଖା ଭାରତୀୟ ଷ୍ଟେଟବ୍ୟାଙ୍କ ମ୍ୟାନେଜର ମଧୁସୂଦନ ପଟ୍ଟନାୟକ, ସିଆର୍‌ସିସି ଭୋଦର କ୍ଲଷ୍ଟର ଡେଜି ରାୟ, ଭଦ୍ର ନୋଡାଲ ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ଚାରୁଲତା ବେହେରା, ଭୋଦର ସରପଞ୍ଚ ରମାରମଣଦେବ ପାତ୍ର, ଭଦ୍ର ନୋଡାଲ ଉଚ୍ଚ ବିଦ୍ୟାଳୟ ଆଲୁମ୍ନି ସଭାପତି ଶ୍ୟାମସୁନ୍ଦର ସ୍ୱାଇଁ, ଭଦ୍ର ନୋଡାଲ ହାଇସ୍କୁଲ ପ୍ରଧାନଶିକ୍ଷକ ସୁଶାନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିଙ୍କ ଦ୍ୱାରା ଖେଳରେ ଭାଗ ନେଇଥିବା ୨୦୦ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

# ବ୍ଲକ ଶିକ୍ଷାଧିକାରିଣୀଙ୍କ ପକ୍ଷରୁ ତଦନ୍ତ

**ଗୋପ,୪।୨(ଭାରତୀ ଭୂଷଣ ଉପାଧ୍ୟାୟ)**

**ସ୍କୁଲ ପୋଖରୀରୁ ଦଳ କାଢ଼ିବା ଘଟଣା**

ସ୍କୁଲ ପୋଖରୀରୁ ଛାତ୍ରୀଛାତ୍ର ଦଳ କାଢ଼ିବା ଘଟଣାକୁ ନେଇ ବୁଧବାର ପୂର୍ବାହ୍ନରେ ଗୋପ ବ୍ଲକ ଶିକ୍ଷାଧିକାରିଣୀ ଅମିତା ସେନାପତି ବ୍ଲକ ଅନ୍ତର୍ଗତ ଉତ୍କଳମଣି ଗୋପବନ୍ଧୁ ନୋଡାଲ ଉଚ୍ଚ ବିଦ୍ୟାଳୟରେ ପହଞ୍ଚି ତଦନ୍ତ ଆରମ୍ଭ କରି ଫେରିଥିବା ଜଣାପଡ଼ିଛି। ମାତ୍ର ଏହି ଘଟଣା ସମ୍ପୂର୍ଣ୍ଣ ମିଥ୍ୟା ବୋଲି ପ୍ରଧାନଶିକ୍ଷକ ବିଧାନ ଚନ୍ଦ୍ର ସେଠୀ କହିଥିବାବେଳେ ଆମେମାନେ ପୋଖରୀକୁ ଯାଇ ନାହୁଁ ବୋଲି ଛାତ୍ରୀଛାତ୍ର ତଦନ୍ତ ସମୟରେ କହିଛନ୍ତି। ପ୍ରକାଶ ଯେ, ମଙ୍ଗଳବାର ବିଦ୍ୟାଳୟର ଇକୋ କ୍ଲବ ଦ୍ୱାରା ବିଶ୍ୱ ଆଦ୍ର ଭୂମି ସୁରକ୍ଷା ଦିବସ ଅବସରରେ ସ୍କୁଲ ପୋଖରୀ ନିକଟରେ ବୃକ୍ଷରୋପଣ କରାଯାଉଥିଲା। ଏହି ଦିବସ ପାଳନ ବେଳେ ଦାୟିତ୍ୱରେ ଥିବା ପ୍ରଧାନଶିକ୍ଷକ ସ୍କୁଲ ପୋଖରୀରେ ପଶି ଦଳ କାଢ଼ିବା ସହିତ ଆଉ କେତେଜଣ ଗ୍ରାମବାସୀ ମଧ୍ୟ ଦଳ କାଢ଼ିଥିଲେ। ଏହି ଘଟଣାକୁ ନେଇ ବ୍ଲକ ଶିକ୍ଷାଧିକାରିଣୀଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଗୁରୁତ୍ୱ ଦେଇ ବ୍ଲକ ଶିକ୍ଷାଧିକାରିଣୀ ବୁଧବାର ପୂର୍ବାହ୍ନରେ ପହଞ୍ଚି ଛାତ୍ରୀଛାତ୍ରଙ୍କୁ ପଚରାଉଚରା କରିବା ସହ ପୋଖରୀ ନିକଟରେ ପହଞ୍ଚି ତଦନ୍ତ କରିବା ବେଳେ ଉପସ୍ଥିତ କେତେଜଣ ଗ୍ରାମବାସୀ ଏପରି ଘଟଣା ସମ୍ପୂର୍ଣ୍ଣ ମିଥ୍ୟା ବୋଲି କହିଥିଲେ। ଏହି ଘଟଣା ସମ୍ପର୍କରେ ପ୍ରଧାନଶିକ୍ଷକ ଏକ ଲିଖିତ ଅଭିଯୋଗ ଦେଇଥିବା ବେଳେ ତଦନ୍ତକାରୀ ଅଧିକାରିଣୀ କେତେକ ଛାତ୍ରୀଛାତ୍ରଙ୍କର ଭିଡିଓ ରେକର୍ଡିଂ ନେଇଥିବା ଜଣାପଡ଼ିଛି। ପରେ ବ୍ଲକ ଶିକ୍ଷାଧିକାରିଣୀ ଅମିତା ସେନାପତି ସ୍କୁଲରେ ଛାତ୍ରୀଛାତ୍ରଙ୍କ ଲାଗି ପ୍ରସ୍ତୁତ ହେଉଥିବା ମଧ୍ୟାହ୍ନଭୋଜନ, ପରିବେଶ ସୁରକ୍ଷା, ଶିକ୍ଷାଦାନ ସହିତ ଅନ୍ୟାନ୍ୟ ସରକାରୀ ଯୋଜନା ସମ୍ପର୍କରେ ଦେଖି ସନ୍ତୋଷ ପ୍ରକାଶ କରିଥିଲେ। ଏପରି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ତଦନ୍ତକାରୀ ଅଧିକାରିଣୀଙ୍କୁ ପଚାରିବାରେ ଅଭିଯୋଗ ଉପରେ ସେପରି କୌଣସି ଅଭିଯୋଗ ମିଳିଲାନି ବୋଲି କହିବା ସହ ଏ ସମ୍ପର୍କରେ ଉପରିସ୍ଥ ଜଣାଇବି ବୋଲି କହିଥିଲେ।

# ଶିକ୍ଷା, ଶିକ୍ଷକଙ୍କ ଅବସର ନ ଥାଏ

**ଗୋପ,୪।୨(ଭାରତୀ ଭୂଷଣ ଉପାଧ୍ୟାୟ)**

ଶିକ୍ଷୟିତ୍ରୀ, ଶିକ୍ଷକମାନେ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଢୁଥିବା ବେଳେ ଶିକ୍ଷାର ଅବସର ନ ଥାଏ। ବୁଧବାର ପଞ୍ଚସଖା ଭକ୍ତ ବଳରାମ ଦାସ ବିଦ୍ୟାପୀଠର ଅବସରକାଳୀନ ସମ୍ବର୍ଦ୍ଧନା ସଭା ଓ ସ୍କୁଲର ୩୪ତମ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବ୍ଲକ ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ କହିଥିଲେ। ପ୍ରଧାନଶିକ୍ଷକ ମହେନ୍ଦ୍ର କୁମାର ପାଢ଼ୀଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷାଧିକାରିଣୀ ଅମିତା ସେନାପତି, ପ୍ରାକ୍ତନ ପ୍ରଧାନଶିକ୍ଷକ ଦାମୋଦର ପାଢ଼ୀ, ଗୋପ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ଖଟୋଇ, ଶିକ୍ଷାବିତ୍ ବସନ୍ତ କୁମାର ପାଢ଼ୀ, ବିଭୁଦତ୍ତ ନାୟକ, ସରପଞ୍ଚ ଜୟନ୍ତୀ ଜେନା, ଯୁବନେତା ସୁଶାନ୍ତ କୁମାର ସ୍ୱାଇଁ, ଗୋବିନ୍ଦ ଚନ୍ଦ୍ର ପାଢ଼ୀ, ବରିଷ୍ଠ ଶିକ୍ଷକ ରାମକୃଷ୍ଣ ମହାନ୍ତି ପ୍ରମୁଖ ଯୋଗଦେଇ ଶିକ୍ଷା ଓ ଶିକ୍ଷକଙ୍କ ଭୂମିକା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅବସର ଗ୍ରହଣ କରିଥିବା ଶିକ୍ଷକ ଜଗବନ୍ଧୁ ସାହୁ, ସନ୍ତୋଷ କୁମାର ହାଜରାଙ୍କୁ ସ୍କୁଲ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଦୀପକ କୁମାର ସିହ୍ନାଙ୍କ ସହ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ଆଜିଠୁ ଦଶମ ସତ୍ୟବାଦୀ ମହୋତ୍ସବ

**ସାକ୍ଷୀଗୋପାଳ,୪।୨(କିଶୋର ମହାପାତ୍ର/ ପ୍ରଶାନ୍ତ କୁମାର ବାରିକ/ଭରତ ରାଉତ)**

- ଆକର୍ଷଣୀୟ ହେବ ଜ୍ୟୋତିଯାତ୍ରା
- ପ୍ରଶାସନିକ ତତ୍ପରତା, ଚୂଡ଼ାନ୍ତ ପର୍ଯ୍ୟାୟରେ ପ୍ରସ୍ତୁତି



ଐତିହାସିକ ବକୁଳବନ ପଞ୍ଚସଖା ମୁକ୍ତାକାଶ ରଙ୍ଗମଞ୍ଚରେ ଗୁରୁବାରଠାରୁ ସତ୍ୟବାଦୀ ମହୋତ୍ସବ ଆରମ୍ଭ ହେବ। ଚଳିତବର୍ଷ ୪ ଦିନଧରି ବଛା ବଛା ବଲିଉଡ୍ ଓ ଓଲିଉଡ କଳାକାରଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିପାଇଁ ସତ୍ୟବାଦୀ ମହୋତ୍ସବ କମିଟି ଓ ପ୍ରଶାସନିକସ୍ତରରେ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ମଞ୍ଚ ସଜ୍ଜା, ପ୍ରଦର୍ଶନୀ ମଣ୍ଡପ, ପଞ୍ଚସଖା ସ୍ମୃତି ସମାଧିପୀଠ, ବକୁଳବନ, ସାକ୍ଷୀଗୋପାଳ ମନ୍ଦିର, ବଜାର, ରାଜପଥ ଆଦି ବିଭିନ୍ନ ଛକରେ ହୋର୍ଡିଂ, ଆଲୋକସଜ୍ଜା ସହିତ ପୋଲିସ ପ୍ରଶାସନ ଓ ସ୍ୱେଚ୍ଛାସେବୀଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ସହକାରେ ଭିଡ଼ ନିୟନ୍ତ୍ରଣ ପାଇଁ ବୈଠକ କରାଯାଇଛି। ପରସ୍ପର ମଧ୍ୟରେ ଭାଇଚାରା ରଖି ସତ୍ୟବାଦୀ ମହୋତ୍ସବରେ ସଭିଏଁ ସାମିଲ ହେବାକୁ କମିଟିର ସଭାପତି ତଥା ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ଆହ୍ୱାନ ଦେଇଛନ୍ତି।

ସତ୍ୟବାଦୀ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, ଆଇଆଇସି ସୌମ୍ୟରଞ୍ଜନ ମହାଲିକଙ୍କ ସହ ବିଭାଗୀୟ ଅଧିକାରୀ ପ୍ରସ୍ତୁତି ନେଇ ଅନୁଧ୍ୟାନ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବକୁ ଅଧିକ ଆକର୍ଷଣୀୟ କରିବା ସଙ୍ଗେ ସଙ୍ଗେ ସତ୍ୟବାଦୀ ଯୁଗର ପଞ୍ଚସଖାଙ୍କ ଜନ୍ମଭୂମିରୁ ଜ୍ୟୋତି ସଂଗ୍ରହ କରାଯାଇ ଅପରାହ୍ନ ୪ଟାରେ ଏକ ବିଶାଳ ସାଂସ୍କୃତିକ ଶୋଭାଯାତ୍ରା ସାକ୍ଷୀଗୋପାଳ ବସ୍‌ଷ୍ଟାଣ୍ଡ ପଞ୍ଚସଖା ସ୍ମୃତି ମଣ୍ଡପଠାରୁ ବାହାରି ସାକ୍ଷୀଗୋପାଳ ମନ୍ଦିର ନିକଟରେ ପହଞ୍ଚି ଠାକୁରଙ୍କ ଆଜ୍ଞାମାଳ ନେଇ ବକୁଳବନ ପଞ୍ଚସଖା ମୁକ୍ତାକାଶ ରଙ୍ଗମଞ୍ଚରେ ଭବ୍ୟ ସ୍ଥାପନ କରାଯିବ ବୋଲି ସମ୍ପାଦକ ଦିପକ କୁମାର ଶତପଥି କହିଛନ୍ତି। ସେହିପରି ସଂକୀର୍ତ୍ତନ ମଣ୍ଡଳୀ, ନାଗା, ମେଢ଼, ପାଇକ ଆଖଡ଼ା, ସାହିଯାତ ସହ ହଜାର ହଜାର ଶ୍ରଦ୍ଧାଳୁଙ୍କୁ ଜ୍ୟୋତି ଯାତ୍ରାକୁ ପାଛୋଟି ନିଆଯିବ ବୋଲି ସଂଯୋଜକ ଜାନକୀ ବଲ୍ଲଭ ବରାଳ ସୂଚନା ଦେଇଛନ୍ତି। ପ୍ରଥମ ସନ୍ଧ୍ୟାରେ ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତାରେ ସଫଳ ଛାତ୍ରୀଛାତ୍ରଙ୍କ ନୃତ୍ୟ, ସଙ୍ଗୀତ, ସତ୍ୟବାଦୀ ସଙ୍ଗୀତ ମହାବିଦ୍ୟାଳୟ ପକ୍ଷରୁ ସାକ୍ଷୀଗୋପାଳ ମନ୍ଦିରରେ ଶ୍ରୀରାଧାଙ୍କ ଆବିର୍ଭାବକୁ ନେଇ ଏକ ଆକର୍ଷଣୀୟ ନୃତ୍ୟ ଏବଂ ଖୋର୍ଦ୍ଧା ଅଞ୍ଚଳର କଳାକାରମାନେ ପାଇକ ଆଖଡ଼ା ପରିବେଷଣ କରିବେ।

## ସଂକ୍ଷେପରେ

### 'ନିଶାଠାରୁ ଦୂରେଇ ରହିଲେ ସୁସ୍ଥ ସମାଜ ଗଠନ କରିପାରିବା'

ଭୁବନେଶ୍ୱର, ୪।୨ (ବନ୍ଦନା ସେଠୀ)

ରାଜ୍ୟରେ ଦିନକୁ ଦିନ ମାତ୍ରାଧିକ ଲୋକ କର୍କଟ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରୁଛନ୍ତି। କର୍କଟ ସମଗ୍ର ଦେଶକୁ ଗ୍ରାସ କରିବାରେ ଲାଗିଛି। ଏଥିରୁ ମୁକ୍ତି ପାଇବା ପାଇଁ ସମସ୍ତଙ୍କୁ ଆଗକୁ ଆସି ସଚେତନତାର ବାର୍ତ୍ତା ବାଣ୍ଟିବାକୁ ପଡ଼ିବ। କ୍ୟାନ୍ସରର ଅନ୍ୟତମ ମୂଳ କାରଣ ନିଶା ସେବନ। ତେଣୁ ନିଶାରୁ ଦୂରେଇ ରହିବା ହିଁ ଆମ ସମସ୍ତଙ୍କ ପ୍ରାଥମିକତା ହେବା ଦରକାର। ନିଶାଯୁକ୍ତ ଖାଦ୍ୟ ଓ ପାନୀୟକୁ ବର୍ଜନ କରିପାରିଲେ ଆମେ ଏକ ସୁସ୍ଥ ସମାଜ ଗଠନ କରିପାରିବା ବୋଲି କ୍ରାନ୍ତିକାରୀ ଫାଉଣ୍ଡେଶନ ଅଧ୍ୟକ୍ଷ ନଳିନୀକାନ୍ତ ନାୟକ କହିଛନ୍ତି। ବିଶ୍ୱ କର୍କଟ ଦିବସ ଅବସରରେ ବୁଧବାର ଫାଉଣ୍ଡେଶନ ପକ୍ଷରୁ ମାଷ୍ଟରକ୍ୟାଣ୍ଟିନ୍ ଛକଠାରେ କ୍ୟାନ୍ସର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। 'ନିଶା ଛାଡନ୍ତୁ ସମାଜ ଗଢ଼ନ୍ତୁ, ନିଶା ଛାଡନ୍ତୁ ଜୀବନ ବଞ୍ଚାନ୍ତୁ' ନାରା ଦିଆଯାଇ ସମସ୍ତଙ୍କୁ ସଚେତନ କରାଇ ନିଶାଠାରୁ ଦୂରେଇ ରହିବାକୁ ଆହ୍ୱାନ ଦିଆଯାଇଥିଲା। ଏହି ଅବସରରେ କ୍ୟାନ୍ସରମୁକ୍ତ ସମାଜ ଉଦ୍ଦେଶ୍ୟରେ ଦସ୍ତଖତ ଅଭିଯାନ ଆରମ୍ଭ ହୋଇଥିଲା। କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ମୀର ଅହମ୍ମଦ ଅଲ୍ଲୀ, ସୁଦାମ ପ୍ରଧାନ, ତାପସ ଦେ, ପ୍ରଜ୍ଞା ପରମିତା ମହାନ୍ତି, ପୂର୍ଣ୍ଣିମା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ପିସିସି ପକ୍ଷରୁ ମଧୁସୂଦନ ଦାସଙ୍କ ଶ୍ରାଦ୍ଧଦିବସ ପାଳିତ

ଭୁବନେଶ୍ୱର, ୪।୨ (ରବିନାରାୟଣ ଜେନା)

ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି(ପିସିସି)ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଶ୍ରାଦ୍ଧଦିବସ ବୁଧବାର ପାଳିତ ହୋଇଯାଇଛି। ପୂର୍ବତନ ପିସିସି ସଭାପତି ଜୟଦେବ ଜେନାଙ୍କ ନେତୃତ୍ୱରେ କଂଗ୍ରେସ ନେତାଗଣ ରାଜଭବନ ଛକସ୍ଥିତ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ କଂଗ୍ରେସ ନେତୃବୃନ୍ଦ କଂଗ୍ରେସଭବନ ପରିସରସ୍ଥ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ କଂଗ୍ରେସ ନେତା ସମୀର କୁମାର ରାଉତରାୟ, ଶିବାନନ୍ଦ ରାୟ, ଲଲାଟେନ୍ଦୁ ମହାପାତ୍ର, ମୀନାକ୍ଷୀ ବାହିନୀପତି ପ୍ରମୁଖ ଉପସ୍ଥିତ ଥିଲେ।

### 'ମାଟି ବଞ୍ଚାଅ, ଏକ ହୁଅ' ଅଭିଯାନ

ଜଟଣୀ, ୪।୨ (ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ବ୍ଲକର କଣ୍ଟିଆ ପଞ୍ଚାୟତରେ ବୁଧବାର ବାପୁଜୀ ଆମ୍ବେଦକର ରୟତ ସୁରକ୍ଷା ମହାମଞ୍ଚ ପକ୍ଷରୁ 'ମାଟି ବଞ୍ଚାଅ ଏକ ହୁଅ' ଅଭିଯାନ ଆୟୋଜିତ ହୋଇଯାଇଛି। ନିରଞ୍ଜନପୁର ଗାଁରେ ଅନୁଷ୍ଠାନର ସଦସ୍ୟମାନେ ଘରକୁଘର ବୁଲି ଗ୍ରାମବାସୀଙ୍କ ଦସ୍ତଖତ ଗ୍ରହଣ କରିଥିଲେ। ବରିଷ୍ଠ ସଦସ୍ୟ ପଦ୍ମଚରଣ ସୁବୁଦ୍ଧିଙ୍କ ନେତୃତ୍ୱରେ ଜୟନ୍ତ ବେହେରା, ଗୁଣନିଧି ପ୍ରଧାନ, ଜୟନ୍ତ ସାହୁ, ଦେବରାଜ ବେହେରା ପ୍ରମୁଖ ସାମିଲ ହୋଇଥିଲେ। ସୂଚନା ଅନୁଯାୟୀ, ୨୦୧୨–୧୩ ମସିହାରୁ ଜଟଣୀ ତହସିଲ ଅଧୀନ ୮ଟି ମୌଜାର ସ୍ଥିତିବାନ ପ୍ରଜାଙ୍କ ଜମି ଶ୍ରୀଜଗନ୍ନାଥ ମହାପ୍ରଭୁ ବିଜେ ପୁରୀଙ୍କ ନାମରେ ନାମିତ ହୋଇଯାଇଛି। ଫଳରେ ସ୍ଥିତିବାନ ପ୍ରଜା ହଇରାଣ ହେଉଛନ୍ତି। ନିଜ ଅଧିକାର ପାଇବା ପାଇଁ ବିଭିନ୍ନ ସମୟରେ ବିଭିନ୍ନ ଫୋରମରେ ଦାବି ଉପସ୍ଥାପିତ କରୁଥିଲେ ମଧ୍ୟ ଅଦ୍ୟାବଧି କୌଣସି ସୁଫଳ ମିଳିପାରିନାହିଁ। ଅଭିଯାନ ମାଧ୍ୟମରେ ଗାଁକୁ ଗାଁ ଘରକୁ ଘର ବୁଲି କ୍ଷତିଗ୍ରସ୍ତ ପ୍ରଜାଙ୍କ ଦସ୍ତଖତ ଗ୍ରହଣ କରାଯାଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।

# ଓଡ଼ିଆ ଜାତିର ସ୍ୱାଭିମାନର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ମଧୁସୂଦନ



### ଉତ୍କଳଗୌରବଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧଦିବସ

ଭୁବନେଶ୍ୱର, ୪।୨ (ସୌମ୍ୟରଞ୍ଜନ ରାଉତ)

ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜୀବନ ଥିଲା ଏକ ଜୀବନ୍ତ ଇତିହାସ। ସେ ଥିଲେ ଭାଷାଭିତ୍ତିରେ ସ୍ୱତନ୍ତ୍ର ଓଡ଼ିଶା ଗଠନର ପୁରୋଧା ଏବଂ ଓଡ଼ିଆ ଜାତିର ସ୍ୱାଭିମାନର ମୂର୍ତ୍ତିମନ୍ତ ପ୍ରତୀକ। ଓଡ଼ିଶା ହସ୍ତଶିଳ୍ପ ଓ ସ୍ୱଦେଶୀ କାରିଗରି ଜରିଆରେ ଅର୍ଥନୈତିକ ଅଭିବୃଦ୍ଧି ଆଣିବା ସହ ଓଡ଼ିଶାର ଖ୍ୟାତିକୁ ବିଶ୍ୱଦରବାରରେ ପହଞ୍ଚାଇବା ପାଇଁ ତାଙ୍କର ଉଦ୍ୟମ ପ୍ରଣିଧାନଯୋଗ୍ୟ। ତାଙ୍କର ଦୂରଦୃଷ୍ଟି ଓ ଜାତୀୟ ଦୃଷ୍ଟି ପାଇଁ ସେ ଚିରକାଳ ଓଡ଼ିଶାବାସୀଙ୍କ ହୃଦୟରେ ବଞ୍ଚିରହିବେ। ବୁଧବାର ସୂଚନା ଓ ଲୋକ ସମ୍ପର୍କ ବିଭାଗ ସମ୍ମିଳନୀ କକ୍ଷରେ ରାଜ୍ୟସ୍ତରୀୟ ଶ୍ରାଦ୍ଧ ଉତ୍ସବ ପାଳନ ଅବସରରେ ଅତିଥିମାନେ ଏହା କହିଛନ୍ତି। ଏହି ଅବସରରେ 'ଓଡ଼ିଆ ଅସ୍ମିତା ଓ ମଧୁବାବୁ' ବିଷୟବସ୍ତୁକୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମୁଖ୍ୟବକ୍ତା ଭାବେ ଯୋଗଦେଇ ଦୈନିକ ସମୟର ମୁଖ୍ୟ ସମ୍ପାଦକ ଗୁରୁକଲ୍ୟାଣ ମହାପାତ୍ର ଯୋଗଦେଇ କହିଲେ, ଓଡ଼ିଶାର ସାମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ ନବଜାଗରଣ ପାଇଁ ମଧୁବାବୁଙ୍କ ଅବଦାନ ଅବିସ୍ମରଣୀୟ। ସେ ହେଉଛନ୍ତି ପ୍ରଥମ ରାଜନୈତିକ ପୁରୁଷ, ଆଧୁନିକ ଓଡ଼ିଶା ରାଜନୈତିକ ଇତିହାସର ଅଗ୍ରଗଣ୍ୟ ଓ ଅନନ୍ୟ ବ୍ୟକ୍ତିତ୍ୱ। ବ୍ୟକ୍ତିଗତ ସଫଳତାକୁ ପ୍ରାଧାନ୍ୟ ନ ଦେଇ ଓଡ଼ିଶାର ପରିଚୟକୁ ବିଶ୍ୱବିଦିତ କରିବାକୁ ସେ ସବୁବେଳେ ଚେଷ୍ଟା କରୁଥିଲେ ବୋଲି ମହାପାତ୍ର ମତପ୍ରକାଶ କରିଥିଲେ।

ଅନ୍ୟତମ ବକ୍ତା ଭାବେ ଯୋଗଦେଇ ସ୍ତମ୍ଭକାର ପ୍ରହଲ୍ଲାଦ କୁମାର ସିଂ କହିଲେ, ମଧୁବାବୁ ହେଉଛନ୍ତି ଓଡ଼ିଆ ଅସ୍ମିତାର ଯୁଗ ପୁରୁଷ। ତାଙ୍କ ନୀତି ଆଦର୍ଶକୁ ଆଜିର ଦିନରେ ଆମେ କେତେ ଦୂର ପ୍ରତିଫଳିତ କରିପାରିଛେ, ତାହାର ଆତ୍ମଚିନ୍ତନର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ ସଂଗ୍ରହାଳୟ ଅଧୀକ୍ଷକ ଡ. ଭାରତୀ ପାଲ, ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକ, ନିର୍ଦ୍ଦେଶକ ବୈଷୟିକ ଗୁରୁବୀର ସିଂ, ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ବେହୁରିଆ, ସହକାରୀ ବିତ୍ତ ପରାମର୍ଶଦାତା ପୃଥ୍ୱୀରାଜ ପାଣି, ଯୁଗ୍ମ ନିର୍ଦ୍ଦେଶକ ବିଶ୍ୱଜିତ ଦାଶ ଓ ବିଭାଗର ବହୁ ବରିଷ୍ଠ ଅଧିକାରୀ ଯୋଗଦେଇଥିଲେ। ବିଭାଗର ଅନୁଶାସନ ସଚିବ ମୌସୁମୀ ଦାସ ଅତିଥି ପରିଚୟ ଓ ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ ଧନ୍ୟବାଦ ଦେଇଥିଲେ।

# ଚଳଚ୍ଚିତ୍ର 'ଶତକ'ର ଟିଜର ରିଲିଜ୍




### ୧୯ରେ ସାରା ଦେଶରେ ମୁକ୍ତିଲାଭ କରିବ

ଭୁବନେଶ୍ୱର, ୪।୨ (ସୌମ୍ୟରଞ୍ଜନ ରାଉତ)

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ୧୦୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଆସନ୍ତା ୧୯ ତାରିଖରେ ସାରା ଦେଶରେ ମୁକ୍ତିଲାଭ କରିବ ଚଳଚ୍ଚିତ୍ର 'ଶତକ'। ଏହାପୂର୍ବରୁ ଦିଲ୍ଲୀସ୍ଥିତ କେଶବ କୁଞ୍ଜଠାରେ ଚଳଚ୍ଚିତ୍ରର ଏକ ଟିଜର୍ 'ଭଗୱା ହେଉଛି ଆମର ପରିଚୟ' ରିଲିଜ ହୋଇଛି। ଚଳଚ୍ଚିତ୍ରରେ ସଂଘର ଶତାବ୍ଦୀ ଦୀର୍ଘ ଯାତ୍ରା, ଏହାର ବିଚାରଧାରା ଓ ରାଷ୍ଟ୍ର ପ୍ରତି ଥିବା ଏହାର ସାମାଜିକ ଅବଦାନକୁ ବର୍ଣ୍ଣନା କରିଛି। ଏହି ଚଳଚ୍ଚିତ୍ରଟି ଦେଶର ସାମାଜିକ ଓ ସାଂସ୍କୃତିକ ପରିବେଶ ଉପରେ ଗଭୀର ପ୍ରଭାବ ପକାଇଥିବା ଏକ ଦୀର୍ଘ ଯାତ୍ରାର କାହାଣୀକୁ ନେଇ ପ୍ରସ୍ତୁତ ହୋଇଛି। ପ୍ରସିଦ୍ଧ ଗାୟକ ସୁଖବିନ୍ଦର ସିଂହ ଦେଶଭକ୍ତିମୟ ଗୀତର କଣ୍ଠ ଦେଇଛନ୍ତି। ସ୍ୱାଧୀନତା ଆନ୍ଦୋଳନ ସମୟରେ ଆର୍‌ଏସ୍‌ଏସ୍‌ର ଅବଦାନ, ପ୍ରତିବନ୍ଧକ ସମୟରେ ଏହା ସମ୍ମୁଖୀନ ହୋଇଥିବା ଚ୍ୟାଲେଞ୍ଜ ଓ ଜରୁରିକାଳୀନ ପରିସ୍ଥିତିରେ ଏହାର ଭୂମିକା ଏବଂ ସ୍ଥିରତା ଭଳି କମ୍ ଜଣାଶୁଣା ଅଧ୍ୟାୟଗୁଡ଼ିକୁ ସାମ୍ନାକୁ ଆଣିଛି। ଚଳଚ୍ଚିତ୍ରର ନିର୍ଦ୍ଦେଶକ ଆଶିଷ ମଲ୍ ଥିବାବେଳେ ପ୍ରଯୋଜକ ବୀର୍ କପୁର ରହିଛନ୍ତି।

# ବିଧାନସଭା ପରିସରରେ ଉତ୍କଳଗୌରବଙ୍କ ଶ୍ରାଦ୍ଧବାର୍ଷିକୀ


ମଧୁସୂଦନ ଦାସଙ୍କ ଶ୍ରାଦ୍ଧବାର୍ଷିକୀ ପାଳନ ଅବସରରେ ବିଧାନସଭା ପରିସରସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ବାଚସ୍ପତି ସୁରମା ପାଢ଼ୀ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଓ ଅନ୍ୟମାନେ।

ଭୁବନେଶ୍ୱର, ୪।୨ (ସୌମ୍ୟରଞ୍ଜନ ରାଉତ)

ଉତ୍କଳଗୌରବ ମଧୁସୂଦନ ଦାସ ଥିଲେ ଓଡ଼ିଆ ଜାତିର ଗର୍ବ ଓ ଗୌରବର ପ୍ରତୀକ। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ସେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଓଡ଼ିଶାରେ ନୂତନ ରାଜନୈତିକ ଚେତନା ସୃଷ୍ଟି କରି ଓଡ଼ିଶାର ତଥା ଓଡ଼ିଆ ଜାତିର ଉନ୍ନତି, ସ୍ୱାର୍ଥରକ୍ଷା ଓ ସ୍ୱାଭିମାନ ବଜାୟ ରଖିବା ପାଇଁ ମଧୁବାବୁ ସର୍ବସ୍ୱ ତ୍ୟାଗ କରିଥିଲେ। ଛାତ୍ର ଜୀବନଠାରୁ ମୃତ୍ୟୁ ପର୍ଯ୍ୟନ୍ତ ତାଙ୍କର ଜୀବନ ଥିଲା ସଂଘର୍ଷମୟ। ସେ ସାରା ଜୀବନ ଦେଶ ଓ ଜାତି ପାଇଁ ସଂଘର୍ଷ କରି ଭାରତବର୍ଷରେ ଓଡ଼ିଆ ଜାତିର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ତାଙ୍କ ପାଇଁ ଓଡ଼ିଆ ଜାତି ଆଜି ଭାରତବର୍ଷରେ ଏକ ସ୍ୱତନ୍ତ୍ର ମର୍ଯ୍ୟାଦାପୂର୍ଣ୍ଣ ଆସନ ହାସଲ କରିପାରିଛି ବୋଲି ଅତିଥିମାନେ କହିଛନ୍ତି। ମଧୁସୂଦନଙ୍କ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ବୁଧବାର ବିଧାନସଭା ପରିସରରେ ବାଚସ୍ପତି ସୁରମା ପାଢ଼ୀ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ସରକାରୀ ଦଳ ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାଶ, ପୂର୍ବତନ ବିଧାୟକ ଅରବିନ୍ଦ ଢାଲି, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ବିଧାନସଭା ସଚିବ ସତ୍ୟବ୍ରତ ରାଉତ ଏବଂ ଉତ୍କଳ ସମ୍ମିଳନୀର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ରହି ଉତ୍କଳଗୌରବଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସୂଚନା ଅଧିକାରୀ ରୋଜାଲିନ୍ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବାଲିବୋଝେଇ ହାଇୱା ଜବତ

ବାରଙ୍ଗ, ୪।୨ (ଲିଙ୍ଗରାଜ ରାଉତ)

ନନ୍ଦନକାନନ ଗୋଲେଇ ଛକ ନିକଟରୁ ମଙ୍ଗଳବାର ରାତିରେ ବେଆଇନ ଭାବେ ବାଲି ଚାଲାଣ ଅଭିଯୋଗରେ ନନ୍ଦନକାନନ ଥାନା ପୋଲିସ ଏକ ହାଇୱାକୁ ଜବତ କରିଛି। ଏହି ଘଟଣାରେ ପୋଲିସ ୨ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବାଙ୍କୀ କୁସୁଣ୍ଡାର ଲକ୍ଷ୍ମୀଧର ଭୋଇ(୨୭) ଓ ସହଯୋଗୀ ବାଙ୍କି ବ୍ରାହ୍ମଣିଆର ଗାଙ୍ଗୁଲି ନାୟକ(୨୦)। ଏନେଇ ପୋଲିସ ଥାନାରେ ଏକ ମାମଲା (ନଂ.୫୩/୨୬)ରୁଜୁ କରିଛି।

ଥାନା ଅଧିକାରୀ ବିଭୂତି ଭୂଷଣ ମୁଦୁଲିଙ୍କ ନିର୍ଦ୍ଦେଶ ଅନୁଯାୟୀ, ପୋଲିସ ଏସ୍‌ଆଇ ବି. ପଟେଲଙ୍କ ନେତୃତ୍ୱରେ ମଙ୍ଗଳବାର ବିଳମ୍ବିତ ରାତିରେ ଛକ ନିକଟରେ ପାଟ୍ରୋଲିଂ ଚାଲିଥିଲା। ଏହି ସମୟରେ ଭୁବନେଶ୍ୱର ଅଭିମୁଖେ ଏକ ବାଲିବୋଝେଇ ହାଇୱା ଦ୍ରୁତ ଗତିରେ ଆସୁଥିବାର ଦେଖି ଗାଡ଼ିକୁ ଅଟକାଇଥିଲେ। ଏହାପରେ ଯାଞ୍ଚ କରିବା ପରେ ଚାଳକ ବାଲି ପରିବହନର ବୈଧ କାଗଜପତ୍ର ଦେଖାଇ ପାରି ନ ଥିଲେ।

# ସଦ୍‌ଗୁରୁ ମେଡିକାଲ ପକ୍ଷରୁ କ୍ୟାନ୍ସର ଦିବସ



ଭୁବନେଶ୍ୱର, ୪।୨ (ଅନୁରାଧା ମହାରଣା)

ସଦ୍‌ଗୁରୁ ମେଡିକାଲ ଆଣ୍ଡ୍ ରିସର୍ଚ୍ଚ ସେଣ୍ଟର ପକ୍ଷରୁ ସଦ୍‌ଗୁରୁ କ୍ୟାନ୍ସର ହସ୍‌ପିଟାଲରେ ବିଶ୍ୱ କ୍ୟାନ୍ସର ଦିବସ ପାଳିତ ହୋଇଯାଇଛି। ଦିବସର ଥିମ୍ ଥିଲା 'ବିଶିଷ୍ଟତାରେ ଏକତାବଦ୍ଧ।' ହସ୍ପିଟାଲର ମ୍ୟାନେଜିଂ ଡାଇରେକ୍ଟର ଡ. ପ୍ରଦୀପ କୁମାର ମହାନ୍ତି, ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଡ. ସମିତା ମହାନ୍ତି ଏବଂ ମୁଖ୍ୟ ଅଙ୍କୋଲୋଜିଷ୍ଟ ତଥା ବିଭାଗର ଅଧ୍ୟକ୍ଷ ଡା. ସୌମ୍ୟ ରଞ୍ଜନ ମିଶ୍ର ଉପସ୍ଥିତ ଥିଲେ। ଯୋଗଗୁରୁ ଡ. ବିଶ୍ୱରଞ୍ଜନ ରଥ ରୋଗୀଙ୍କ ପାଇଁ ଯୋଗ ଧ୍ୟାନ ଅଧିବେଶନ ପରିଚାଳନା କରି ଶକ୍ତି ଓ ଆତ୍ମବଳ ବୃଦ୍ଧିର ବାର୍ତ୍ତା ଦେଇଥିଲେ। କାର୍ଯ୍ୟକ୍ରମରେ ଯୋଗଦେଇଥିବା ୩୦ଜଣ କ୍ୟାନ୍ସର ସର୍‌ଭାଇବର ୧୫୦ରୁ ଅଧିକ କ୍ୟାନ୍ସର ପୀଡ଼ିତଙ୍କ ସମ୍ମୁଖରେ ଜୀବନଯାତ୍ରା ସମ୍ପର୍କରେ ମତ ରଖିଥିଲେ। ସଦ୍‌ଗୁରୁ କଲେଜ ଅଫ୍ ନର୍ସିଂ ଏବଂ ଆଲାଏଡ୍ ମେଡିକାଲ ସାଇନ୍‌ସେସ୍‌ର ଛାତ୍ରୀଛାତ୍ର ଓ ହସ୍ପିଟାଲ କର୍ମଚାରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମରେ କ୍ୟାନ୍ସର ସଚେତନତାର ବାର୍ତ୍ତା ଦେଇଥିଲେ। ଏହି ଅବସରରେ ୫୦ଜଣ ମହିଳାଙ୍କୁ ମାମୋଗ୍ରାଫି ଓ ପାପସ୍ମିୟର୍ ପରୀକ୍ଷା ସୁବିଧା ଦିଆଯାଇଥିଲା। ଏହି ସ୍କ୍ରିନିଂ କାର୍ଯ୍ୟକ୍ରମ ଡା. ଉପାସନା ଦାସ ଓ ଡା. ଶ୍ରୀଲେଖା ମହାପାତ୍ରଙ୍କ ଦ୍ୱାରା ହୋଇଥିଲା। ଉପମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଡା. ଶୀଲ ମହାନ୍ତିଙ୍କ ନେତୃତ୍ୱରେ ସଚେତନତା ପାଇଁ ଶପଥ ଗ୍ରହଣ କରାଯାଇଥିଲା।

# ପ୍ରେମ, କର୍ତ୍ତବ୍ୟ, ସାମାଜିକ ଦାୟିତ୍ୱର କଥା କହିଲା 'ଆଗାମୀ'

ଭୁବନେଶ୍ୱର, ୪।୨ (ସୌମ୍ୟରଞ୍ଜନ ରାଉତ)



ଶରତ ଥିଲେ ଶ୍ରମିକ ନେତା। ସମାଜ ପ୍ରତି ଥିବା ଦାୟିତ୍ୱ ସମ୍ପାଦନରେ ସେ ସବୁବେଳେ ବ୍ୟସ୍ତ ରହୁଥିବାରୁ ପ୍ରେମିକା ସରସୀକୁ ଟିକେ ଅଣଦେଖାକରନ୍ତି। ଏହା ଭିତରେ ସରସୀ ନିଜକୁ ଏକଲା ମନେକରନ୍ତି। ପରେ ଦୁହିଁଙ୍କ ଭିତରେ ହୁଏ ମନୋମାଳିନ୍ୟ। ଏପରି ଏକ ପ୍ରେମ, କର୍ତ୍ତବ୍ୟ ଓ ସାମାଜିକ ଆଶା–ଆକାଂକ୍ଷାର କାହାଣୀକୁ ନେଇ ଇଣ୍ଟରନ୍ୟାଶନାଲ୍ ଥିଏଟର୍‌ର ୫୧ତମ ସୁବର୍ଣ୍ଣ ଜୟନ୍ତୀ ଅବସରରେ ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ଜାତୀୟ ନାଟ୍ୟ ପର୍ବର ଦ୍ୱିତୀୟ ସନ୍ଧ୍ୟାରେ ବୁଧବାର ମଞ୍ଚସ୍ଥ ହୋଇଛି ଓଡ଼ିଆ ନାଟକ 'ଆଗାମୀ'। ମନୋରଞ୍ଜନ ଦାସଙ୍କ ରଚିତ ଓ ମିହିର ମେହେରଙ୍କ ନିର୍ଦ୍ଦେଶିତ ଏହି ନାଟକରେ କଳାକାରମାନେ ଅତି ସୁନ୍ଦର ଭାବରେ ଅଭିନୟ କରିଥିଲେ। ଏହି ଅବସରରେ ମଞ୍ଚ ଅଭିନେତା ଜିତେନ୍ଦ୍ର କୁମାର ପଟ୍ଟନାୟକ, ଖବରଦାତା ସ୍ୱାଗତିକା ସାହୁ, ମଞ୍ଚ ଅଭିନେତା ଦୀପକ ରଞ୍ଜନ ପତିଙ୍କୁ 'ଇଣ୍ଟରନ୍ୟାଶନାଲ ଥିଏଟର ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଅତିଥି ଭାବେ ଭାଜପା ନେତା ଗୋଲଖ ପ୍ରସାଦ ମହାପାତ୍ର, ଦୈନିକ ସମୟର ସମ୍ପାଦକ ଗୁରୁ କଲ୍ୟାଣ ମହାପାତ୍ର, ପୂର୍ବତନ ପୋଲିସ ଡିଜି ଅମିୟ ଭୂଷଣ ତ୍ରିପାଠୀ, ଭାଜପା ମୁଖପାତ୍ର ପବିତ୍ର ମୋହନ ଦାସ, ନାଟ୍ୟ ସଂଘର ସାଧାରଣ ସମ୍ପାଦକ ସୁଧାଂଶୁ ମୋହନ ଦ୍ୱିବେଦୀ, ଅନୁଷ୍ଠାନର ନିର୍ଦ୍ଦେଶକ ମିହିର ମେହେର ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଆ ଜାତିକୁ ବିଶ୍ୱ ଦରବାରରେ ପରିଚିତ କରାଇଥିଲେ ମଧୁବାବୁ

ଭୁବନେଶ୍ୱର, ୪।୨ (ସୌମ୍ୟରଞ୍ଜନ ରାଉତ)


ଉତ୍କଳଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ବୈଷୟିକ ଗୁରୁବୀର ସିଂଙ୍କ ସହ ଅନ୍ୟ ଅତିଥିମାନେ।

ଓଡ଼ିଆ ଅସ୍ମିତା ଓ ସ୍ୱାଭିମାନର ପ୍ରତୀକ ଉତ୍କଳଗୌରବ ମଧୁସୂଦନ ଦାସ ଥିଲେ ଓଡ଼ିଆ ଜାତୀୟତାର ଜନକ ତଥା ନବଜାଗରଣର ପ୍ରବର୍ତ୍ତକ। ତାଙ୍କ ଉତ୍ସର୍ଗୀକୃତ କାର୍ଯ୍ୟ ପାଇଁ ଭାଷାଭିତ୍ତିରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ସମ୍ଭବ ହୋଇଥିଲା। ଧୈର୍ଯ୍ୟ–ସହିଷ୍ଣୁତା, ସଂଗ୍ରାମ–ସାଧନାକୁ ପାଥେୟ କରି ଜାତିପ୍ରେମ ବହ୍ନି ପ୍ରଜ୍ୱଳନ ପୂର୍ବକ ଓଡ଼ିଆ ଜାତିକୁ ବିଶ୍ୱ ଦରବାରରେ ପରିଚିତ କରାଇବା ପାଇଁ ମଧୁବାବୁ ସଦା ଚେଷ୍ଟିତ ଥିଲେ। ସମାଜ, ସାହିତ୍ୟ, ଶିକ୍ଷା, ଅର୍ଥନୀତି ଓ ରାଜନୀତି ଆଦି ବିଭିନ୍ନ କ୍ଷେତ୍ରରେ ଏହି ଜନନାୟକଙ୍କର ପ୍ରେରଣା ଉତ୍କଳୀୟଙ୍କ ଜୀବନରେ ନବସୂର୍ଯ୍ୟୋଦୟ ଆଣି ଦେଇଥିଲା। ଉତ୍କଳ ମାଟିର ଯୋଗ୍ୟତମ ସନ୍ତାନ, ଉତ୍କଳୀୟ ଜାତୀୟତାର ମନ୍ତ୍ରଦାତା, ଶତାବ୍ଦୀର ସୂର୍ଯ୍ୟ ଉତ୍କଳଗୌରବ ମଧୁସୂଦନ ଦାସ ପ୍ରତ୍ୟେକ ଓଡ଼ିଆ ପାଇଁ ଚିରବନ୍ଦନୀୟ ବୋଲି ଅତିଥିମାନେ କହିଛନ୍ତି। ବୁଧବାର ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଭୁବନେଶ୍ୱରସ୍ଥିତ ଲୋକଭବନ ଛକସ୍ଥିତ ପ୍ରତିମୂର୍ତ୍ତି ସ୍ଥଳରେ ଉତ୍କଳଗୌରବଙ୍କ ଶ୍ରାଦ୍ଧଦିବସ ପାଳନ କରାଯାଇଥିଲା। ବିଭାଗର ନିର୍ଦ୍ଦେଶକ ବୈଷୟିକ ଗୁରୁବୀର ସିଂ, ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ, ସହକାରୀ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମୋଦିନୀ ଟେଟେ, ଲୋକସମ୍ପର୍କ ଅଧିକାରୀ ଏମ୍ ଅଭିଷେକ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ମଧୁବାବୁଙ୍କ ସମ୍ପର୍କରେ କହିଥିଲେ।



ବିଶ୍ୱ କର୍କଟ ଦିବସ ପାଳନ ଅବସରରେ ବୁଧବାର ମଦର ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଲୋକଙ୍କୁ କ୍ୟାନ୍ସରରୁ ରକ୍ଷା ପାଇବା ପାଇଁ ସଚେତନ କରାଯାଉଛି। (ଫଟୋ: ବିକାଶ ନାୟକ)

# ବର୍ଜ୍ୟମୁକ୍ତ ଅଞ୍ଚଳ ଭାବେ ଘୋଷଣା ହେବ କଞ୍ଜରଭେନ୍ସି ଲେନ୍

ଭୁବନେଶ୍ୱର, ୪।୨ (ବନ୍ଦନା ସେଠୀ)

ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳରେ ସମୁଦାୟ ୪୮୨ଟି କଞ୍ଜରଭେନ୍ସି ଲେନ୍ ରହିଛି। ସାଧାରଣତଃ କଞ୍ଜରଭେନ୍ସି ଲେନ୍‌ଗୁଡିକ ଅପରିଷ୍କାର ହୋଇ ରହୁଥିବାରୁ ଏହା ସହରର ସ୍ୱଚ୍ଛତା ପ୍ରତି ପ୍ରଶ୍ନ ଉଠାଉଛି। ଏଣିକି ଏହାକୁ ବର୍ଜ୍ୟମୁକ୍ତ ଅଞ୍ଚଳ ଭାବେ ଘୋଷଣା କରିବା ସହ ଏଥିପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଣ୍ଟା ଭିଡ଼ିଛି। କଞ୍ଜରଭେନ୍ସି ଲେନ୍‌ଗୁଡିକରେ ଯେପରି ପାଣି ଜମା, ଡ୍ରେନ ଚୋକ୍ କିମ୍ବା ଓଭର ଫ୍ଲୋ ନ ହୁଏ ଏବଂ ଅନାବନା ଗଛ ବା ଘାସ ନ ଉଠେ,


କଞ୍ଜରଭେନ୍ସି ଲେନ୍‌କୁ ସଫେଇ କରାଯାଉଛି।

ସେଥିପ୍ରତି ବିଶେଷ ଭାବେ ଧ୍ୟାନ ଦେବାକୁ ପରିମଳ ଉପବିଭାଗର ସମସ୍ତ ଅଧିକାରୀ, କର୍ମଚାରୀ, ସ୍ୱଚ୍ଛ କର୍ମୀ, ସ୍ୱଚ୍ଛ ସୁପଭାଇଜର, ଏଜେନ୍ସିମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସହରକୁ ସ୍ୱଚ୍ଛ ଓ ସୁନ୍ଦର କରିବା ଲକ୍ଷ୍ୟରେ ବିଏମ୍‌ସି ପକ୍ଷରୁ ବିଭିନ୍ନ ଆବାସିକ, ବ୍ୟବସାୟିକ ଏବଂ ସର୍ବସାଧାରଣ ଅଞ୍ଚଳରେ ଥିବା କଞ୍ଜରଭେନ୍ସି ଲେନ୍ ସହ ସହର ବିଭିନ୍ନ ଅଞ୍ଚଳରେ ଥିବା ଛୋଟ ଛୋଟ ଗଳି କନ୍ଦି (ନ୍ୟାରୋ ଲେନ୍ସ) ଏବଂ ପଛ ପାର୍ଶ୍ୱଗଳିଗୁଡିକ ସଫା କରିବା ଅଭିଯାନ ଆରମ୍ଭ ହୋଇଛି। ଏସବୁ ଅଞ୍ଚଳରେ କୌଣସି ବ୍ୟକ୍ତି ଯେପରି ଅଳିଆ ନ ପୋଡନ୍ତି ବା ନ ପକାନ୍ତି, ସେଥିପ୍ରତି ମଧ୍ୟ ସଜାଗ ରହିବାକୁ କୁହାଯାଇଛି। ବ୍ୟାକ ଲେନ୍‌ଗୁଡିକୁ ସମ୍ପୂର୍ଣ୍ଣଭାବେ ଜବରଦଖଲମୁକ୍ତ କରି ତାହାକୁ ପରିଷ୍କାର ରଖିବା ନେଇ ଜନସଚେତନତା ସୃଷ୍ଟି କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ବ୍ୟକ୍ତିଗତ ସ୍ତରରେ ପ୍ରତ୍ୟେକ ନାଗରିକ ଏଥିପାଇଁ ଉଦ୍ୟମ କରିବା ଆବଶ୍ୟକ ବୋଲି ମେୟର ସୁଲୋଚନା ଦାସ କହିଛନ୍ତି

# ୧୩ ହାଇୱା ଜବତ

ଆଠଗଡ଼/ବାରଙ୍ଗ,୪।୨(ସତ୍ୟ ପ୍ରସାଦ ରଥ/ଲିଙ୍ଗରାଜ ରାଉତ): ଆଠଗଡ଼ ସହର ଉପକଣ୍ଠ କଇଥ ଛକ ନିକଟରୁ ଉପଜିଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା ଓ ପୋଲିସ ମିଳିତ ଭାବେ ମଙ୍ଗଳବାର ରାତିରେ ବେଆଇନ୍ ଲଘୁ ଖଣିଜ ପରିବହନ କରୁଥିବା ୧୨ଟି ହାଇୱା ଜବତ କରିଛନ୍ତି। ଏହାପରେ ଗାଡ଼ିଗୁଡ଼ିକୁ ଖଣି ବିଭାଗ ଓ ପରିବହନ ବିଭାଗକୁ ହସ୍ତାନ୍ତର କରାଯାଇଛି। ଏମ୍‌ଭିଆଇ ରଞ୍ଜନ କୁମାର ଦୋରା ୨ ଲକ୍ଷ ୭୬ ହଜାର ୯୦୦ ଟଙ୍କା ଜରିମାନା କରି ଗାଡ଼ିଗୁଡ଼ିକୁ ଛାଡ଼ି ଦେଇଥିଲେ। ଅନୁମୋଦିତ ଓଜନଠାରୁ ଅଧିକ ଖଣିଜ ଦ୍ରବ୍ୟ ପରିବହନ ଓ ବିନା ପରମିଟରେ ପରିବହନ କରୁଥିବା ଭାରି ଯାନ ଉପରେ ମଙ୍ଗଳବାର ରାତିରେ ଉପଜିଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା ଓ ପୋଲିସ ପକ୍ଷରୁ ତନଖ କଲାବେଳେ ଏ ସମ୍ପର୍କରେ ଜଣାପଡ଼ିଥିଲା। ସେହିପରି ନନ୍ଦନକାନନ ଗୋଲେଇ ଛକ ନିକଟରୁ ମଙ୍ଗଳବାର ରାତିରେ ବେଆଇନ ଭାବେ ବାଲି ଚାଲାଣ ଅଭିଯୋଗରେ ନନ୍ଦନକାନନ ଥାନା ପୋଲିସ ଏକ ହାଇୱାକୁ ଜବତ କରିଛି। ଏହି ଘଟଣାରେ ପୋଲିସ ୨ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବାଙ୍କୀ କୁସୁପୁର ଲକ୍ଷ୍ମୀଧର ଭୋଇ(୨୭) ଓ ସହଯୋଗୀ ବାଙ୍କି ବ୍ରାହ୍ମଣଆର ଗାଲୁଙ୍କା ନାୟକ(୨୦)। ଏନେଇ ପୋଲିସ ଥାନାରେ ଏକ ମାମଲା (ନଂ.୫୩/୨୬)ରୁଜୁ କରିଛି।

ଥାନା ଅଧିକାରୀ ବିଭୁତି ଭୂଷଣ ପୁଲୁଙ୍କ ନିର୍ଦ୍ଦେଶ ଅନୁଯାୟୀ, ପୋଲିସ ଏସ୍‌ଆଇ ବି. ପଟେଲଙ୍କ ନେତୃତ୍ୱରେ ଏହି ଚଢ଼ାଉ ହୋଇଥିଲା।

# ଜିଲା ଦାବିରେ ଆଠଗଡ଼ ବନ୍ଦକୁ ମିଳିଲା ସମର୍ଥନ

- ଓକିଲ ସଂଘର କୋର୍ଟ ବର୍ଜନ
- ସାମିଲହେଲେ ସାହିତ୍ୟ ସମାଜ, ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ମଞ୍ଚ
- ବନ୍ଦ ରହିଲା ଦୋକାନବଜାର, ବ୍ୟବସାୟିକ ଅନୁଷ୍ଠାନ


ବିଭିନ୍ନ ସଂଗଠନର ସଦସ୍ୟମାନେ ବିକ୍ଷୋଭ କରୁଛନ୍ତି।

ଆଠଗଡ଼,୪।୨(ସତ୍ୟ ପ୍ରସାଦ ରଥ)

ଆଠଗଡ଼କୁ ଜିଲା ଦାବିରେ ଜିଲା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଦିଆଯାଇଥିବା ବନ୍ଦ ଡାକରାକୁ ବ୍ୟାପକ ସମର୍ଥନ ମିଳିଛି। ଫଳରେ ଆଠଗଡ଼ ସହରରେ ଜୀବନଯାତ୍ରା ସମ୍ପୂର୍ଣ୍ଣ ବ୍ୟାହତ ହୋଇଛି। ଏଥିଯୋଗୁ ସହରର ସମସ୍ତ ଦୋକାନବଜାର ଓ ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ ରହିଥିଲା। ସହର ମଧ୍ୟସ୍ଥ ସମସ୍ତ ବିଦ୍ୟାଳୟ ଓ ମହା ବିଦ୍ୟାଳୟ ଖୋଲାରହିଥିଲେ ମଧ୍ୟ ଉପସ୍ଥାନ ହାର ପ୍ରାୟ ନ ଥିଲା। ଆଠଗଡ଼ ସହର ମଧ୍ୟଦେଇ ଯାଇଥିବା ରାଜ ଆଠଗଡ଼-ନରସିଂହପୁର ରାଜ୍ୟ ରାଜପଥ, ପୁରୁଣା କଟକ-ସମ୍ବଲପୁର ରାସ୍ତା, ଭୁବନେଶ୍ୱର-ବଡ଼କେରା ରାଜ୍ୟ ରାଜପଥ ଦେଇ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା। ରାଜଧାନୀରୁ ରାଜ୍ୟର ପଶ୍ଚିମାଞ୍ଚଳ ଓ ଛତିଶଗଡ଼କୁ ସଡ଼କପଥରେ ଯୋଗାଯୋଗ ଓ ଗମନାଗମନ ବାଧାପ୍ରାପ୍ତ ହୋଇଥିଲା। ବ୍ୟାଙ୍କ ସମେତ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ କାର୍ଯ୍ୟାଳୟଗୁଡ଼ିକରେ ଜନସମାଗମ କମ୍ ଥିଲା। ବନ୍ଦକୁ ସମର୍ଥନ ଜଣାଇ ଓକିଲ ସଂଘ ପକ୍ଷରୁ କୋର୍ଟ ବର୍ଜନ କରାଯାଇଥିଲା। ସେହିପରି ଆଠଗଡ଼ ସାହିତ୍ୟ ସମାଜ, ବୁଦ୍ଧିଜୀବୀ ସଂଘ, ଯୋଗଶିକ୍ଷା କେନ୍ଦ୍ର, ପୌରାଞ୍ଚଳ ବରିଷ୍ଠ ନାଗରିକ ସଂଘ, ସାମାଜିକ ଅନୁଷ୍ଠାନ ଗଡ଼ଜାତ ପରିକ୍ରମା, ଅବସରପ୍ରାପ୍ତ ସୈନିକ ସଂଘ ପକ୍ଷରୁ ବନ୍ଦକୁ ସମର୍ଥନ ଜଣାଇ ଆଠଗଡ଼ ସହରସ୍ଥିତ ଚାନ୍ଦବାଲି ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ବିକ୍ଷୋଭରେ ବରିଷ୍ଠ କଂଗ୍ରେସ ନେତା ବିଭୂତି ଭୂଷଣ ମିଶ୍ର, ପ୍ରଭାକର ପଟ୍ଟନାୟକ, ସଦାନନ୍ଦ ପଟ୍ଟନାୟକ, ଭାସ୍କର ମିଶ୍ର, ଶରତ ଚନ୍ଦ୍ର ସାମନ୍ତ, ପୂର୍ବତନ କାଉନ୍‌ସିଲର ଅଶୋକ କୁମାର ଦାଶ, ବରିଷ୍ଠ ଆଇନଜୀବୀ ପ୍ରାଣକୃଷ୍ଣ ଦାଶ, ଶ୍ୟାମାନନ୍ଦ ମହାରଣା, କଟକ ଏମ୍‌ପିଙ୍କ ପ୍ରତିନିଧି ସରୋଜ କୁମାର ଦାସ, ଶିକ୍ଷକ ନେତା ସୁରେଶ ପରିଡ଼ା, ଗିରିଶ୍ ମିଶ୍ର ଓ ଭାଜପା ରାଜ୍ୟକାରିଣୀ ପରିଷଦ ସଭ୍ୟ ବଜେନ୍ଦ୍ର ରାୟ ଯୋଗଦେଇଥିଲେ। ଆଠଗଡ଼ ଉପଜିଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା, ସହକାରୀ ଜିଲାପାଳ ମାନସ ରଞ୍ଜନ ବେହେରା, ଆଠଗଡ଼ ଆରକ୍ଷୀ ଉପାଧ୍ୟକ୍ଷ ବିଶ୍ୱଜିତ୍ ମହାନ୍ତି, ଥାନା ଅଧିକାରିଣୀ ସୁମତି କୁମାରୀ ମହାନ୍ତି ପ୍ରମୁଖ ବିକ୍ଷୋଭ ସ୍ଥଳରେ ପହଞ୍ଚି ବିକ୍ଷୋଭକାରୀଙ୍କ ସହ ଆଲୋଚନା କରିଥିଲେ। ଏହି ଦାବି ସରକାରଙ୍କ ନିକଟରେ ଉପସ୍ଥାପନ କରିବା ପାଇଁ ଆଶ୍ୱାସନା ଦେଇଥିଲେ। ପରେ ଜିଲା କ୍ରିୟାନୁଷ୍ଠାନ କମିଟିର ସମ୍ପାଦକ ଲଲାଟେନ୍ଦୁ ସେନାପତିଙ୍କ ନେତୃତ୍ୱରେ ଏକ ମୋଟରସାଇକେଲ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଜିଲା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏକ ପ୍ରତିନିଧି ଦଳ ଭୁବନେଶ୍ୱରରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବ ବୋଲି କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସୂଚନା ଦିଆଯାଇଛି।

# ନନ୍ଦନକାନନରେ ଗୟଳ ସଂଖ୍ୟା ୮କୁ ବୃଦ୍ଧି

## ଜନ୍ମନେଲା ନୂଆ ଶାବକ

ବାରଙ୍ଗ,୪।୨(ଲିଙ୍ଗରାଜ ରାଉତ):

ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ବୁଧବାର ଏକ ଗୟଳ ଶାବକକୁ ଜନ୍ମ ଦେଇଛି। ଏହାପୂର୍ବରୁ ୯ ଜୁଲାଇ ୨୦୨୫ରେ ଉକ୍ତ ଗୟଳଟି ଆଉ ଏକ ଛୁଆକୁ ଜନ୍ମ ଦେଇଥିଲା। ନବଜାତ ସୁସ୍ଥ ଥିବା ବେଳେ ଏମାନଙ୍କ ସଂଖ୍ୟା ୮ରେ ପହଞ୍ଚିଛି। ସେମାନଙ୍କ ମଧ୍ୟରେ ୩ ପୁରୁଷ, ୩ ମାଈ ଏବଂ ୨ ଛୁଆ ରହିଛନ୍ତି। ସର୍ବବୃହତ ବଣ୍ୟଗୋରୁ ପ୍ରଜାତି ଗୟଳର ମାଂସପେଶୀ ଗଠନ, ଉତ୍ତଳ କପାଳ ଧାର ଏବଂ ହାଲୁକା ରଙ୍ଗର ଷ୍ଟକିଂ ପରି ଗୋଡ଼ ଚିହ୍ନ ପାଇଁ ଜଣାଶୁଣା।

# ମାଈହାତୀ ଗୁରୁତର, ଚିକିତ୍ସା ଜାରି



ବଡ଼ମ୍ବା,୪।୨(ମାୟାଧର ମଲ୍ଲିକ):

କଟକ ଜିଲା ନରସିଂହପୁର ପଶ୍ଚିମ ବନାଞ୍ଚଳ ଅନ୍ତର୍ଗତ ବାରଶିଙ୍ଗା ଜଙ୍ଗଲ କମ୍ପାର୍ଟମେଣ୍ଟ-୯ରେ ଏକ ମାଈହାତୀ ଗୁରୁତର ଅସୁସ୍ଥ ହୋଇପଡ଼ିଛି। ବନ ବିଭାଗ ଟିମ୍ ଏହା ଜାଣିବା ପରେ ହାତୀଟିକୁ ଉଦ୍ଧାର କରି ଚିକିତ୍ସା କରୁଛନ୍ତି। ଏକ ସ୍ୱତନ୍ତ୍ର ଡାକ୍ତରୀ ଦଳ ହାତୀର ଚିକିତ୍ସା କରୁଥିବା ଜଣାପଡ଼ିଛି। ହାତୀ ଅସୁସ୍ଥ ହେବାର କାରଣ ଜଣାପଡ଼ି ନ ଥିବାବେଳେ ବୟସାଧିକ୍ୟ କାରଣରୁ ଅସୁସ୍ଥ ହୋଇପଡିଥିବା ରେଞ୍ଜର ପ୍ରଦୀପ ନାୟକ ଆଶଙ୍କା କରୁଛନ୍ତି। ହାତୀର ବୟସ ପ୍ରାୟ ୫୫ରୁ ୬୦ ବର୍ଷ ହେବ ବୋଲି ରେଞ୍ଜର ନାୟକ କହିଛନ୍ତି।

# କାମ ନ ସରୁଣୁ ଉଠିଲାଣି ପିଚୁ

## ଜାତମୁଣ୍ଡିଆ-ଡମପଡ଼ା ରାସ୍ତା ନିର୍ମାଣ ନିମ୍ନମାନର

ତାଳବସ୍ତ, ୪।୨(ସୁବ୍ରତ କୁମାର ନାୟକ)



ରାସ୍ତାଗୁଡ଼ିକର ନିମ୍ନମାନର କାମ ଯୋଗୁ ପ୍ରକୃତ ଲାଭ ହିତାଧିକାରୀଙ୍କୁ ମିଳିପାରୁନାହିଁ। ବାଙ୍କୀର ଜାତମୁଣ୍ଡିଆ ଠାରୁ ଡମପଡା ରାସ୍ତାରେ ଏହାର ଉଦାହରଣ ଦେଖିବାକୁ ମିଳିଛି। ଏଠାରେ ରାସ୍ତା କାମ ନ ସରୁଣୁ ପିଚୁ ଉଠିଗଲାଣି। ଏଥିଯୋଗୁ ଲୋକେ ଅସନ୍ତୋଷବ୍ୟକ୍ତ କରିଛନ୍ତି।

ଜାତମୁଣ୍ଡିଆ ଠାରୁ ଡମପଡା ଭାୟା ସାମନ୍ତରାପୁର ଗ୍ରାମ ଦେଇ ପ୍ରାୟ ପନ୍ଦର କିଲୋମିଟର ରାସ୍ତାର ସୁଦୃଢ଼ୀକରଣ ଏବଂ ପ୍ରଶସ୍ତୀକରଣ କାର୍ଯ୍ୟ ଚାଲିଛି। ଏନେଇ କଟକ ପୂର୍ତ୍ତ ବିଭାଗ ପକ୍ଷରୁ ୩୩ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ୨ ବର୍ଷ ତଳେ ୨୦୨୪ ଫେବୃଆରୀ ୨୨ରେ ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ଏହାର ଶୁଭ ଦେଇଥିଲେ। ଠିକାସଂସ୍ଥା ଏହାକୁ ବର୍ଷକରେ ସାରିବାର ଥିଲା। କିନ୍ତୁ ବିଳମ୍ବ ପାଇଁ ଅରପୁର ଗ୍ରାମର ସାମାଜିକ କର୍ମୀ ସୁଧାଂଶୁ ଶେଖର ନାୟକ କାର୍ଯ୍ୟ ଉପରେ ଆର୍‌ଟିଆଇ ମାଗିଥିଲେ। ସେଥିପାଇଁ ଏବେ ତରବରିଆ ଭାବେ ରାସ୍ତା କାମ ଚାଲିଛି। ଏଭଳିସ୍ଥିତିରେ କେବଳ ପିଚୁ ବୋଳା କାମ ଚାଲିଛି ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଗାଁମାନଙ୍କରେ ଥିବା କୁଜିନେତା ଏବଂ କେତେଜଣ ଯୁବକଙ୍କୁ ଠିକାସଂସ୍ଥାର କର୍ମଚାରୀମାନେ ହାତବାରିସ କରି ନିମ୍ନମାନର କାମ କରୁଛନ୍ତି। ଫଳରେ ଦିନକର କାମ ପରେ ରାସ୍ତାରୁ ପିଚୁ ଛାଡିଯାଉଛି ବୋଲି ତାଳବସ୍ତର ସାମାଜିକ କର୍ମୀ ପ୍ରଦ୍ୟୁମ୍ନ କୁମାର ପାଲ କୁହନ୍ତି। ଏନେଇ ନଂ. ୩୮ ଜିଲା ପରିଷଦ ସଭ୍ୟ ଆଶିଷ କୁମାର ସାହୁଙ୍କ ଦୃଷ୍ଟି ଆକର୍ଷଣ କରିବାରେ ଭଲ କାମ ହେବା ପାଇଁ ଉଚ୍ଚ ଅଧିକାରୀଙ୍କ ସହ କଥା ହେବେ ବୋଲି କହିଛନ୍ତି। ଏ ସମ୍ପର୍କରେ ବାଙ୍କୀ ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ଲିପୁ ଚରଣ ବେହେରାଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ ଉଠାଇ ନ ଥିଲେ।

# ନିର୍ଭୀକତା, ସ୍ପଷ୍ଟବାଦିତା ଛାତ୍ରୀଛାତ୍ରଙ୍କୁ ସଫଳତାର ଶୀର୍ଷରେ ପହଞ୍ଚାଏ

## ପ୍ରସନ୍ନ ପୁରୁଷୋତ୍ତମ ଦେବ ମହାବିଦ୍ୟାଳୟ ବାର୍ଷିକୋତ୍ସବ

ଟିଗିରିଆ,୪।୨(ଜାଫର ଖାଁ):

ଟିଗିରିଆ ବ୍ଲକ ଅନ୍ତର୍ଗତ ନିଜିଗଡ଼ସ୍ଥିତ ପ୍ରସନ୍ନ ପୁରୁଷୋତ୍ତମ ଦେବ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ସାଂସ୍କୃତିକ ଯୁବ ଉତ୍ସବ ବୁଧବାର ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ବିଜୟ କୁମାର ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଓଡ଼ିଆ ଭାଷା, ସାହିତ୍ୟ ଆନ୍ଦୋଳନର ମୁଖ୍ୟ ପୃଷ୍ଠପୋଷକ, ସ୍ୱନାମଧନ୍ୟ ଭାଷାବିତ୍, ସ୍ତମ୍ଭକାର ସୁଭାଷ ଚନ୍ଦ୍ର ପଟ୍ଟନାୟକ ଯୋଗଦେଇ ଯୁବପିଢ଼ିର ସାହିତ୍ୟିକ ଗତିର ଧାରା, ପ୍ରକୃତି, କର୍ତ୍ତବ୍ୟ ଓ ଭାଷା ସାହିତ୍ୟ ସଂସ୍କୃତିର ଗରିମା ସହ ବିଦ୍ୟାଳୟରେ ଶିକ୍ଷଣୀୟ ବାତାବରଣ ବଜାୟ ସହିତ ପରିବାରରେ ଜ୍ଞାନ ବିତରଣ କରିବାକୁ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ନିଜ ଅଭିଭାଷଣ ମାଧ୍ୟମରେ ମୁଖ୍ୟଅତିଥି ପଟ୍ଟନାୟକ ଉପସ୍ଥାପନ କରିଥିଲେ। ଅଧ୍ୟକ୍ଷ ବେହେରା ତାଙ୍କର ଅଭିଭାଷଣରେ ଛାତ୍ରୀଛାତ୍ରମାନଙ୍କୁ ଓଡ଼ିଆ ମାଟିର ଭାଷା ସାହିତ୍ୟର ଭାବଧାରା, ଶିକ୍ଷାୟତନର ଭୂମିକା ଓ ଭବିଷ୍ୟତ ଗଠନକୁ ଗୁରୁତ୍ୱାରୋପ କରିବା ସହ ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ହେଲେ କଠୋର ପରିଶ୍ରମ ଓ ଏକାଗ୍ରତା ହିଁ ସଫଳତା ଦେଇଥାଏ ଏବଂ ନିର୍ଭୀକତା ଓ ସ୍ପଷ୍ଟବାଦିତା ସଫଳତାର ଶୀର୍ଷସ୍ଥାନରେ ପହଞ୍ଚାଇଥାଏ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଉପସ୍ଥିତ ପ୍ରାଧ୍ୟାପକ ତଥା ବାର୍ଷିକ ଉତ୍ସବ କମିଟିର ଉପସଭାପତି ସୁଧୀର ଚନ୍ଦ୍ର ନାଥ, ଅଧ୍ୟାପକ ଡ. ପତିତପାବନ ପଣ୍ଡା ଅତିଥି ପରିଚୟ, ଶିକ୍ଷାୟତନର ସାଂସ୍କୃତିକ ଧାରା ସହ ମହାବିଦ୍ୟାଳୟର ବାର୍ଷିକ ବିବରଣୀ ପଠନ କରିଥିଲେ। ଅଧ୍ୟାପକ ରାମଚନ୍ଦ୍ର ବେହେରା, ବିଜୟ କୁମାର ଦାସ, କ୍ୟାପ୍‌ଟେନ ଲକ୍ଷ୍ମୀଧର ସାହୁ, ଅଧ୍ୟାପିକା ପୁଷ୍ପାଞ୍ଜଳି ବାରିକ, ଅଧ୍ୟାପିକା ଇନ୍ଦିରା ସାମନ୍ତରାୟ, କ୍ରୀଡ଼ା ଶିକ୍ଷକ ନୃପେନ୍ଦ୍ର ନାରାୟଣ ତ୍ରିପାଠୀ, ଅଧ୍ୟାପକ ନିର୍ମଳ ମହାନ୍ତି, କାର୍ଯ୍ୟାଳୟ ସହାୟିକା ମୋନାଲିସା ମହାନ୍ତି, ଶ୍ରଦ୍ଧାଞ୍ଜଳି ମହାନ୍ତିଙ୍କ ସମେତ ଅନ୍ୟାନ୍ୟ ଅଧ୍ୟାପିକା, ଅଧ୍ୟାପକ ଓ କର୍ମକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପୂର୍ବରୁ ମହାବିଦ୍ୟାଳୟସ୍ତରରେ ହୋଇଥିବା କ୍ରୀଡ଼ା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଓ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିଙ୍କ ପକ୍ଷରୁ ପୁରସ୍କୃତ କରାଯାଇଥିଲା।


ବାର୍ଷିକ ଉତ୍ସବରେ ଜଣେ କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

# ପ୍ରହରାଜପୁରରେ ଭାଜପାର ମିଶ୍ରଣପର୍ବ

କଟକ ସଦର,୪।୨
(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ପ୍ରହରାଜପୁରଠାରେ ଭାଜପାର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ମିଶ୍ରଣରେ ବିରୋଧୀ ଦଳର ବହୁ ତୁଙ୍ଗ କର୍ମୀ ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀଙ୍କ ଉପସ୍ଥିତିରେ ଭାରତୀୟ ଜନତା ପାର୍ଟିରେ ସାମିଲ ହୋଇଥିଲେ। କିଶନନଗର ମଣ୍ଡଳ ସଭାପତି ଚିତ୍ତରଞ୍ଜନ ସାହୁଙ୍କ ସୌଜନ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ କଟକ ସଦର ବ୍ଲକ ଅଧ୍ୟକ୍ଷ ସାଧୁ ଜେନା, କୃଷକ ମୋର୍ଚ୍ଚା ରାଜ୍ୟ ଉପସଭାପତି ହୃଷୀକେଶ ଜେନା, କଟକ ଜିଲା ସାଧାରଣ ସମ୍ପାଦକ ଅଶୋକ ସାହୁ, ଜିଲା ଉପସଭାପତି ସୁରେଶ ଚନ୍ଦ୍ର ଜେନା, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ସର୍ବେଶ୍ୱର ନାୟକ, ପ୍ରଦୀପ ମାହାଳି, ଚିତ୍ତରଞ୍ଜନ ସାହୁ, ପ୍ରଦୀପ୍ତ କୁମାର ବେହେରା, ପ୍ରକାଶ ଚନ୍ଦ୍ର ସାହୁ, କ୍ଷିତୀନ୍ଦ୍ର ମିତ୍ର, ଲକ୍ଷ୍ମୀଧର ଜେନା, ପ୍ରଭାତ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରହରାଜପୁର ସରପଞ୍ଚ ଅବଦୁଲ ୱାହିଦ ଖାଁ, ସମିତି ସଭ୍ୟ ଲିୟାକତ ଅଲ୍ଲିଙ୍କ ସମେତ ପଞ୍ଚାୟତର ୧୨ଜଣ ୱାର୍ଡ ସଭ୍ୟାସଭ୍ୟ, ଅନ୍ୟ ୪୦ଜଣ କର୍ମୀ ଭାଜପାରେ ଯୋଗଦେଇଥିଲେ। ରଘୁନାଥ ଚୌଧୁରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ମିଶ୍ରଣ ପର୍ବରେ ଦଳୀୟ କର୍ମୀ।

# ଜମି ବିବାଦକୁ ନେଇ ମରଣାନ୍ତକ ଆକ୍ରମଣ, ୪ ଗିରଫ

ବାରଙ୍ଗ,୪।୨(ଲିଙ୍ଗରାଜ ରାଉତ): ଚନ୍ଦକା ଥାନା ଅନ୍ତର୍ଗତ କୁଜିମହଲ ଗ୍ରାମରେ ପୁରୁଣା ଜମି ବିବାଦକୁ କେନ୍ଦ୍ରକରି ଏକ ପରିବାରର ୨ଜଣ ମହିଳାଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଛି। ଏହି ଘଟଣାରେ ପୋଲିସ ୪ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଉକ୍ତ ଗ୍ରାମର ସୁକାନ୍ତି ମହାଭୋଇ(୨୪), ଜାନକୀ ମହାଭୋଇ(୫୫),ବାବୁଲା ମହାଭୋଇ(୬୦), ପଥରଗାଡିଆ ଗ୍ରାମର ମଞ୍ଜୁଲତା ଜେନା(୫୫)। ଏନେଇ ପୋଲିସ ଏକ ମାମଲା(ନଂ.୭୨/୨୬)ରୁଜୁ କରିଛି।

ଅଜୟ ମହାଭୋଇଙ୍କ ଅଭିଯୋଗ ଅନୁଯାୟୀ, ସକାଳେ ସେ ଘରେ ନଥିବା ସମୟରେ ସୁକାନ୍ତି, ବାବୁଲା, ଜାନକୀ ଓ ମଞ୍ଜୁଲତା ବେଆଇନ ଭାବରେ ତାଙ୍କ ଘରେ ପ୍ରବେଶ କରି, ତାଙ୍କ ସ୍ତ୍ରୀ ମାମିନୀ ଏବଂ ଶାଶୁ ଶାନ୍ତିଲତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ ଓ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଅଜୟ ଘରକୁ ଫେରିବା ପରେ ଉଭୟଙ୍କୁ ଆହତ ଅବସ୍ଥାରେ ପଡ଼ିଥିବା ଦେଖିଥିଲେ ଏବଂ ସେମାନଙ୍କ ମୁଣ୍ଡ ଓ ଶରୀରରେ ଗୁରୁତର କ୍ଷତ ହୋଇଥିବା ଦେଖିଥିଲେ। ଏହାପରେ ତୁରନ୍ତ ସେମାନଙ୍କୁ ଚିକିତ୍ସା ପାଇଁ ମେଣ୍ଢାଶାଳ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଏନେଇ ଅଜୟ ଥାନାରେ ଏକ ଲିଖିତ ରିପୋର୍ଟ ଦାଖଲ କରିଥିଲେ। ଦୀର୍ଘଦିନ ଧରି ଉଭୟଙ୍କ ମଧ୍ୟରେ ରହିଥିବା ଜମି ବିବାଦ ଯୋଗୁ ଏପରି ଘଟିଥିବା କୁହାଯାଇଛି।

# ବସ୍ତ୍ରର ଉତ୍କୃଷ୍ଟତା ପାଇଁ ବୁଣାକାରଙ୍କ ଉତ୍ତମ ଦୃଷ୍ଟିଶକ୍ତି ଜରୁରୀ

## ମାଣିଆବନ୍ଧ ବୁଣାକାରଙ୍କ ନିଃଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର

ମାଣିଆବନ୍ଧ, (ଅଖିଳ କୁମାର ସାହୁ)
ଭୁବନେଶ୍ୱର,୪।୨ (ସୌମ୍ୟରଞ୍ଜନ ରାଉତ)


କାର୍ଯ୍ୟକ୍ରମରେ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଜଣେ ବୁଣାକାରଙ୍କୁ ଚଷମା ପିନ୍ଧାଉଛନ୍ତି।

କଟକ ଜିଲାର ମାଣିଆବନ୍ଧ ବୁଣାକାରଙ୍କ ପାଇଁ ନିଃଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର ବୁଧବାର ମାଣିଆବନ୍ଧ ବୁଦ୍ଧବିହାରଠାରେ ଅନୁଷ୍ଠିତ ହୋଇଯାଇଛି। ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଶିବିରକୁ ଉଦ୍‌ଘାଟନ କରି କହିଲେ, ସୁସ୍ଥ ଦୃଷ୍ଟି, ସଶକ୍ତ ବୁଣାକାର। ବସ୍ତ୍ରର ଉତ୍କୃଷ୍ଟତା ବୁଣାକାରଙ୍କ ଉତ୍ତମ ଦୃଷ୍ଟିଶକ୍ତି ଉପରେ ଅନେକ କ୍ଷେତ୍ରରେ ନିର୍ଭରଶୀଳ। ତେଣୁ ବୁଣାକାରମାନଙ୍କୁ ସେମାନଙ୍କ ଚକ୍ଷୁର ସ୍ୱାସ୍ଥ୍ୟ ବିଷୟରେ ସଚେତନ କରାଇବା ପାଇଁ ଏହା ଲୋକଙ୍କ ସରକାରଙ୍କର ଗୋଟିଏ ଛୋଟ ପ୍ରୟାସ ବୋଲି ସେ କହିଥିଲେ। ବିଭାଗ ପକ୍ଷରୁ ଆୟୋଜିତ ଏହି ଶିବିରରେ ୫ଶହରୁ ଅଧିକ ବୁଣାକାର ସାମିଲ ହୋଇ ସେମାନଙ୍କ ଚକ୍ଷୁ ପରୀକ୍ଷା କରାଇଥିଲେ ଓ ଆବଶ୍ୟକ କରୁଥିବା ବୁଣାକାରଙ୍କୁ ଚଷମା ବଣ୍ଟନ କରାଯାଇଥିଲା। ଏହି ଅବସରରେ ଡାକ୍ତରମାନେ ଚକ୍ଷୁର ଯତ୍ନ ନେବା ପାଇଁ ବୁଣାକାରମାନଙ୍କୁ ସଚେତନ କରାଇଥିଲେ। କାର୍ଯ୍ୟକ୍ରମରେ ବଡ଼ମ୍ବା-ନରସିଂହପୁର ବିଧାୟକ ବିଜୟ ଦଳବେହେରା, ବୟନଶିଳ୍ପ ଓ ହସ୍ତତନ୍ତ ନିର୍ଦ୍ଦେଶକ ପ୍ରେମ ଚନ୍ଦ୍ର ଚୌଧାରୀ, ହସ୍ତଶିଳ୍ପ ନିର୍ଦ୍ଦେଶକ ନିବେଦିତା ପୃଷ୍ଟି, ଉପଜିଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା, ସାମାଜିକ କର୍ମୀ ସୁକାନ୍ତ କୁମାର ବିଶ୍ୱାଳ, ସାଇଟ୍ ସେଭର୍ସ ଇଣ୍ଡିଆର ରାଜ୍ୟ ମୁଖ୍ୟ ସୁଦତ୍ତା ଖୁଣ୍ଟିଆ, କଳିଙ୍ଗ ହସ୍‌ପିଟାଲର ଅଧ୍ୟକ୍ଷ ସାରଙ୍ଗଧର ସାମଲ, ରୋଟାରୀ ହସ୍‌ପିଟାଲର ଶୁଭେନ୍ଦୁ ପରିଡ଼ା, ୟୁଏନ୍‌ଡିପିର ଆଭା ମିଶ୍ରଙ୍କ ସହ ବୁଣାକାର ଓ କାରିଗରମାନେ ଉପସ୍ଥିତ ଥିଲେ।

# ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ମଧୁବାବୁଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

## ଜନ୍ମପୀଠରେ ଉତ୍କଳଗୌରବଙ୍କ ଶ୍ରାଦ୍ଧୋତ୍ସବ

ସାଲେପୁର,୪।୨(ଅରବିନ୍ଦ ଭୂୟାଁ):

ସାଲେପୁର ବ୍ଲକ ଅନ୍ତର୍ଗତ ସତ୍ୟଭାମାପୁରରେ ଉତ୍କଳଗୌରବ କୁଳବୃଦ୍ଧ ମଧୁସୂଦନ ଦାସଙ୍କ ୯୨ତମ ଶ୍ରାଦ୍ଧୋତ୍ସବ ମଧୁବାବୁଙ୍କ ଜନ୍ମପୀଠରେ ବୁଧବାର ପାଳିତ ହୋଇଯାଇଛି। ମଧୁସୂଦନ ସାଂସ୍କୃତିକ ପରିଷଦ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମଧୁଜ୍ୟୋତି ଗଣଦୌଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପାଗା ଛକଠାରୁ ଏକ ବିଶାଳ ଗଣଦୌଡ଼ ଶୋଭାଯାତ୍ରା ବାହାରିଥିଲା। ଏହି ଗଣଦୌଡ଼ କାର୍ଯ୍ୟକ୍ରମକୁ ସାଲେପୁର ତହସିଲଦାର ଜୟନ୍ତ କୁମାର ଜୟସିଂହ ଉଦ୍‌ଘାଟନ କରିଥିଲେ। ସେହିପରି ସନ୍ଧ୍ୟାରେ ମଧୁବାବୁଙ୍କ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ପରିଷଦ ସଭାପତି ପ୍ରଶାନ୍ତ କୁମାର ରାଉତ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ବିଚାରପତି ବିରଜା ପ୍ରସନ୍ନ ଶତପଥୀ ଯୋଗଦେଇ ମଧୁବାବୁଙ୍କ ନିଷ୍ଠା, ତ୍ୟାଗ ଓ ସାଧନା କ୍ଷେତ୍ର ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଆୟକର ବିଭାଗର ପୂର୍ବତନ ମୁଖ୍ୟ ଆୟୋଗ ମନୋରଞ୍ଜନ ପାଣିଗ୍ରାହୀ, ସମ୍ମାନିତ ଅତିଥି ରାଜସ୍ୱ ବିଭାଗର ପୂର୍ବତନ ସଚିବ ଅଭୟ କୁମାର ନାୟକ, କଟକ ଏଡିଏମ୍ କମଳଜିତ ଦାସ, ବୁର୍ଲା ସ୍କୁଲ ଅଫ ଲ'ର ଡିନ୍ ପ୍ରଫେସର ଡ. ସୁକାନ୍ତ କୁମାର ନନ୍ଦ ପ୍ରମୁଖ ଯୋଗଦେଇ ମଧୁବାବୁଙ୍କର ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ମଧୁବାବୁଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ କ୍ରୀଡ଼ାବିତ୍ ଶ୍ରେୟାନ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମଧୁସୂଦନ ସାଂସ୍କୃତିକ ପରିଷଦର ସମ୍ପାଦକ ଦିଲୀପ କୁମାର ସାମଲ ବିବରଣୀ ପାଠ କରିଥିବା ବେଳେ ପରିଷଦ ସଭାପତି ରାଉତ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ କସ୍ତୁରବା ଗାନ୍ଧୀ ସ୍ମାରକୀ ଟ୍ରଷ୍ଟର ଛାତ୍ରୀଛାତ୍ରମାନେ ସଙ୍ଗୀତ ପରିବେଷଣ କରିଥିଲେ। ମଧୁସୂଦନ ସାଂସ୍କୃତିକ ପରିଷଦର କର୍ମକର୍ତ୍ତା ଓ ସଦସ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ।

ସେହିପରି ସାଲେପୁର ଆଞ୍ଚଳିକ ଖବରଦାତା ସଂଘ ପକ୍ଷରୁ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ୯୨ତମ ପୁଣ୍ୟତିଥି ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସାଲେପୁର ବଜାର କୁଆଁପାଳ ରୋଡ଼ ଛକରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଛି। ଏଥିରେ ସଂଘ ସଭାପତି ଅକ୍ଷୟ କୁମାର ଦାଶଙ୍କ ନେତୃତ୍ୱରେ ବିଶିଷ୍ଟ ସମବାୟବିତ୍ ପ୍ରମୋଦ କୁମାର ସାହୁ, ଆଡ୍‌ଭୋକେଟ ଗୌତମ ରାୟ ଚୌଧୁରୀ, ସଂଘ ସମ୍ପାଦକ ହୃଷୀକେଶ ମଲ୍ଲିକ, ଖବରଦାତା ହେମନ୍ତ କୁମାର ଭୂୟାଁ, ଶିଶିର କୁମାର ଦାଶ, ପ୍ରତ୍ୟୁଷ କୁମାର ମହାନ୍ତି, ମହେଶ୍ୱର ବେହେରା, ପ୍ରବୀର କୁମାର ଦାସ, ଶିବୁ ବେହେରା, ବେଣୁଧର ପ୍ରଧାନ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ।

**ବାଙ୍କୀ,(ଜ୍ଞାନେନ୍ଦ୍ର ମୋହନ ମିଶ୍ର):** ବାଙ୍କୀ ଏନ୍ଏସି ଅନ୍ତର୍ଗତ ଅଗ୍ରଣୀ ଯୁବ ଅନୁଷ୍ଠାନ ଆଦର୍ଶ ଯୁବପରିଷଦ ପକ୍ଷରୁ ଯୁବବନ୍ଧୁ ଭବନ ଚକାପଦାଠାରେ ବୁଧବାର ଓଡ଼ିଶାର ପ୍ରଥମ ବାରିଷ୍ଟର ମଧୁସୂଦନ ଦାସଙ୍କର ଶ୍ରାଦ୍ଧଦିବସ ପାଳିତ ହୋଇଯାଇଛି। ପରିଷଦର ଆବାହକ ଅକ୍ଷୟ କୁମାର ସାମଲଙ୍କ ପରିଚାଳନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସାମାଜିକ କର୍ମୀ ପ୍ରସନ୍ନ କୁମାର ପ୍ରଧାନ, ମୁଖ୍ୟବକ୍ତା ସାମାଜିକ କର୍ମୀ ପ୍ରଦୀପ କୁମାର ଜେନା, ସମ୍ମାନିତ ଅତିଥି କବି ତଥା ସଂଗଠକ ଶଶିଭୂଷଣ ତ୍ରିପାଠୀ, ପ୍ରକାଶ ଚନ୍ଦ୍ର ବେହେରା, କଂଗ୍ରେସ ରଣା ପ୍ରମୁଖ ଅଂଶ ଗ୍ରହଣ କରି ଓଡ଼ିଶାକୁ ସ୍ୱତନ୍ତ୍ର ପ୍ରଦେଶ ଗଠନ କରିବାରେ ମଧୁବାବୁଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଅମ୍ରିତ କୁମାର ସାମଲ, ଓମ ପ୍ରକାଶ ରଣା, ମକରନ୍ଦ ପଣ୍ଡା, ଯୋଗେନ୍ଦ୍ର ଦାସ, ଦିବାକର ରାଉତ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ବରିଷ୍ଠ ସଦସ୍ୟ କଂଗ୍ରେସ ରଣା ଧନ୍ୟବାଦ ଅର୍ପଣ କରିଥିଲେ।



ମଧୁବାବୁଙ୍କ ଜନ୍ମପୀଠରେ ଆୟୋଜିତ ଶ୍ରାଦ୍ଧୋତ୍ସବରେ ହାଇକୋର୍ଟ ବିଚାରପତି ବିରଜା ପ୍ରସନ୍ନ ଶତପଥୀ ଓ ଅନ୍ୟ ଅତିଥିମାନେ।

## ସଂକ୍ଷେପରେ

### ରୁକ୍ମିଣୀ ଦେବୀ ମହାବିଦ୍ୟାଳୟର ନୂତନ ଅଧକ୍ଷଙ୍କ ଦାୟିତ୍ୱ ଗ୍ରହଣ



କୃଷ୍ଣପ୍ରସାଦ,୪।୨(କୈଳାଶ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଚିଲିକା ନୂଆପଡ଼ାସ୍ଥିତ ରୁକ୍ମିଣୀ ଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ନୂତନ ଅଧକ୍ଷ ଭାବେ ପ୍ରଦୀପ୍ତ କୁମାର ବେହେରା ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ଥିବା ଅଧକ୍ଷ ଅନ୍ତର୍ଯ୍ୟାମୀ ମିଶ୍ରଙ୍କ ଅବସର ପରେ ବେହେରାଙ୍କୁ ନୂତନ ଅଧକ୍ଷ ଦାୟିତ୍ୱ ମିଳିଛି। ବେହେରା ଏହି ମହାବିଦ୍ୟାଳୟ ପ୍ରତିଷ୍ଠା ଦିନଠାରୁ ଏଠାରେ ଓଡ଼ିଆ ବିଭାଗ ଅଧ୍ୟାପକ ରହିଆସିଥିଲେ। ଅଧ୍ୟାପକମାନଙ୍କ ମଧ୍ୟରେ ବରିଷ୍ଠତା ଦୃଷ୍ଟିରୁ ତାଙ୍କୁ ଅଧକ୍ଷ ଭାବେ ଅବସ୍ଥାପିତ କରାଯାଇଛି। ସେ ମେଳାପୀ, ମିଷ୍ଟଭାଷୀ ଓ ଛାତ୍ର ବତ୍ସଳ ଅଧ୍ୟାପକ ଭାବେ ଜଣାଶୁଣା। ନୂତନ ଅଧକ୍ଷ ଭାବେ ବେହେରା ଦାୟିତ୍ୱ ନେବା ପରେ ରୁକ୍ମିଣୀ ଦେବୀ ଡିଗ୍ରୀ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ଅକ୍ଷୟ କୁମାର ଜେନା, ଡିଗ୍ରୀ କଲେଜର ବରିଷ୍ଠ ଅଧ୍ୟାପକ ଦିଲୀପ କୁମାର ଜେନା, ଅଧ୍ୟାପକ ଉମାକାନ୍ତ ଜେନା, ତପନ କୁମାର ତରେଇ, ମନୋଜ କୁମାର ଜେନା, ପ୍ରସନ୍ନ କୁମାର ଜେନା, ପ୍ରଦୀପ କୁମାର ପଣ୍ଡା, ଅଧ୍ୟାପିକା ରଞ୍ଜୁଲତା ରାଉଳ, ମଧୁସ୍ମିତା ରାୟ, ସୁମିତ୍ରା ପ୍ରଧାନ ପ୍ରମୁଖ ତାଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

### ନିଜ ଚୋରି ବାଇକ୍ ପାଇ ଅଭିଯୁକ୍ତଙ୍କୁ କ୍ଷମା ଦେଲେ

ଯାଁଳା,୪।୨(ବୁଲା ବାରିକ)

ଇନ୍‌ଫୋଭ୍ୟାଲି ଥାନା ଅନ୍ତର୍ଗତ ଛତାବର ପଞ୍ଚାୟତ ଅରିସଲ ଗ୍ରାମ ହରେକୃଷ୍ଣପୁରର ଜଣେ ବ୍ୟକ୍ତିଙ୍କ ହିରୋ ଗ୍ଲାମର ବାଇକ୍ ଚୋରି ହୋଇଯାଇଥିଲା। ସେ ଏ ସଂକ୍ରାନ୍ତରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତେବେ ସନ୍ଧ୍ୟା ସମୟରେ ସେ ଜଟଣୀ ହରି ଭାଇନା ଛକରେ ବୁଲୁଥିବାବେଳେ ରାତିପ୍ରାୟ ୮ଟାରେ ଜଣେ ଯୁବକ ତାଙ୍କ ବାଇକ୍ ଧରି ଠିଆ ହୋଇଥିବା ଦେଖିବାକୁ ପାଇଥିଲେ। ସେ କୌଶଳ କ୍ରମେ ସମ୍ପୃକ୍ତ ଯୁବକଙ୍କୁ କାବୁ କରିଥିଲେ। ଫଳରେ ଯୁବକଜଣକ ତାଙ୍କୁ କାକୁତି ମିନତି ହୋଇ ଗୋଡ଼ ହାତ ଧରି ଗାଡ଼ି ଫେରାଇ ଦେଇଥିଲେ। ଗାଡ଼ି ମାଲିକ ତାଙ୍କୁ କ୍ଷମା କରି ଛାଡ଼ି ଦେଇଥିଲେ।

### ଦୋଳଯାତ୍ରା ପାଇଁ ନାଟକ ପ୍ରସ୍ତୁତି

ଟାଙ୍ଗୀ,୪।୨(ରଘୁନାଥ ସାହୁ)

ଚଳିତବର୍ଷ ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଭୂଷଣ୍ଡପୁର ଏବଂ ବାଲିପାଟପୁର ଗ୍ରାମପଞ୍ଚାୟତରେ ଦୋଳଯାତ୍ରା ପାଇଁ ଦୁଇଦିନ ସାମାଜିକ ନାଟକ ପରିବେଷଣ କରାଯିବ। ଏଥିଲାଗି ପ୍ରସ୍ତୁତି ଆରମ୍ଭ ହୋଇଛି। ରଘୁନାଥ ଦେବ ଯୁବ ନାଟ୍ୟ ସଂସଦ ଆନୁକୂଲ୍ୟରେ ନବଜ୍ୟୋତି ୟୁଥ କ୍ଲବ ଦ୍ୱାରା ଆସନ୍ତା ମାର୍ଚ୍ଚ ୫ ଓ ୬ରେ ନାଟକ 'ଆସିଛି ଏକା, ଯିବି ମୁଁ ଏକା' ଏବଂ 'କାଳିଆ ତୁ ମରିଯା' ନାଟକ ମଞ୍ଚସ୍ଥ ହେବ ବୋଲି ସଂଯୋଜକ ବାସୁଦେବ ମହାରଣା ସୂଚନା ଦେଇଛନ୍ତି। ନିର୍ଦ୍ଦେଶକ ଜିତେନ୍ଦ୍ର ପଟ୍ଟନାୟକଙ୍କ ନିର୍ଦ୍ଦେଶନାରେ କଳାକାର ବିକାଶ ପ୍ରଧାନ, ଅଜୟ ମହାରଣା, ଦିଲୀପ ପ୍ରଧାନ, କାଳିଆ ବାରିକ, ପ୍ରମୋଦ ନାୟକ, ଧୀରେନ୍ଦ୍ର ନରେନ୍ଦ୍ର, ସୌମ୍ୟବ୍ରତ ପଟ୍ଟନାୟକ ଏବଂ ମାନସ ସାମନ୍ତରା ଅଭିନୟ କରୁଥିବାବେଳେ ରବୀନ୍ଦ୍ର କୁମାର ସାମନ୍ତରାୟ ଉପଦେଷ୍ଟା ରହିଛନ୍ତି।

# ସଚେତନତା ସହ ଖାଦ୍ୟପେୟରେ ସଂଯମ ଜରୁରୀ

ଖୋର୍ଦ୍ଧା,୪।୨(ପ୍ରଭାତ ପାଣିଗ୍ରାହୀ)



ବୈଠକରେ ଉପସ୍ଥିତ ବରିଷ୍ଠ ସ୍ୱାସ୍ଥ୍ୟ ଅଧିକାରୀ, ନର୍ସିଂ ଛାତ୍ରୀଛାତ୍ର ଓ ଆଶାକର୍ମୀ।

ବର୍ତ୍ତମାନ ଆମେ ସମ୍ମୁଖୀନ ହେଉଥିବା ବଡ଼ ସମସ୍ୟାଗୁଡିକ ମଧ୍ୟରୁ କ୍ୟାନ୍‌ସର ବା କର୍କଟ ରୋଗ ଅନ୍ୟତମ। ପ୍ରାରମ୍ଭରୁ ଏହାର ଲକ୍ଷଣ ବିଷୟରେ ଅବଗତ ହୋଇପାରିଲେ କେତେକ କ୍ୟାନ୍‌ସରରୁ ଆରୋଗ୍ୟ ମିଳିପାରୁଛି। ଯଦି ବିଳମ୍ବରେ କାରଣ ଜଣାପଡ଼େ, ତାହା ଅକାଳ ମୃତ୍ୟୁକୁ ଡାକି ଆଣିଥାଏ। ତେଣୁ ଏ ନେଇ ଅଧିକ ସଚେତନତା ସୃଷ୍ଟି କରାଯିବା ଉଚିତ ବୋଲି ବୁଧବାର ଖୋର୍ଦ୍ଧା ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଆୟୋଜିତ ବିଶ୍ୱ କର୍କଟ ଦିବସ ପାଳନ ଅବସରରେ ମୁଖ୍ୟ ଜିଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସଞ୍ଜୀବ ରାୟ କହିଛନ୍ତି। ସେ କହିଲେ ଯେ, ଚଳିତ ବର୍ଷର ସ୍ଲୋଗାନ ହେଲା-ଅଭିନବ ଭାବେ ଏକତ୍ର ହେବା। ଏକ ଆକଳନରୁ ଜଣାପଡ଼ିଛି ଯେ, ବର୍ତ୍ତମାନ ଯୁବପିଢ଼ି ଏହାର ଅଧିକ ଶିକାର ହେଉଛନ୍ତି। ସଚେତନତା ସହ ଖାଦ୍ୟପେୟରେ ସଂଯମ ଜରୁରୀ ବୋଲି ସେ ମତବ୍ୟକ୍ତ କରିଥିଲେ।

ଜିଲା ମୁଖ୍ୟ ଚିକିତ୍ସାଳୟ ଅଧୀକ୍ଷକ ଡାକ୍ତର ଶ୍ୟାମାପ୍ରସନ୍ନ ମିତ୍ର କହିଲେ, କ୍ୟାନ୍‌ସରର ପ୍ରମୁଖ ଲକ୍ଷଣ ହେଲା ହଠାତ୍ ଓଜନ କମିଯିବା, ଆଦୌ କିଛି କାମ ନ କରି ହାଲିଆ ଲାଗିବା, ଚର୍ମ ରଙ୍ଗରେ ପରିବର୍ତ୍ତନ ଦେଖାଦେବା, ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ ହେବା ଏବଂ ଏହି ଅବସ୍ଥା ଲାଗିରହିବା। ଏହାବ୍ୟତୀତ ନିଶାଦ୍ରବ୍ୟ ସେବନ କରୁଥିଲେ କ୍ୟାନ୍‌ସର ଆଶଙ୍କା ରହିଛି। ବିଶେଷ ଭାବେ ପାନ,

**ଜିଲାସ୍ତରୀୟ ବିଶ୍ୱ କର୍କଟ ଦିବସ ପାଳିତ**

ସିଗାରେଟ୍, ବିଡ଼ି, ତମାଖୁଜାତୀୟ ଦ୍ରବ୍ୟ ଖାଇବା ଅଭ୍ୟାସରେ ପଡ଼ିଯାଇଥିଲେ ଭବିଷ୍ୟତରେ ମୁଖଗହ୍ୱର କ୍ୟାନ୍‌ସର ହେବାର ଆଶଙ୍କା ରହିଛି। ତେବେ ଏସବୁ ଲକ୍ଷଣରେ ବିଳମ୍ବ ନ କରି ଅଭିଜ୍ଞ କ୍ୟାନ୍ସର ଡାକ୍ତରଙ୍କ ନିକଟକୁ ଯାଇ ତାଙ୍କ ସହ ପରାମର୍ଶ କରି ଚିକିତ୍ସିତ ହେବାକୁ ମିତ୍ର ପରାମର୍ଶ ଦେଇଛନ୍ତି। ଡାକ୍ତର ବିଶ୍ୱନାଥ ପାଢ଼ୀ କହିଲେ, ବ୍ୟବସ୍ଥିତ ଜୀବନଶୈଳୀ ଅନୁସରଣ କରିବା ସହ ନିଶା ଦ୍ରବ୍ୟଠାରୁ ନିଜକୁ ଦୂରେଇ ରଖିବା ଉଚିତ। ଏହି ଅବସରରେ ଜଟଣୀ ଓ ବାଲୁଗାଁ ବ୍ଲକ୍‌ର କ୍ୟାନ୍‌ସର ରୋଗରୁ ଆରୋଗ୍ୟ ହୋଇଥିବା ଦୁଇଜଣ ବ୍ୟକ୍ତିଙ୍କୁ ଟ୍ରଫି ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ସହାୟକ ଜନସ୍ୱାସ୍ଥ୍ୟ ଓ ସଞ୍ଚାରଣ ଅଧିକାରୀ, ନର୍ସିଂ ଛାତ୍ରୀଛାତ୍ର ଓ ଆଶାକର୍ମୀ ଉପସ୍ଥିତ ଥିଲେ।

# ନିରାକାରପୁରରେ ଗୋଷ୍ଠୀ ସଂଘର୍ଷ: ୬ ଆହତ

- ଟେକାପଥର ଓ ଠେଙ୍ଗାମାଡ଼ ସହ ବୁଲିଲା ଖଣ୍ଡା
- ୨ ଗୋଷ୍ଠୀ ମଧ୍ୟରେ ବିବାଦ ନେଲା ଉଗ୍ରରୂପ

ନିରାକାରପୁର,୪।୨(ମାନସ ଚନ୍ଦ୍ର ପଟ୍ଟନାୟକ)

ନିରାକାରପୁର ରେଳଷ୍ଟେଶନ ନିକଟରେ କୌଣସି କଥାକୁ ନେଇ ଗୋଷ୍ଠୀ ସଂଘର୍ଷ ଘଟିଛି। ଏଥିରେ ଉଭୟ ପକ୍ଷର ୬ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଆହତ ହୋଇଛନ୍ତି। ମଙ୍ଗଳବାର ସକାଳେ ପ୍ରଥମେ ଗଣ୍ଡଗୋଳ ଘଟିଥିଲା। ଖଣ୍ଡାରେ ଆକ୍ରମଣ ସହ ଟେକାପଥର ଓ ଠେଙ୍ଗା ମାଡ଼ କରାଯିବାରୁ ୩ଜଣ ଆହତ ହୋଇଥିଲେ। ସେହିପରି ବୁଧବାର ଅପରାହ୍ନରେ ପୁଣି ସେହି ଦୁଇ ଗୋଷ୍ଠୀ ମଧ୍ୟରେ ମାରପିଟ, ଟେକା, ସୋଡ଼ା ବୋତଲ ଓ ଠେଙ୍ଗା ମାଡ଼ରେ ୩ରୁ ଅଧିକ ବ୍ୟକ୍ତି ହୋଇ ଆହତ ହୋଇଥିବା ଜଣାପଡ଼ିଛି। ଆହତମାନେ ବିଭିନ୍ନ ମେଡିକାଲରେ ଚିକିତ୍ସାଧୀନ ଥିବା ସୂଚନା ମିଳିଛି। ଏନେଇ ନିରାକାରପୁର ଥାନାରେ ଉଭୟ ଗୋଷ୍ଠୀ ପକ୍ଷରୁ ଅଭିଯୋଗ କ୍ରମେ ଦୁଇଟି ପୃଥକ ମାମଲା ରୁଜୁ ହୋଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ଗୋଷ୍ଠୀ ସଂଘର୍ଷ ଘଟଣାର ପ୍ରକୃତ କାରଣ ସ୍ପଷ୍ଟ ହୋଇନାହିଁ। ପ୍ରଥମ ଦିନ ପୋଲିସ କୌଣସି କଡ଼ା ପଦକ୍ଷେପ ନ ନେବାରୁ ବୁଧବାର ପୁଣି ଗଣ୍ଡଗୋଳ ଘଟିଥିଲା ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

ଏନେଇ ନିରାକାରପୁର ଥାନା ଅଧିକାରୀ ବିଶ୍ୱଜିତ ରାଉତରାୟଙ୍କୁ ପଚାରିବାରେ କହିଛନ୍ତି, ମଙ୍ଗଳବାର ଗଣ୍ଡଗୋଳ ନେଇ ଉଭୟ ପକ୍ଷରୁ ଦୁଇଟି ଅଭିଯୋଗ ହୋଇଛି। ବୁଧବାର କୌଣସି ଅଭିଯୋଗ ଆସିନାହିଁ। ତେବେ ତଦନ୍ତ ଜାରି ରହିଛି। ଖଣ୍ଡା ବୁଲାଉଥିବା ଯୁବକଙ୍କୁ ପୋଲିସ ଉଠାଇ ଆଣି ପଚରାଉଚରା କରୁଛି। ଖୁବଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।

# 'ଚାପମୁକ୍ତ ରହି ପରୀକ୍ଷା ପାଇଁ ପ୍ରସ୍ତୁତ ହୁଅନ୍ତୁ ବିଦ୍ୟାର୍ଥୀ'



ହାଇ ଆଚିଭର୍ କର୍ମଶାଳାରେ ଯୋଗଦେଇଥିବା ଅତିଥିଙ୍କ ସହ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଛାତ୍ରୀଛାତ୍ର।

ଖୋର୍ଦ୍ଧା,୪।୨(ପ୍ରଭାତ ପାଣିଗ୍ରାହୀ)

ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ଏ-୧ ଗ୍ରେଡ୍ ଆଶା ରଖି ପଢ଼ାପଢ଼ି କରୁଥିବା ଛାତ୍ରୀଛାତ୍ରଙ୍କୁ ନେଇ ବୁଧବାର ବିଜେବି ଉଚ୍ଚ ବିଦ୍ୟାଳୟରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ଜିଲା ଶିକ୍ଷା ବିଭାଗ ପକ୍ଷରୁ ଏହି 'ହାଇ ଆଚିଭର୍' କର୍ମଶାଳା ଆୟୋଜନ କରାଯାଇଥିଲା। ଏଥିରେ ଖୋର୍ଦ୍ଧା, ଟାଙ୍ଗୀ, ବୋଲଗଡ଼, ବେଗୁନିଆ, ବାଣପୁର, ଚିଲିକା ବ୍ଲକରୁ ମୋଟ ୨୪୪ ଜଣ ଛାତ୍ରୀଛାତ୍ର ଯୋଗଦେଇଥିଲେ। ପୂର୍ବାହ୍ନ ୯ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ଚାଲିଥିଲା। ଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ସୋନାମିକା ରାୟ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଡ. ପ୍ରଜ୍ଞାପାରମିତା ଜେନା ଏବଂ ଜିଲା ବିଜ୍ଞାନ ପରିଦର୍ଶକ ସରୋଜ କୁମାର ସିଂ ଯୋଗଦେଇ ପିଲାଙ୍କୁ ଚାପମୁକ୍ତ ରହି ପରୀକ୍ଷା ପାଇଁ ପ୍ରସ୍ତୁତ ହେବାକୁ ପରାମର୍ଶ ଦେଇଥିଲେ। ସେହିପରି ଜିଲାର ସମସ୍ତ ବିଷୟର ସମ୍ବଳ ଶିକ୍ଷକମାନେ ପିଲାଙ୍କୁ ପରୀକ୍ଷା ପୂର୍ବରୁ ଶେଷ ପ୍ରସ୍ତୁତିର ବିଭିନ୍ନ ଦିଗ ସମ୍ପର୍କରେ ବୁଝାଇଥିଲେ। ପିଲାମାନେ କିପରି ଅଧିକ ସଂଖ୍ୟାରେ ଏ-୧ ଗ୍ରେଡ୍ ପାଇପାରିବେ ସେନେଇ ଦିଗ୍‌ଦର୍ଶନ ଦେଇଥିଲେ। କର୍ମଶାଳାକୁ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଭୁ ପ୍ରସାଦ ସେନାପତି, ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀମାନେ ପରିଚାଳନା କରିଥିଲେ।

# ଲକ୍ଷ୍ମୀନାରାୟଣ ମନ୍ଦିରର ୪୦ତମ ପ୍ରତିଷ୍ଠା ଦିବସ

ଜଟଣୀ,୪।୨(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ପୌରାଞ୍ଚଳ ଅଧୀନ ବାଲିଛକ ସାହିସ୍ଥିତ ଲକ୍ଷ୍ମୀନାରାୟଣ ମନ୍ଦିରର ୪୦ତମ ପ୍ରତିଷ୍ଠା ଦିବସ ଏବଂ ବିଶ୍ୱଶାନ୍ତି ମହାଯଜ୍ଞ ବୁଧବାର ଉଦଯାପିତ ହୋଇଯାଇଛି। ଗତ ୧ତାରିଖରେ ଅଙ୍କୁରାରୋପଣ, ଅଧିବାସ, ଦ୍ୱିତୀୟ ଦିବସରେ ଜଳଯାତ୍ରା ଅନୁଷ୍ଠିତ ହୋଇଥିଲା। ଜଳଯାତ୍ରାରେ ଶ୍ରଦ୍ଧାଳୁମାନେ ଉକ୍ତ ମନ୍ଦିର ପରିସରରୁ ବାଦ୍ୟ, ହରିବୋଲ ହୁଳହୁଳିରେ ଶୋଭାଯାତ୍ରାରେ ବାହାରି ସ୍ଥାନୀୟ ହାଟ ବଜାରସ୍ଥ ପୁଷ୍କରିଣୀରୁ ପବିତ୍ର ଜଳ ନେଇଥିଲେ। ଧନୁପୂଜା, ସୂର୍ଯ୍ୟପୂଜା, ଶାଳା ସଂସ୍କାର, ଯଜ୍ଞାଗ୍ନି ଅନୁଷ୍ଠିତ ହୋଇଥିଲା। ସେହିପରି ତୃତୀୟ ଦିବସରେ ଗ୍ରହଭଦ୍ର ମଣ୍ଡଳ ଆଦି ବିଶେଷ ପୂଜା, ଚଣ୍ଡୀ ଉପରେ ଆହୁତି ପ୍ରଦାନ କରାଯାଇଥିଲା। ବୁଧବାର ଶେଷ ଦିବସରେ ସମସ୍ତ ରୀତିନୀତିରେ ପୂଜାର୍ଚ୍ଚନା ସହିତ ଗୀତାପୂଜା, ଆହୁତି ପ୍ରଦାନ, ଚରୁ ସଂଶ୍ରୟଣ ଓ ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଥିଲା। ଶ୍ରୀଶ୍ରୀ ଲକ୍ଷ୍ମୀନାରାୟଣ ସେବା ସଂସ୍କୃତି ପରିଷଦ ପକ୍ଷରୁ ଅନୁଷ୍ଠିତ ଯଜ୍ଞ ଉତ୍ସବକୁ ମୁଖ୍ୟ ପଣ୍ଡିତ ମହାଦେବ ଶତପଥୀ ପରିଚାଳନା କରିଥିଲେ।

# ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଦାବି



ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।

ଜଟଣୀ,୪।୨(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ବରିଷ୍ଠ ନାଗରିକ ସେବା ସଂଘ ଏବଂ ପ୍ରାଣନାଥ ପଟ୍ଟନାୟକ ଫାଉଣ୍ଡେଶନ ପକ୍ଷରୁ ବୁଧବାର ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି। ଉଭୟ ଅନୁଷ୍ଠାନର ସଭାପତି ବରିଷ୍ଠ ଆଇନଜୀବୀ ଅବନୀ ରାଉତରାୟଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସ୍ଥାନୀୟ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ମଧୁସୂଦନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଆଜିର ଯୁବ ସମାଜ ମଧୁସୂଦନଙ୍କ ନୀତି ଆଦର୍ଶ ଓ ଜୀବନ ଶୈଳୀକୁ ପାଥେୟ କରି ଆଗକୁ ବଢିଲେ ସମାଜର ବହୁବିଧ ମଙ୍ଗଳ ହେବ ବୋଲି ମତ ପ୍ରକାଶ ପାଇଥିଲା। ଅନୁଷ୍ଠାନ ପକ୍ଷରୁ ମଧୁସୂଦନଙ୍କ ଏକ ପ୍ରତିମୂର୍ତ୍ତି ଜଟଣୀ ମ୍ୟୁନିସିପାଲିଟି ଛକରେ ସ୍ଥାପନ କରିବା ପାଇଁ ଦାବି କରାଯିବା ସହ ପୌରପରିଷଦ, ଜିଲାପାଳ, ଜଟଣୀ ବିଧାୟକ, ଭୁବନେଶ୍ୱର ଏମ୍‌ପି ଏବଂ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ ପାଇଁ ଅନୁରୋଧ କରାଯାଇଛି। ଶେଷରେ ସଦସ୍ୟ ବିଜୟ କେତନ ଜେନା ଧନ୍ୟବାଦ ଦେଇଥିଲେ।

# ବିକଶିତ ପଞ୍ଚାୟତ ବିକଶିତ ଭାରତ- ଜି ରାମ୍‌ଜି ସଚେତନତା




ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

ବେଗୁନିଆ,୪।୨(ସନ୍ଧ୍ୟାରାଣୀ ମିଶ୍ର)

ଭାଜପା ପକ୍ଷରୁ ବୁଧବାର ବିକଶିତ ପଞ୍ଚାୟତ ବିକଶିତ ଭାରତ- ଜି ରାମ୍‌ଜି କାର୍ଯ୍ୟକ୍ରମ ନେଇ ବେଗୁନିଆ ସଦର ମହକୁମାସ୍ଥିତ ପୋଷ୍ଟ ଅଫିସ ଛକଠାରୁ ସଚେତନତା ପଦଯାତ୍ରା ବାହାରି ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ପହଞ୍ଚିଥିଲା। ସେଠାରେ ପୂର୍ବତନ ଜିଲା ଉପସଭାପତି ରୁଦ୍ରନାରାୟଣ ବାହିନୀପତିଙ୍କ ଅଧ୍ୟକ୍ଷତାରେ ଜନଜାଗରଣ ସଭା ଅନୁଷ୍ଠିତ ହୋଇଥିଲା। ରାଜ୍ୟ ଉପସଭାପତି ଡ. ଯତୀନ ମହାନ୍ତି ମୁଖ୍ୟ ଅତିଥି, ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଶୁଭ୍ରାଂଶୁ ମୋହନ ପାଢ଼ୀ ମୁଖ୍ୟ ବକ୍ତା, ପୂର୍ବତନ କୃଷକ ମୋର୍ଚ୍ଚା କୋଷାଧକ୍ଷ ବିଶ୍ୱଜିତ ସ୍ୱାଇଁ, ପୂର୍ବତନ ଜିଲା ପରିଷଦ ସଭ୍ୟ ସୁମିତ୍ରା ବାହିନୀପତି, ପୂର୍ବତନ ବ୍ଲକ ସଭାପତି ଅଜୟ କୁମାର ମାର୍ଥା, ପୂର୍ବତନ ବୋଲଗଡ଼ ମଣ୍ଡଳ ସଭାପତି ସମୀର ମହାରଥା, ପୂର୍ବତନ ଦକ୍ଷିଣ ବେଗୁନିଆ ମଣ୍ଡଳ ସାଧାରଣ ସମ୍ପାଦକ ଦୀନବନ୍ଧୁ ବିଶ୍ୱାଳ ଏବଂ ପୂର୍ବତନ ବେଗୁନିଆ ମଣ୍ଡଳ ସଭାପତି ସୁଦର୍ଶନ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିକଶିତ ଭାରତ-ଜି ରାମ୍‌ଜିରେ ପ୍ରତ୍ୟେକ ଗରିବ ଲୋକଙ୍କୁ ନିଶ୍ଚିତ ନିଯୁକ୍ତି ପ୍ରଦାନ ସହ ସ୍ୱାବଲମ୍ବୀ କରିବା ପାଇଁ ୧୦୦ ଦିନ ପରିବର୍ତ୍ତେ ୧୨୫ ଦିନ ବୃଦ୍ଧି କରାଯାଇ ଠିକ୍ ମଜୁରି ପ୍ରଦାନ କରାଯିବ। ଏପରିକି ଅନୁସୂଚିତ ଜନଜାତି ଶ୍ରମିକଙ୍କୁ ୨୫ ଦିନର ଅତିରିକ୍ତ ନିଯୁକ୍ତି ଦିଆଯିବ ସହ ୧୫ ଦିନ ମଧ୍ୟରେ କାର୍ଯ୍ୟ ନ ପାଇଲେ ବେକାରି ଭତ୍ତା ଦିଆଯିବ ବୋଲି ଅବଗତ କରାଯାଇଥିଲା।

# ସ୍ୱାସ୍ଥ୍ୟକର୍ମୀଙ୍କୁ ଅବସର ସମ୍ବର୍ଦ୍ଧନା

କୃଷ୍ଣପ୍ରସାଦ,୪।୨(କୈଳାଶ ଚନ୍ଦ୍ର ପଟ୍ଟନାୟକ)




ସ୍ୱାସ୍ଥ୍ୟକର୍ମୀ ପ୍ରଭାତ ନଳିନୀ ଦୀକ୍ଷିତଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଉଛି।

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ତିତିପ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟକର୍ମୀ ପ୍ରଭାତ ନଳିନୀ ଦୀକ୍ଷିତଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସା ଅଧିକାରୀ ଡାକ୍ତର ଗଗନ ବିଶ୍ୱାଳଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଚିଲିକା ନୂଆପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପ୍ରାକ୍ତନ ଚିକିତ୍ସା ଅଧିକାରୀ ଡାକ୍ତର ସନ୍ତୋଷ କୁମାର ବେହେରା ଯୋଗଦେଇଥିଲେ। ବିଦାୟୀ ସ୍ୱାସ୍ଥ୍ୟକର୍ମୀ ଦୀକ୍ଷିତଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯିବା ସହ ତାଙ୍କର କାର୍ଯ୍ୟଦକ୍ଷତା, ସମୟାନୁବର୍ତ୍ତିତା, ନିଷ୍ଠାପରତା ଓ ସମସ୍ତଙ୍କ ପ୍ରତି ସ୍ନେହ ଶ୍ରଦ୍ଧା ଉପରେ ଆଲୋକପାତ କରାଯିବା ସହ ଅବଶିଷ୍ଟ ଜୀବନ ଖୁସିରେ ଅତିବାହିତ କରିବା ପାଇଁ ସମସ୍ତେ ପ୍ରାର୍ଥନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଫାର୍ମାସିଷ୍ଟ ତପନ କୁମାର ତରେଇ, ବିଭୁତି ଭୂଷଣ ବିଶ୍ୱାଳ, ଜିତେନ୍ଦ୍ର କୁମାର ସେଠୀ, ଦେବାଶିଷ ବାରିକ, ପିଙ୍କି ଜେନା, ସତ୍ୟଭାମା ଘଡେଇ ପ୍ରମୁଖ କର୍ମଚାରୀଙ୍କ ସମେତ ତିତିପ ଏବଂ ଗୋମୁଣ୍ଡିଆ ପଞ୍ଚାୟତ ଅଧୀନ ସମସ୍ତ ଅଙ୍ଗନୱାଡ଼ି କର୍ମୀ, ଆଶାକର୍ମୀ ଉପସ୍ଥିତ ଥିଲେ।

# ପୁଷ୍କରିଣୀ ଚତୁଃପାର୍ଶ୍ୱରେ ଚାରାରୋପଣ

ଯାଁଳା,୪।୨(ବୁଲା ବାରିକ)

ନଂପୁଟ ଗ୍ରାମ ନୀଳକଣ୍ଠେଶ୍ୱର ବିଦ୍ୟାଳୟ ସମ୍ମୁଖରେ ବୁଧବାର ସେଭ୍ ଆର୍ଥ ଏବଂ ବାକାଡ଼ି ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍ ପକ୍ଷରୁ ନୂତନ ପୁଷ୍କରିଣୀ ଖୋଳାଯାଇ ଚତୁଃପାର୍ଶ୍ୱରେ ଚାରାରୋପଣ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଖୋର୍ଦ୍ଧା ଅବକାରୀ ବିଭାଗ ସୁପରିଣ୍ଟେଣ୍ଡେଣ୍ଟ ସୁମତୀ ତ୍ରିପାଠୀ, ମୁଖ୍ୟ ବକ୍ତା ଭାବେ ନଂପୁଟ ସମିତି ସଭ୍ୟା ମମତା ବଡଜେନା, ସମ୍ମାନିତ ଅତିଥିଭାବେ ନୀଳକଣ୍ଠ ହାଇସ୍କୁଲ, ପ୍ରଧାନ ଶିକ୍ଷୟିତ୍ରୀ ଡେଜିନା ଦାଶ, ବାକାଡ଼ି ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ଗୌରବ ଶର୍ମା, ଏମ୍‌ଡି ମୟଙ୍କ ଜୟସ୍ୱାଲ୍, ପ୍ଲାଣ୍ଟ ହେଡ୍ ବିନୋଦ କୁମାର ଯାଦବ, ଅବକାରୀ ଅଧିକାରୀ ନିରାକାର ଲେଙ୍କା ପ୍ରମୁଖ ଦେଇଥିଲେ। କାର୍ଯ୍ୟକ୍ରମକୁ ସେଭ୍ ଆର୍ଥ ଅନୁଷ୍ଠାନର ଜେନେରାଲ୍ ମ୍ୟାନେଜର ନେହା ଶର୍ମା ପରିଚାଳନା କରିଥିଲେ। ସେଭ୍ ଆର୍ଥ ଅନୁଷ୍ଠାନର ପଣ୍ଡ ମ୍ୟାନ ରାମବୀର ତନୱାର୍, ସଦସ୍ୟ ଅଙ୍କୁଶ ଭାଟିଙ୍କ ସହ ନଂପୁଟ ସରପଞ୍ଚ ସୁଚିତ୍ରା ପାତ୍ର, ଉପଦେଷ୍ଟା ଗଙ୍ଗାଧର ପାତ୍ର, ଇଞ୍ଜିନିୟର ଅଶୋକ ସାହୁ, ନିରଞ୍ଜନ ଜେନା, ରଶ୍ମିତା ବାରିକ୍ ଉପସ୍ଥିତ ଥିଲେ। ହରେକୃଷ୍ଣ ବେହେରା ଧନ୍ୟବାଦ ଦେଇଥିଲେ।



ପୁଷ୍କରିଣୀ ଚତୁଃପାର୍ଶ୍ୱରେ ଚାରାରୋପଣ କାର୍ଯ୍ୟକ୍ରମ ଅବସରରେ ଅତିଥିଙ୍କ ସହ କର୍ମକର୍ତ୍ତାମାନେ।

# କ୍ଲଷ୍ଟରସ୍ତରୀୟ ଶିକ୍ଷଣ ସାମଗ୍ରୀ କର୍ମଶାଳା ଉଦ୍‌ଯାପିତ

ବେଗୁନିଆ,୪।୨(ସନ୍ଧ୍ୟାରାଣୀ ମିଶ୍ର)



ଶିକ୍ଷୟିତ୍ରୀ ଶିକ୍ଷକମାନେ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନ କରୁଛନ୍ତି।

ବେଗୁନିଆ ବ୍ଲକର ଡାଳତୋଳା କ୍ଲଷ୍ଟରସ୍ତରୀୟ ଦୁଇଦିନିଆ ଶିକ୍ଷଣ ସାମଗ୍ରୀ କର୍ମଶାଳା ଗୋଡ଼ାସ୍ଥିତ ଲୋକନାଥ ଦେବ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଗଣେଶ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଏହା ପରିଚାଳିତ ହୋଇଥିଲା। ପ୍ରଥମ ଦିବସରେ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଚ୍ୟୁତ ରାଉତରାୟ ଏବଂ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଆରତ ପରିଡ଼ା ଯୋଗଦେଇଥିଲେ। କର୍ମଶାଳାରେ ଡାଳତୋଳା କ୍ଲଷ୍ଟର ଅନ୍ତର୍ଗତ ୯ଟି ବିଦ୍ୟାଳୟରୁ ୧୬ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇ ବିଚାର ଓ ଦକ୍ଷତା ଅନୁଯାୟୀ ଶିକ୍ଷଣ ଫଳାଫଳକୁ ଆଧାର କରି ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିଥିଲେ। ସମ୍ବଳ ଶିକ୍ଷକ ଭାବେ ଅଶୋକ ମହାରଣା, କାଳନ୍ଦୀ ନାୟକ ଏବଂ ରୁଷା ପ୍ରଧାନ ଯୋଗଦେଇ ସାମଗ୍ରୀ ପ୍ରସ୍ତୁତ ଉପରେ ତାଲିମ ପ୍ରଦାନ କରିଥିଲେ। ଅନ୍ତିମ ଦିବସରେ ଅତିଥିଭାବେ ଦେଉଳି ସରପଞ୍ଚ ଅକ୍ଷୟ ରାଉତରାୟ ଯୋଗଦେଇ ସମସ୍ତଙ୍କୁ ପ୍ରମାଣପତ୍ର ବଣ୍ଟନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ବବିତା ନାୟକ ଧନ୍ୟବାଦ ଦେଇଥିଲେ। ସେହିପରି ପୋଡାଡିହ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଦାଶରଥୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିଭାରାଣୀ ମହାପାତ୍ର ଅତିଥି ଭାବେ ଯୋଗଦେଇଥିଲେ। ବେଗୁନିଆ ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ କୈଳାଶ ଚନ୍ଦ୍ର ସେଠୀ ଶିକ୍ଷଣ ସାମଗ୍ରୀ ଦ୍ୱାରା ଶିକ୍ଷାଦାନ ସହଜ ହୋଇପାରିବ ବୋଲି କହିବା ସହ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ପ୍ରମାଣପତ୍ର ବଣ୍ଟନ କରିଥିଲେ। ପ୍ରଶିକ୍ଷକ ଭାବେ ଅଭିଷେକ ବେହେରା, ତ୍ରିନାଥ ପରିଡା ଓ ରମେଶ ଚନ୍ଦ୍ର ବେହେରା ତାଲିମ ପ୍ରଦାନ କରିଥିବାବେଳେ ଶିକ୍ଷକ ସମୀର ଚିନରା ଧନ୍ୟବାଦ ଦେଇଥିଲେ।

# ଶ୍ୱେତଗଙ୍ଗାରେ ପିଣ୍ଡଦାନ, ମହାପ୍ରଭୁଙ୍କୁ ଦର୍ଶନକଲେ ରାଷ୍ଟ୍ରପତି



ସିଂହଦ୍ୱାର ନିକଟରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ରାଷ୍ଟ୍ରପତିଙ୍କୁ ସ୍ୱାଗତ କରୁଛନ୍ତି।

**ପୁରୀ,୪।୨(ଅଜିତ୍ କୁମାର ମହାନ୍ତି)**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବୁଧବାର ସକାଳ ୭ଟାରେ ଶ୍ୱେତଗଙ୍ଗାରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ପିଣ୍ଡଦାନ କରିବା ସହ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ଲୋକଭବନରୁ ବାହାରି ରାଷ୍ଟ୍ରପତି ଭିଆଇପି ରୋଡ୍, ମେଡିକାଲ ଛକ, କାକୁଡ଼ିଖାଇ ଛକ ଦେଇ ଶ୍ୱେତଗଙ୍ଗା ଯାଇଥିଲେ। ସେଠାରେ ପୂଜାର୍ଚ୍ଚନା ଓ ପିଣ୍ଡଦାନ ପରେ ଏମାରମଠ ଚକଡ଼ା ଦେଇ ସିଂହଦ୍ୱାର ନିକଟରେ ପହଞ୍ଚିଥିଲେ। ସେଠାରେ ଗଜପତି ମହାରାଜା ଦିବ୍ୟସିଂହ ଦେବ, ରାଜ୍ୟପାଳ କେ. ହରିବାବୁ କମ୍ଭମ୍ପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ପୁରୀ ବିଧାୟକ ସୁନୀଲ ମହାନ୍ତି, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ କୁମାର ପାଢ଼ୀ, ପୋଲିସ ଆଇଜି ଅରୁଣ କୁମାର ସାହୁ, ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଏସ୍‌ପି ପ୍ରତୀକ ସିଂ, ରାଷ୍ଟ୍ରପତିଙ୍କ କୌଳିକ ପଣ୍ଡା ରାଜକିଶୋର ମହାପାତ୍ର ଏବଂ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିବା ସହ ଶ୍ରୀମନ୍ଦିରକୁ ପାଛୋଟି ନେଇଥିଲେ।

କଡ଼ା ସୁରକ୍ଷା ବଳୟ ମଧ୍ୟରେ ଅରୁଣସ୍ତମ୍ଭ ଛୁଇଁ ମୁଣ୍ଡିଆମାରି ବାଇଶପାହାଚ ଦେଇ ଶ୍ରୀମନ୍ଦିରକୁ ଯାଇଥିଲେ। ଗର୍ଭଗୃହଠାରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିବା ସହ ଆଶିଷଲାଭ କରିଥିଲେ। ମହାପ୍ରଭୁଙ୍କ ଦର୍ଶନ ପରେ ମା’ ବିମଳା, ମା’ ମହାଲକ୍ଷ୍ମୀଙ୍କ ସହ ପାର୍ଶ୍ୱଦେବଦେବୀଙ୍କ ଦର୍ଶନକରି ଶ୍ରୀମନ୍ଦିରରୁ ଫେରିଥିଲେ। ଫେରିବା ସମୟରେ ବାଇଶପାହାଚରେ କିଛି ସମୟ ବସି ମହାପ୍ରଭୁଙ୍କୁ ସ୍ମରଣ କରିଥିଲେ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ରାଷ୍ଟ୍ରପତିଙ୍କୁ ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ଖଣ୍ଡୁଆ ଓ ମହାପ୍ରଭୁଙ୍କ ଏକ ପଟ୍ଟଚିତ୍ର ପ୍ରଦାନ କରାଯାଇଥିଲା। ଦର୍ଶନ ପରେ ରାଷ୍ଟ୍ରପତି ବଡ଼ଦାଣ୍ଡରେ କିଛି ବାଟ ଚାଲି ଚାଲି ଯାଇ ଲୋକଙ୍କ ଅଭିବାଦନ ଗ୍ରହଣ କରିଥିଲେ। ସେଠାରୁ ଲୋକଭବନ ଯାଇ କିଛି ସମୟ ରହି ତାଳବଣିଆ ହେଲିପ୍ୟାଡ୍‌ରୁ ହେଲିକପ୍ଟର ଯୋଗେ ମୟୂରଭଞ୍ଜର ରାଇରଙ୍ଗପୁର ଅଭିମୁଖେ ଯାତ୍ରା କରିଥିଲେ। ଶ୍ରୀମନ୍ଦିରରୁ ରାଷ୍ଟ୍ରପତି ଫେରିବା ପରେ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା। ରାଷ୍ଟ୍ରପତିଙ୍କ ଗସ୍ତ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ପୁରୀ ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

## ବାଇଶପାହାଚରେ ବସିଲେ

ରାଷ୍ଟ୍ରପତି ବୁଧବାର ଶ୍ୱେତଗଙ୍ଗାରେ ପିଣ୍ଡଦାନ କରିବା ସହ ଶ୍ରୀମନ୍ଦିର ଆସି ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ଏଥିପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ପୂର୍ବ ନିର୍ଦ୍ଧାରିତ ଅନୁଯାୟୀ, ୩୦ ମିନିଟ୍ ବିଳମ୍ବ ଅର୍ଥାତ୍ ଭୋର୍ ୪ଟା ୩୦ରେ ଶ୍ରୀମନ୍ଦିର ଦ୍ୱାର ଖୋଲାଯାଇ ନୀତି ଆରମ୍ଭ କରାଯାଇଥିଲା। ରାଷ୍ଟ୍ରପତିଙ୍କ ଦର୍ଶନର ୨ ଘଣ୍ଟା ପୂର୍ବରୁ ଶ୍ରୀମନ୍ଦିର ଶୋଧ କରାଯିବା ସହ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିଲା। କେବଳ ପାଳିଆ ସେବାୟତମାନେ ଶ୍ରୀମନ୍ଦିର ଭିତରେ ରହିଥିଲେ। ରାଷ୍ଟ୍ରପତି ରତ୍ନସିଂହାସନାରୂଢ଼ ଶ୍ରୀବିଗ୍ରହଙ୍କୁ ଦର୍ଶନକରି ବେଶ୍ ଭାବବିହ୍ୱଳ ହୋଇଥିଲେ। ଶ୍ରୀମନ୍ଦିର ପରିସରରେ କିଛି ସମୟ ଅତିବାହିତ କରି ପ୍ରସ୍ଥାନ କରିବା ସମୟରେ ବାଇଶପାହାଚଠାରେ ବସି ମହାପ୍ରଭୁଙ୍କୁ ପ୍ରାର୍ଥନା କରିଥିଲେ। ତାଙ୍କ ସହ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଏବଂ ଉପମୁଖ୍ୟମନ୍ତ୍ରୀ ମଧ ବାଇଶପାହାଚରେ ବସି ମହାପ୍ରଭୁଙ୍କୁ ସ୍ମରଣ କରିଥିଲେ।



# ନନ୍ଦନକାନନରେ ଗୟଳ ସଂଖ୍ୟା ୮କୁ ବୃଦ୍ଧି

**ବାରଙ୍ଗ,୪।୨(ଲିଙ୍ଗରାଜ ରାଉତ)**



ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ବୁଧବାର ଏକ ଗୟଳ ଶାବକକୁ ଜନ୍ମ ଦେଇଛି। ଏହାପୂର୍ବରୁ ୯ ଜୁଲାଇ ୨୦୨୫ରେ ଉକ୍ତ ଗୟଳଟି ଆଉ ଏକ ଛୁଆକୁ ଜନ୍ମ ଦେଇଥିଲା। ନବଜାତ ସୁସ୍ଥ ଥିବା ବେଳେ ଏମାନଙ୍କ ସଂଖ୍ୟା ୮ରେ ପହଞ୍ଚିଛି। ସେମାନଙ୍କ ମଧ୍ୟରେ ୩ ପୁରୁଷ, ୩ ମାଈ ଏବଂ ୨ ଛୁଆ ରହିଛନ୍ତି। ସର୍ବବୃହତ ବଣ୍ୟଗୋରୁ ପ୍ରଜାତି ଗୟଳର ମାଂସପେଶୀ ଗଠନ, ଉଚ୍ଚଳ କପାଳ ଧାର ଏବଂ ହାଲୁକା ରଙ୍ଗର ଷ୍ଟକିଂ ପରି ଗୋଡ଼ ଚିହ୍ନ ପାଇଁ ଜଣାଶୁଣା।

# ନନ୍ଦନକାନନର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

**ବାରଙ୍ଗ,୪।୨(ଲିଙ୍ଗରାଜ ରାଉତ)**

ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ପକ୍ଷରୁ ତୃତୀୟ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୧୦ଟି କ୍ରୀଡ଼ାକୁ ନେଇ ନନ୍ଦନକାନନ ହାଇସ୍କୁଲ ପଡିଆରେ ଏହି ପ୍ରତିଯୋଗିତା ଆୟୋଜନ ହୋଇଥିଲା। ଏଥିରେ ନନ୍ଦନକାନନ ପ୍ରାଣୀ ଉଦ୍ୟାନ ଏବଂ ରାଜ୍ୟ ଉଦ୍ଭିଦ ଉଦ୍ୟାନର ୨୪୭ ଜଣ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଶେଷରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

# ‘ନିଷ୍ଠା ଛାତ୍ରୀଛାତ୍ରମାନଙ୍କୁ ଲକ୍ଷ୍ୟସ୍ଥଳରେ ପହଞ୍ଚାଇଥାଏ’

## ଶ୍ରୀ ବୁଦ୍ଧନାଥ ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ

**ବାଲିପାଟଣା,୪।୨(ଅଭିମନ୍ୟୁ ନାୟକ)**

ବାଲିପାଟଣାସ୍ଥିତ ଶ୍ରୀ ବୁଦ୍ଧନାଥ ସରକାରୀ ଉଚ୍ଚ ବିଦ୍ୟାଳୟର ୬୬ତମ ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶୁଭ୍ରାଂଶୁ ଶେଖର ପାଢ଼ୀ ଯୋଗଦେଇ ନିଷ୍ଠା ଛାତ୍ରୀଛାତ୍ରମାନଙ୍କୁ ଲକ୍ଷ୍ୟସ୍ଥଳରେ ପହଞ୍ଚାଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଅତିଥିମାନେ ବିଦ୍ୟାଳୟ ପରିସରରେ ଥିବା ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ଏବଂ ବିଦ୍ୟାଳୟ ପ୍ରତିଷ୍ଠାତା ପ୍ରଧାନଶିକ୍ଷକ ସତ୍ୟବାଦୀ ଓତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଡ. ପ୍ରଭାତ କୁମାର ରଥ, ସମ୍ମାନିତ ଅତିଥି ଭାବେ ପ୍ରେସ କ୍ଲବ ସଭାପତି ଦିଲ୍ଲିପ କୁମାର ଓଝା, ଏବିଇଓ ଯଶୋଦା ସାହୁ, ବିଜୟ କୁମାର ବେହେରା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜୟନ୍ତ କୁମାର ଓଝା ପ୍ରମୁଖ ଯୋଗଦେଇଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ତପସ୍ୱିନୀ ବେହେରା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସୁଷମା ରାଣୀ ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟର ବାର୍ଷିକ କ୍ରୀଡ଼ାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିଶେଷକରି ବିଦ୍ୟାଳୟର ଆଦିବାସୀ, ହରିଜନ ହଷ୍ଟେଲର ଛାତ୍ରୀମାନଙ୍କ ଦ୍ୱାରା ସମ୍ବଲପୁରୀ ନୃତ୍ୟ ଅତି ଚିତ୍ତାକର୍ଷକ ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ରଶ୍ମିତା ବେହେରାଙ୍କ ସହିତ ଅନ୍ୟ ଶିକ୍ଷୟିତ୍ରୀମାନେ ପରିଚାଳନା କରିଥିଲେ।

# ଶ୍ରୀଜୀଉଙ୍କୁ ଦର୍ଶନକଲେ ଗଜପତି, ରାଜପରିବାର

**ପୁରୀ, ୪।୨(ଅଜିତ୍ କୁମାର ମହାନ୍ତି)**

ମହାପ୍ରଭୁଙ୍କ ଆଦ୍ୟସେବକ ଗଜପତି ମହାରାଜା ଦିବ୍ୟସିଂହ ଦେବ ମହାରାଣୀ ଏବଂ ପରିବାର ସହ ଶ୍ରୀମନ୍ଦିର ଯାଇ ରତ୍ନବେଦିରେ ଚତୁର୍ଦ୍ଧା ବିଗ୍ରହଙ୍କ ଦର୍ଶନ କରିଛନ୍ତି। ଗଜପତି ମହାରାଜା ଓ ତାଙ୍କ ପରିବାରବର୍ଗ ପରମ୍ପରା ଅନୁଯାୟୀ, ଦକ୍ଷିଣ ଦ୍ୱାର ଦେଇ ଶ୍ରୀମନ୍ଦିରରେ ପ୍ରବେଶକରି ମହାପ୍ରଭୁଙ୍କ ଦର୍ଶନ କରିବା ପରେ ପୁନର୍ବାର ଉକ୍ତ ଦ୍ୱାର ଦେଇ ପ୍ରସ୍ଥାନ କରିଥିଲେ। ଗଜପତି ଶ୍ରୀମନ୍ଦିର ଦକ୍ଷିଣଦ୍ୱାର ନିକଟରେ ପହଞ୍ଚିବା ପରେ ସେବାୟତମାନେ ଗଜପତି ଏବଂ ତାଙ୍କ ପରିବାରବର୍ଗଙ୍କୁ ପାଛୋଟି ନେଇଥିଲେ। ପୋଲିସର ସୁରକ୍ଷା ବଳୟ ମଧ୍ୟରେ ଗଜପତି, ମହାରାଣୀ ଏବଂ ରାଜପରିବାର ଶ୍ରୀମନ୍ଦିର ପରିସରକୁ ଯାଇଥିଲେ। ମହାରାଜା ରତ୍ନସିଂହାସନ ନିକଟକୁ ଯାଇ ବଡ଼ଠାକୁର ବଳଭଦ୍ର, ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ମା’ ସୁଭଦ୍ରାଙ୍କୁ ଦର୍ଶନକରି ପ୍ରଣାମ କରିଥିଲେ। ଗଜପତି ମହାରାଜାଙ୍କ ସପରିବାର ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ପରେ ମା’ ବିମଳା, ମା’ ମହାଲକ୍ଷ୍ମୀ, ବଟଗଣେଶଙ୍କ ସହ ପାର୍ଶ୍ୱଦେବଦେବୀଙ୍କ ଦର୍ଶନ କରିଥିଲେ। ଗଜପତି ମହାରାଜା ପ୍ରାୟ ୧ ଘଣ୍ଟାରୁ ଅଧିକ ସମୟ ମନ୍ଦିରରେ ବିତାଇ ମହାପ୍ରଭୁଙ୍କ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ। ପରେ ଦକ୍ଷିଣ ଦ୍ୱାର ଦେଇ ବାହାରକୁ ବାହାରିଥିଲେ। ଦର୍ଶନ ସମୟରେ ମହାରାଜାଙ୍କ ସହ ରାଜଗୁରୁ, ସେବାୟତ ପ୍ରମୁଖ ଉପସ୍ଥିତ ଥିଲେ।



ଭୁବନେଶ୍ୱର ଭଞ୍ଜକଳା ମଣ୍ଡପରେ ବୁଧବାର ମିରର ଗ୍ରୁପ୍‌ର କଳାକାରଙ୍କ ଦ୍ୱାରା ପରିବେଷିତ ନାଟକ ‘ରାଜାଙ୍କ ଭୁତ’ର ଏକ ଦୃଶ୍ୟ।

# ‘ଛାତ ଉପର ବଗିଚା ଜଳବାୟୁ ପରିବର୍ତ୍ତନକୁ ରୋକିପାରିବ’

**ଭୁବନେଶ୍ୱର, ୪।୨(ବନ୍ଦନା ସେଠୀ)**

୨୧ତମ ଭାରତୀୟ ଜଳବାୟୁ କଂଗ୍ରେସ ଆଲ୍ଲାହାବାଦ ବିଶ୍ୱବିଦ୍ୟାଳୟ ରସାୟନ ବିଭାଗରେ ଉଦ୍‌ଘାଟିତ ହୋଇଯାଇଛି। ବିଭାଗର ମୁଖ୍ୟ ଡ. ଦୀନେଶ ମଣିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ମିଳନୀରେ ଜଳବାୟୁ ପରିବର୍ତ୍ତନକୁ ରୋକିବା ପାଇଁ ‘ଛାତ ଉପରେ ବଗିଚା’ ଶୀର୍ଷକ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଡ. ପ୍ରଭାତ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ଜଳବାୟୁ ପରିବର୍ତ୍ତନକୁ ରୋକିବା କ୍ଷେତ୍ରରେ ଛାତ ଉପରେ ବଗିଚା ଭଳି ଛୋଟ ଛୋଟ ପ୍ରୟାସ ଅନେକ ଲାଭ ଦେଇଥାଏ। ଏଥିସହ ସେ ବାୟୁ ପ୍ରଦୂଷଣକୁ ରୋକିବା ପାଇଁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଜଳବାୟୁ କଂଗ୍ରେସର ପ୍ରତିଷ୍ଠାତା ସଭାପତି ପ୍ରଫେସର ଡ. ସଞ୍ଜୟ କୁମାର ସାମନ୍ତରାୟ ପ୍ରୟାଗରାଜରେ ବିଭିନ୍ନ ଶିକ୍ଷା ଅନୁଷ୍ଠାନ, ସରକାରୀ ଅଫିସ ତଥା ପ୍ରତ୍ୟେକ ଘରେ ବିଭିନ୍ନ ପ୍ରକାର ବଗିଚା କରିବା ପାଇଁ ଜିଲା ପ୍ରଶାସନ ପ୍ରୋତ୍ସାହନ ଦେଲେ ଏହା ସମ୍ଭବ ହେବ ବୋଲି ମତ ରଖିଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟ ଗବେଷଣା ଓ ବିକାଶ ବିଭାଗର ଅଧ୍ୟକ୍ଷ ଡ. ମନୀଷ ଶ୍ରୀବାସ୍ତବ ପ୍ରଫେସର ଡ. ସାମନ୍ତରାୟଙ୍କୁ ମାନପତ୍ର ଦେଇ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପକ ଡ. କମଳା କାନ୍ତ ବେହେରା, ଦୀପ୍ତି ବର୍ମା, ସୀମନ୍ତ ଶ୍ରୀବାସ୍ତବ, ନିତୋପାଲ ସିଂହ, ସତ୍ୟେନ୍ଦ୍ର କୁମାର ପ୍ରମୁଖ ଅଂଶଗ୍ରହଣ କରିଥିଲେ। ପ୍ରତିମା ସାମନ୍ତରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଡ. ସୋମେନ ସାହା ଧନ୍ୟବାଦ ଅର୍ପଣ କରିଥିଲେ।

# ନିରାକାରପୁରରେ ଗୋଷ୍ଠୀ ସଂଘର୍ଷ: ୬ ଆହତ

**ନିରାକାରପୁର,୪।୨(ମାନସ ଚନ୍ଦ୍ର ପଟ୍ଟନାୟକ)**

ନିରାକାରପୁର ରେଳଷ୍ଟେଶନ ନିକଟରେ କୌଣସି କଥାକୁ ନେଇ ଗୋଷ୍ଠୀ ସଂଘର୍ଷ ଘଟିଛି। ଏଥିରେ ଉଭୟ ପକ୍ଷର ୬ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଆହତ ହୋଇଛନ୍ତି। ମଙ୍ଗଳବାର ସକାଳେ ପ୍ରଥମେ ଗଣ୍ଡଗୋଳ ଘଟିଥିଲା। ଖଣ୍ଡାରେ ଆକ୍ରମଣ ସହ ଟେକାପଥର ଓ ଠେଙ୍ଗା ମାଡ଼ କରାଯିବାରୁ ୩ଜଣ ଆହତ ହୋଇଥିଲେ। ସେହିପରି ବୁଧବାର ଅପରାହ୍ନରେ ପୁଣି ସେହି ଦୁଇ ଗୋଷ୍ଠୀ ମଧ୍ୟରେ ମାରପିଟ, ଟେକା, ସୋଡ଼ା ବୋତଲ ଓ ଠେଙ୍ଗା ମାଡ଼ରେ ୩ରୁ ଅଧିକ ବ୍ୟକ୍ତି ହୋଇ ଆହତ ହୋଇଥିବା ଜଣାପଡ଼ିଛି। ଆହତମାନେ ବିଭିନ୍ନ ମେଡିକାଲରେ ଚିକିତ୍ସାଧୀନ ଥିବା ସୂଚନା ମିଳିଛି। ଏନେଇ ନିରାକାରପୁର ଥାନାରେ ଉଭୟ ଗୋଷ୍ଠୀ ପକ୍ଷରୁ ଅଭିଯୋଗ କ୍ରମେ ଦୁଇଟି ପୃଥକ ମାମଲା ରୁଜୁ ହୋଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ଗୋଷ୍ଠୀ ସଂଘର୍ଷ ଘଟଣାର ପ୍ରକୃତ କାରଣ ସ୍ପଷ୍ଟ ହୋଇନାହିଁ। ପ୍ରଥମ ଦିନ ପୋଲିସ କୌଣସି କଡ଼ା ପଦକ୍ଷେପ ନ ନେବାରୁ ବୁଧବାର ପୁଣି ଗଣ୍ଡଗୋଳ ଘଟିଥିଲା ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏନେଇ ନିରାକାରପୁର ଥାନା ଅଧିକାରୀ ବିଶ୍ୱଜିତ ରାଉତରାୟ କହିଛନ୍ତି, ମଙ୍ଗଳବାର ଗଣ୍ଡଗୋଳ ନେଇ ଉଭୟ ପକ୍ଷରୁ ଦୁଇଟି ଅଭିଯୋଗ ହୋଇଛି। ବୁଧବାର କୌଣସି ଅଭିଯୋଗ ଆସିନାହିଁ। ତେବେ ତଦନ୍ତ ଜାରି ରହିଛି। ଖଣ୍ଡା ବୁଲାଉଥିବା ଯୁବକଙ୍କୁ ପୋଲିସ ଉଠାଇ ଆଣି ପଚରାଉଚରା କରୁଛି।

# ୬ରୁ ଅନ୍ତର୍ଜାତୀୟ ଜ୍ୟୋତିଷ ସମ୍ମିଳନୀ

**ପୁରୀ,୪।୨(ଅଜିତ୍ କୁମାର ମହାନ୍ତି)**

ଧ୍ରୁବଜ୍ୟୋତି ଗବେଷଣା ପ୍ରତିଷ୍ଠାନ ଏବଂ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀସଦାଶିବ ପରିସର ଜ୍ୟୋତିଷ ବିଭାଗର ସଂଯୁକ୍ତ ତତ୍ତ୍ୱାବଧାନରେ ଆସନ୍ତା ୬ ଓ ୭ ତାରିଖରେ ଅନ୍ତର୍ଜାତୀୟ ଜ୍ୟୋତିଷ ସମ୍ମିଳନୀ ଅନୁଷ୍ଠିତ ହେବ। ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସଦାଶିବ ପରିସରର ନିର୍ଦ୍ଦେଶକ ପ୍ରଭାତ କୁମାର ମହାପାତ୍ର, ଧ୍ରୁବଜ୍ୟୋତି ଗବେଷଣା ପ୍ରତିଷ୍ଠାନ, ପୁରୀର ପ୍ରତିଷ୍ଠାତା ଡ. ସସ୍ମିତା ମିଶ୍ର ପ୍ରମୁଖ ଏନେଇ ସୂଚନା ଦେଇଛନ୍ତି। ସମ୍ମିଳନୀରେ ଆମେରିକା, ଜର୍ମାନ, ବାଂଲାଦେଶ ଓ ଶ୍ରୀଲଙ୍କା ସହିତ ଭାରତର ୨୦୦ରୁ ଊର୍ଦ୍ଧ୍ୱ ଜ୍ୟୋତିର୍ବିଦ୍ ଯୋଗଦେବେ। ସମ୍ମିଳନୀରେ ଶ୍ରୀସଦାଶିବ ପରିସରର ଜ୍ୟୋତିଷ ବିଭାଗ ଅଧ୍ୟକ୍ଷା, ଅଧ୍ୟାପିକାଅଧ୍ୟାପକ ଏବଂ ଧ୍ରୁବଜ୍ୟୋତି ଗବେଷଣା ପ୍ରତିଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଭୁବନେଶ୍ୱର ଓକିଲ ସଂଘ ପକ୍ଷରୁ ମଧୁବାବୁଙ୍କୁ ଶ୍ରଦ୍ଧାଞ୍ଜଳି

**ଭୁବନେଶ୍ୱର,୪।୨ (ସୌମ୍ୟରଞ୍ଜନ ରାଉତ)**

ଭୁବନେଶ୍ୱର ଓକିଲ ସଂଘ ପକ୍ଷରୁ ବୁଧବାର ଉତ୍କଳଗୌରବ ମଧୁସୂଦନ ଦାସଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଭୁବନେଶ୍ୱର କୋର୍ଟ ସମ୍ମୁଖରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ ପୂର୍ବକ ସ୍ମୃତିଚାରଣ କରାଯାଇଥିଲା। ସଂଘ ସଭାପତି ଅଶୋକ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଓ ଲିଙ୍ଗରାଜ ସାହୁଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ଆଇନଜୀବୀ ପରିଷଦ ସଭ୍ୟ ଆତ୍ମପ୍ରକାଶ ମହାନ୍ତି, ସଂଘ ସମ୍ପାଦକ ସତ୍ୟ ରଞ୍ଜନ ସେନାପତି, ଯୁଗ୍ମ ସମ୍ପାଦକ ରଶ୍ମି ରଞ୍ଜନ ମହାନ୍ତି ଓ କର୍ମକର୍ତ୍ତାମାନେ ପ୍ରତିମୂର୍ତ୍ତିରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ମଧୁସୂଦନ ଦାସଙ୍କୁ ମରଣୋତ୍ତର ଭାରତରତ୍ନ, ସଂସଦ ଭବନ ପରିସରରେ ପ୍ରତିମୂର୍ତ୍ତି ସ୍ଥାପନ, ଉତ୍କଳଗୌରବ ମଧୁସୂଦନଙ୍କ ନାମରେ ରେଳଗାଡ଼ି ଚଳାଇବା, ତାଙ୍କ ଜନ୍ମଦିନକୁ ସରକାରୀ ଛୁଟି ଘୋଷଣା ଏବଂ ଓଡ଼ିଶାରେ ସବୁ କୋର୍ଟ ନିକଟ ରାସ୍ତାକୁ ମଧୁବାବୁଙ୍କ ନାମରେ ନାମିତ କରିବା ପାଇଁ ଦାବି କରି ଦସ୍ତଖତ ସଂଗ୍ରହ କରାଯାଇଥିଲା। ସଂଘର କାର୍ଯକାରୀ କମିଟି ସଭ୍ୟ ଅକ୍ଷୟ କୁମାର ଦାସ, ଓଁ ତତ୍ତ୍ୱବିତ୍, ସୁବ୍ରତ ସେନାପତି, ପୂର୍ବତନ ସମ୍ପାଦକ ରାଜକିଶୋର ଦାସ, ପୂର୍ବତନ ଯୁଗ୍ମ ସମ୍ପାଦକ ଅଶୋକ କୁମାର ପଣ୍ଡା, ରାଜେନ୍ଦ୍ର କୁମାର ଦାସ, ସୁମନ୍ ରାଉତରାୟଙ୍କ ସମେତ ଶତାଧିକ ଆଇନଜୀବୀ ସାମିଲ ହୋଇଥିଲେ।



ଭୁବନେଶ୍ୱର ଓକିଲ ସଂଘ ପକ୍ଷରୁ ବୁଧବାର କୋର୍ଟ ସମ୍ମୁଖରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

# ବସ୍ତ୍ରର ଉତ୍କୃଷ୍ଟତା ପାଇଁ ବୁଣାକାରଙ୍କ ଉତ୍ତମ ଦୃଷ୍ଟିଶକ୍ତି ଜରୁରୀ

## ମାଣିଆବନ୍ଧ ବୁଣାକାରଙ୍କ ନିଃଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର

**ମାଣିଆବନ୍ଧ, (ଅଖିଳ କୁମାର ସାହୁ) / ଭୁବନେଶ୍ୱର,୪।୨ (ସୌମ୍ୟରଞ୍ଜନ ରାଉତ)**



କାର୍ଯ୍ୟକ୍ରମରେ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଜଣେ ବୁଣାକାରଙ୍କୁ ଚଷମା ପିନ୍ଧାଉଛନ୍ତି। ଶିବିରରେ ଡାକ୍ତର ବୁଣାକାରଙ୍କ ଚକ୍ଷୁ ପରୀକ୍ଷା କରୁଛନ୍ତି।

କଟକ ଜିଲାର ମାଣିଆବନ୍ଧ ବୁଣାକାରଙ୍କ ପାଇଁ ନିଃଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର ବୁଧବାର ମାଣିଆବନ୍ଧ ବୁଦ୍ଧବିହାରଠାରେ ଅନୁଷ୍ଠିତ ହୋଇଯାଇଛି। ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଶିବିରକୁ ଉଦ୍‌ଘାଟନ କରି କହିଲେ, ସୁସ୍ଥ ଦୃଷ୍ଟି, ସଶକ୍ତ ବୁଣାକାର। ବସ୍ତ୍ରର ଉତ୍କୃଷ୍ଟତା ବୁଣାକାରଙ୍କ ଉତ୍ତମ ଦୃଷ୍ଟିଶକ୍ତି ଉପରେ ଅନେକ କ୍ଷେତ୍ରରେ ନିର୍ଭରଶୀଳ। ତେଣୁ ବୁଣାକାରମାନଙ୍କୁ ସେମାନଙ୍କ ଚକ୍ଷୁର ସ୍ୱାସ୍ଥ୍ୟ ବିଷୟରେ ସଚେତନ କରାଇବା ପାଇଁ ଏହା ଲୋକଙ୍କ ସରକାରଙ୍କର ଗୋଟିଏ ଛୋଟ ପ୍ରୟାସ ବୋଲି ସେ କହିଥିଲେ। ବିଭାଗ ପକ୍ଷରୁ ଆୟୋଜିତ ଏହି ଶିବିରରେ ୫ଶହରୁ ଅଧିକ ବୁଣାକାର ସାମିଲ ହୋଇ ସେମାନଙ୍କ ଚକ୍ଷୁ ପରୀକ୍ଷା କରାଇଥିଲେ ଓ ଆବଶ୍ୟକ କରୁଥିବା ବୁଣାକାରଙ୍କୁ ଚଷମା ବଣ୍ଟନ କରାଯାଇଥିଲା।

ଏହି ଅବସରରେ ଡାକ୍ତରମାନେ ଚକ୍ଷୁର ଯତ୍ନନେବା ପାଇଁ ବୁଣାକାରମାନଙ୍କୁ ସଚେତନ କରାଇଥିଲେ। କାର୍ଯ୍ୟକ୍ରମରେ ବଡ଼ମ୍ବା-ନରସିଂହପୁର ବିଧାୟକ ବିଜୟ ଦଳବେହେରା, ବୟନଶିଳ୍ପ ଓ ହସ୍ତତନ୍ତ ନିର୍ଦ୍ଦେଶକ ପ୍ରେମ ଚନ୍ଦ୍ର ଚୌଧାରୀ, ହସ୍ତଶିଳ୍ପ ନିର୍ଦ୍ଦେଶକ ନିବେଦିତା ପୃଷ୍ଟି, ଉପଜିଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା, ସାମାଜିକ କର୍ମୀ ସୁକାନ୍ତ କୁମାର ବିଶ୍ୱାଳ, ସାଇଟ୍ ସେଭର୍ସ ଇଣ୍ଡିଆର ରାଜ୍ୟ ମୁଖ୍ୟ ସୁଦତ୍ତା ଖୁଣ୍ଟିଆ, କଳିଙ୍ଗ ହସ୍‌ପିଟାଲର ଅଧ୍ୟକ୍ଷ ସାରଙ୍ଗଧର ସାମଲ, ରୋଟାରୀ ହସ୍‌ପିଟାଲର ଶୁଭେନ୍ଦୁ ପରିଡ଼ା, ୟୁଏନ୍‌ଡିପିର ଆଭା ମିଶ୍ରଙ୍କ ସହ ବୁଣାକାର ଓ କାରିଗରମାନେ ଉପସ୍ଥିତ ଥିଲେ।

# ଲୋକୋ ପାଇଲଟ୍‌ଙ୍କ ଚାପ ହ୍ରାସ ଉପରେ ଗୁରୁତ୍ୱ



କାର୍ଯ୍ୟକ୍ରମରେ ବରିଷ୍ଠ ଅଧିକାରୀଙ୍କ ସହ ଲୋକୋ ପାଇଲଟ ଓ ଆସିଷ୍ଟାଣ୍ଟ ଲୋକୋ ପାଇଲଟମାନେ।

## ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ପକ୍ଷରୁ ନିରାପତ୍ତା ସେମିନାର

ଜଟଣୀ,୪।୨(ରବୀନ୍ଦ୍ରନାଥ ମହାକୁଡ଼)

ପୂର୍ବତଟ ରେଳପଥ ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ଦ୍ୱାରା ଲୋକୋ ପାଇଲଟ ଓ ଆସିଷ୍ଟାଣ୍ଟ ଲୋକୋ ପାଇଲଟଙ୍କ ପାଇଁ ଚାପ ପରିଚାଳନାକୁ ନେଇ ତିନିଦିନିଆ ନିରାପତ୍ତା ସେମିନାର ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଅବସରପ୍ରାପ୍ତ ଆଇଆର୍‌ଏସ୍ ଲଳିତ କୁମାର ମହାନ୍ତି ଏବଂ ପ୍ରଦୀପ୍ତ କୁମାର ପଟ୍ଟନାୟକଙ୍କ ଦ୍ୱାରା ଏହି ସେମିନାର ଉଦ୍‌ଘାଟିତ ହୋଇଥିଲା। ଉଦଘାଟିତ ହୋଇଥିଲା। ଉଭୟ ଅତିଥି ବୃତ୍ତିଗତ ଓ ବ୍ୟକ୍ତିଗତ ଜୀବନରେ ମାନସିକ ଶାନ୍ତି, ଆତ୍ମଶୃଙ୍ଖଳା ଏବଂ ଚାପ ପରିଚାଳନାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଅନିୟମିତ ଡ୍ୟୁଟି ସମୟ ଓ ଉଚ୍ଚ ଚାପ ମଧ୍ୟରେ କାମ କରୁଥିବା ଲୋକୋ ପାଇଲଟ ଓ ଆସିଷ୍ଟାଣ୍ଟ ଲୋକୋ ପାଇଲଟଙ୍କ ପାଇଁ କାର୍ଯ୍ୟ ବହିର୍ଭୂତ ସମୟରେ ଶାନ୍ତ ଓ ସହାୟକ ପରିବେଶ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଯୋଗ, ଧ୍ୟାନ, ଶାରୀରିକ ସୁସ୍ଥତା, ସକାରାତ୍ମକ ଚିନ୍ତାଧାରା ଓ ଆଧ୍ୟାତ୍ମିକ ଶାସନ ଭଳି ସାମଗ୍ରିକ ଷ୍ଟ୍ରେସ୍ ପରିଚାଳନା ପଦ୍ଧତି ଉପରେ ଆଲୋଚନା କରାଯାଇଥିଲା। ସେହିପରି କ୍ୟାବିନ ଏରଗୋନୋମିକ୍ସକୁ ଉନ୍ନତ କରିବା, ବୈଜ୍ଞାନିକ କର୍ତ୍ତବ୍ୟ ସମୟ ନିର୍ଦ୍ଧଣ୍ଟ ମାଧ୍ୟମରେ ଉତ୍ତମ କାର୍ଯ୍ୟ–ଜୀବନ ସନ୍ତୁଳନ, ସାମାଜିକ ସମର୍ଥନ ବ୍ୟବସ୍ଥାକୁ ସୁଦୃଢ଼ ଏବଂ ପରାମର୍ଶ ସମ୍ବଳର ଉପଲବ୍ଧତା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ବରିଷ୍ଠ ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ଅପରେଶନ୍) ଶୁଭଜିତ ଦାସ ଏବଂ ଏଡିଇଇ/ଓପି (କନ୍‌ସଲଟାଣ୍ଟ) ଆର୍.କେ.ପଣ୍ଡା ଉପସ୍ଥିତ ଥିଲେ। ବରିଷ୍ଠ ଲୋକୋ ପର୍ଯ୍ୟବେକ୍ଷକ ଅବନୀ କୁମାର ମହାପାତ୍ରଙ୍କ ନେତୃତ୍ୱରେ ଅନ୍ୟ ବରିଷ୍ଠ ପର୍ଯ୍ୟବେକ୍ଷକ ଓ କର୍ମଚାରୀମାନେ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସେମିନାରରେ ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ଅଧୀନ ବିଭିନ୍ନ ଷ୍ଟେଶନର ୨୦ ଜଣ ଲୋକୋ ପାଇଲଟ ଓ ୫୧ ଜଣ ଆସିଷ୍ଟାଣ୍ଟ ଲୋକୋ ପାଇଲଟଙ୍କ ସମେତ ମୋଟ ୭୧ ଜଣ କର୍ମଚାରୀ ଅଂଶଗ୍ରହଣ କରିଥିଲେ।

# ଶ୍ୱେତଗଙ୍ଗାରେ ପିଣ୍ଡଦାନ, ମହାପ୍ରଭୁଙ୍କୁ ଦର୍ଶନ କଲେ ରାଷ୍ଟ୍ରପତି



ବାଇଶି ପାହାଚରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ରାଜ୍ୟପାଳ କେ. ହରିବାବୁ କମ୍ଭମ୍‌ପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା।

ପୁରୀ,୪।୨(ଅଜିତ୍ କୁମାର ମହାନ୍ତି)

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବୁଧବାର ସକାଳ ୭ଟାରେ ଶ୍ୱେତଗଙ୍ଗାରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ପିଣ୍ଡଦାନ କରିବା ସହ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ଲୋକଭବନରୁ ବାହାରି ରାଷ୍ଟ୍ରପତି ଭିଆଇପି ରୋଡ୍, ମେଡିକାଲ ଛକ, କାକୁଡ଼ିଖାଇ ଛକ ଦେଇ ଶ୍ୱେତଗଙ୍ଗା ଯାଇଥିଲେ। ସେଠାରେ ପୂଜାର୍ଚ୍ଚନା ଓ ପିଣ୍ଡଦାନ ପରେ ଏମାରମଠ ଚକଡ଼ା ଦେଇ ସିଂହଦ୍ୱାର ନିକଟରେ ପହଞ୍ଚିଥିଲେ। ସେଠାରେ ଗଜପତି ମହାରାଜା ଦିବ୍ୟସିଂହ ଦେବ, ରାଜ୍ୟପାଳ କେ. ହରିବାବୁ କମ୍ଭମ୍‌ପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ପୁରୀ ବିଧାୟକ ସୁନୀଲ ମହାନ୍ତି, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ କୁମାର ପାଢ଼ୀ, ପୋଲିସ ଆଇଜି ଅରୁଣ କୁମାର ସାହୁ, ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଏସ୍‌ପି ପ୍ରତୀକ ସିଂ, ରାଷ୍ଟ୍ରପତିଙ୍କ କୌଳିକ ପଣ୍ଡା ରାଜକିଶୋର ମହାପାତ୍ର ଏବଂ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିବା ସହ ଶ୍ରୀମନ୍ଦିରକୁ ପାଛୋଟି ନେଇଥିଲେ।

କଡ଼ା ସୁରକ୍ଷା ବଳୟ ମଧ୍ୟରେ ଅରୁଣସ୍ତମ୍ଭ ଛୁଇଁ ମୁଣ୍ଡିଆମାରି ବାଇଶପାହାଚ ଦେଇ ଶ୍ରୀମନ୍ଦିରକୁ ଯାଇଥିଲେ। ଗର୍ଭଗୃହଠାରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିବା ସହ ଆଶିଷଲାଭ କରିଥିଲେ। ମହାପ୍ରଭୁଙ୍କ ଦର୍ଶନ ପରେ ମା’ ବିମଳା, ମା’ ମହାଲକ୍ଷ୍ମୀଙ୍କ ସହ ପାର୍ଶ୍ୱଦେବଦେବୀଙ୍କ ଦର୍ଶନକରି ଶ୍ରୀମନ୍ଦିରରୁ ଫେରିଥିଲେ। ଫେରିବା ସମୟରେ ବାଇଶପାହାଚରେ କିଛି ସମୟ ବସି ମହାପ୍ରଭୁଙ୍କୁ ସ୍ମରଣ କରିଥିଲେ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ରାଷ୍ଟ୍ରପତିଙ୍କୁ ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ଖଣ୍ଡୁଆ ଓ ମହାପ୍ରଭୁଙ୍କ ଏକ ପଟ୍ଟଚିତ୍ର ପ୍ରଦାନ କରାଯାଇଥିଲା। ଦର୍ଶନ ପରେ ରାଷ୍ଟ୍ରପତି ବଡ଼ଦାଣ୍ଡରେ କିଛି ବାଟ ଚାଲି ଚାଲି ଯାଇ ଲୋକଙ୍କ ଅଭିବାଦନ ଗ୍ରହଣ କରିଥିଲେ। ସେଠାରୁ ଲୋକଭବନ ଯାଇ କିଛି ସମୟ ରହି ତାଳବଣିଆ ହେଲିପ୍ୟାଡ୍‌ରୁ ହେଲିକପ୍ଟର ଯୋଗେ ମୟୂରଭଞ୍ଜର ରାଇରଙ୍ଗପୁର ଅଭିମୁଖେ ଯାତ୍ରା କରିଥିଲେ। ଶ୍ରୀମନ୍ଦିରରୁ ରାଷ୍ଟ୍ରପତି ଫେରିବା ପରେ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା। ରାଷ୍ଟ୍ରପତିଙ୍କ ଗସ୍ତ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ପୁରୀ ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

# ସାପକାମୁଡ଼ା, ବଜ୍ରପାତରୁ ରକ୍ଷା ପାଇବା ନେଇ ସଚେତନତା

କୃଷ୍ଣପ୍ରସାଦ,୪।୨
(କୈଳାଶ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା ଅନ୍ତର୍ଗତ କୃଷ୍ଣପ୍ରସାଦ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ପକ୍ଷରୁ ବ୍ଲକ ପ୍ରଶାସନ ସହଯୋଗରେ ସାପକାମୁଡ଼ା ଓ ବଜ୍ରପାତ ପ୍ରତି ସାବଧାନ ନେଇ ସଚେତନତା ଓ ସତର୍କତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଡ଼ିଓ ଅଧିକାରୀ ମହେନ୍ଦ୍ର ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରରେ ସିପି ପ୍ରଭାତ କୁମାର ଜେନା, ରାଜସ୍ୱ ସହାୟକ କାଶୀମ ମହମ୍ମଦ, ପିରିଜିପୁର ସରପଞ୍ଚ ଇଂ. ମଳୟ କୁମାର ଜେନା, ନୋଡାଲ ଏନ୍‌ଜିଓ ସମ୍ପାଦକ ପ୍ରବୀର ଚନ୍ଦ୍ର ନାୟକ, ଏସିପି ସୌଭାଗ୍ୟ କୁମାର ବଳିୟାରସିଂହ, ସହକାରୀ ଯନ୍ତ୍ରୀ ବିଜୟାନନ୍ଦ ଗୋଛାୟତ, କନିଷ୍ଠ ଯନ୍ତ୍ରୀ ଅମୀୟ କୁମାର ପଣ୍ଡା, କନିଷ୍ଠ ଯନ୍ତ୍ରୀ ଜିତେନ୍ଦ୍ର ଦାସ, ବେଗା ହାଁସଦା ପ୍ରମୁଖ ଯୋଗଦେଇ ସାପକାମୁଡ଼ା ଏବଂ ବଜ୍ରପାତ ସମୟରେ କ’ଣ କରିବା ଉଚିତ, କ’ଣ ନ କରିବା ଉଚିତ ସେ ଦିଗରେ ସଚେତନତା ଓ ପରାମର୍ଶ ଦେଇଥିଲେ। କର୍ମଶାଳାରେ ଶିକ୍ଷୟିତ୍ରୀ ଶିକ୍ଷକ, ଅଙ୍ଗନୱାଡ଼ି କର୍ମୀ, ଆଶାକର୍ମୀ, ବାତ୍ୟା ଆଶ୍ରୟସ୍ଥଳୀ ପରିଚାଳନା କମିଟିର କର୍ମକର୍ତ୍ତାମାନେ ଅଂଶଗ୍ରହଣ କରିଥିଲେ।

# କମଳେଶ୍ୱର ବିଦ୍ୟାପୀଠରେ ୪୭ତମ ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିଙ୍କ ଗହଣରେ ଶିକ୍ଷୟିତ୍ରୀ ଶିକ୍ଷକମାନେ।

କୃଷ୍ଣପ୍ରସାଦ, ୪।୨
(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ବଡ଼ଖାଡ଼ ପଞ୍ଚାୟତ ଅଧୀନ ବଡ଼ଖାଡ଼ କମଳେଶ୍ୱର ନୋଡାଲ ବିଦ୍ୟାପୀଠର ୪୭ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବ୍ଲକ ଭାରପ୍ରାପ୍ତ ଶିକ୍ଷା ଅଧିକାରୀ ସିଦ୍ଧେଶ୍ୱର କରଣ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସଭାରେ ବିଦ୍ୟାଳୟ ପରିଚାଳନା କମିଟିର ବରିଷ୍ଠ ସଦସ୍ୟ ଯୋଗେନ୍ଦ୍ର ନାଥ ଜେନାଙ୍କ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ କାଶୀନାଥ ଜେନା, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଶିକ୍ଷା ଅଧିକାରୀ ପ୍ରକାଶ ଚନ୍ଦ୍ର ବେହେରା, ପୂର୍ବତନ ପ୍ରଧାନ ଶିକ୍ଷକ ଦେବେନ୍ଦ୍ର ନାଥ ଦଳବେହେରା, ବାଉରିବନ୍ଧୁ ମାଝୀ, ଗଣେଶ କୁମାର ନାୟକ, ଜ୍ଞାନଦୀପ ମହାବିଦ୍ୟାଳୟର ପ୍ରତିଷ୍ଠାତା ଡ. ଅଭିମନ୍ୟୁ ଜେନା ଯୋଗଦେଇ ରାଷ୍ଟ୍ର ନିର୍ମାଣରେ ଛାତ୍ରୀଛାତ୍ରଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରଧାନ ଶିକ୍ଷକ ଲଲାଟେନ୍ଦୁ ସେଠୀ ବାର୍ଷିକ ବିବରଣୀ ପାଠ ଏବଂ ସହକାରୀ ଶିକ୍ଷକ ଉଲ୍ଲାସ ଚନ୍ଦ୍ର ସାହୁ ଓ ମାନସ କୁମାର ମଲ୍ଲିକ ମଞ୍ଚ କାର୍ଯ୍ୟ ପରିଚାଳନା କରିଥିଲେ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। କ୍ରୀଡ଼ା ଶିକ୍ଷକ ଅଶୋକ କୁମାର ଜେନା, ସହକାରୀ ଶିକ୍ଷକ ବିରଞ୍ଚି ନାରାୟଣ ମାନସିଂହ, ଶିକ୍ଷୟିତ୍ରୀ ଅରୁନ୍ଧତୀ ପ୍ରଧାନ, ରଶ୍ମିତା ସାହୁ, ଶୁଭ୍ରାଂଶୁ ମାଳିନୀ ଜେନା, ଧରିତ୍ରୀ ଜେନା, କିରାଣି ଶଙ୍କର ସିଂହ, କର୍ମଚାରୀ ଆର୍ତ୍ତତ୍ରାଣ ପଲେଇ, ମିଟୁ ଜେନା, ସଦାଶିବ ମହାପାତ୍ର ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# ‘ମାଟି ବଞ୍ଚାଅ, ଏକ ହୁଅ’ ଅଭିଯାନ



ମହାମଞ୍ଚ ପକ୍ଷରୁ ଦସ୍ତଖତ ସଂଗ୍ରହ କରାଯାଉଛି।

ଜଟଣୀ,୪।୨(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ବ୍ଲକର କନ୍ତିଆ ପଞ୍ଚାୟତରେ ବୁଧବାର ବାପୁଜୀ ଆମ୍ବେଦକର ରୟତ ସୁରକ୍ଷା ମହାମଞ୍ଚ ପକ୍ଷରୁ ‘ମାଟି ବଞ୍ଚାଅ ଏକ ହୁଅ’ ଅଭିଯାନ ଆୟୋଜିତ ହୋଇଯାଇଛି। ନିରଞ୍ଜନପୁର ଗାଁରେ ଅନୁଷ୍ଠାନର ସଦସ୍ୟମାନେ ଘରକୁ ଘର ବୁଲି ଗ୍ରାମବାସୀଙ୍କ ଦସ୍ତଖତ ଗ୍ରହଣ କରିଥିଲେ। ବରିଷ୍ଠ ସଦସ୍ୟ ପଦ୍ମଚରଣ ସୁବୁଦ୍ଧିଙ୍କ ନେତୃତ୍ୱରେ ଜୟନ୍ତ ବେହେରା, ଗୁଣନିଧି ପ୍ରଧାନ, ଜୟନ୍ତ ସାହୁ, ଦେବରାଜ ବେହେରା ପ୍ରମୁଖ ସାମିଲ ହୋଇଥିଲେ। ସୂଚନା ଅନୁଯାୟୀ, ୨୦୧୨–୧୩ ମସିହାରୁ ଜଟଣୀ ତହସିଲ ଅଧୀନ ୮ଟି ମୌଜାର ସ୍ଥିତିବାନ ପ୍ରଜାଙ୍କ ଜମି ଶ୍ରୀଜଗନ୍ନାଥ ମହାପ୍ରଭୁ ବିଜେ ପୁରୀଙ୍କ ନାମରେ ନାମିତ ହୋଇଯାଇଛି। ଫଳରେ ସ୍ଥିତିବାନ ପ୍ରଜା ହଇରାଣ ହେଉଛନ୍ତି। ନିଜ ଅଧିକାର ପାଇବା ପାଇଁ ବିଭିନ୍ନ ସମୟରେ ବିଭିନ୍ନ ଫୋରମରେ ଦାବି ଉପସ୍ଥାପିତ କରୁଥିଲେ ମଧ୍ୟ ଅଦ୍ୟାବଧି କୌଣସି ସୁଫଳ ମିଳିପାରିନାହିଁ। ଅଭିଯାନ ମାଧ୍ୟମରେ ଗାଁକୁ ଗାଁ ଘରକୁ ଘର ବୁଲି କ୍ଷତିଗ୍ରସ୍ତ ପ୍ରଜାଙ୍କ ଦସ୍ତଖତ ଗ୍ରହଣ କରାଯାଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।

# ଯାଦବ ସମିତିର ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

ବେଗୁନିଆ,୪।୨(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ସାରୁଅ ପଞ୍ଚାୟତର କାଠଖୁଣ୍ଟିଆ ଗ୍ରାମରେ ଚାରି ରାଜ୍ୟ ଯାଦବ ସମିତିର ୧୫୭ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ସରପଞ୍ଚ ରଞ୍ଜିତା ମହାଭୋଇ ଅଧ୍ୟକ୍ଷତା କରିଥିଲେ। ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟଅତିଥି, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ମୁଖ୍ୟବକ୍ତା ଏବଂ ପୂର୍ବତନ ସରପଞ୍ଚ ସୁଦର୍ଶନ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଯାଦବ ସମାଜର ବିକାଶ ପାଇଁ ପ୍ରଶାସନିକ ସ୍ତରରେ ପ୍ରୋତ୍ସାହନ ମିଳିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ଶିକ୍ଷାବିତ୍ କୈଳାସ ଚନ୍ଦ୍ର ମାଣ୍ଡୋଇ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ବରିଷ୍ଠ ସଦସ୍ୟ ସୁଦର୍ଶନ ଦାସ ଧନ୍ୟବାଦ ଦେଇଥିଲେ।

# ଶ୍ରୀ ବୃନ୍ଦନାଥ ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ

ବାଲିପାଟଣା,୪।୨(ଅଭିମନ୍ୟୁ ନାୟକ)

ବାଲିପାଟଣାସ୍ଥିତ ଶ୍ରୀ ବୃନ୍ଦନାଥ ସରକାରୀ ଉଚ୍ଚ ବିଦ୍ୟାଳୟର ୬୬ତମ ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶୁଭ୍ରାଂଶୁ ଶେଖର ପାଢ଼ୀ ଯୋଗଦେଇ ନିଷ୍ଠା ଛାତ୍ରୀଛାତ୍ରମାନଙ୍କୁ ଲକ୍ଷ୍ୟସ୍ଥଳରେ ପହଞ୍ଚାଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଅତିଥିମାନେ ବିଦ୍ୟାଳୟ ପରିସରରେ ଥିବା ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ଏବଂ ବିଦ୍ୟାଳୟ ପ୍ରତିଷ୍ଠାତା ପ୍ରଧାନଶିକ୍ଷକ ସତ୍ୟବାଦୀ ଓତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଡ. ପ୍ରଭାତ କୁମାର ରଥ, ସମ୍ମାନିତ ଅତିଥି ଭାବେ ପ୍ରେସ କ୍ଲବ ସଭାପତି ଦିଲ୍ଲିପ କୁମାର ଓଝା, ଏବିଇଓ ଯଶୋଦା ସାହୁ, ବିଜୟ କୁମାର ବେହେରା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜୟନ୍ତ କୁମାର ଓଝା ପ୍ରମୁଖ ଯୋଗଦେଇଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ତପସ୍ୱିନୀ ବେହେରା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସୁଷମା ରାଣୀ ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟର ବାର୍ଷିକ କ୍ରୀଡ଼ାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିଶେଷକରି ବିଦ୍ୟାଳୟର ଆଦିବାସୀ, ହରିଜନ ହଷ୍ଟେଲର ଛାତ୍ରୀମାନଙ୍କ ଦ୍ୱାରା ସମ୍ବଲପୁରୀ ନୃତ୍ୟ ଅତି ଚିତ୍ତାକର୍ଷକ ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ରଶ୍ମିତା ବେହେରାଙ୍କ ସହିତ ଅନ୍ୟ ଶିକ୍ଷୟିତ୍ରୀମାନେ ପରିଚାଳନା କରିଥିଲେ।

# ଶୈକ୍ଷିକ ପରିବେଶରେ ଶିକ୍ଷଣ ସାମଗ୍ରୀ ଗୁରୁତ୍ୱପୂର୍ଣ୍ଣ

ବାଘମାରି,୪।୨(ମିହିର ରଞ୍ଜନ ମହାପାତ୍ର)

ଶ୍ରେଣୀଗୃହ ପରିଚାଳନା କରିବାବେଳେ ଶିକ୍ଷଣ ସାମଗ୍ରୀ ବ୍ୟବହାର ଅତ୍ୟନ୍ତ ଆବଶ୍ୟକ ଓ ଏହାଦ୍ୱାରା ପିଲା ସହଜରେ ପାଠକୁ ବୁଝିପାରିଥାନ୍ତି ବୋଲି ମଣ୍ଡଳ ସାଧନ କେନ୍ଦ୍ର ସଂଯୋଜକ କୈଳାସ ଚନ୍ଦ୍ର ସେଠୀ ମତ ପ୍ରକାଶ କରିଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ତଥା ବେଗୁନିଆ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ପଙ୍ଗାରସିଂହ ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଦୁଇଦିବସୀୟ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କାର୍ମଶାଳା ବୁଧବାର ଦଧିବାମନ ଦେବ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ରାମାନନ୍ଦ ଦାଶଙ୍କ ତତ୍ତ୍ୱାବଧାନରେ ବିଆର୍‌ସିସି କୈଳାସ ଚନ୍ଦ୍ର ସେଠୀ, ପ୍ରଧାନ ଶିକ୍ଷକ ବସନ୍ତ ମୁଥମାଝୀ, ନିରୁପମା ତ୍ରିପାଠୀ, ସୌମ୍ୟ ରଞ୍ଜନ ମାଝୀ, ସ୍ୱାଗତିକା ପଣ୍ଡା ଓ ଶିକ୍ଷକ ଅଖିଳେଶ ମହାପାତ୍ର ପ୍ରମୁଖ ଶିକ୍ଷଣ ସାମଗ୍ରୀ ବ୍ୟବହାର ସମ୍ବନ୍ଧରେ ଆଲୋକପାତ କରିଥିଲେ। କ୍ଲଷ୍ଟରର ୯ଟି ବିଦ୍ୟାଳୟରୁ ୧୮ ଜଣ ପ୍ରଶିକ୍ଷାର୍ଥୀ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ଭାରତୀ ରାଉତ, ସାଗରିକା ମାଝୀ, ଗୋବିନ୍ଦ ଦେଉରି, ଜଲି ସ୍ୱାଇଁ, ବିପିନ ସ୍ୱାଇଁ, ଲକ୍ଷ୍ମଣ ନାୟକ, ଅନାମ ପରିଡ଼ା, ଗଗନ ସ୍ୱାଇଁ, ସୁମିତ୍ରା ଦେଉରୀ, ନିରଞ୍ଜନ ଛାଟୋଇ, ଧ୍ରୁବ ସେଠୀ, ବୁଦ୍ଧେଶ୍ୱର ବେହେରା ପ୍ରମୁଖ ସାମଗ୍ରୀ ପ୍ରସ୍ତୁତ କରିଥିବା ବେଳେ ଉଦ୍‌ଯାପନରେ ଶିକ୍ଷୟିତ୍ରୀ ଗାୟତ୍ରୀ ବେହେରା ଧନ୍ୟବାଦ ଦେଇଥିଲେ।




କର୍ମଶାଳାରେ ପ୍ରଶିକ୍ଷକଙ୍କ ସହ ଶିକ୍ଷୟିତ୍ରୀ ଶିକ୍ଷକ।

# ନିର୍ଭୁଲ୍ ଜନଗଣନା ଉପରେ ଗୁରୁତ୍ୱ

## ଏପ୍ରିଲ ୧୬ରୁ ମେ ୧୫ ପ୍ରଥମ ପର୍ଯ୍ୟାୟ ଘର ଗଣନା

ଖୋର୍ଦ୍ଧା,୪।୨(ପ୍ରଭାତ ପାଣଗ୍ରାହୀ)

ଖୋର୍ଦ୍ଧା ଜିଲାରେ ଜନଗଣନା ସମ୍ବନ୍ଧୀୟ ସମୀକ୍ଷା ଓ ତାଲିମ କାର୍ଯ୍ୟକ୍ରମ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ଜୟୀ ରାଜଗୁରୁ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ଜନଗଣନା କାର୍ଯ୍ୟ ଓ ନାଗରିକ ପଞ୍ଜୀକରଣ ନିର୍ଦ୍ଦେଶକ ନିଖିଲ ପବନ କଲ୍ୟାଣ ଅଧ୍ୟକ୍ଷତା କରିଥିଲେ। ଅତିରିକ୍ତ ଜିଲାପାଳ(ପ୍ରଶାସନ), ପ୍ରତାପ ଚନ୍ଦ୍ର ବେଉରା, ଖୋର୍ଦ୍ଧା ଉପଜିଲାପାଳ ସଂକଳ୍ପ ସ୍ୱସ୍ତିକ ସାହୁ, ଭୁବନେଶ୍ୱର ଉପଜିଲାପାଳ ଡ. ମନୋରଞ୍ଜନ ସାହୁ, ଓଡ଼ିଶା ଜନଗଣନା ଓ ନାଗରିକ ପଞ୍ଜୀକରଣ ବିଭାଗ ସହକାରୀ ନିର୍ଦ୍ଦେଶକ ଚନ୍ଦ୍ରମୋହନ ମହନ୍ତ ମଞ୍ଚାସୀନ ଥିଲେ। ଜନଗଣନା କାର୍ଯ୍ୟ ସମ୍ପାଦନ ବିଷୟବସ୍ତୁ ଉପରେ ଆଲୋଚନା କରିଥିଲେ। ଜନଗଣନା ନିର୍ଦ୍ଦେଶକ ନିଖିଲ ପବନ କଲ୍ୟାଣ କହିଥିଲେ, ୨୦୨୭ ଜନଗଣନା ଏକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସରିବ। ତେଣୁ କର୍ମଚାରୀମାନେ ଧାର୍ଯ୍ୟ ସମୟ ମଧ୍ୟରେ ତାଲିମ ଗ୍ରହଣ କରିବେ। ଜନଗଣନା କାର୍ଯ୍ୟ ଶତପ୍ରତିଶତ ଠିକ୍ ଓ ସୁଚାରୁରୂପେ ସମ୍ପାଦନ କରିବାକୁ ସେ ପରାମର୍ଶ ଦେଇଥିଲେ। ଏପ୍ରିଲ ୧୬ରୁ ମେ ୧୫ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟରେ ଘର ଗଣନା କରାଯିବ। ଏହି ସମୟରେ ଏପ୍ରିଲ ୧ରୁ ୧୫ ତାରିଖ ପର୍ଯ୍ୟନ୍ତ ଅନଲାଇନ୍‌ରେ ନିଜେ ନିଜ ଜନଗଣନା ତଥ୍ୟ ପୂରଣ କରିପାରିବେ। ପ୍ରତ୍ୟେକ ଘରର ମୁଖ୍ୟମାନେ ଠିକ୍ ତଥ୍ୟ ଦେବାକୁ ଜନଗଣନା ନିର୍ଦ୍ଦେଶକ ନିବେଦନ କରିଛନ୍ତି। ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକମାନେ ଗଣନାକାରୀ, ମାଧ୍ୟମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକମାନେ ସୁପର ଭାଇଜର ଏବଂ ତହସିଲଦାରମାନେ ଚାର୍ଜ ଅଫିସର ଭାବେ କାର୍ଯ୍ୟ କରିବେ। ପ୍ରତ୍ୟେକ ତହସିଲ, ବ୍ଲକ୍, ପୌର ପରିଷଦ, ବିଜ୍ଞାପିତ ଅଞ୍ଚଳ ପରିଷଦ ଆଦିରେ ତାଲିମ ପ୍ରଦାନ କରାଯିବ। ସେହିପରି ଜନଗଣନା ମ୍ୟାପ୍ ପ୍ରସ୍ତୁତ କରାଯାଇ ପ୍ରତ୍ୟେକ ଜନଗଣନାକାରୀଙ୍କୁ ଦିଆଯିବ। ବୈଠକରେ ସମସ୍ତ ତହସିଲଦାର, ବିଡିଓ, ପୌରପରିଷଦ ଓ ବିଜ୍ଞାପିତ ଅଞ୍ଚଳ ପରିଷଦର ନିର୍ବାହୀ ଅଧିକାରୀ, ଜିଲାସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।




ବୈଠକରେ ଓଡ଼ିଶା ଜନଗଣନା କାର୍ଯ୍ୟ ଓ ନାଗରିକ ପଞ୍ଜୀକରଣ ନିର୍ଦ୍ଦେଶକ ନିଖିଲ ପବନ କଲ୍ୟାଣ ଏବଂ ଅନ୍ୟ ଅଧିକାରୀ।

## ସଂକ୍ଷେପରେ

### ଭାରସାମ୍ୟ ହରାଇ ମାଡ଼ିଗଲା ହାଇୱା

**୪ ବାଇକ୍, ୨ ସାଇକେଲ ନଷ୍ଟ, ଭିନ୍ନକ୍ଷମ ଆହତ**

କଟକ,୪।୨(କାର୍ତ୍ତିକ ସାହୁ)

କଟକ ପାରାଦିପ ରାସ୍ତା ସିଆର୍‌ଆର୍‌ଆଇ ନିକଟରେ ମଙ୍ଗଳବାର ସନ୍ଧ୍ୟାରେ ଏକ ହାଇୱା ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଛିଡା ହୋଇଥିବା ୪ ବାଇକ୍ ଉପରେ ଚଢ଼ିଯାଇଛି। ଦୁର୍ଘଟଣାରେ ବାଇକ୍‌ଗୁଡ଼ିକ ନଷ୍ଟ ହୋଇଯାଇଛି। ଏଥିରେ ଜଣେ ଭିନ୍ନକ୍ଷମ ବ୍ୟକ୍ତି ଆହତ ହୋଇଛନ୍ତି। ତାଙ୍କୁ ଉଦ୍ଧାର କରାଯାଇ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଛି। ଏଥିସହ ରାସ୍ତା ପାର୍ଶ୍ୱରେ ଥିବା ଏକ ଦୋକାନ ଘର ଓ ଏକ ବିଦ୍ୟୁତ୍ ଖୁଣ୍ଟ କ୍ଷତିଗ୍ରସ୍ତ ହୋଇଛି। ସୂଚନାନୁସାରେ, ହାଇୱା ପାରାଦିପରୁ କଟକ ଅଭିମୁଖେ ଦ୍ରୁତଗତିରେ ଆସୁଥିଲା। ସିଆର୍‌ଆର୍‌ଆଇ ଥାନା ନିକଟରେ ହାଇୱା ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଛିଡ଼ା ହୋଇଥିବା ଗୋଟିଏ ପରେ ଗୋଟିଏ ୪ଟି ବାଇକ୍‌କୁ ଧକ୍କାଦେଇ ମାଡ଼ି ଯାଇଥିଲା। ଏହାପରେ ହାଇୱା ନିକଟସ୍ଥ ଏକ ଦୋକାନ ପାଚେରିରେ ପିଟି ହୋଇଯାଇଥିଲା। ଖବର ପାଇ ସିଆର୍‌ଆର୍‌ଆଇ ପୋଲିସ ହାଇୱା ପିଛା କରି ତାକୁ ଧରିଥିଲା। ବଣ ବିଦ୍ୟାଧରପୁରର ମୋହନ ପଲେଇଙ୍କ ଏତଲାକ୍ରମେ ହାଇୱା ଗାଡ଼ି ଜବତ କରାଯିବା ସହିତ ଚାଳକଙ୍କୁ ଗିରଫ କରାଯାଇଥିବା ଥାନା ଅଧିକାରୀ ପିଟି ଗଣେଶ ସାହୁ ସୂଚନା ଦେଇଛନ୍ତି।

### ମୂର୍ତ୍ତି ଭଙ୍ଗା ଘଟଣାରେ ୩ ଗିରଫ

କଟକ ସଦର,୪।୨(ସୁଶାନ୍ତ କୁମାର ଜେନା)

୪୨ ମୌଜା ଥାନା ଅନ୍ତର୍ଗତ ବ୍ରହ୍ମପୁର ସପ୍ତେଶ୍ୱର ମହାଦେବ ମନ୍ଦିର ଫାଟକ ସମ୍ମୁଖରେ ନିର୍ମାଣାଧୀନ ନର୍ତ୍ତକୀ ମୂର୍ତ୍ତି ଭାଙ୍ଗା ଘଟଣାରେ ପୋଲିସ ୩ଜଣଙ୍କୁ ବୁଧବାର ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଦିବାଟି ଅଞ୍ଚଳର ଜଗନ ସାହୁ(୨୩), ବିକାଶ ଭୋଇ (୨୭) ଓ ଦୀପକ ଭୋଇ(୨୧)। ସୋମବାର ରାତିରେ ନିର୍ମାଣାଧୀନ ମୂର୍ତ୍ତି ଅଭିଯୁକ୍ତମାନେ ଭାଙ୍ଗି ଦେଇଥିବା ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ୪୨ ମୌଜା ଥାନାରେ ପୋଲିସ ଏକ ମାମଲା (ନଂ.୩୭/୨୬) ରୁଜୁ କରିଛି।

### ଇସ୍ତଫା ଦେଲେ କଟକ ସଦର କଂଗ୍ରେସର ୪୦୦ରୁ ଉର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା

କଟକ,୪।୨(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ସଦର ନିର୍ବାଚନମଣ୍ଡଳୀର ପ୍ରାୟ ୪୦୦ରୁ ଅଧିକ ସକ୍ରିୟ କଂଗ୍ରେସ କାର୍ଯ୍ୟକର୍ତ୍ତା ଓ ବହୁ ଗୁରୁତ୍ୱପୂର୍ଣ୍ଣ ପଦାଧିକାରୀ ସୋମବାର ଦଳର ପ୍ରାଥମିକ ସଦସ୍ୟ ପଦରୁ ସାମୂହିକ ଇସ୍ତଫା ଦେଇଛନ୍ତି। କାର୍ଯ୍ୟକର୍ତ୍ତାମାନେ ପ୍ରଦେଶ କଂଗ୍ରେସ କମିଟି ସଭାପତିଙ୍କ ନିକଟକୁ ଇସ୍ତଫା ପତ୍ର ପଠାଇଛନ୍ତି। ଧାକୁଲେଇଠାରେ ଅନୁଷ୍ଠିତ ଗୁରୁତ୍ୱପୂର୍ଣ୍ଣ ବୈଠକରେ ସେମାନେ ସମୂହ ଇସ୍ତଫା ପ୍ରଦାନ କରିଥିଲେ। ବୈଠକରେ ବରିଷ୍ଠ ନେତା ମହମ୍ମଦ ମୋକିମ ଯୋଗଦେଇ କର୍ମୀମାନଙ୍କୁ ଉତ୍ସାହିତ କରିବା ସହ ନୂତନ ଆଶା ଓ ବିଚାରର ସମନ୍ୱୟରେ ଆଗାମୀ ଦିନରେ ଏକ ହୋଇ କାମ କରିବା ବୋଲି କହିଥିଲେ। ଏହି କର୍ମୀମାନେ ମୋକିମଙ୍କ ନୂତନ ସଙ୍ଗଠନରେ ଯୋଗଦେବା ପାଇଁ ସହମତି ଜଣାଇଛନ୍ତି। ପିସିସି ସଭାପତି ଭକ୍ତ ଚରଣ ଦାସ କର୍ମୀଙ୍କ ସହ କୌଣସି ଆଲୋଚନା କରୁନାହାନ୍ତି କିମ୍ବା ସେମାନଙ୍କ ସମସ୍ୟା ପ୍ରତି ଦୃଷ୍ଟି ଦେଉନାହାନ୍ତି, ଏହାକୁ ନେଇ କର୍ମୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇ ଆସୁଥିବା ଜଣାପଡ଼ିଛି।

# ଆଶ୍ରୟସ୍ଥଳୀରେ ୩ ଦିନ ପଡ଼ି ରହିଲେ ରୋଗୀ

**ଏସ୍‌ସିବି ମେଡିକାଲ**

- ଚିକିତ୍ସା ନ ପାଇ ରୋଗୀ ଗୁରୁତର
- ଅନ୍ୟ ରୋଗୀ ସମ୍ପର୍କୀୟଙ୍କ ସହାୟତାରେ କାଜୁଆଲ୍‌ଟିକୁ ସ୍ଥାନାନ୍ତର

କଟକ,୪।୨(ଶିଳ୍ପା ପ୍ରିୟଦର୍ଶିନୀ)




ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ (ଏସ୍‌ସିବି) ଆଶ୍ରୟସ୍ଥଳରେ ୩ ଦିନ ପଡିରହିଲେ ରୋଗୀ। ଗୁରୁତର ହେବାରୁ ରୋଗୀଙ୍କୁ ଅନ୍ୟ ରୋଗୀଙ୍କ ସମ୍ପର୍କୀୟଙ୍କ ସହାୟତାରେ କାଜୁଆଲ୍‌ଟିକୁ ସ୍ଥାନାନ୍ତର କରାଯାଇଛି। ସମ୍ପୃକ୍ତ ରୋଗୀଙ୍କ ସମ୍ପର୍କୀୟ ଏସ୍‌ସିବିରେ କେଉଁଠି କେଉଁ ବିଭାଗ ରହିଛି ତାହା ନ ଜାଣି ପାରି ରୋଗୀଙ୍କୁ ଆଶ୍ରୟସ୍ଥଳରେ ରଖିଥିବା ଜଣାପଡିଛି। ତେବେ ଏସ୍‌ସିବିରେ ଆଶ୍ରୟ ନେବାକୁ ଏଠାରେ ଆଶ୍ରୟସ୍ଥଳ ସମେତ ବିଭାଗଗୁଡିକ ସମ୍ମୁଖରେ ସୂଚନା ଫଳକ ଲାଗିଛି। ହେଲେ ଏଠାକୁ ଦୂରଦୂରାନ୍ତରରୁ ଆସୁଥିବା ରୋଗୀ ଏବଂ ତାଙ୍କ ସମ୍ପର୍କୀୟମାନେ ପ୍ରାୟତଃ ସେ ବିଷୟରେ ଜାଣି ନ ପାରି ଏଭଳି ସମସ୍ୟାରେ ପଡୁଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ, ଏସ୍‌ସିବିର ବିଭିନ୍ନ ସ୍ଥାନରେ ସୂଚନା ଫଳକ ଲଗାଯାଇଛି। ଏପରିକି ଏଠାରେ ରୋଗୀ ଓ ସମ୍ପର୍କୀୟଙ୍କ ସୁରକ୍ଷା ଓ ସହାୟତା ପାଇଁ ସୁରକ୍ଷାକର୍ମୀଙ୍କୁ ନିୟୋଜିତ କରାଯାଇଛି। ଏହାସହ ଅସହାୟ ରୋଗୀଙ୍କୁ ସହଯୋଗ କରିବା ପାଇଁ ଓଡ଼ିଶା ମାଇନିଂ କର୍ପୋରେଶନ (ଓଏମ୍‌ସି) ପକ୍ଷରୁ ସହାୟ କର୍ମଚାରୀଙ୍କୁ ମଧ୍ୟ ନିୟୋଜିତ କରାଯାଇଛି। ସେହିପରି ରୋଗୀ ଓ ସମ୍ପର୍କୀୟଙ୍କ ରହଣି ନିମନ୍ତେ ଆଶ୍ରୟସ୍ଥଳୀ ବ୍ୟବସ୍ଥା ମେଡିକାଲ କର୍ତ୍ତୃପକ୍ଷ କରିଛନ୍ତି। ହେଲେ ଆଜକୁ ୩ଦିନ ହେବ କନ୍ଧମାଳର ଜଣେ ରୋଗୀ ଓ ତାଙ୍କ ସମ୍ପର୍କୀୟ ମେଡିକାଲକୁ ଡାକ୍ତରଙ୍କୁ ଦେଖାଇବାକୁ ଆସିଥିବାବେଳେ କୌଣସି ସହାୟତା ନ ପାଇ ୩ ଦିନ ହେବ ଟ୍ରମା କାଜୁଆଲ୍‌ଟି ନିକଟ ଆଶ୍ରୟସ୍ଥଳରେ ଆଶ୍ରୟ ନେଇଥିଲେ। ମେଡିକାଲ ବିଷୟରେ କିଛି ନ ଜାଣି ପାରିବାରୁ ଡାକ୍ତରଙ୍କୁ ଦେଖାଇ ପାରି ନ ଥିଲେ। ଫଳରେ ବୁଧବାର ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ଅତ୍ୟନ୍ତ ଗୁରୁତର ହେବାରୁ ଆଶ୍ରୟସ୍ଥଳରେ ଥିବା ଅନ୍ୟ ରୋଗୀଙ୍କ ସମ୍ପର୍କୀୟ ହୋହଲ୍ଲା କରିଥିଲେ। ପରେ ସେଠାରେ ଥିବା ସୁରକ୍ଷାକର୍ମୀ ସମ୍ପୃକ୍ତ ରୋଗୀଙ୍କୁ ବ୍ୟାଟେରି ଗାଡି ଯୋଗେ କାଜୁଆଲ୍‌ଟିକୁ ପଠାଇଥିଲେ। ରୋଗୀଙ୍କ ସମ୍ପର୍କୀୟ କେତେଜଣ ସୁରକ୍ଷାକର୍ମୀଙ୍କୁ ଡାକ୍ତରଙ୍କୁ ଦେଖାଇବା ସମ୍ପର୍କରେ ପଚାରିଥିବାବେଳେ ତାଙ୍କୁ କୌଣସି ସହଯୋଗ ମିଳି ପାରି ନ ଥିବା ନେଇ ଆଶ୍ରୟସ୍ଥଳରେ ଥିବା ଅନ୍ୟ ରୋଗୀଙ୍କ ସମ୍ପର୍କୀୟ କହିଛନ୍ତି। ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଯେ, ଆଶ୍ରୟସ୍ଥଳରେ ଯେଉଁ ସୁରକ୍ଷାକର୍ମୀଙ୍କୁ ନିୟୋଜିତ କରାଯାଇଛି, ସେମାନଙ୍କ କାମ ହେଉଛି ରୋଗୀ ଓ ସମ୍ପର୍କୀୟଙ୍କ ସୁରକ୍ଷା ସମେତ ସେମାନଙ୍କୁ ସହଯୋଗ କରିବା। ହେଲେ ଏହି କାର୍ଯ୍ୟ ସେମାନେ ଠିକ୍ ଢଙ୍ଗରେ କରୁ ନ ଥିବା ଏହି ଘଟଣାରୁ ସ୍ପଷ୍ଟ ହୋଇଛି। ତେବେ ମେଡିକାଲ କର୍ତ୍ତୃପକ୍ଷ ଆଉ କେତେ ଘଟଣା ଘଟିଲେ ଚେତିବେ ବୋଲି ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି। ଅନ୍ୟପଟେ ଏ ସମ୍ପର୍କରେ ମେଡିକାଲ କର୍ତ୍ତୃକ୍ଷଙ୍କଠାରୁ ପ୍ରତିକ୍ରିୟା ମିଳିପାରିନାହିଁ।

# ମଧୁସୂଦନ ଦାସଙ୍କ ତିରୋଧାନ ଦିବସକୁ ଜାତୀୟ ତ୍ୟାଗ ଦିବସ ରୂପେ ପାଳନ ହେଉ



କଟକ,୪।୨(କାର୍ତ୍ତିକ ସାହୁ)

କୁଳବୃଦ୍ଧ ମଧୁସୂଦନ ଦାସଙ୍କ ତିରୋଧାନ ଦିବସକୁ ଜାତୀୟ ତ୍ୟାଗ ଦିବସ ରୂପେ ସରକାରୀସ୍ତରରେ ବ୍ୟାପକ ଭାବେ ପାଳନ କରାଯାଉ। ନିଖିଳ ଓଡ଼ିଶା ଆଇନଜୀବୀ ସଂଘ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୯୨ତମ ଶ୍ରାଦ୍ଧବାର୍ଷିକକୁ ଜାତୀୟ ତ୍ୟାଗ ଦିବସ ରୂପେ ବୁଧବାର ପାଳନ ଅବସରରେ ଏହି ମତ ପ୍ରକାଶ ପାଇଛି। ଉତ୍କଳ ଗୌରବଙ୍କ କଟକସ୍ଥିତ ସମାଧିପୀଠ ଗୋରାକବରଠାରେ ସଂଘର ସାଧାରଣ ସମ୍ପାଦକ ପ୍ରସନ୍ନ କୁମାର ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନ ସଭାପତି ମନୋଜ କୁମାର ମିଶ୍ର ଯୋଗଦେଇ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ତ୍ୟାଗପୂତ ଜୀବନ ସମସ୍ତଙ୍କ ପାଇଁ ଆଦର୍ଶ ବୋଲି କହିଥିଲେ। ପ୍ରତାପ କେଶରୀ ଦେଓ, ସୁଶାନ୍ତ କୁମାର ବରାଳ, ଅସିତ୍ କୁମାର ଜେନା, ସତ୍ୟ ଗୋପାଳ ପରିଜା, ଅଭିଜିତ ଦାସ, ଦିଲୀପ ରାୟ, ଜଗନ୍ନାଥ ମହାନ୍ତି, ସ୍ପନ୍ଦନ ମହାନ୍ତି, ଶୁକଦେବ ପ୍ରଧାନ, ହୃଦାନନ୍ଦ ମହାପାତ୍ର, ତାପସ ଦ୍ୱିବେଦୀ, ଗଣେଶ୍ୱର ବେହେରା, ସୁବାସ ଚନ୍ଦ୍ର ପ୍ରଧାନ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ସେହିପରି ଜିଲା ପ୍ରଶାସନ ପକ୍ଷରୁ ଗୋରାକବରସ୍ଥିତ ମଧୁବାବୁଙ୍କ ସମାଧିପୀଠରେ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ମାଲ୍ୟାର୍ପଣ କରିଛନ୍ତି। ଏଥିସହ ଜିଲାପାଳ ଗୋରାକବର, ମଧୁସୂଦନ ପାର୍କ ଓ କ୍ୟାଣ୍ଟନମେଣ୍ଟ ରୋଡଠାରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁଙ୍କ ସମେତ ବିଭାଗୀୟ ଅଧିକାରୀ ଓ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ରହି ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

### ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ

**ମଙ୍ଗୁଳି-ଜଗତପୁର,(ମାନସ ସାମଲ):** ଜଗତପୁର ଥାନା ଅଧୀନ ସତ୍ୟଭାମାପୁର ପଞ୍ଚାୟତସ୍ଥିତ ମଧୁବାବୁଙ୍କ ଅନ୍ତୁଡ଼ିଶାଳରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଉତ୍କଳଗୌରବ ମଧୁବାବୁଙ୍କ ଶ୍ରାଦ୍ଧଦିବସ ପାଳିତ ହୋଇଯାଇଛି। କଟକ ଜିଲା ଭାଜପା ସାଙ୍ଗଠନିକ ଉପସଭାପତି ହିମାଂଶୁ ମହାନ୍ତି ସେଠାରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମନୋଜ ବିଶ୍ୱାଳ, ସୁକାନ୍ତ ବେହେରା, ଅଜୟ ସ୍ୱାଇଁ, କାର୍ତ୍ତିକ ବେହେରା, ହରେକୃଷ୍ଣ ବେହେରା, ଶଶିକାନ୍ତ ମହାନ୍ତି, ରେଣୁବାଳା ରାଉତ, ଦେବବ୍ରତ ମଲ୍ଲ ପ୍ରମୁଖ ଉପସ୍ଥିତ ଥିଲେ।

**ଚୌଦ୍ୱାର,(ଆଶୁତୋଷ ଦାସ):** ଚୌଦ୍ୱାର ସାହିତ୍ୟ ସଂସଦ ଆନୁକୂଲ୍ୟରେ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଶ୍ରାଦ୍ଧଦିବସ କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ ଚୌଦ୍ୱାର ମହିଳା ମହାବିଦ୍ୟାଳୟ ସମ୍ମୁଖରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅର୍ପଣ କରିଥିଲେ। ସଂସଦ ସଭାପତି ବିଶ୍ୱ କଲ୍ୟାଣ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବୈଷ୍ଣବ ଚରଣ ପ୍ରଧାନ, ଶରତ କୁମାର ଖୁଣ୍ଟିଆ, ମାନସ ରଞ୍ଜନ ସାମଲ, ବାବାଜୀ ସେଠୀ ପ୍ରମୁଖ ଉତ୍କଳ ଗୌରବଙ୍କ ପ୍ରତି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। କୋଷାଧ୍ୟକ୍ଷ ଅକ୍ଷୟ କୁମାର ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସଙ୍ଗଠନ ସମ୍ପାଦକ ଚନ୍ଦ୍ର ପ୍ରକାଶ ପଟ୍ଟନାୟକ, ଭାସ୍କର ମହାପାତ୍ର, ଯୁଗ୍ମ ସମ୍ପାଦକ ସରିତା ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମ୍ପାଦକ ଦିବ୍ୟଜ୍ୟୋତି ପାଣି ଧନ୍ୟବାଦ ଅର୍ପଣ କରିଥିଲେ।

# ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଏନ୍‌ସିସି କ୍ୟାଡେଟ ସମ୍ବର୍ଦ୍ଧିତ




କଟକସ୍ଥିତ ଏନ୍‌ସିସି ଗ୍ରୁପ୍ ମୁଖ୍ୟାଳୟରେ ଏନ୍‌ସିସି କ୍ୟାଡେଟଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

କଟକ,୪।୨(କାର୍ତ୍ତିକ ସାହୁ)

ନୂଆଦିଲ୍ଲୀଠାରେ ଅନୁଷ୍ଠିତ ସାଧାରଣତନ୍ତ୍ର ଦିବସରେ ପ୍ରଶଂସନୀୟ ଏବଂ ଶୃଙ୍ଖଳିତ ଅଂଶଗ୍ରହଣ କରିଥିବା ୩୭ଜଣ ଏନ୍‌ସିସି କ୍ୟାଡେଟଙ୍କୁ କଟକସ୍ଥିତ ଏନ୍‌ସିସି ଗ୍ରୁପ୍ ମୁଖ୍ୟାଳୟରେ ସମ୍ବର୍ଦ୍ଧିତ କରାଯାଇଛି। ଉକ୍ତ ଶିବିରରେ ଏନ୍‌ସିସି କଟକ ଗ୍ରୁପ୍ ମୁଖ୍ୟାଳୟ ଅନ୍ତର୍ଗତ ଅନେକ ୟୁନିଟର କ୍ୟାଡେଟମାନେ ଦୁଇ ମାସ ଧରି ସାମିଲ ହୋଇଥିଲେ। ଏଥିରେ ଉତ୍ସବାତ୍ମକ ପରେଡ, ସାଂସ୍କୃତିକ କାର୍ଯ୍ୟକଳାପ, ଜାତୀୟ ସମନ୍ୱୟ କାର୍ଯ୍ୟକ୍ରମ, ଡ୍ରିଲ୍ ଏବଂ ବିଶିଷ୍ଟ ବ୍ୟକ୍ତିଙ୍କ ସହ ଆଲୋଚନା ଆଦି ଅନ୍ତର୍ଭୁକ୍ତ ଥିଲା। ସମାରୋହ ସମୟରେ ଗ୍ରୁପ କମାଣ୍ଡର କର୍ଣ୍ଣେଲ ସତ୍ୟବ୍ରତ ସ୍ୱାଇଁ କ୍ୟାଡେଟମାନଙ୍କୁ ସେମାନଙ୍କ ଉତ୍ସର୍ଗୀକୃତ, କର୍ତ୍ତବ୍ୟନିଷ୍ଠା ଏବଂ କାର୍ଯ୍ୟଦକ୍ଷତା ପାଇଁ ପ୍ରଶଂସା କରି କହିଥିଲେ ଯେ, ସାଧାରଣତନ୍ତ୍ର ଦିବସ ପାଇଁ ଚୟନ ଏକ ବଡ଼ ଗର୍ବର ବିଷୟ ଏବଂ ଏହା ଜଣେ କ୍ୟାଡେଟର ସର୍ବାଙ୍ଗ ଉତ୍କର୍ଷର ପ୍ରମାଣ। ଜାତୀୟସ୍ତରରେ ସେମାନଙ୍କର ସକ୍ରିୟ ଏବଂ ଶୃଙ୍ଖଳିତ ଅଂଶଗ୍ରହଣ ସେମାନଙ୍କ ୟୁନିଟ ଏବଂ ରାଜ୍ୟକୁ ଗୌରବାନ୍ୱିତ କରିଥିବାରୁ ସେ କ୍ୟାଡେଟମାନଙ୍କୁ ଅଭିନନ୍ଦନ ଜଣାଇଥିଲେ।

### ଖ୍ରୀଷ୍ଟ କଲେଜ ଉଦ୍ଭିଦ ବିଜ୍ଞାନ ବିଭାଗର ବାର୍ଷିକ ପାଠଚକ୍ର

କଟକ,୪।୨(ଶିଳ୍ପା ପ୍ରିୟଦର୍ଶିନୀ)

ଖ୍ରୀଷ୍ଟ କଲେଜ ଉଦ୍ଭିଦ ବିଜ୍ଞାନ ବିଭାଗର ବାର୍ଷିକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷା ମଧୁମିତା ପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନ ବିଭାଗର ମୁଖ୍ୟ ପ୍ରଫେସର ଡ. ନୀହାର ରଞ୍ଜନ ସିଂ ଯୋଗଦେଇଥିଲେ। ବିଭାଗ ମୁଖ୍ୟ ପ୍ରାଧ୍ୟାପକ ଶୋଭନ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ପାଠଚକ୍ରର ସମ୍ପାଦକ ସାହିଲ ଅହମ୍ମଦ ଖାନ୍ ବିଭାଗ ପକ୍ଷରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଅଧ୍ୟାପିକା ଡ. ବନ୍ଦିତା ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ। ଡ. ସଞ୍ଜିତ ବିଶ୍ୱାସ, ଡ. ଆନନ୍ଦିନୀ ରାଉତ, ଡ. ଭବଜିତ ପଟ୍ଟନାୟକ, ନିବେଦିତା ନାୟକ, ବିଶ୍ୱରୂପା ମହାନ୍ତି, ସୁମିତ୍ରା ଦାଶ, ଏଫ୍.ଏ. ଖାତୁନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ନିଆଳି ଗସ୍ତରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା



ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ସ୍ୱାଗତ କରାଯାଉଛି।

ବ୍ରାହ୍ମଣଝରିଲୋ,୪।୨

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ନିଆଳି ନିର୍ବାଚନମଣ୍ଡଳୀ ଗସ୍ତ କରିଛନ୍ତି। ଏହି ଅବସରରେ ନିଆଳି ବିଧାୟକ ଇଂ. ଛବି ମଲ୍ଲିକଙ୍କ ଆହ୍ୱାନକ୍ରମେ ବାରଙ୍ଗ ବ୍ଲକ କୁରାଙ୍ଗ ଶାସନସ୍ଥିତ ବଡ଼ଝରିଲୋ ଛକଠାରେ ଭାଜପା ପକ୍ଷରୁ ଉପମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି। ବିଧାୟକଙ୍କ ପ୍ରତିନିଧି ଧୀରେନ୍ଦ୍ର ବାରିକଙ୍କ ଅଧ୍ୟକ୍ଷତାରେ ଏକ ବିରାଟ ଶୋଭାଯାତ୍ରା ମାଧ୍ୟମରେ ପ୍ରଭାତୀଙ୍କୁ ଫୁଲମାଳ, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜଣାଯାଇଥିଲା। ଶୋଭାଯାତ୍ରାରେ ଶତାଧିକ କର୍ମୀ, ଯୁବକ ଓ ମହିଳାମାନେ ଭାଗ ନେଇଥିଲେ। କର୍ମୀମାନଙ୍କ ସହ ବିପୁଳ ସଂଖ୍ୟାରେ ମହିଳାମାନଙ୍କ ଅକୁଣ୍ଠ ଉପସ୍ଥିତି ଦେଖି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଥିଲେ, ଲୋକଙ୍କ ସ୍ନେହ, ସମର୍ଥନ ଓ ଆସ୍ଥା ତାଙ୍କୁ ଆଗାମୀ ଦିନରେ ଆହୁରି ନିଷ୍ଠାର ସହିତ କାମ କରିବାକୁ ପ୍ରେରଣା ଦେବ। ସ୍ୱାଗତ କାର୍ଯ୍ୟକ୍ରମରେ ଏମ୍‌ପିଙ୍କ ପ୍ରତିନିଧି ଦିଲ୍ଲୀପ କୁମାର ପାତ୍ର, ତୁଷାରକାନ୍ତ ଜେନା, ପ୍ରତାପ ଚନ୍ଦ୍ର ପଣ୍ଡା, ବିଜୟ ପ୍ରଧାନ, ଜୟନ୍ତ କୁମାର ଜେନା ଓ ଆଲୋକ ପାତ୍ରଙ୍କ ସହ ବହୁ ବରିଷ୍ଠ ନେତୃମଣ୍ଡଳୀ ଓ କର୍ମୀ ଉପସ୍ଥିତ ଥିଲେ।

# ଚିତ୍ତାକର୍ଷକ ଦୃଶ୍ୟକାବ୍ୟ ହେଉଛି ପାଲା

କଟକ,୪।୨(କାର୍ତ୍ତିକ ସାହୁ)



ଉତ୍କଳ ସାହିତ୍ୟ ସମାଜର ପାଲା ମହୋତ୍ସବ ଉଦ୍‌ଘାଟନୀରେ ପାଲାଗାୟକ ଶିବଶଙ୍କର ମହାରଣାଙ୍କୁ 'ସାବିତ୍ରୀ ପଟ୍ଟନାୟକ ସ୍ମୃତି ସମ୍ମାନ' ପ୍ରଦାନ କରାଯାଉଛି।

**ଉତ୍କଳ ସାହିତ୍ୟ ସମାଜର ପାଲା ମହୋତ୍ସବ ଉଦ୍‌ଘାଟିତ**

ବହୁ ପ୍ରାଚୀନ କାଳରୁ ପାଲା ମନୋରଞ୍ଜନ ସହିତ ଲୋକଶିକ୍ଷା ପ୍ରଦାନ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଆସୁଛି। ଉତ୍କଳୀୟ କଳା, ସାହିତ୍ୟ, ସଂସ୍କୃତି ଓ ପରମ୍ପରାର ଏକ ବଳିଷ୍ଠ ବାହକ ହେଉଛି ପାଲା। ସାରସ୍ୱତ, ସାଂସ୍କୃତିକ, ଧାର୍ମିକ ଓ ବିବିଧ କଳା ମିଶ୍ରଣର ଏହା ଏକ ଚିତ୍ତାକର୍ଷକ ଦୃଶ୍ୟକାବ୍ୟ ବୋଲି ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ବୁଧବାର ସନ୍ଧ୍ୟାରେ ଶ୍ରୀରାମଚନ୍ଦ୍ର ଭବନରେ ଆୟୋଜିତ ପାଲା ମହୋତ୍ସବର ଉଦ୍‌ଘାଟନୀ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ଅନୁଷ୍ଠାନର ଉପସଭାପତି ବ୍ରହ୍ମାନନ୍ଦ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପାଲା ମହୋତ୍ସବକୁ ଓଡ଼ିଶା ମାନବିକ ଅଧିକାର ଆୟୋଗ ସଦସ୍ୟ ଅସୀମ ଅମିତାଭ ଦାସ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ରୂପେ କଟକ ମହାନଗର ନାଗରିକ ମହାସଭା ସଭାପତି ଡା. ରବିରଞ୍ଜନ ସାହୁ ଯୋଗଦେଇ ପାଲାର ମହାନୀୟତା ବର୍ଣ୍ଣନା କରିଥିଲେ। ଗାୟକ ସୁରେନ୍ଦ୍ର ନାଥ ଛୋଟରାୟ ପାଲାର ଉପାଦେୟତା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ପାଲାଗାୟକ ଶିବଶଙ୍କର ମହାରଣାଙ୍କୁ 'ସାବିତ୍ରୀ ପଟ୍ଟନାୟକ ସ୍ମୃତି ସମ୍ମାନ' ଓ ତାଙ୍କ ସାଥୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ-ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଗାୟକ ମହାରଣା ଓ ସାଥୀମାନେ 'ଶ୍ରୀରାମଙ୍କ ମିଥିଳା ଗମନ' ବିଷୟରେ ପାଲା ପରିବେଷଣ କରିଥିଲେ। ମୃଦଙ୍ଗ ବାଦକ ଶିବଲାଭ ବେହେରାଙ୍କ ସମେତ ସଙ୍ଗୀତ ଶିଳ୍ପୀ ବଳଭଦ୍ର ବେହେରା, ଶରତ ଚନ୍ଦ୍ର ଦାଶ, କାଶୀନାଥ ବେହେରା ଓ ରବି ନାରାୟଣ ଜେନା ପାଲା ପରିବେଷଣକୁ ବେଶ ମାଧୁର୍ଯ୍ୟପୂର୍ଣ୍ଣ କରିଥିଲେ। ସାଧାରଣ ସମ୍ପାଦକ ରାଜୀବ କୁମାର ଷଡ଼ଙ୍ଗୀ କାର୍ଯ୍ୟକ୍ରମର ଆଭିମୁଖ୍ୟ ଅବତାରଣା କରିଥିଲେ। କାର୍ଯ୍ୟ ନିର୍ବାହିକା ସମିତି ସଭ୍ୟା ଡ. ବୈଜୟନ୍ତୀମାଳା ଶତପଥୀ ଅତିଥିମାନଙ୍କୁ ମଞ୍ଚ ଆମନ୍ତ୍ରଣ, ଗୀତାଞ୍ଜଳି ପୃଷ୍ଟି ମାନପତ୍ର ପାଠ ଓ ସଙ୍ଗଠନ ସମ୍ପାଦକ ଶଶିକାନ୍ତ ରାଉତ ଧନ୍ୟବାଦ ଦେଇଥିଲେ। ପାଠାଗାର ସମ୍ପାଦକ ବ୍ରହ୍ମାନନ୍ଦ ମହାନ୍ତି, କୋଷାଧ୍ୟକ୍ଷ ଦିଲ୍ଲୀପ କୁମାର ଦାସ ଓ କାର୍ଯ୍ୟନିର୍ବାହିକା ସମିତି ସଭ୍ୟା ମୀରା ବେଉରା ସହଯୋଗ କରିଥିଲେ।

## ଫଟୋରେ ଖବର




ଡ୍ରିମ୍‌ସ ନର୍ସିଂ ସ୍କୁଲରେ ୱାର୍ଲ୍ଡ କ୍ୟାନ୍‌ସର ଡେ' ପାଳନ ଅବସରରେ ବାହାରିଥିବା ଶୋଭାଯାତ୍ରା। (ଫଟୋ: ରାଜକିଶୋର ମହାନ୍ତି)



ଶୈଳବାଳା ମହିଳା ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବିକରି ବୁଧବାର ଗୋରାକବର ମଧୁସୂଦନ ସମାଧିପୀଠରେ ଧାରଣାରେ ବସିଥିବା ଛାତ୍ରୀଙ୍କ ସହ ଜିଲାପାଳ ଆଲୋଚନା କରୁଛନ୍ତି।


ମହାପ୍ରଭୁଙ୍କୁ ଦର୍ଶନ ସାରି ଫେରୁଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ।


ଲୋକଙ୍କୁ ଭେଟିବାକୁ ବଡଦାଣ୍ଡରେ ଚାଲିଚାଲି ଯାଉଛନ୍ତି ।


ସିଂହଦ୍ୱାର ନିକଟରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ରାଷ୍ଟ୍ରପତିଙ୍କୁ ସ୍ୱାଗତ କରୁଛନ୍ତି।

# ଶ୍ୱେତଗଙ୍ଗାରେ ପିଣ୍ଡଦାନ, ମହାପ୍ରଭୁଙ୍କୁ ଦର୍ଶନ କଲେ ରାଷ୍ଟ୍ରପତି

ପୁରୀ,୪।୨(ଅଜିତ୍ କୁମାର ମହାନ୍ତି)

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବୁଧବାର ସକାଳ ୭ଟାରେ ଶ୍ୱେତଗଙ୍ଗାରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ପିଣ୍ଡଦାନ କରିବା ସହ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ଲୋକଭବନରୁ ବାହାରି ରାଷ୍ଟ୍ରପତି ଭିଆଇପି ରୋଡ୍, ମେଡିକାଲ ଛକ, କାକୁଡ଼ିଖାଇ ଛକ ଦେଇ ଶ୍ୱେତଗଙ୍ଗା ଯାଇଥିଲେ। ସେଠାରେ ପୂଜାର୍ଚ୍ଚନା ଓ ପିଣ୍ଡଦାନ ପରେ ଏମାରମଠ ଚକଡ଼ା ଦେଇ ସିଂହଦ୍ୱାର ନିକଟରେ ପହଞ୍ଚିଥିଲେ। ସେଠାରେ ଗଜପତି ମହାରାଜା ଦିବ୍ୟସିଂହ ଦେବ, ରାଜ୍ୟପାଳ କେ. ହରିବାବୁ କମ୍ଭମ୍ପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ପୁରୀ ବିଧାୟକ ସୁନୀଲ ମହାନ୍ତି, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ କୁମାର ପାଢ଼ୀ, ପୋଲିସ ଆଇଜି ଅରୁଣ କୁମାର ସାହୁ, ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଏସ୍‌ପି ପ୍ରତୀକ ସିଂ, ରାଷ୍ଟ୍ରପତିଙ୍କ କୌଳିକ ପଣ୍ଡା ରାଜକିଶୋର ମହାପାତ୍ର ଏବଂ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିବା ସହ ଶ୍ରୀମନ୍ଦିରକୁ ପାଛୋଟି ନେଇଥିଲେ।

କଡ଼ା ସୁରକ୍ଷା ବଳୟ ମଧ୍ୟରେ ଅରୁଣସ୍ତମ୍ଭ ଛୁଇଁ ମୁଣ୍ଡିଆମାରି ବାଇଶପାହାଚ ଦେଇ ଶ୍ରୀମନ୍ଦିରକୁ ଯାଇଥିଲେ। ଗର୍ଭଗୃହଠାରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିବା ସହ ଆଶିଷଲାଭ କରିଥିଲେ। ମହାପ୍ରଭୁଙ୍କ ଦର୍ଶନ ପରେ ମା' ବିମଳା, ମା' ମହାଲକ୍ଷ୍ମୀଙ୍କ ସହ ପାର୍ଶ୍ୱଦେବଦେବୀଙ୍କ ଦର୍ଶନକରି ଶ୍ରୀମନ୍ଦିରରୁ ଫେରିଥିଲେ। ଫେରିବା ସମୟରେ ବାଇଶପାହାଚରେ କିଛି ସମୟ ବସି ମହାପ୍ରଭୁଙ୍କୁ ସ୍ମରଣ କରିଥିଲେ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ରାଷ୍ଟ୍ରପତିଙ୍କୁ ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ଖଣ୍ଡୁଆ ଓ ମହାପ୍ରଭୁଙ୍କ ଏକ ପଟ୍ଟଚିତ୍ର ପ୍ରଦାନ କରାଯାଇଥିଲା। ଦର୍ଶନ ପରେ ରାଷ୍ଟ୍ରପତି ବଡ଼ଦାଣ୍ଡରେ କିଛି ବାଟ ଚାଲି ଚାଲି ଯାଇ ଲୋକଙ୍କ ଅଭିବାଦନ ଗ୍ରହଣ କରିଥିଲେ। ସେଠାରୁ ଲୋକଭବନ ଯାଇ କିଛି ସମୟ ରହି ତାଳବଣିଆ ହେଲିପ୍ୟାଡ୍‌ରୁ ହେଲିକପ୍ଟର ଯୋଗେ ମୟୂରଭଞ୍ଜର ରାଇରଙ୍ଗପୁର ଅଭିମୁଖେ ଯାତ୍ରା କରିଥିଲେ। ଶ୍ରୀମନ୍ଦିରରୁ ରାଷ୍ଟ୍ରପତି ଫେରିବା ପରେ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା। ରାଷ୍ଟ୍ରପତିଙ୍କ ଗସ୍ତ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ପୁରୀ ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

## ବାଇଶପାହାଚରେ ବସିଲେ ରାଷ୍ଟ୍ରପତି

ରାଷ୍ଟ୍ରପତି ବୁଧବାର ଶ୍ୱେତଗଙ୍ଗାରେ ପିଣ୍ଡଦାନ କରିବା ସହ ଶ୍ରୀମନ୍ଦିର ଆସି ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ଏଥିପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ପୂର୍ବ ନିର୍ଦ୍ଧାରିତ ଅନୁଯାୟୀ, ୩୦ ମିନିଟ୍ ବିଳମ୍ବ ଅର୍ଥାତ୍ ଭୋର୍ ୪ଟା ୩୦ରେ ଶ୍ରୀମନ୍ଦିର ଦ୍ୱାର ଖୋଲାଯାଇ ନୀତି ଆରମ୍ଭ କରାଯାଇଥିଲା। ରାଷ୍ଟ୍ରପତିଙ୍କ ଦର୍ଶନର ୨ ଘଣ୍ଟା ପୂର୍ବରୁ ଶ୍ରୀମନ୍ଦିର ଶୋଧ କରାଯିବା ସହ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିଲା। କେବଳ ପାଳିଆ ସେବାୟତମାନେ ଶ୍ରୀମନ୍ଦିର ଭିତରେ ରହିଥିଲେ। ରାଷ୍ଟ୍ରପତି ରତ୍ନସିଂହାସନାରୂଢ଼ ଶ୍ରୀବିଗ୍ରହଙ୍କୁ ଦର୍ଶନକରି ବେଶ୍ ଭାବବିହ୍ୱଳ ହୋଇଥିଲେ। ଶ୍ରୀମନ୍ଦିର ପରିସରରେ କିଛି ସମୟ ଅତିବାହିତ କରି ପ୍ରସ୍ଥାନ କରିବା ସମୟରେ ବାଇଶପାହାଚଠାରେ ବସି ମହାପ୍ରଭୁଙ୍କୁ ପ୍ରାର୍ଥନା କରିଥିଲେ। ତାଙ୍କ ସହ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଏବଂ ଉପମୁଖ୍ୟମନ୍ତ୍ରୀ ମଧ ବାଇଶପାହାଚରେ ବସି ମହାପ୍ରଭୁଙ୍କୁ ସ୍ମରଣ କରିଥିଲେ।



## ସୁନାବେଶ ପଟ୍ଟଚିତ୍ର ଉପହାର ନେଲେ

ରାଷ୍ଟ୍ରପତିଙ୍କୁ ଶ୍ରୀମନ୍ଦିର ପ୍ରଶାସନ ବିଦାୟ ଭେଟିସ୍ୱରୂପ ସୁନାବେଶର ପଟ୍ଟଚିତ୍ର ପ୍ରଦାନ କରାଯାଇଥିଲା। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଏହି ପଟ୍ଟଚିତ୍ର ପ୍ରଦାନ କରିଥିଲେ। ଏହି ସମୟରେ ମୁଖ୍ୟମନ୍ତ୍ରୀ ମଧ ଉପସ୍ଥିତ ଥିଲେ। ପୁରୀ ପଟ୍ଟଚିତ୍ର ସେଣ୍ଟରର ସୁନାମଧନ୍ୟ ପଟ୍ଟଚିତ୍ର ଗୁରୁ ପଙ୍କଜ ବେହେରା ଏହାକୁ ପ୍ରସ୍ତୁତ କରିଥିଲେ। ଏହି ପଟ୍ଟଚିତ୍ର ତିଆରି ସମ୍ପର୍କରେ ଗୁରୁ ପଙ୍କଜ କହିଛନ୍ତି, ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସି ୫ ଜଣ ରାଷ୍ଟ୍ରପତି ତାଙ୍କ ଦ୍ୱାରା ନିର୍ମିତ ପଟ୍ଟଚିତ୍ର ଗ୍ରହଣ କରିଛନ୍ତି। ରାଷ୍ଟ୍ରପତି ହେବା ପରେ ପ୍ରଥମକରି ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିଥିବା ବେଳେ ଦ୍ରୌପଦୀ ମୁର୍ମୁଙ୍କୁ ଶ୍ରୀମନ୍ଦିର ପ୍ରଶାସନ ଭେଟି ଦେଇଥିବା ବଡ଼ସିଂହାର ବେଶର ପଟ୍ଟଚିତ୍ର ମଧ ସେ ପ୍ରସ୍ତୁତ କରିଥିଲେ। ସୌଭାଗ୍ୟବଶତଃ ଚତୁର୍ଥ ପୁରୀ ଗସ୍ତରେ ବି ତାଙ୍କ ଦ୍ୱାରା ତିଆରି ମହାପ୍ରଭୁଙ୍କ ସୁନାବେଶର ପଟ୍ଟଚିତ୍ର ଆଜି ସିଂହଦ୍ୱାରରେ ଗ୍ରହଣ କରିଛନ୍ତି ଭାରତର ପ୍ରଥମ ନାଗରିକ।

## ରାଷ୍ଟ୍ରପତିଙ୍କ ନାମରେ ଲାଗିଲା ବାନା

ମହାପ୍ରଭୁଙ୍କୁ ଦର୍ଶନ ପାଇଁ ଆସିଥିବା ରାଷ୍ଟ୍ରପତିଙ୍କ ନାମରେ ନୀଳଚକ୍ରରେ ବାନା ବନ୍ଧା ଯାଇଛି। ଏହାକୁ ନେଇ ରାଷ୍ଟ୍ରପତି ଖୁସି ପ୍ରକଟ କରିଥିଲେ। ରସିଦ୍ ଦେଖିବା ସହ ବାନା ବନ୍ଧା ବାବଦକୁ ୫୦୦ ଟଙ୍କା ଦକ୍ଷିଣା ପ୍ରଦାନ କରିଥିବା ସୂଚନା ମିଳିଛି। ରାଷ୍ଟ୍ରପତିଙ୍କ ନାମରେ ବାନାକୁ ଚୂନରା ସେବାୟତମାନେ ବୁଧବାର ଅପରାହ୍ନରେ ନୀଳଚକ୍ର ଉପରେ ଲଗାଇଛନ୍ତି।

## ବଡ଼ଦାଣ୍ଡରେ ଲୋକଙ୍କୁ ଅଭିବାଦନ ଜଣାଇଲେ

ମହାପ୍ରଭୁଙ୍କ ଦର୍ଶନ ସାରି ଫେରିବା ପରେ ରାଷ୍ଟ୍ରପତି ଗାଡ଼ିରେ ନ ବସି ଶ୍ରୀମନ୍ଦିରଠାରୁ ଶ୍ରୀକୃଷ୍ଣ ସିନେମା ହଲ୍ ଛକ ପର୍ଯ୍ୟନ୍ତ ଚାଲିଚାଲି ଯାଇଥିଲେ। ଏହାଦେଖି ବଡ଼ଦାଣ୍ଡର ଉଭୟ ପାର୍ଶ୍ୱରେ ଠିଆହୋଇ ରହିଥିବା ଜନସାଧାରଣ ବେଶ୍ ଖୁସିବ୍ୟକ୍ତ କରିବା ସହ ହାତ ହଲାଇ ଅଭିନନ୍ଦନ ଜଣାଇଥିଲେ। ରାଷ୍ଟ୍ରପତି ମଧ ଲୋକମାନଙ୍କୁ ଅଭିବାଦନ ଜଣାଇଥିଲେ।

## ଶ୍ରୀମନ୍ଦିରକୁ କ୍ୟାମେରା ନେଇ ପଶିଲେ

ରାଷ୍ଟ୍ରପତିଙ୍କ ଶ୍ରୀମନ୍ଦିର ଗସ୍ତ ସମୟରେ ସୁରକ୍ଷା ବ୍ୟବସ୍ଥାରେ ଢିଲା ଦେଖିବାକୁ ମିଳିଛି। ଏହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ମହାପ୍ରଭୁଙ୍କ ଦର୍ଶନ ପାଇଁ ରାଷ୍ଟ୍ରପତି ଶ୍ରୀମନ୍ଦିର ପ୍ରବେଶ କରିବା ବେଳେ ତାଙ୍କ ସହ ଥିବା କ୍ୟାମେରାମ୍ୟାନ୍ ମଧ ତାଙ୍କ ସାଥିରେ ଯାଇଥିଲେ। କିଛି ସମୟ ପରେ ଶ୍ରୀମନ୍ଦିର ଭିତରୁ କ୍ୟାମେରା ଧରି ବାହାରକୁ ଆସୁଥିବା ନଜର ପଡ଼ିଥିଲା। ଏତେ ସୁରକ୍ଷା ବ୍ୟବସ୍ଥା ସତ୍ତ୍ୱେ ଶ୍ରୀମନ୍ଦିର ଭିତରକୁ କିପରି କ୍ୟାମେରା ଗଲା, ତାହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

## ଶ୍ରୀମନ୍ଦିର ଗସ୍ତ ନେଇ କୌଳିକ ପଣ୍ଡାଙ୍କ ସୂଚନା

କୌଳିକ ପଣ୍ଡା ରାଜକିଶୋର ପଣ୍ଡାଙ୍କ କହିବା ଅନୁଯାୟୀ, ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିବା ପାଇଁ ଶ୍ରୀମନ୍ଦିର ନିକଟରେ ଉପସ୍ଥିତ ଥିଲେ। ମହାମହିମ ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ପହଞ୍ଚିବା ପରେ ତାଙ୍କୁ ସ୍ୱାଗତ କରାଯାଇଥିଲା। ପରେ ରାଷ୍ଟ୍ରପତି ଅରୁଣସ୍ତମ୍ଭ ନିକଟରେ ପହଞ୍ଚି ମୁଣ୍ଡିଆ ମାରି ବାଇଶପାହାଚ, ସାତପାହାଚ ଦେଇ ଗର୍ଭଗୃହ ମଧ୍ୟକୁ ଯାଇ ଶ୍ରୀଜୀଉଙ୍କୁ ଦର୍ଶନ କରିଥିଲେ। ପ୍ରାୟ ୧୦ରୁ ୧୫ ମିନିଟ୍ ଧରି ମହାପ୍ରଭୁଙ୍କୁ ଦର୍ଶନ କରି ଦୀପଦାନ କରିଥିଲେ। ରତ୍ନସିଂହାସନ ଚାରିପାଖ ପରିକ୍ରମା କରି ବେହରଣ ଦ୍ୱାର ଦେଇ ମୁକ୍ତିମଣ୍ଡପ ନିକଟକୁ ଯାଇ ଆଶୀର୍ବାଦ ନେଇଥିଲେ। ସେଠାରେ ମା' ବିମଳା ମନ୍ଦିରକୁ ଯାଇ ମା'ଙ୍କ ଦର୍ଶନ କରି ମହାଲକ୍ଷ୍ମୀଙ୍କ ମନ୍ଦିରକୁ ଯାଇଥିଲେ। ସେଠାରେ ରାଷ୍ଟ୍ରପତିଙ୍କ ନାମରେ ଲାଗିବାକୁ ଥିବା ବାନା ଦେଖି ବେଶ୍ ଖୁସି ପ୍ରକଟ କରିଥିଲେ। ଏହି ଅବସରରେ କୌଳିକ ପଣ୍ଡାଙ୍କ ଖାତାରେ ସେ ପୂର୍ବରୁ କରିଥିବା ଦସ୍ତଖତ ଦେଖିଥିଲେ। ଚଳିତଥର ଖାତାରେ ଦସ୍ତଖତ କରି ନ ଥିଲେ। ପ୍ରୋଟୋକଲ୍ ଦୃଷ୍ଟିରୁ ସୁରକ୍ଷା କର୍ମୀ ମନା କରିଥିଲେ, ଯାହା ପାଇଁ ମନଦୁଃଖ ହୋଇଥିଲା। ପରେ ବାଇଶପାହାଚ ଦେଇ ଶ୍ରୀମନ୍ଦିରରୁ ପ୍ରସ୍ଥାନ କରିଥିଲେ।

## ସମସ୍ତଙ୍କୁ ଧନ୍ୟବାଦ ଜଣାଇଲେ ମୁଖ୍ୟ ପ୍ରଶାସକ

ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ କହିଛନ୍ତି, ରାଷ୍ଟ୍ରପତି ଶ୍ରୀମନ୍ଦିରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିଛନ୍ତି। ସମସ୍ତ ନିଯୋଗର ସେବାୟତଙ୍କ ସହଯୋଗରେ ନୀତିକାନ୍ତି ସମୟୋଚିତ ଭାବେ ସମାପନ ହୋଇଥିଲା ଏବଂ ରାଷ୍ଟ୍ରପତିଙ୍କ ଦର୍ଶନ ଅତ୍ୟନ୍ତ ସୁସଂଗଠିତ ଭାବେ ସମ୍ପନ୍ନ ହୋଇଛି। ସମସ୍ତ ସେବାୟତଙ୍କ ଉତ୍ତମ ସହଯୋଗ ଓ ସମନ୍ୱୟ ପାଇଁ କୃତଜ୍ଞତା ଜ୍ଞାପନ କରିଛନ୍ତି ବୋଲି ସେ କହିଛନ୍ତି।


ସୁରକ୍ଷା ବଳୟ ମଧ୍ୟରେ ଅରୁଣସ୍ତମ୍ଭ ଛୁଇଁ ମୁଣ୍ଡିଆ ମାରୁଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ।



ପିଣ୍ଡଦାନ ଓ ମହାପ୍ରଭୁଙ୍କୁ ଦର୍ଶନ ପରେ ବାୟୁସେନାର ସ୍ୱତନ୍ତ୍ର ହେଲିକପ୍ଟରରେ ମୟୂରଭଞ୍ଜର ରାଇରଙ୍ଗପୁର ଅଭିମୁଖେ ଯାତ୍ରା କରୁଛନ୍ତି ରାଷ୍ଟ୍ରପତି।

# ୬ରୁ ଅନ୍ତର୍ଜାତୀୟ ଜ୍ୟୋତିଷ ସମ୍ମିଳନୀ

ପୁରୀ,୪।୨(ଅଜିତ୍ କୁମାର ମହାନ୍ତି)

ଧ୍ରୁବଜ୍ୟୋତି ଗବେଷଣା ପ୍ରତିଷ୍ଠାନ ଓ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀସଦାଶିବ ପରିସରର ଜ୍ୟୋତିଷ ବିଭାଗର ସଂଯୁକ୍ତ ତତ୍ତ୍ୱାବଧାନରେ ୨ଦିନିଆ ଅନ୍ତର୍ଜାତୀୟ ଜ୍ୟୋତିଷ ସମ୍ମିଳନୀ ଅନୁଷ୍ଠିତ ହେବାକୁଯାଉଛି। ଏହି ପରିପ୍ରେକ୍ଷୀରେ ବୁଧବାର ଅପରାହ୍ନରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଦାଶିବ ପରିସରର ନିର୍ଦ୍ଦେଶକ ପ୍ରଭାତ କୁମାର ମହାପାତ୍ର, ଧ୍ରୁବଜ୍ୟୋତି ଗବେଷଣା ପ୍ରତିଷ୍ଠାନ, ପୁରୀର ପ୍ରତିଷ୍ଠାତା ଡ. ସସ୍ମିତା ମିଶ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନକରି କହିଛନ୍ତି, ଫାଲ୍‌ଗୁନ କୃଷ୍ଣପକ୍ଷ ପଞ୍ଚମୀ ୬ ତାରିଖ ଓ ଷଷ୍ଠୀ ୭ ତାରିଖ ଦ୍ୱିଦିବସୀୟ ଅନ୍ତର୍ଜାତୀୟ ଜ୍ୟୋତିଷ ସମ୍ମିଳନୀ ଅନୁଷ୍ଠିତ ହେବ। ଉକ୍ତ ସମ୍ମିଳନୀରେ ଭାରତୀୟ ଜ୍ଞାନ ପରମ୍ପରାରେ ରୋଗବିଚାର ବିଷୟରେ ଆଲୋଚନାଚକ୍ର ଆୟୋଜନ କରାଯାଇଛି। ଉକ୍ତ ଆଲୋଚନାଚକ୍ରରେ ଅଂଶଗ୍ରହଣ କରିବା ପାଇଁ ଆମେରିକା, ଜର୍ମାନ, ବାଂଲାଦେଶ ଓ ଶ୍ରୀଲଙ୍କା ସହିତ ଭାରତବର୍ଷର ବିଭିନ୍ନ ରାଜ୍ୟର ଜ୍ୟୋର୍ତିର୍ବିଦ୍‌ମାନେ ନାମ ପଞ୍ଜୀକରଣ କରିଛନ୍ତି। ଦୁଇଦିନ ଧରି ଜ୍ୟୋର୍ତିର୍ବିଦ୍‌ମାନେ ଆଲୋଚନା କରିବେ। ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ଜ୍ୟୋତିଷବିଦ୍ ଯୋଗଦେବାର କାର୍ଯ୍ୟକ୍ରମ ଥିବା ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଶ୍ରୀସଦାଶିବ ପରିସରର ଜ୍ୟୋତିଷ ବିଭାଗର ଅଧ୍ୟକ୍ଷାଙ୍କ ସମେତ ଅଧ୍ୟାପକ, ଅଧ୍ୟାପିକା ଏବଂ ଧ୍ରୁବଜ୍ୟୋତି ଗବେଷଣା ପ୍ରତିଷ୍ଠାନର ଉପଦେଷ୍ଟା ସଭାପତିଙ୍କ ସହ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# ଓଡ଼ିଶା ଯୋଗାଣ ନିଗମ ଜିଏମ୍‌ଙ୍କ ମଣ୍ଡି ପରିଦର୍ଶନ

ପୁରୀ,୪।୨(ଅଜିତ୍ କୁମାର ମହାନ୍ତି): ଓଡ଼ିଶା ଯୋଗାଣ ନିଗମର ଜିଏମ୍ ୟୁ.କେ. ମିଶ୍ର ମଙ୍ଗଳବାର ପୁରୀ ଜିଲାର ବିଭିନ୍ନ ପାକ୍ସ ବା ଧାନମଣ୍ଡି ପରିଦର୍ଶନ କରିଛନ୍ତି। ସେ ସତ୍ୟବାଦୀ ବ୍ଲକର ମୂଳଅଳସା ସୋସାଇଟି ଓ ଶ୍ରୀରାମଚନ୍ଦ୍ରପୁର ମଣ୍ଡି ଏବଂ ସଦର ବ୍ଲକର ବାଲିପୁଟ ସୋସାଇଟିକୁ ପରିଦର୍ଶନ କରିବା ସହ ଚାଷୀଙ୍କ ସହ ଆଲୋଚନା କରିଥିଲେ। ଏହି ପରିଦର୍ଶନ ସମୟରେ ପ୍ରୋକ୍ୟୁର୍‌ମେଣ୍ଟ ଜିଏମ୍ ଏଲୋରା ସାମଲ, ମୁଖ୍ୟ ଯୋଗାଣ ଅଧିକାରୀ ସଞ୍ଜୀବ ସାହୁ, ଡିଆର୍‌ସିଏସ୍ ସରୋଜିନୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ବର୍ତ୍ତମାନ ସୁଦ୍ଧା ୮ ହଜାର ଚାଷୀଙ୍କଠାରୁ ୩,୧୪,୪୧୮ କୁଇଣ୍ଟାଲ ଧାନ ସଂଗ୍ରହ ହୋଇଥିବା ବେଳେ ୫୬,୦୫,୮୫,୦୨୦ ଟଙ୍କା ଆକାଉଣ୍ଟ ମାଧ୍ୟମରେ ପ୍ରଦାନ କରାଯାଇଛି ବୋଲି ମୁଖ୍ୟ ଯୋଗାଣ ଅଧିକାରୀ ସୂଚନା ଦେଇଛନ୍ତି।

# ଶ୍ରୀଜୀଉଙ୍କୁ ଦର୍ଶନକଲେ ଗଜପତି, ରାଜପରିବାର

ପୁରୀ, ୪।୨
(ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁଙ୍କ ଆଦ୍ୟସେବକ ଗଜପତି ମହାରାଜା ଦିବ୍ୟସିଂହ ଦେବ ମହାରାଣୀ ଏବଂ ପରିବାର ସହ ଶ୍ରୀମନ୍ଦିର ଯାଇ ରତ୍ନବେଦିରେ ଚତୁର୍ଦ୍ଧା ବିଗ୍ରହଙ୍କ ଦର୍ଶନ କରିଛନ୍ତି। ଗଜପତି ମହାରାଜା ଓ ତାଙ୍କ ପରିବାରବର୍ଗ ପରମ୍ପରା ଅନୁଯାୟୀ, ଦକ୍ଷିଣ ଦ୍ୱାର ଦେଇ ଶ୍ରୀମନ୍ଦିରରେ ପ୍ରବେଶକରି ମହାପ୍ରଭୁଙ୍କ ଦର୍ଶନ କରିବା ପରେ ପୁନର୍ବାର ଉକ୍ତ ଦ୍ୱାର ଦେଇ ପ୍ରସ୍ଥାନ କରିଥିଲେ। ଗଜପତି ଶ୍ରୀମନ୍ଦିର ଦକ୍ଷିଣଦ୍ୱାର ନିକଟରେ ପହଞ୍ଚିବା ପରେ ସେବାୟତମାନେ ଗଜପତି ଏବଂ ତାଙ୍କ ପରିବାରବର୍ଗଙ୍କୁ ପାଛୋଟି ନେଇଥିଲେ। ପୋଲିସର ସୁରକ୍ଷା ବଳୟ ମଧ୍ୟରେ ଗଜପତି, ମହାରାଣୀ ଏବଂ ରାଜପରିବାର ଶ୍ରୀମନ୍ଦିର ପରିସରକୁ ଯାଇଥିଲେ। ମହାରାଜା ରତ୍ନସିଂହାସନ ନିକଟକୁ ଯାଇ ବଡ଼ଠାକୁର ବଳଭଦ୍ର, ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ମା' ସୁଭଦ୍ରାଙ୍କୁ ଦର୍ଶନକରି ପ୍ରଣାମ କରିଥିଲେ। ଗଜପତି ମହାରାଜାଙ୍କ ସପରିବାର ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ପରେ ମା' ବିମଳା, ମା' ମହାଲକ୍ଷ୍ମୀ, ବଟଗଣେଶଙ୍କ ସହ ପାର୍ଶ୍ୱଦେବଦେବୀଙ୍କ ଦର୍ଶନ କରିଥିଲେ। ଗଜପତି ମହାରାଜା ପ୍ରାୟ ୧ ଘଣ୍ଟାରୁ ଅଧିକ ସମୟ ମନ୍ଦିରରେ ବିତାଇ ମହାପ୍ରଭୁଙ୍କ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ। ପରେ ଦକ୍ଷିଣ ଦ୍ୱାର ଦେଇ ବାହାରକୁ ବାହାରିଥିଲେ। ଦର୍ଶନ ସମୟରେ ମହାରାଜାଙ୍କ ସହ ରାଜଗୁରୁ, ସେବାୟତ ପ୍ରମୁଖ ଉପସ୍ଥିତ ଥିଲେ।



# ଜଙ୍ଗଲ ନିଆଁ ରୋକିବାକୁ ୨୦,୪୬୧ କି.ମି. ଫାୟାର ଲାଇନ ସୃଷ୍ଟି

## ଜାନୁଆରୀରେ ୩୪୧ ବନାଗ୍ନି ସ୍ଥଳ ଚିହ୍ନଟ

- ବିଭିନ୍ନ ରେଞ୍ଜ, ବିଟ୍ ସ୍ତରରେ ୩୩୪ ସ୍ୱତନ୍ତ୍ର ସୁରକ୍ଷା ଦଳ ମୁତୟନ
- ଜଙ୍ଗଲରେ ନିଆଁ ଲଗାଉଥିବା ବ୍ୟକ୍ତିଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ



ଖବରଦାତା ସମ୍ମିଳନୀରେ ପିସିସିଏଫ୍ କେ.ମୁରୁଗେଶନ୍ ଓ କଞ୍ଜରଭେଟର ଅଫ୍ ଫରେଷ୍ଟ କାର୍ତ୍ତିକ୍ ଭି. ସୂଚନା ଦେଉଛନ୍ତି।

ଭୁବନେଶ୍ୱର, ୪।୨ (ବନ୍ଦନା ସେଠୀ)

ଓଡ଼ିଶାରେ ଜାନୁଆରୀରୁ ଜୁନ୍ ପର୍ଯ୍ୟନ୍ତ ସମୟକୁ ସାଧାରଣତଃ ବନାଗ୍ନି ଋତୁ ବା ଜଙ୍ଗଲ ନିଆଁ ଋତୁ ବୋଲି କୁହାଯାଇଥାଏ। ସେହିପରି ମାର୍ଚ୍ଚ-ଏପ୍ରିଲରେ ସବୁଠାରୁ ଅଧିକ ନିଆଁ ଲାଗିଥାଏ। ତେଣୁ ଆସନ୍ତା ବନାଗ୍ନି ଋତରେ ଜଙ୍ଗଲ ନିଆଁକୁ ସଫଳତାର ସହ ମୁକାବିଲା ପାଇଁ ବନ ବିଭାଗ ପକ୍ଷରୁ ବୈଷୟିକ କୌଶଳ ସହ ବ୍ୟାପକ ପ୍ରସ୍ତୁତି କରାଯାଇଛି। ୨୦୨୫ରେ ରାଜ୍ୟରେ ପ୍ରାୟ ୨୯,୭୦୯ଟି ବନାଗ୍ନି ସ୍ଥଳ ଚିହ୍ନଟ ହୋଇଥିଲା। କେବଳ ଜାନୁଆରୀରେ ୬୭୦ଟି ଜଙ୍ଗଲରେ ନିଆଁ ଲାଗିଥିଲା। ତେବେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଯୋଗୁ ପ୍ରାୟ ୯୯.୭ ପ୍ରତିଶତ ଘଟଣାକୁ ନିୟନ୍ତ୍ରଣ କରାଯାଇ କ୍ଷତିର ପରିମାଣକୁ ସର୍ବନିମ୍ନ କରାଯାଇଥିଲା। ୨୦୨୬ ଜାନୁଆରୀରେ ୩୪୧ଟି ବନାଗ୍ନି ସ୍ଥଳ ଚିହ୍ନଟ ହୋଇଛି। ପୂର୍ବବର୍ଷର ସଫଳତାକୁ ଆଧାର କରି ଚଳିତବର୍ଷ ରାଜ୍ୟର ସମସ୍ତ ଜିଲା ପାଇଁ ସ୍ୱତନ୍ତ୍ର କାର୍ଯ୍ୟ ଯୋଜନା ପ୍ରସ୍ତୁତ କରାଯାଇଛି। ବିଶେଷକରି ଜଙ୍ଗଲ ମଧ୍ୟରେ ନିଆଁ ବ୍ୟାପିବାକୁ ରୋକିବା ପାଇଁ ପ୍ରାୟ ୨୦,୪୬୧ କି.ମି. ଦୈର୍ଘ୍ୟ ଅଗ୍ନିରୋଧକ ରେଖା (ଫାୟାର ଲାଇନ୍) ସୃଷ୍ଟି କରାଯାଇଛି। ପ୍ରାରମ୍ଭିକ ସ୍ତରରେ ନିଆଁ ଲାଗିଥିବା ସ୍ଥାନକୁ ଚିହ୍ନଟ ପାଇଁ ଏଆଇ ସଞ୍ଚାଳିତ କ୍ୟାମେରା ଏବଂ ଡ୍ରୋନ୍ ବ୍ୟବହାର କରାଯାଉଛି ବୋଲି ପିସିସିଏଫ୍ କେ.ମୁରୁଗେଶନ୍ ସୂଚନା ଦେଇଛନ୍ତି।

ବୁଧବାର ଅରଣ୍ୟ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏ ସମ୍ପର୍କରେ ଅଧିକ ସୂଚନା ଦେଇ ପିସିସିଏଫ୍ କହିଛନ୍ତି, ବନାଗ୍ନି ରୋକିବା ପାଇଁ ବିଭିନ୍ନ ରେଞ୍ଜ ଏବଂ ବିଟ୍ ସ୍ତରରେ ୩୩୪ଟି ସ୍ୱତନ୍ତ୍ର ସୁରକ୍ଷା ଦଳ ମୁତୟନ ହୋଇଛନ୍ତି। ସେମାନଙ୍କୁ ୫,୦୦୦ରୁ ଅଧିକ ଲିଫ ବ୍ଲୋଅର୍ ଓ ଅନ୍ୟାନ୍ୟ ଅଗ୍ନି ନିର୍ବାପକ ସାମଗ୍ରୀ ଯୋଗାଇ ଦିଆଯାଇଛି। କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି ପାଇଁ ୬୩୧ରୁ ଅଧିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରାଯାଇଥିବାବେଳେ ପ୍ରାୟ ୨୦୦ଜଣ ଏନ୍‌ଡିଆର୍‌ଏଫ୍ କର୍ମଚାରୀଙ୍କୁ ବନାଗ୍ନି ପ୍ରତିରୋଧ ପାଇଁ ସ୍ୱତନ୍ତ୍ର ତାଲିମ ପ୍ରଦାନ କରାଯାଇଛି। ଏଥିସହ ବନ ସୁରକ୍ଷା ସମିତି ଏବଂ ଇକୋ-ଡେଭଲପମେଣ୍ଟ କମିଟି ମାଧ୍ୟମରେ ପ୍ରାୟ ୩୩୬ଟି ଗ୍ରାମରେ ସଚେତନତା ସୃଷ୍ଟି କରାଯାଉଛି। ବନ୍ୟଜନ୍ତୁ ଶିକାର ଲକ୍ଷ୍ୟରେ ନିଆଁ ଲଗାଉଥିବା ଶିକାରୀ ଓ ଅନ୍ୟ ବ୍ୟକ୍ତିଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପିସିସିଏଫ୍ ଚେତାବନୀ ଦେଇଛନ୍ତି। ସେହିପରି ବିଡ଼ି, ସିଗାରେଟ୍ ଟାଣିବା ପରେ ଏହାର ଅଂଶକୁ ଜଙ୍ଗଲରେ ନ ପକାଇବା, ପୋଡୁଚାଷ ପାଇଁ ଜଙ୍ଗଲ ମଧ୍ୟରେ ଥିବା ଜମିରେ ନିଆଁ ନ ଲଗାଇବାକୁ ଅନୁରୋଧ କରାଯାଇଛି। ଜଙ୍ଗଲ ନିଆଁ ନେଇ ସୂଚନା ଦେବା ପାଇଁ ଟୋଲ୍ ଫ୍ରି ନମ୍ବର ୧୮୦୦୩୪୫୬୭୧୫୮ ଜାରି କରାଯାଇଛି। ଅପରପକ୍ଷେ ଏବେ ଶିମିଳିପାଳ ଓ ରାଉରକେଲା ଜଙ୍ଗଲରେ ସାଟେଲାଇଟ୍ କ୍ୟାମେରା ଲଗାଯାଇଥିବାବେଳେ ଅଧିକ ସଂଖ୍ୟକ ସାଟେଲାଇଟ୍ କ୍ୟାମେରା ଲଗାଯିବା ନେଇ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି। ଏହା ମଞ୍ଜୁର ହେଲେ ଆଉ ୧୦ରୁ ୧୨ ଟି ସ୍ଥାନରେ ସାଟେଲାଇଟ୍ କ୍ୟାମେରା ଲଗାଯିବ ବୋଲି କଞ୍ଜରଭେଟର ଅଫ୍ ଫରେଷ୍ଟ କାର୍ତ୍ତିକ୍ ଭି. ସୂଚନା ଦେଇଛନ୍ତି।

# ୪୯ ଜଣ ପାଇଲେ 'ବିଶିଷ୍ଟ ରେଳ ସେବା ପୁରସ୍କାର'

ଭୁବନେଶ୍ୱର,୪।୨(ଅନୁରାଧା ମହାରଣା)

## ବିଭିନ୍ନ ରେଳ ମଣ୍ଡଳ ଓ ରେଳ ୟୁନିଟ୍‌କୁ ଦକ୍ଷତା ସିଲ୍ଡ ପ୍ରଦାନ

ପୂର୍ବତଟ ରେଳପଥ ପକ୍ଷରୁ ମଙ୍ଗଳବାର ଭୁବନେଶ୍ୱରସ୍ଥିତ ରେଳ ଅଡିଟୋରିୟମଠାରେ ବିଶିଷ୍ଟ ରେଳ ସେବା ପୁରସ୍କାର ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମୋଟ ୪୯ଜଣ ରେଳ କର୍ମଚାରୀଙ୍କୁ ସେମାନଙ୍କ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ପୁରସ୍କୃତ କରାଯାଇଛି। ଏଥିସହ କାର୍ଯ୍ୟଦକ୍ଷତା ପାଇଁ ବିଭିନ୍ନ ରେଳ ମଣ୍ଡଳ ଏବଂ ରେଳ ୟୁନିଟ୍‌କୁ ବିଭିନ୍ନ ଦକ୍ଷତା ସିଲ୍ଡ ପ୍ରଦାନ କରାଯାଇଛି। ଦୃଷ୍ଟାନ୍ତମୂଳକ ସେବା, ସାଧୁତା ଓ ବୃତ୍ତିଗତ ଉତ୍କର୍ଷ ପାଇଁ ପୂର୍ବତଟ ରେଳପଥର ବିଭିନ୍ନ ବିଭାଗ ଏବଂ ମଣ୍ଡଳର ୪୯ଜଣ ରେଳ କର୍ମଚାରୀଙ୍କୁ ସମ୍ମାନଜନକ 'ବିଶିଷ୍ଟ ରେଳ ସେବା ପୁରସ୍କାର-୨୦୨୫' ପ୍ରଦାନ କରାଯାଇଛି। ଏମାନଙ୍କ ମଧ୍ୟରେ ପରିଚାଳନା, ଇଞ୍ଜିନିୟରିଂ, ଯାନ୍ତ୍ରିକ, ବୈଦ୍ୟୁତିକ, ସିଗ୍ନାଲ ଏବଂ ଟେଲିକମ୍ୟୁନିକେଶନ, ବାଣିଜ୍ୟିକ, ସୁରକ୍ଷା ଏବଂ ଅନ୍ୟାନ୍ୟ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ରହିଛନ୍ତି। ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ସେହିପରି ୱାଲ୍‌ଟିୟର ଓ ସମ୍ବଲପୁର ଡିଭିଜନକୁ ଉଚ୍ଚମାନର କାର୍ଯ୍ୟ, ସୁରକ୍ଷା ଏବଂ ସେବା ବଜାୟ ରଖିବାରେ ଉନ୍ନତ ପ୍ରଦର୍ଶନ ପାଇଁ ମିଳିତ ଭାବରେ 'ସାମଗ୍ରିକ ଦକ୍ଷତା ସିଲ୍ଡ' ପ୍ରଦାନ କରାଯାଇଛି। ସମ୍ବଲପୁର ରୋଡ୍ ରେଳ ମଣ୍ଡଳ ଅଧୀନରେ ଥିବା ସମ୍ବଲପୁର ଷ୍ଟେଶନ ଏବଂ ବରପାଲି ଷ୍ଟେଶନକୁ ସେମାନଙ୍କର ଉଲ୍ଲେଖନୀୟ ପରିଷ୍କାର ପରିଚ୍ଛନ୍ନତା ପାଇଁ ମାନ୍ୟତା ଦିଆଯାଇଛି। ସମ୍ବଲପୁର ଷ୍ଟେଶନକୁ ବଡ଼ ଷ୍ଟେଶନ ସ୍ୱଚ୍ଛତା ସିଲ୍ଡ ଏବଂ ବରପାଲି ଷ୍ଟେଶନକୁ ଛୋଟ ଷ୍ଟେଶନ ସ୍ୱଚ୍ଛତା ସିଲ୍ଡ ପ୍ରଦାନ କରାଯାଇଛି।

ସମାରୋହରେ ପୂର୍ବତଟ ରେଳପଥ ମହିଳା କଲ୍ୟାଣ ସଂଗଠନ ସଭାପତି କବିତା ଫୁଙ୍କୱାଲ, ଅତିରିକ୍ତ ମହାପ୍ରବନ୍ଧକ ବି.ଏସ୍.କେ. ରାଜକୁମାର, ସମସ୍ତ ବିଭାଗୀୟ ଅଧିକାରୀ ଓ ସମସ୍ତ ରେଳ ମଣ୍ଡଳର ପ୍ରବନ୍ଧକମାନେ ଯୋଗଦେଇଥିଲେ। ରେଳପଥର ବରିଷ୍ଠ ଉପମହାପ୍ରବନ୍ଧକ ତଥା ମୁଖ୍ୟ ସତର୍କତା ଅଧିକାରୀ ଏ. କେ. ଚତୁର୍ବେଦୀ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ।




ଭୁବନେଶ୍ୱରସ୍ଥିତ ରେଳ ଅଡିଟୋରିୟମଠାରେ ଆୟୋଜିତ ବିଶିଷ୍ଟ ରେଳ ସେବା ପୁରସ୍କାର କାର୍ଯ୍ୟକ୍ରମରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ପୁରସ୍କାର ପ୍ରଦାନ କରୁଛନ୍ତି।

# ରୋମାନିଆରେ ନାଟକ ପରିବେଷଣ କରିବେ କିସ୍ ଛାତ୍ରୀଛାତ୍ର

ଭୁବନେଶ୍ୱର,୪।୨ (ଅନୁରାଧା ମହାରଣା)

କିସ୍ ଛାତ୍ରୀଛାତ୍ରୀଙ୍କ ପକ୍ଷରୁ ବିଶ୍ୱ ରଙ୍ଗମଞ୍ଚରେ ଓଡ଼ିଶାର ଜନଜାତି ଭାଷାରେ ପରିବେଷଣ ହେବ ପ୍ରଖ୍ୟାତ କବି ତଥା ନାଟ୍ୟକାର ସେକ୍ସପିଅରଙ୍କ ନାଟକ। ଏହି ନାଟ୍ୟ ଦଳରେ କିସ୍‌ର ପିଏଚ୍.ଡି., ସ୍ନାତକ, ସ୍ନାତକୋତ୍ତର ଓ ବିବିଏ ଛାତ୍ରୀଛାତ୍ର ସାମିଲ ହୋଇଛନ୍ତି। ଆସନ୍ତା ମେ' ମାସରେ ରୋମାନିଆର କ୍ରାୟୋଭା ବିଶ୍ୱବିଦ୍ୟାଳୟରେ ହେବାକୁ ଥିବା ବିଶ୍ୱ ସେକ୍ସପିଅର ମହୋତ୍ସବରେ ଏମାନେ ନିଜସ୍ୱ ଭାଷାରେ ୩ଟି ସେକ୍ସପିଅର ନାଟକ ପରିବେଷଣ କରିବେ। ଦୁଇମାସ ଧରି ସେମାନେ ରୋମାନିଆରେ ରହି ପୁନର୍ବାର ନାଟକ ଅଭ୍ୟାସ ଜାରି ରଖିବେ ଓ ପରିବେଷଣ କରିବେ। କୌଣସି ଶିକ୍ଷାନୁଷ୍ଠାନରୁ ଛାତ୍ରୀଛାତ୍ର ସେକ୍ସପିଅରଙ୍କ ନାଟକ ଶିଖି ଅନ୍ତର୍ଜାତୀୟ ମଞ୍ଚରେ ଅଭିନୟ କରିବା ଭାରତରେ ପ୍ରଥମ ବୋଲି କୁହାଯାଉଛି। ଏହି ଅବସରରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସମସ୍ତ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଗୁରୁପ୍ରସାଦ



@ ନଳିନୀକାନ୍ତ



@ ତ୍ରିଲୋଚନ



@ ସୁମନ୍ତକୁମାର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଅପରାଧୀ ଚିହ୍ନଟକଲା ରେଳ ରୋବୋକପ୍ 'ଏଏସ୍‌ସି ଅର୍ଜୁନ'

ଭୁବନେଶ୍ୱର,୪।୨(ଅନୁରାଧା ମହାରଣା)



ବିଶାଖାପାଟଣା ରେଳ ଷ୍ଟେଶନରେ ରେଳ ରୋବୋକପ୍ 'ଏଏସ୍‌ସି ଅର୍ଜୁନ' ଅଭ୍ୟାସଗତ ଅପରାଧୀ ଚିହ୍ନଟ କରିବାରେ ସଫଳ ହୋଇଛି। ଏଆଇ ଦ୍ୱାରା ପରିଚାଳିତ ଏହି ରୋବୋ ଫେସିଆଲ ରିକଗ୍ନିଶନ ସିଷ୍ଟମ (ଏଫ୍‌ଆର୍‌ଏସ୍) ମାଧ୍ୟମରେ ରିଅଲ୍ ଟାଇମ୍ ଚିହ୍ନଟ ଆଧାରରେ ଅପରାଧୀଙ୍କୁ ଧରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି। ପାଟ୍ରୋଲିଂ ପାଇଁ ନିୟୋଜିତ 'ଏଏସ୍‌ସି ଅର୍ଜୁନ' ପୂର୍ବରୁ ଲୋଡ୍ ହୋଇଥିବା ଡାଟାବେସ୍ ଆଧାରରେ ୨ ତାରିଖ ରାତିରେ ସନ୍ଦିଗ୍ଧଙ୍କୁ ଚିହ୍ନଟ କରି ତୁରନ୍ତ ବିଶାଖାପାଟଣାର ରେଳ ସୁରକ୍ଷା ବଳ ସିସିଟିଭି ନିୟନ୍ତ୍ରଣ କକ୍ଷକୁ ସତର୍କ କରିଥିଲା। ଏହାପରେ ଡ୍ୟୁଟିରେ ଥିବା ସିସିଟିଭି କର୍ମଚାରୀ ହେଡ୍ କନ୍‌ଷ୍ଟେବଲ ବି.ଏସ୍. ନାରାୟଣ ଲାଇଭ୍ ସିସିଟିଭି ଫିଡ୍ ବିଶ୍ଳେଷଣ କରି ତୁରନ୍ତ ଷ୍ଟେଶନରେ ଉପସ୍ଥିତ ଥିବା ୱାଲ୍‌ଟିୟର ଡିଭିଜନର ଅପରାଧ ପ୍ରତିରୋଧ ଓ ନିରୋଧ ଦଳ (ସିପିଡିଏସ୍) ଦଳ ସହିତ ଡ୍ୟୁଟିରେ ଥିବା ସବ୍-ଇନ୍ସପେକ୍ଟର ଭି. କୀର୍ତ୍ତି ରେଡ୍ଡୀଙ୍କୁ ସୂଚନା ଦେଇଥିଲେ। ଉକ୍ତ ଦଳ ଯାଞ୍ଚ କରିବା ସହ ଅଭ୍ୟାସଗତ ଅପରାଧୀ ହଡ଼ପା ଶିବ (୩୯) ଏବଂ ତାଙ୍କ ସହଯୋଗୀ ଜି. ଭାଙ୍ଗାରୁଙ୍କୁ ଗିରଫ କରିଥିଲା। ଉଭୟ ବ୍ୟକ୍ତି କୌଣସି ବୈଧ ଯାତ୍ରା ଟିକେଟ ଦେଖାଇ ନ ପାରିବାରୁ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ ସେମାନଙ୍କୁ ବିଶାଖାପାଟଣାର ଆର୍‌ପିଏଫ ପୋଷ୍ଟକୁ ଅଣାଯାଇଥିଲା। ପୂର୍ବ ତଥ୍ୟ ଯାଞ୍ଚରୁ ଜଣାପଡ଼ିଥିଲା ଯେ, ସେମାନଙ୍କ ନାମରେ ଓଡ଼ିଶାର ରାୟଗଡ଼ା ପୋଲିସ ଷ୍ଟେଶନରେ ମାମଲା ରହିଛି। ସେମାନେ ବହୁବର୍ଷ ଧରି ଚୋରି, ଡକାୟତି, ଆକ୍ରମଣ ଏବଂ ଅସ୍ତ୍ରଶସ୍ତ୍ର ସମ୍ବନ୍ଧୀୟ ଅପରାଧରେ ଜଡ଼ିତ ଅଛନ୍ତି। ଜିଆର୍‌ପି, ଆର୍‌ପିଏଫ ଓ ସିପିଡିଏସ୍ ଟିମ୍ ମିଳିତ ପଚରାଉଚରା କରିଥିଲା। ଉଭୟ ଅପରାଧୀ ବିନା ଟିକେଟରେ ଯାତ୍ରା କରୁଥିବା ଜଣାପଡ଼ିବାରୁ ଭାରତୀୟ ରେଳ ଆଇନ ୧୯୮୯ (ସଂଶୋଧିତ ୨୦୦୩) ଅନୁଯାୟୀ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ ରାୟଗଡା ପୋଲିସକୁ ମଧ୍ୟ ଏହି ମାମଲା ସମ୍ବନ୍ଧରେ ଅବଗତ କରାଯାଇଥିବା ସୂଚନା ଦିଆଯାଇଛି। ରେଳ ରୋବୋକପ୍ ର ଏହି ସଫଳତାକୁ ପ୍ରଶଂସା କରି ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ କହିଛନ୍ତି, ବିଶାଖାପାଟଣା ରେଳ ଷ୍ଟେଶନରେ ଥିବା 'ଏଏସ୍‌ସି ଅର୍ଜୁନ' ଉନ୍ନତ ନିରୀକ୍ଷଣ ଏବଂ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ମାଧ୍ୟମରେ ଅଭ୍ୟାସଗତ ଅପରାଧୀମାନଙ୍କୁ ଚିହ୍ନଟ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଏହା ରେଳ ସୁରକ୍ଷା ଏଜେନ୍ସିମାନଙ୍କୁ ସମୟୋଚିତ କାର୍ଯ୍ୟାନୁଷ୍ଠାନରେ ସହାୟତା କରୁଛି।

# ବାର୍ ଆସୋସିଏଶନ କଲ୍ୟାଣ ପାଣ୍ଠି ହେରଫେର ଅଭିଯୋଗ

କଟକ,୪।୨(କୁମାରଶ୍ରୀ)

## ଏତଲା ଦେଲେ ଆଇନଜୀବୀ

କଟକ କ୍ରିମିନାଲ କୋର୍ଟ ବାର୍ ଆସୋସିଏଶନ, କଟକ ବାର୍ ଆସୋସିଏଶନ, ଏମ୍.ଭି. ଲୟର ଆସୋସିଏଶନ ଏବଂ ବୋର୍ଡ ଅଫ ରେଭିନ୍ୟୁ ବାର୍ ଆସୋସିଏଶନ ସଦସ୍ୟଙ୍କ କଲ୍ୟାଣ ପାଣ୍ଠି ଆର୍ଥିକ ହେରଫେର ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ କ୍ରିମିନାଲ କୋର୍ଟ ବାର୍ ଆସୋସିଏଶନ ସମ୍ପାଦକ ପୁନୀଲ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଆଇନଜୀବୀମାନେ ଏକଜୁଟ ହୋଇ ବୁଧବାର ଲାଲବାଗ ଥାନାରେ ଏତଲା ଦେଇଥିଲେ। ଅଭିଯୋଗ ମୁତାବକ, ୨୦୧୬ରେ କଟକର ୪ଟି ପ୍ରମୁଖ ବାର୍ ଆସୋସିଏଶନ ଯଥା କଟକ ବାର୍, କ୍ରିମିନାଲ କୋର୍ଟ ବାର୍, ଏମ୍.ଭି ଲୟର୍ସ ଆସୋସିଏଶନ ଏବଂ ବୋର୍ଡ ଅଫ୍ ରେଭିନ୍ୟୁ ବାର୍ ମିଳିତ ଭାବେ ସେମାନଙ୍କ ସଦସ୍ୟଙ୍କ ପାଇଁ କଲ୍ୟାଣ ପାଣ୍ଠି ଯୋଜନା କରିଥିଲେ। ଅସୁସ୍ଥ ଆଇନଜୀବୀଙ୍କୁ ଚିକିତ୍ସା ସହାୟତା ଏବଂ ସଦସ୍ୟଙ୍କ ମୃତ୍ୟୁ ପରେ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରିବା ଯୋଜନାର ଉଦ୍ଦେଶ୍ୟ ଥିଲା। ସଦସ୍ୟତା ଶୁଳ୍କ ଏବଂ ଓକିଲାତିନାମାରେ ବ୍ୟବହୃତ 'ଲୋଗୋ'ରୁ ସଂଗୃହୀତ ଅର୍ଥ ଏକ ସ୍ୱତନ୍ତ୍ର ବ୍ୟାଙ୍କ ଆକାଉଣ୍ଟରେ ଜମା କରାଯାଉଥିଲା। ତେବେ ପାଣ୍ଠିରେ ଆର୍ଥିକ ଅନିୟମିତତା ସନ୍ଦେହ କରି ଗତ ଅଗଷ୍ଟ ୮ରେ ଏକ ଯୁଗ୍ମ ତଦନ୍ତ କମିଟି ଗଠନ କରାଯାଇଥିଲା। କମିଟି ରିପୋର୍ଟ ଅନୁସାରେ, ଅଗଷ୍ଟ ୨୦୨୧ରୁ ଜୁଲାଇ ୨୦୨୫ ମଧ୍ୟରେ ପ୍ରାୟ ୩୧ଲକ୍ଷ ଟଙ୍କାରୁ ୪୦ଲକ୍ଷ ୭୩ ହଜାର ଟଙ୍କା ହେରଫେର କରାଯାଇଛି ବୋଲି ଜଣାପଡିଥିଲା। କ୍ରିମିନାଲ କୋର୍ଟ ବାର୍ ଆସୋସିଏଶନ ସଭାପତି ପ୍ରଶାନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକାରୀ କମିଟି ନିଷ୍ପତ୍ତିକ୍ରମେ ସମ୍ପାଦକ ପୁନୀଲ ଲାଲବାଗ ଥାନାରେ ଏତଲା ପ୍ରଦାନ କରିଛନ୍ତି।

# ଜୀବନ ରକ୍ଷା କରିବ 'ହାର୍ଟଗାର୍ଡ' ମାସ୍କ

କଟକ,୪।୨(କୁମାରଶ୍ରୀ)

- ହୃଦ୍‌ଘାତ ପୂର୍ବରୁ ବାଜିବ ଆଲାର୍ମ
- ଡାକ୍ତରୀ ସହାୟତା ପାଇଁ ଯିବ ଫୋନ୍ କଲ୍
- ରେଭେନ୍‌ଶା ଛାତ୍ରୀ ଦେବଶ୍ରିତାଙ୍କ ଅଭିନବ ଉଦ୍ଭାବନ

ମୁହଁରେ ବନ୍ଧା ଯାଇଥିବା ମାସ୍କ ଜୀବନ ରକ୍ଷା କରିପାରିବ। ସମ୍ପୃକ୍ତ ବ୍ୟକ୍ତିଙ୍କ ହୃଦ୍‌ଘାତ ହେବା ପୂର୍ବରୁ ବାଜିବ ଆଲାର୍ମ। ଶାରୀରିକ ଅସୁସ୍ଥତାକୁ ସୂଚାଇ ମାସ୍କ ଜରିଆରେ ଡାକ୍ତର, ନିକଟସ୍ଥ ହସ୍ପିଟାଲ, ଜରୁରିକାଳୀନ ଯୋଗାଯୋଗ ନମ୍ବର, ଏପରିକି ୧୦୮କୁ ସିଧାସଳଖ ଫୋନ୍ କଲ୍ ଯିବ। ଏଭଳି ଏକ ମାସ୍କ ତିଆରି କରି ଚର୍ଚ୍ଚାକୁ ଆସିଛନ୍ତି ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଆଇଟିଏମ୍ ବିଭାଗ ଶେଷବର୍ଷର ଛାତ୍ରୀ ଦେବଶ୍ରିତା ଦାସ। ଯାହାର ନାଁ ଦେଇଛନ୍ତି, ଏଆଇ ପାୱାର ପୋର୍ଟେବୁଲ ସ୍ମାର୍ଟ ଅକ୍ସିଜେନ ମାସ୍କ ତଥା 'ହାର୍ଟଗାର୍ଡ'। ତାଙ୍କର ଏଭଳି ଉଦ୍ଭାବନକୁ ନେଇ ଡାକ୍ତରୀ ମହଲରେ ମଧ୍ୟ ଆଲୋଚନା ଜୋର୍ ଧରିଛି।

ଶେଲ୍ଟର ଛକ ନିବାସୀ ଦୀପକ ଦାସ ଏବଂ ଅର୍ପିତା ଦାସଙ୍କ ଝିଅ ଦେବଶ୍ରିତା। ତାଙ୍କ କହିବା ଅନୁସାରେ, ହୃଦ୍‌ଘାତରେ ଜେଜେବାପାଙ୍କୁ ହରାଇବା ପରେ 'ହାର୍ଟଗାର୍ଡ' ତିଆରି କରିବା ନେଇ ଚିନ୍ତା କରିଥିଲେ। ଏକ ବିବାହ ଭୋଜି କାର୍ଯ୍ୟକ୍ରମକୁ ଜେଜେବାପାଙ୍କ ସହ କେନ୍ଦୁଝର ଯାଇଥିବା ବେଳେ ସେଠାରେ ଅଭାବନୀୟ ଘଟଣା ଘଟିଯାଇଥିଲା।



ଛାତ୍ରୀ ଦେବଶ୍ରିତା ଦାସଙ୍କ ଦ୍ୱାରା ପ୍ରସ୍ତୁତ 'ହାର୍ଟଗାର୍ଡ' ମାସ୍କ।

ଜେଜେବାପାଙ୍କ ମୃତ୍ୟୁ ତାଙ୍କୁ ବିଚଳିତ କରିଥିଲା। ଗତ ଦୁଇବର୍ଷ ହେବ ସେ ହାର୍ଟଗାର୍ଡ ତିଆରିରେ ଲାଗିଛନ୍ତି। ସେ ଏକ ସଫ୍ଟୱେୟାର ପ୍ରସ୍ତୁତ କରିଛନ୍ତି। ଆଲଗୋରିଦିମ ବ୍ୟବହାର ଦ୍ୱାରା ଏହି ସଫ୍ଟୱେୟାର ଶାରୀରିକ ଅସୁସ୍ଥତାକୁ ଦର୍ଶାଇ ପାରୁଛି। ମାସ୍କ ପିନ୍ଧିଥିବା ବ୍ୟକ୍ତି ଅସହଜ ଅନୁଭବ କଲେ କିମ୍ବା ହୃଦ୍‌ରୋଗ ଜନିତ କୌଣସି ସମସ୍ୟାର ସମ୍ମୁଖୀନ ହେଲେ ମାସ୍କରେ ଖଞ୍ଜା ଯାଇଥିବା ଆଲାର୍ମ ତୁରନ୍ତ ବାଜି ଉଠୁଛି। ଏଥିରେ ଜିପିଏସ୍ ଲୋକେଶନ ମଧ୍ୟ ମହଜୁଦ ରହିଛି। ଯଦ୍ୱାରା ସମ୍ପୃକ୍ତ ବ୍ୟକ୍ତିଙ୍କ ଠିକଣା ତ୍ୱରିତ ଜଣାପଡ଼ିପାରୁଛି। କେବଳ ସେତିକି ନୁହେଁ, ମାସ୍କ ଜରିଆରେ ଅକ୍ସିଜେନ ଥେରାପୀ ମଧ୍ୟ ଦିଆଯାଇପାରୁଛି। ହାର୍ଟଗାର୍ଡ ମାସ୍କ ଉପରେ ଆହୁରି କାମ ବାକି ଅଛି। ଆଗାମୀ ଦିନରେ ସଫ୍ଟୱେୟାର ଡେଭଲପ୍ କରାଯିବା ସହିତ ମାସ୍କ ଜରିଆରେ ଇସିଜି ଏବଂ ରକ୍ତଚାପ ପରୀକ୍ଷା ମଧ୍ୟ କରାଯାଇ ପାରିବ ବୋଲି ଦେବଶ୍ରିତା କହିଛନ୍ତି।

ପ୍ରକାଶଥାଉ କି, ରାଜ୍ୟ ସରକାରଙ୍କ ଦ୍ୱାରା ଆୟୋଜିତ ଷ୍ଟାର୍ଟଅପ ଇନୋଭେଟିଭ୍ ପ୍ରତିଯୋଗିତାରେ ଦେବଶ୍ରିତାଙ୍କ ପ୍ରକଳ୍ପ ଶ୍ରେଷ୍ଠ ବିବେଚିତ ହୋଇଥିଲା, ଯେଉଁଥିପାଇଁ ତାଙ୍କୁ ୧ ଲକ୍ଷ ଟଙ୍କାର ଆର୍ଥିକ ପୁରସ୍କାର ମିଳିଥିଲା। ଏହି ପୁରସ୍କାର ରାଶି ବ୍ୟବହାର କରି ସେ ହାର୍ଟଗାର୍ଡ ମାସ୍କ ତିଆରି ଉପରେ ମନୋନିବେଶ କରିଥିଲେ। ମାସ୍କପୂର୍ଣ୍ଣ ରୂପରେ ପ୍ରସ୍ତୁତ ହେବାକୁ ଆଉ ୪ରୁ ୫ବର୍ଷ ସମୟ ଲାଗିବ ବୋଲି ସେ କହିଛନ୍ତି, ଯାହାର ବଜାର ମୂଲ୍ୟ ୨୫ହଜାର ଟଙ୍କା ରହିବ। ମାତ୍ର ସରକାରୀସ୍ତରରେ ସହାୟତା ମିଳିଲେ ହାର୍ଟଗାର୍ଡ ମାସ୍କ ଅଳ୍ପ ସମୟ ବ୍ୟବଧାନରେ ପ୍ରସ୍ତୁତ ହୋଇ ପାରିବ ଏବଂ ଏହାର ମୂଲ୍ୟ ମଧ୍ୟ ହ୍ରାସ ପାଇପାରିବ ବୋଲି ସେ କହିଛନ୍ତି।

# ଜାଗରରେ ଲିଙ୍ଗରାଜ ମନ୍ଦିର ଭିଡ଼ ନିୟନ୍ତ୍ରଣ ଏକ ବଡ଼ ଆହ୍ୱାନ: ଗର୍ଗ

ଭୁବନେଶ୍ୱର, ୪।୨(ସୁନିତ୍ ମିଶ୍ର)

ମହାପ୍ରଭୁ ଲିଙ୍ଗରାଜଙ୍କ ଶୃଙ୍ଖଳିତ ରୀତିନୀତି ଓ ପୂଜାବିଧି ନେଇ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଲୋକସେବା ଭବନ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ବୈଠକରେ ଲିଙ୍ଗରାଜ ମନ୍ଦିରର ଶୃଙ୍ଖଳିତ ନୀତିକାନ୍ତି ଏବଂ ପୂଜାବିଧି ସୁଚାରୁ ରୂପେ ସମ୍ପାଦନ କରିବା ନେଇ ଆଲୋଚନା ହୋଇଛି। ଏଥିସହ ଚଳିତ ଜାଗର ଉତ୍ସବକୁ ଶୃଙ୍ଖଳିତ କରିବା ଉପରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଛନ୍ତି। ଏହି ଅବସରରେ ଗର୍ଗ କହିଛନ୍ତି, ଲିଙ୍ଗରାଜ ମହାପ୍ରଭୁ ସାରା ଓଡ଼ିଶାର ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଆରାଧ୍ୟ ଦେବତା। ତେଣୁ ଲିଙ୍ଗରାଜଙ୍କ ରୀତିନୀତିରେ କୌଣସି ପ୍ରକାର ଅବହେଳା ଗ୍ରହଣୀୟ ନୁହେଁ। ଆସନ୍ତା ୧୫ରେ ଜାଗର ଉତ୍ସବ ହେଉଛି। ଏହି ଉତ୍ସବରେ ଅନେକ ଭିଡ ହେବା ସମ୍ଭାବନା ରହିଛି। ଜାଗର ଦିନ ଲିଙ୍ଗରାଜଙ୍କ ଦର୍ଶନ ନେଇ ସବୁ ଭକ୍ତଙ୍କ ମନରେ ଆଗ୍ରହ ରହୁଥିବାରୁ ଭିଡକୁ ନିୟନ୍ତ୍ରଣ କରିବା ଏକ ବଡ ଆହ୍ୱାନ ବୋଲି ସେ କହିଛନ୍ତି।

ଏହି ଅବସରରେ ଗର୍ଗ ଆହୁରି କହିଛନ୍ତି, ଉକ୍ତ ଆହ୍ୱାନର ମୁକାବିଲା ପାଇଁ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀ, ପୋଲିସ ପ୍ରଶାସନ, ଅଗ୍ନିଶମ ବାହିନୀ, ଲିଙ୍ଗରାଜ ମନ୍ଦିରର ସେବକ ଓ ନିଯୋଗସମୂହ ଏବଂ ଜନସାଧାରଣଙ୍କ ମିଳିତ ସହଯୋଗର ଆବଶ୍ୟକତା ରହିଛି। ଏଥିରେ ସାମାନ୍ୟତମ ବ୍ୟତିକ୍ରମ ଅଘଟଣକୁ ଆମନ୍ତ୍ରଣ କରିପାରେ। ତେଣୁ ଚଳିତ ଥର ଜାଗରକୁ ସୁଚାରୁରୂପେ ପରିଚାଳନା କରିବା ଏବଂ ସବୁ ଭକ୍ତଙ୍କ ଭାବାବେଗକୁ ସମ୍ମାନ ଦେଇ ଶୃଙ୍ଖଳିତ ଦର୍ଶନ ନିମନ୍ତେ ଏକ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରିବା ପାଇଁ ମୁଖ୍ୟ ଶାସନ ସଚିବ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ସେବାୟତ ଓ ନିଯୋଗସମୂହ ସହିତ ସମନ୍ୱୟ ରଖି ଠିକ୍ ସମୟରେ ନୀତିକାନ୍ତି ସମାପନ, ପୂଜାବିଧି ପାଳନ, ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେଇ ପର୍ଯ୍ୟାପ୍ତ ବାୟୁ ଚଳାଚଳ, ଅକ୍ସିଜେନ ଓ ଅଗ୍ନି ନିରାପତ୍ତାର ବ୍ୟବସ୍ଥା ଗ୍ରହଣ ନେଇ ଆଲୋଚନା ହୋଇଛି। ଏଥିସହ ସମୟାନୁସାରେ ରୀତିନୀତିର ତଥ୍ୟ ବିଭିନ୍ନ ଟିଭି, ରେଡିଓ, ମୁଦ୍ରଣ ଗଣମାଧ୍ୟମ ଓ ଡାକବାଜି ଯନ୍ତ୍ର ସାହାଯ୍ୟରେ ପ୍ରସାରଣ ପାଇଁ ବୈଠକରେ ଆଲୋଚନା ହୋଇଛି। ଜାଗର ଉତ୍ସବକୁ ସୁଚାରୁରୂପେ ସମ୍ପାଦନ କରିବା ପାଇଁ ପୂର୍ବ ଅଭିଜ୍ଞତା ଥିବା ବରିଷ୍ଠ ଅଧିକାରୀଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯିବା ବିଷୟ ଆଲୋଚନାରେ ସ୍ଥାନ ପାଇଛି। ଏହି ଅବସରରେ ଆଇନ ବିଭାଗ ସଚିବ, ପୋଲିସ କମିଶନର, ଦେବୋତ୍ତର କମିଶନର, ଅତିରିକ୍ତ ପୋଲିସ କମିଶନର ପ୍ରମୁଖ ଉପସ୍ଥିତ ଥିଲେ।




ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ମହୁଲଡିହାସ୍ଥିତ ଏସ୍‌ଟି ଏସ୍‌ସି ଡେଭଲପମେଣ୍ଟ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ଲାଟିନମ ଜୁବିଲି କାର୍ଯ୍ୟକ୍ରମରେ ଯୋଗଦେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସ୍କୁଲ୍ ପରିସରରେ ସ୍ଥାପିତ ଭଞ୍ଜବୀର ସୁନାରାମ ସୋରେନଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରୁଛନ୍ତି। ନିକଟରେ ଅଛନ୍ତି ରାଜ୍ୟପାଳ ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଇରଙ୍ଗପୁର ବିଧାୟକ ଜଲେନ ନାୟକ, ମୟୂରଭଞ୍ଜ ଏମ୍‌ପି ନବଚରଣ ମାଝୀ।

# ଚାକିରି ପଛରେ ନ ଗୋଡ଼ାଇ ଭଲ ମଣିଷ ହୁଅ: ରାଷ୍ଟ୍ରପତି

ବାରିପଦା/ରାଇରଙ୍ଗପୁର, ୪।୨ (ନୀଳାଦ୍ରି ବିହାରୀ ଦଣ୍ଡପାଟ/ ମାନସ ମହାନ୍ତି)

୩ ଦିନିଆ ମୟୂରଭଞ୍ଜ ଜିଲା ଗସ୍ତରେ ଆସିଥିବା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବୁଧବାର ଜନ୍ମମାଟି ରାଇରଙ୍ଗପୁରରେ ପାଦ ଥାପିଛନ୍ତି। ମହୁଲଡିହାସ୍ଥିତ ଏସ୍‌ଟି ଏସ୍‌ସି ଡେଭଲପମେଣ୍ଟ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ଲାଟିନମ ଜୁବିଲିରେ ଯୋଗଦେଇ ଛାତ୍ରୀଙ୍କ ସହ ଭାବ ବିନିମୟ କରିଥିଲେ। ପ୍ରୋଟୋକଲ ଭାଙ୍ଗି ମଞ୍ଚରୁ ଓହ୍ଲାଇ ଆସି ଛାତ୍ରୀଙ୍କ ପାଖରେ ପହଞ୍ଚି ଭବିଷ୍ୟତ ଲକ୍ଷ୍ୟ ସମ୍ପର୍କରେ ପଚାରିବା ସହ ଚାକିରି ପଛରେ ନ ଗୋଡ଼ାଇ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। କେବଳ ଶିକ୍ଷା ନୁହେଁ, ନିଜ ପ୍ରତିଭାକୁ ନିଜେ ଚିହ୍ନି ତାହାକୁ ପ୍ରସ୍ଫୁଟିତକରି ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିବାକୁ ପ୍ରେରଣା ଦେଇଥିଲେ। ଏହି ଅବସରରେ ସ୍କୁଲ ପରିସରରେ ସ୍ଥାପିତ ଭଞ୍ଜବୀର ସୁନାରାମ ସୋରେନଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ପରେ ପୂର୍ଣ୍ଣେଶ୍ୱର ମହାଦେବ ମନ୍ଦିରକୁ ଯାଇ ଦର୍ଶନ ପରେ ବ୍ରହ୍ମାକୁମାରୀ ସେଣ୍ଟରରେ ଡକ୍ୟୁମେଣ୍ଟାରି ଶୁଟିଂରେ ଯୋଗଦେଇଥିଲେ। କେନ୍ଦ୍ର ସରକାରଙ୍କ ଦ୍ୱାରା ନବନିର୍ମିତ ହଲିଡେ' ହୋମ୍‌ର ଉଦ୍‌ଘାଟନ କରିଥିଲେ। ତତ୍‌ପରେ ମହୁଲଡିହାସ୍ଥିତ ତାଙ୍କ ଘରେ ଭୋଜନ ସାରି ବିଶ୍ରାମ କରିଥିଲେ। ରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା। କାର୍ଯ୍ୟକ୍ରମ ସ୍ଥଳୀଗୁଡ଼ିକରେ ଆଦିବାସୀ ମହିଳା ପୁରୁଷମାନେ ପାରମ୍ପରିକ ବେଶଭୂଷାରେ ନୃତ୍ୟ କରିଥିଲେ।

ରାଷ୍ଟ୍ରପତି ୨୮୦କୋଟି ଟଙ୍କାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ରାଷ୍ଟ୍ରପତି 'ଶିକ୍ଷା ବିକାଶର ପୁଞ୍ଜି, ଶିକ୍ଷାର ବିକାଶ ବିନା ଦେଶର ବିକାଶ ଅସମ୍ଭବ' ବୋଲି କହିଥିଲେ। ଜଙ୍ଗଲରେ ରହୁଥିବା ବନବାସୀମାନଙ୍କ ପାଇଁ ୪-ଜି ଯୋଜନା କାର୍ଯ୍ୟକାରୀ କରାଯାଉଛି। ଏହାଦ୍ୱାରା ସେମାନଙ୍କ ସାମଗ୍ରିକ ବିକାଶ ହୋଇପାରିବ। ମହିଳାମାନଙ୍କ ଆର୍ଥିକ ସ୍ୱାବଲମ୍ବନକୁ ସୁନିଶ୍ଚିତ କରିବା ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହୋଇଛି। ବିକଶିତ ଭାରତ ଗଠନ ପୂର୍ବରୁ ମହିଳାମାନଙ୍କର ବିକାଶ କରିବାକୁ ପଡ଼ିବ ବୋଲି ରାଷ୍ଟ୍ରପତି କହିଥିଲେ।

କାର୍ଯ୍ୟକ୍ରମରେ ରାଜ୍ୟପାଳ ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଇଂ. ଗଣେଶରାମ ସିଂ ଖୁଣ୍ଟିଆ, ମୟୂରଭଞ୍ଜ ଏମ୍‌ପି ନବଚରଣ ମାଝୀ, ରାଜ୍ୟ ସଭା ସଦସ୍ୟା ମମତା ମହାନ୍ତ, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କମିଶନର ତଥା ପ୍ରମୁଖ ସଚିବ ଅଶ୍ୱଥି ଏସ୍ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ।

# ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା ଢିଲା ହୋଇଗଲାଣି: ଶୁଭାଶିଷ

ଭୁବନେଶ୍ୱର, ୪।୨(ସୁନିତ୍ ମିଶ୍ର)

**ତାଙ୍କୁ ମିଳିଥିବା ଧମକ କଥା କହି ପରୋକ୍ଷରେ ସରକାରଙ୍କୁ ଟାର୍ଗେଟ**

ଜଗନ୍ନାଥ ମନ୍ଦିରର ନିରାପତ୍ତା ଓ ସୁରକ୍ଷା ବର୍ତ୍ତମାନ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ପାଲଟିଛି। ଏଭଳି ସ୍ଥିତିରେ ଜଣେ ଏମ୍‌ପି ଭାବେ ତାଙ୍କ ଜୀବନ ପ୍ରତି ବିପଦ ରହିଛି ବୋଲି କହି ଉକ୍ତ ବିଷୟକୁ ଗୁରୁତର ସହ ନିଆଯାଉ ବୋଲି ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ ଅଭିଯୋଗ କରିଛନ୍ତି। ରାଜ୍ୟ ସଭାରେ ନିଜର ଅଭିଭାଷଣ ରଖିବା ଅବସରରେ ଶୁଭାଶିଷ କହିଛନ୍ତି, ଶ୍ରୀମନ୍ଦିର ଚାରିପାଖରେ ରହିଥିବା ସୁରକ୍ଷା ବ୍ୟବସ୍ଥା ଅତ୍ୟନ୍ତ ଖରାପ ସ୍ଥିତିରେ ରହିଛି। ଏହାଦ୍ୱାରା ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସୁରକ୍ଷା ମଧ୍ୟ ପ୍ରଶ୍ନବାଚୀ ଭିତରେ ରହୁଛି। ପ୍ରତିଦିନ ପୁରୀରେ ଜଗନ୍ନାଥ ଦର୍ଶନ ଲାଗି ପହଞ୍ଚୁଥିବା ଶ୍ରଦ୍ଧାଳୁମାନଙ୍କ ଦର୍ଶନ ବ୍ୟବସ୍ଥାରେ ବିଶୃଙ୍ଖଳା ଏବଂ ମନ୍ଦିର ସୁରକ୍ଷାରେ ବ୍ୟତିକ୍ରମ ଦେଖାଯାଉଛି। ଜଣେ ତାଙ୍କୁ ମାରିଦେବାକୁ ଧମକ ଦେଲେ। ଜଣେ ରାଜ୍ୟ ସଭା ସଦସ୍ୟଙ୍କୁ ସାମାଜିକ ଗଣମାଧ୍ୟମରେ ସିଧାସଳଖ ଏଭଳି ଧମକ ଦିଆଯିବା ଭୟଙ୍କର କଥା। ଏହି ଘଟଣାରେ ପୋଲିସ ଜଣଙ୍କୁ ଗିରଫ କରିଛି। ଏହା କେବଳ ତାଙ୍କ ସୁରକ୍ଷା କଥା ନୁହେଁ ବରଂ ଜଣେ ଜନପ୍ରତିନିଧିଙ୍କ ସୁରକ୍ଷା ବିଷୟ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଭଳି ଧମକପୂର୍ଣ୍ଣ ମେସେଜ ବିଭିନ୍ନ ସମୟରେ ତାଙ୍କୁ ମିଳୁଛି। ପୁରୀ ଅଞ୍ଚଳର କାନ୍ଥବାଡ଼ରେ ମଧ୍ୟ ଧମକପୂର୍ଣ୍ଣ ବାର୍ତ୍ତା ତାଙ୍କ ବିରୋଧରେ ଲେଖାଯାଉଛି। ଜଣେ ଏମ୍‌ପିଙ୍କୁ ଏଭଳି ଧମକ ମିଳିବା ପରେ ଜନସାଧାରଣ ମଧ୍ୟ ଭୟର ବାତାବରଣ ଭିତରେ ରହୁଛନ୍ତି। ତେଣୁ ଏହିସବୁ କଥାକୁ ଦୃଷ୍ଟିରେ ରଖି ପୁରୀ ଏବଂ ଶ୍ରୀମନ୍ଦିରର ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବା ଦିଗରେ ରାଜ୍ୟ ସରକାର ଏକ ପ୍ରସ୍ତୁତି ବୈଠକ କରି ପଦକ୍ଷେପ ନେବା ଲାଗି ନିର୍ଦ୍ଦେଶ ଦିଆଯାଉ। ପାରା ମିଲିଟାରି ସୁରକ୍ଷା ବ୍ୟବସ୍ଥା ଦେବା ସହିତ ଜନଗହଳକୁ ସୁପରିଚାଳନା କରିବା ଲାଗି ନୂଆ ବ୍ୟବସ୍ଥା ଗ୍ରହଣ କରାଯାଉ। ଜାତୀୟ ସୁରକ୍ଷା ଦୃଷ୍ଟିରୁ ଶ୍ରୀମନ୍ଦିର ସୁରକ୍ଷା ନେଇ ରାଜ୍ୟ ସରକାର ଗୁରୁତର ସହ ବିଚାରକରିବା ଦରକାର ବୋଲି ଶୁଭାଶିଷ କହିଛନ୍ତି।

# ସ୍ଥାୟୀ ସମାଧାନ ପାଇଁ କେନ୍ଦ୍ରମନ୍ତ୍ରୀଙ୍କୁ ଏମ୍‌ପିଙ୍କ ପତ୍ର

ଅନୁଗୋଳ,୪।୨ (ମାନସ ବିଶ୍ୱାଳ)

**ତାଳଚେର ହାଣ୍ଡିଧୁଆଁ ଅଞ୍ଚଳରେ ମାଟି ଦବିବା ଘଟଣା**

ଅନୁଗୋଳ ଜିଲା ତାଳଚେର ବ୍ଲକ ହାଣ୍ଡିଧୁଆଁ ଅଞ୍ଚଳରେ କିଛିଦିନ ପୂର୍ବେ ମାଟି ଦବିବା ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଥିଲା। ଏହାକୁ ନେଇ ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି ଗଭୀର ଉଦ୍‌ବେଗ ପ୍ରକାଶ କରିବା ସହ ଏମ୍‌ସିଏଲ୍ କର୍ତ୍ତୃପକ୍ଷ, ଜିଲା ପ୍ରଶାସନ, ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏଥିସହ ମଙ୍ଗଳବାର ସଂସଦରେ ଏମ୍‌ପି ପାଣି କେନ୍ଦ୍ର କୋଇଲା ଓ ଖଣିମନ୍ତ୍ରୀ ଜି. କିଷାନ ରେଡ୍ଡୀଙ୍କୁ ପତ୍ର ଲେଖି ଦୃଷ୍ଟି ଆକର୍ଷଣ କରିବା ସହ ଏହାର ସ୍ଥାୟୀ ପ୍ରତିକାର ପାଇଁ ଅନୁରୋଧ କରିଛନ୍ତି। ଉକ୍ତ ପତ୍ରରେ ଏମ୍‌ପି ଉଲ୍ଲେଖ କରିଛନ୍ତି, ତାଳଚେରସ୍ଥିତ ମହାନଦୀ କୋଲଫିଲ୍ଡସ ଲିମିଟେଡ (ଏମ୍‌ସିଏଲ୍) ଅଧୀନରେ ହାଣ୍ଡିଧୁଆଁ ଅଞ୍ଚଳରେ ଗତ ୨୮ ତାରିଖରେ ୩/୪ ମିଟର ବ୍ୟାସ ଏବଂ ୩/୪ ମିଟର ଗଭୀର ଏକ ଗର୍ତ୍ତ ଦେଖାଦେଇଛି। ଏହା ସ୍ଥାନୀୟ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି କରିଛି। ହାଣ୍ଡିଧୁଆଁ ଏକ ପୁରୁଣା ଭୂତଳ ଖଣି। ସମ୍ଭବତଃ ବାଲି ପୂରଣରେ କିଛି ତ୍ରୁଟି ଯୋଗୁ ଏହା ହୋଇଥାଇପାରେ। ଓଡ଼ିଶା ସରକାରଙ୍କ ଭୂତତ୍ତ୍ୱ ବିଭାଗକୁ ଏ ବିଷୟରେ ଅବଗତ କରାଯାଇଛି। ଏମ୍‌ସିଏଲ୍ ସିଏମ୍‌ଡି ଏବଂ ଡିଜିଏମ୍‌ଏସ୍‌ଙ୍କ ସହିତ ମଧ୍ୟ କଥା ହୋଇଛି। ଏହି ଘଟଣାର ତୁରନ୍ତ ବିଚାର କରନ୍ତୁ ଏବଂ ବୈଜ୍ଞାନିକ ପଦ୍ଧତିରେ ସମସ୍ୟାର ସ୍ଥାୟୀ ସମାଧାନ ଖୋଜିବା ପାଇଁ କୋଲ୍ ଇଣ୍ଡିଆ ଲିମିଟେଡ (ସିଆଇଏଲ୍) ଏବଂ ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦେବାକୁ ଢେଙ୍କାନାଳ ଏମ୍‌ପି ପାଣି ଲିଖିତ ଭାବେ କେନ୍ଦ୍ର କୋଇଲା ମନ୍ତ୍ରୀଙ୍କୁ ଜଣାଇଛନ୍ତି।

# ୧୦ରେ ଯୋଗାଣ ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରିବୁ: କଂଗ୍ରେସ

ଭୁବନେଶ୍ୱର,୪।୨ (ରବିନାରାୟଣ ଜେନା)

ସାରା ରାଜ୍ୟରେ ମଣ୍ଡି ଅବ୍ୟବସ୍ଥା ଓ ଧାନକିଣାରେ ଦେଖାଦେଇଥିବା ଉକ୍ରଟ ସ୍ଥିତିକୁ ନେଇ ଚଳିତମାସ ୧୦ ତାରିଖରେ କୃଷି ଓ ଯୋଗାଣ ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯିବ ବୋଲି କଂଗ୍ରେସ କହିଛି।

ବୁଧବାର କଂଗ୍ରେସ ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପିସିସି କିଷାନ ସେଲ୍ ଅଧ୍ୟକ୍ଷ ଅଭୟ ସାହୁ କହିଥିଲେ, ରାଜ୍ୟରେ କୃଷକମାନଙ୍କ କ୍ରୋଧ ଓ ଅସନ୍ତୋଷ ବଢ଼ିଚାଲିଛି। ସରକାର ସବୁବେଳେ ସମସ୍ୟା ପ୍ରଶମିତ ହେଲା ବୋଲି ମିଛ କହିଚାଲିଛନ୍ତି। ଏବେ ବି କୃଷକମାନେ ହଜାର ହଜାର ବସ୍ତା ଧାନ ରାସ୍ତାରେ ରଖି ପ୍ରତିବାଦ କରୁଛନ୍ତି। ଆନ୍ଦୋଳନ ଥମିବାର ନାଁ ଧରୁନି। ପ୍ରତିଦିନ ରାଜ୍ୟର ବିଭିନ୍ନ ସ୍ଥାନରେ ଦଳମତ ନିର୍ବିଶେଷରେ ଚାଷୀ ମେଳି ବାନ୍ଧୁଛନ୍ତି ଏବଂ ଧାନ କିଣାବିକାରେ ହେର୍‌ଫେର୍ ଓ କଟ୍‌ନି ଛଟ୍‌ନି ବିରୋଧରେ ପ୍ରତିବାଦ କରୁଛନ୍ତି। ମାତ୍ର କୃଷି ମନ୍ତ୍ରୀ ଓ ଯୋଗାଣ ମନ୍ତ୍ରୀଙ୍କ ତାଚ୍ଛଲ୍ୟ ଚାଷୀଙ୍କ ଦୁଃଖ ଉପରେ ଭାରିପଡୁଛି। ତେଣୁ ଫେବୃଆରୀ ୧୦ରେ କୃଷି ମନ୍ତ୍ରୀ ଏବଂ ଯୋଗାଣ ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯିବ ବୋଲି ସାହୁ କହିଥିଲେ। ଏହି ସମ୍ମିଳନୀରେ ରାଜ୍ୟ କିଷାନ କଂଗ୍ରେସର ବରିଷ୍ଠ ଉପସଭାପତି ଡ. କାର୍ତ୍ତିକ ବରାଳ, ଅରୁଣ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ୫ ରାଜ୍ୟ ବିଧାନସଭା ନିର୍ବାଚନ ପାଇଁ ପ୍ରକ୍ରିୟା ଆରମ୍ଭ

## ଓଡ଼ିଶାରୁ ଯିବେ ୩୨ ଆଇଏଏସ୍, ୫ ଆଇପିଏସ୍ ଅଫିସର

ଭୁବନେଶ୍ୱର,୪।୨ (ରବିନାରାୟଣ ଜେନା)

ଆସାମ, କେରଳ, ତାମିଲନାଡୁ, ପଶ୍ଚିମବଙ୍ଗ ଓ ପୁଡୁଚେରୀରେ ହେବାକୁଥିବା ବିଧାନସଭା ନିର୍ବାଚନ ପାଇଁ ଭାରତର ନିର୍ବାଚନ ଆୟୋଗଙ୍କ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏନେଇ ଆୟୋଗଙ୍କ ପକ୍ଷରୁ ଅନୁ ସଚିବ ଏମ୍.ଏଲ୍. ମୀନା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି। ଜାନୁଆରୀ ୨୭ରେ ମୀନା ଦେଇଥିବା ପତ୍ରରେ ଦର୍ଶାଇଛନ୍ତି, ଗୁରୁବାରଠାରୁ ନୂଆଦିଲ୍ଲୀସ୍ଥିତ ଇଣ୍ଟରନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେମୋକ୍ରାସି ଆଣ୍ଡ ଇଲେକ୍ସନ ମ୍ୟାନେଜ୍‌ମେଣ୍ଟ ପରିସରରେ ୩ଟି ପର୍ଯ୍ୟାୟରେ ଦୁଇଦିନ ଧରି ବୈଠକ ହେବ। ତେଣୁ ଓଡ଼ିଶାରୁ ସଂପୃକ୍ତ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ପୂର୍ବରୁ ସ୍ଥିର ହୋଇଥିବା ୩୨ ଭାରତୀୟ ପ୍ରଶାସନିକ ସେବା(ଆଇଏଏସ୍) ଏବଂ ୫ ଭାରତୀୟ ପୋଲିସ ସେବା(ଆଇପିଏସ୍) ଅଧିକାରୀ ଯୋଗଦେବାର ଆବଶ୍ୟକତା ରହିଛି। ଏହି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ୨୦୦୦ ବ୍ୟାଚ୍‌ର ବରିଷ୍ଠ ଆଇଏଏସ୍ ଅଫିସର ତେମଜେଓ୍ୱାପଙ୍ଗ ଆଓଙ୍କ ସହିତ ମୃଣାଳିନୀ ଦର୍ଶାଓ୍ୱାଲ, ଗିରିଶ୍ ଏସ୍. ଏନ୍., ଅଶ୍ୱଥୀ ଏସ୍., ରାଜେଶ ପ୍ରଭାକର ପାଟିଲ, ସଚିନ ରାମଚନ୍ଦ୍ର ଯାଦବ, ଯାମିନୀ ଷଡ଼ଙ୍ଗୀ, ଗୁହା ପୁନମ୍ ତାପସ କୁମାର, ଭୂପେନ୍ଦ୍ର ସିଂ ପୁନିଆ, ବି. ପରମେଶ୍ୱରନ୍, ଏନ୍. ଥିରୁମାଲା ନାୟକ, ବିଜୟ କେତନ ଉପାଧ୍ୟାୟ, ଏମ୍‌ଡି ସିଦ୍ଦିକ୍ ଆଲାମ, ବୃନ୍ଦା ଡି., ସୁଧାଂଶୁ ମୋହନ ସାମଲ, କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଅରିନ୍ଦମ ଡାକୁଆ, ଗଣେଶ୍ୱର ଜେନା, ବଜୟ କୁମାର ଦାଶ, ଲକ୍ଷ୍ମୀକାନ୍ତ ପ୍ୟାରୀଲାଲ ପ୍ରଧାନ, ଦେବେନ୍ କୁମାର ପ୍ରଧାନ, ପୁମା ଟୁଡୁ, ବିନିତ ଭରଦ୍ୱାଜ, ବିଜୟ ଅମୃତା କୁଲାଙ୍ଗେ, ଶୁଭମ୍ ସକ୍ସେନା, ମଧୁସ୍ମିତା ସାହୁ, ମୃଣାଳକାନ୍ତି ଦାସ, ପ୍ରଦୀପ କୁମାର ନାୟକ, ଧର୍ମା ହାଁସଦା, ଯେଦୁଲ୍ଲା ବିଜୟ, ମୋନିକା ପ୍ରିୟଦର୍ଶିନୀ, ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପ୍ରମୁଖ ରହିଛନ୍ତି। ଏହାସହିତ ଆଇପିଏସ୍‌ଙ୍କ ମଧ୍ୟରେ ଗଜଭିୟେ ସତିଶ୍ କୁମାର ଆଇ., ଅବିନାଶ କୁମାର, ସତ୍ୟଜିତ୍ ନାୟକ, ବାତୁଲ ଗଙ୍ଗାଧର ଓ ଯୁଗଳ କିଶୋର କୁମାର ବନଥ ପ୍ରମୁଖ ରହିଛନ୍ତି।

ଏହି ଅବସରରେ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ସଂପୃକ୍ତ ୫ ରାଜ୍ୟରେ ହେବାକୁଥିବା ବିଧାନସଭା ନିର୍ବାଚନ ସଂକ୍ରାନ୍ତରେ ବିସ୍ତୃତ ଆଲୋଚନା ହେବ। ଆଦର୍ଶ ଆଚରଣବିଧି ଲାଗୁଠାରୁ ଆରମ୍ଭକରି ଇଭିଏମ୍, ଭିଭିପିଏଟିର ସୁପରିଚାଳନା ଏବଂ ସୂଚନା ପ୍ରଯୁକ୍ତି ସହିତ ଗଣମାଧ୍ୟମ ପରିଚାଳନା ଉପରେ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ବିଭିନ୍ନ ପ୍ରକାର ତଥ୍ୟ ପ୍ରଦାନ କରାଯିବ।

# ପୋଲିସ, ବନ କର୍ମଚାରୀଙ୍କୁ ଅଟକ ରଖିଲେ ବାଲିଚାଲାଣକାରୀ

ପାଟଣା, ୪।୨ (ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ତହସିଲ ଅନ୍ତର୍ଗତ ବୈତରଣୀ ନଦୀ ମୁରୁସୁଆଁ ଘାଟରେ ବୁଧବାର ରାତି ୯ଟା ୩୦ରେ ପୋଲିସ ଓ ବନ କର୍ମଚାରୀଙ୍କୁ ବାଲି ଚାଲାଣକାରୀ ଅଟକ ରଖିଛନ୍ତି। ବେଆଇନ ଭାବେ ବାଲି ଉତ୍ତୋଳନ କରି ଚାଲାଣ କରୁଥିବା ଖବର ପାଇ ତୁରୁମୁଙ୍ଗା ପୋଲିସ ଓ ପାଟଣା ବନ କର୍ମଚାରୀ ଚଢ଼ାଉକରି ୫ ଟ୍ରାକ୍ଟର ଜବତକରି ବନ କାର୍ଯ୍ୟାଳୟକୁ ନେଉଥିଲେ। ଧୁରୁଆପଡ଼ା ନିକଟରେ ଗାଡ଼ି ମାଲିକମାନେ ଜବତ ଟ୍ରାକ୍ଟର ସହ ପୋଲିସ ଓ ବନ କର୍ମଚାରୀଙ୍କୁ ଅଟକ ରଖିଥିବା ସୂଚନା ମିଳିଛି। ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ସୀମିତସଂଖ୍ୟକ ପୋଲିସ ଓ ବନ କର୍ମଚାରୀଙ୍କୁ ବାଲିଚାଲାଣକାରୀ ଛାଡ଼ି ନ ଥିଲେ। ଉଚ୍ଚ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚିଥିବା ଜଣାପଡ଼ିଛି। ଖବର ଲେଖାହେବା ବେଳକୁ ଘଟଣାସ୍ଥଳରେ ଚାପା ଉତ୍ତେଜନା ଲାଗିରହିଛି।

# ସୁନାମୁହିଁ ଜଙ୍ଗଲ ବିଚ୍‌ରେ ବୁଡ଼ି ଛାତ୍ର ମୃତ

ଆନନ୍ଦପୁର,୪।୨ (ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଆନନ୍ଦପୁର ଥାନା ଅନ୍ତର୍ଗତ ସୁନାମୁହିଁ ଜଙ୍ଗଲ ବିଚ୍‌ରେ ବୁଡ଼ି ଜଣେ +୨ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଝାଡ଼ଖଣ୍ଡ ରାଜ୍ୟର ପଶ୍ଚିମ ସିଂହଭୂମି ଜିଲାର ଚାଇଁବସାର ବିର୍ସା ଲିୟାଙ୍ଗିଙ୍କ ପୁଅ ବିକାଶ ଲିୟାଙ୍ଗି(୧୮)। ସେ କେନ୍ଦୁଝର ଜିଲା ଡିମ୍ବୋସ୍ଥିତ ସେଣ୍ଟ ଜାଭିୟର ସ୍କୁଲ ହଷ୍ଟେଲରେ ରହି ପଢୁଥିଲେ। ବୁଧବାର ୫ ଛାତ୍ରଙ୍କ ସହ ବାଇକ୍‌ରେ ସୁନାମୁହିଁ ବିଚ୍ ବୁଲିବାକୁ ଯାଇଥିଲେ। ସେଠାରେ ଗୋଧୋଉଥିବା ବେଳେ ଅସାବଧାନତାବଶତଃ ବିକାଶ ପାଣିରେ ବୁଡ଼ିଯାଇଥିଲେ। ଉପସ୍ଥିତ ସ୍ଥାନୀୟ ଲୋକେ ଓ ସାଙ୍ଗମାନେ ତାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ। ଖୋଜି ନ ପାଇବାରୁ ପାଟଣା ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ।

# ଗାଡ଼ି ଧକ୍କାରେ ୨ ମୃତ

ଆନନ୍ଦପୁର,୪।୨(ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଘସିପୁରା ଥାନା ୨୦ ନମ୍ବର ରାଜ୍ୟ ରାଜପଥ ଧକୋଠା ଟେଲିଫୋନ୍ ଏକ୍ସଚେଞ୍ଜ୍ ନିକଟରେ ଏକ ଅଜଣା ଗାଡ଼ି ଧକ୍କାରେ ୨ ଜଣଙ୍କର ମୃତ୍ୟୁ ଘଟିଛି। ମୃତକଦ୍ୱୟ ମାର୍ଶାପାଳ ଗ୍ରାମର ବୋଲି ଜଣାପଡ଼ିଥିବା ବେଳେ ସେମାନଙ୍କ ପରିଚୟ ମିଳିପାରିନାହିଁ। ଏହାକୁ ନେଇ ମାର୍ଶାପାଳ ଗ୍ରାମବାସୀ ୨୦ ନମ୍ବର ରାଜପଥକୁ କିଛି ସମୟ ଧରି ଅବରୋଧ କରି ରଖିଥିଲେ। ଫଳରେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଘସିପୁରା ଥାନା ଅଧିକାରୀ କିଶୋର ଚନ୍ଦ୍ର ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା।

# ୧୦ ଦିନରେ ୫,୪୫୧ ନିଖୋଜ ବ୍ୟକ୍ତି ଉଦ୍ଧାର

## ଓଡ଼ିଶା ପୋଲିସର ଅପରେଶନ ଅନ୍ୱେଷଣ-୨

କଟକ,୪।୨(କାର୍ତ୍ତିକ ସାହୁ)

ଓଡ଼ିଶା ପୋଲିସର ଅପରେଶନ ଅନ୍ୱେଷଣ-୨ ଅଭିଯାନରେ ୧୦ ଦିନ ମଧ୍ୟରେ ରେକର୍ଡ ସଂଖ୍ୟକ ୫,୪୫୧ଜଣ ନିଖୋଜ ବ୍ୟକ୍ତିଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ତନ୍ମଧ୍ୟରେ ୭୭ଜଣ ନାବାଳକ, ୭୦୯ ନାବାଳିକା ଓ ୪,୬୬୫ଜଣ ମହିଳା ରହିଛନ୍ତି। ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ନିର୍ଦ୍ଦେଶକ୍ରମେ ଚଳିତ ଜାନୁଆରୀ ୨୧ରୁ ୩୦ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ପୋଲିସ ପକ୍ଷରୁ ରାଜ୍ୟବ୍ୟାପୀ 'ଅପରେଶନ ଅନ୍ୱେଷଣ-୨' ଅଭିଯାନ କରାଯାଇଥିଲା। ରାଜ୍ୟର ସମସ୍ତ ଜିଲା ଓ ସହରାଞ୍ଚଳ ପୋଲିସ ଅଭିଯାନରେ ସାମିଲ ହୋଇଥିଲେ। ସୂଚନାନୁସାରେ, ପୁରୀ ଜିଲା ପୋଲିସ ସର୍ବାଧିକ ୬୧୩ଜଣ ନିଖୋଜ ବ୍ୟକ୍ତିଙ୍କୁ ଉଦ୍ଧାର କରିଥିବା ବେଳେ କଟକ ଜିଲା ୫୦୧, ଭଦ୍ରକ ଜିଲା ପୋଲିସ ୪୨୯ଜଣଙ୍କୁ ଉଦ୍ଧାର କରିଛନ୍ତି। ଗଞ୍ଜାମ ଜିଲା ୪୧୩, କେନ୍ଦ୍ରାପଡ଼ା ୩୪୬, ଯାଜପୁର ୨୭୧, ବରଗଡ଼ ୨୩୬, ଅନୁଗୋଳ ୨୧୦, ଢେଙ୍କାନାଳ ୨୦୬, ଜଗତ୍‌ସିଂହପୁର ୧୭୭, ନୂଆପଡ଼ା ୧୭୩, ବ୍ରହ୍ମପୁର ୧୭୦, କେନ୍ଦୁଝର ୧୬୧, ସୁନ୍ଦରଗଡ଼ ୧୩୫, କଟକ ସହରାଞ୍ଚଳ ୧୩୪, କଳାହାଣ୍ଡି ୧୩୩, ନୟାଗଡ଼ ୧୨୭, ବାଲେଶ୍ୱର ୧୨୫, ମୟୂରଭଞ୍ଜ ଜିଲା ପୋଲିସ ୧୧୯ଜଣ ନିଖୋଜ ବ୍ୟକ୍ତିଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଛି। ସେହିପରି ବାକି ଜିଲାଗୁଡ଼ିକରୁ ୭୭୨ଜଣ ନିଖୋଜ ବ୍ୟକ୍ତିଙ୍କୁ ଉଦ୍ଧାର କରାଯାଇଛି। ପରିବାରଠାରୁ ବିଚ୍ଛିନ୍ନ ହୋଇଯାଇଥିବା ନିଖୋଜ ଶିଶୁ ଓ ମହିଳାମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରି ପୁନଃ ପରିବାର ସହ ମିଳନ କରାଇବାରେ ଓଡ଼ିଶା ପୋଲିସ ଅପରେଶନ ଅନ୍ୱେଷଣ ଆରମ୍ଭ କରିଛି। ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଓଡ଼ିଶା ପୋଲିସର ଏହି ସଫଳତା ପାଇଁ ସମସ୍ତ ସମ୍ପୃକ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ପ୍ରଶଂସା କରିବା ସହ ଆଗାମୀ ଦିନରେ ମଧ୍ୟ ନିଖୋଜ ଶିଶୁ ଓ ମହିଳାଙ୍କ ସୁରକ୍ଷା, ଉଦ୍ଧାର ପାଇଁ ଏପରି ଅଭିଯାନକୁ ଆହୁରି ଜୋରଦାର କରାଯିବ ବୋଲି କହିଛନ୍ତି।

# ପ୍ରତିଶ୍ରୁତି ପୂରଣ ହୋଇ ନ ଥିବାରୁ ଅଧିକାରୀଙ୍କୁ ଘେରିଲେ

## ସୀମାନ୍ତ ରାଇପାହାଡ଼ରେ ସମସ୍ୟା ଶୁଣିଲା ଜିଲା ପ୍ରଶାସନ

ନନ୍ଦପୁର/ ପାଡୁଆ, ୪।୨ (ତୁଷାରକାନ୍ତ ମହାନ୍ତି/ ଶଙ୍କର ପୂଜାରୀ)

କୋରାପୁଟ ଜିଲା କୋଟିଆ ଭଳି ସୀମାନ୍ତ ଗ୍ରାମଗୁଡ଼ିକ ବିବାଦ ପରିସରକୁ ଆସୁଥିବା ଦେଖିବାକୁ ମିଳୁଛି। ସୀମାନ୍ତବାସୀ ଆନ୍ଧ୍ର-ଓଡ଼ିଶା-ଛତିଶଗଡ଼ର ମୌଳିକ ପ୍ରତିଶ୍ରୁତି ପାଉଛନ୍ତି, କିନ୍ତୁ ୨ ରାଜ୍ୟର ବିବାଦ ଯୋଗୁ ଅବହେଳିତ ମଧ୍ୟ ହେଉଥିବା ସୂଚନା ମିଳୁଛି। ଏହାକୁ ନେଇ ବାରମ୍ବାର ଖବର ପ୍ରକାଶ ମଧ୍ୟ କରାଯାଉଛି। ଏହି ବିବାଦ ଭିତରେ କୋରାପୁଟ ଜିଲା ପ୍ରଶାସନ ବିବାଦ ଘେରରେ ଥିବା ଜିଲାର ସୀମାନ୍ତ ଗ୍ରାମାଞ୍ଚଳଗୁଡ଼ିକରେ ବୁଧବାରଠାରୁ ନିରୀକ୍ଷଣ ଆରମ୍ଭ କରିଛି। ନନ୍ଦପୁର ବ୍ଲକ୍ ଗୋଲୁର ପଞ୍ଚାୟତ ଆନ୍ଧ୍ର-ଓଡ଼ିଶା ସୀମାନ୍ତ ତଥା ବିବାଦୀୟ ରାଇପାହାଡ଼ ଗ୍ରାମରେ ଜିଲା ଓ ନନ୍ଦପୁର ବ୍ଲକ ପ୍ରଶାସନିକ ଅଧିକାରୀ ଗ୍ରାମବାସୀଙ୍କ ସହ ଆଲୋଚନା କରିଛନ୍ତି। କିନ୍ତୁ ଓଡ଼ିଶା ଦ୍ୱିପାକ୍ଷିକ ଆଲୋଚନା ପରେ ଦେଇଥିବା ପ୍ରତିଶ୍ରୁତି ଏଯାଏ ପୂରଣ କରି ନ ଥିବା ନେଇ ଲୋକ ପ୍ରତିନିଧି ଓ



ସିଡିଓ, ଉପଜିଲାପାଳଙ୍କ ସମେତ ଅନ୍ୟ ଅଧିକାରୀ ରାଇପାହାଡ଼ ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି।

ଗ୍ରାମବାସୀ ଅଧିକାରୀଙ୍କୁ ଘେରିଛନ୍ତି। ଟିମ୍‌ରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବେଣୁଧର ଶବର, ଉପଜିଲାପାଳ ପ୍ରେମଲାଲ ହିଆଲ, ତହସିଲଦାର ଦେବବ୍ରତ ମହାରଣା, ବିଡିଓ ଦୁର୍ଗାପ୍ରସାଦ ଦୋରା, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଅମିତ୍ ସାହୁ, ସିଡିପିଓ ମୀନତିବାଳା ପଟ୍ଟନାୟକ, ଟିପି ଏସ୍‌ଓଡିଏଲ ଯନ୍ତ୍ରୀ ପ୍ରଭୁ ମଲ୍ଲିକ, ଗ୍ରାମ୍ୟ ଜଳଯୋଗାଣ ଯନ୍ତ୍ରୀ କାହ୍ନୁଚରଣ ସେଠୀ, ଆର୍‌ଡି ବିଭାଗୀୟ ଯନ୍ତ୍ରୀ, ବନ ବିଭାଗ କର୍ମଚାରୀ, ରାଜସ୍ୱ ନିରୀକ୍ଷକ, ପଞ୍ଚାୟତ ପିଇଓ, ଡିଇଓ, ସରପଞ୍ଚ ଓ ସମିତିସଭ୍ୟ ସାମିଲ ରହିଥିଲେ। ଟିମ୍ ରାଇପାହାଡ଼ ଗ୍ରାମରେ ଆନ୍ଧ୍ର ନିର୍ମିତ ବିଭିନ୍ନ ପ୍ରକଳ୍ପ ନିରୀକ୍ଷଣ ଓ ପ୍ରଦତ୍ତ ବିଭିନ୍ନ ସହାୟତା ସମ୍ପର୍କରେ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ରାଇପାହାଡ଼ ଗ୍ରାମବାସୀଙ୍କୁ ଆନ୍ଧ୍ର-ଓଡ଼ିଶାର ଆଲୋଚନା ପରେ ଦିଆଯାଇଥିବା ପ୍ରତିଶ୍ରୁତି କାହିଁକି ଏଯାଏ ପାଳନ ହୋଇନାହିଁ ବୋଲି ଅଧିକାରୀଙ୍କୁ ପ୍ରଶ୍ନ କରିଥିଲେ। ନିର୍ବାଚିତ ପଞ୍ଚାୟତ ପ୍ରତିନିଧି ବ୍ଲକ୍, ଜିଲା ଓ ରାଜ୍ୟ ପ୍ରଶାସନର ଅବହେଳା ଯୋଗୁ ସେମାନଙ୍କୁ ରାଇପାହାଡ଼ ଗ୍ରାମବାସୀଙ୍କ ସମ୍ମୁଖରେ ଲଜ୍ଜିତ ହେବାକୁ ପଡୁଥିବା କହିଛନ୍ତି। ପ୍ରଶାସନ ପକ୍ଷରୁ ସିଡିଓ ଶବର ଓ ଉପଜିଲାପାଳ ହିଆଲ ଏହି ଅଭିଯୋଗଗୁଡ଼ିକ ଲିଖିତ ଭାବେ ରଖି ରିପୋର୍ଟ ପ୍ରଦାନ କରିବାକୁ ବିଡିଓ ଏବଂ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କୋରାପୁଟ ଜିଲାପାଳ ମନୋଜ ସତ୍ୟବାନ ମହାଜନ ସୀମାନ୍ତ ଗ୍ରାମଗୁଡ଼ିକର ବିବାଦୀୟ ସ୍ଥିତିର ଅବଲୋକନ ଓ ସମାଧାନ ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଦେଇଛନ୍ତି। ଜିଲାର ସମସ୍ତ ଆନ୍ଧ୍ର ଓ ଛତିଶଗଡ଼ ସୀମାନ୍ତବର୍ତ୍ତୀ ଅଞ୍ଚଳକୁ ଜିଲା ଓ ସମ୍ପୃକ୍ତ ବ୍ଲକ୍ ପ୍ରଶାସନିକ ଟିମ୍ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଟିମ୍ ଗ୍ରାମ ପରିଦର୍ଶନ କରି ସେମାନଙ୍କ ସମସ୍ୟାର ଅନୁଧ୍ୟାନକରି ରିପୋର୍ଟ ପ୍ରଦାନ କରିବେ। ଏହାକୁ ଆଗାମୀ ଦିନରେ ସମାଧାନ କରାଯିବ ବୋଲି ସୂଚନା ଦେଇଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଓଡ଼ିଶା ହେବ ଫିନ୍‌ଟେକ୍, ଏଆଇ ଓ ଗ୍ଲୋବାଲ କାପାବିଲିଟି ସେଣ୍ଟର ହବ୍

- ଆଜିଠାରୁ ୨ଦିନିଆ ବ୍ଲାକ୍ ଶ୍ୱାନ ସମିଟ୍
- ଯୋଗଦେବେ ରାଷ୍ଟ୍ରପତି, ମୁଖ୍ୟମନ୍ତ୍ରୀ
- ୨୪ ଦେଶର ୧୭ ହଜାର ପ୍ରତିନିଧିଙ୍କ ଅଂଶଗ୍ରହଣ
- ଆସିବେ ୫ ମହାଦେଶର ୧୦୦ ବକ୍ତା



**ଭୁବନେଶ୍ୱର,୪।୨(ଅନୁରାଧା ମହାରଣା)**
ଭୁବନେଶ୍ୱରରେ ଗୁରୁବାରଠାରୁ ୨ଦିନିଆ ପ୍ରଥମ ବ୍ଲାକ୍ ଶ୍ୱାନ ସମିଟ୍ ଇଣ୍ଡିଆ ଅନୁଷ୍ଠିତ ହେବ। ଓଡ଼ିଶା ସରକାରଙ୍କ ଭାରତନେତ୍ର ଉଦ୍ୟମ ଅଧୀନରେ ସିଙ୍ଗାପୁର ମୁଖ୍ୟାଳୟ ଥିବା ଗ୍ଲୋବାଲ ଫାଇନାନ୍ସ ଆଣ୍ଡ ଟେକ୍ନୋଲୋଜି ନେଟ୍‌ୱର୍କ (ଜିଏଫ୍‌ଟିଏନ୍) ସହ ସହଭାଗିତାରେ ଏହି ସମିଟ୍ ଅନୁଷ୍ଠିତ ହେବାକୁ ଯାଉଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବେ। ବୁଧବାର ଲୋକସେବା ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି। ଉକ୍ତ ସମ୍ମିଳନୀ ଆୟୋଜନରୁ ସ୍ପଷ୍ଟ ହୋଇଛି ଯେ, ଓଡ଼ିଶା ଭାରତର ପରବର୍ତ୍ତୀ ଫିନ୍‌ଟେକ, ଏଆଇ ଓ ଗ୍ଲୋବାଲ କାପାବିଲିଟି ସେଣ୍ଟର ହବ୍ ଭାବେ ଉଭାହେଉଛି। ଏହା ରାଜ୍ୟଗୁଡ଼ିକୁ ଜାତୀୟ ପରିବର୍ତ୍ତନର ଇଞ୍ଜିନ ଭାବେ ସ୍ଥାପନ କରିବା ସହ ଭାରତର ବିକଶିତ ଭାରତ ୨୦୪୭ ଦୃଷ୍ଟିକୋଣ ସହ ସମନ୍ୱିତ ହେଉଛି। କାର୍ଯ୍ୟକ୍ରମରେ ୨୪ଟି ଦେଶରୁ ୧,୭୦୦ରୁ ଅଧିକ ପ୍ରତିନିଧି ଓ ୫ଟି ମହାଦେଶରୁ ପ୍ରାୟ ୧୦୦ ବକ୍ତାଙ୍କ ଅଂଶଗ୍ରହଣରେ ଏହି ସମିଟ୍ ବିଶ୍ୱ ଓ ଜାତୀୟ ନୀତିନିର୍ମାତା, ନିୟନ୍ତ୍ରକ, ଆର୍ଥିକ ସଂସ୍ଥା, ଟେକ୍ନୋଲୋଜି ନେତା, ଷ୍ଟାର୍ଟଅପ୍, ନିବେଶକ ଓ ବିଶେଷଜ୍ଞଙ୍କୁ ଏକତ୍ରିତକରି କାର୍ଯ୍ୟକାରୀ କେନ୍ଦ୍ରିକ ଆଲୋଚନା ପାଇଁ ଏକ ପ୍ଲାଟ୍‌ଫର୍ମ ହେବ। ଇଲେକ୍ଟ୍ରୋନିକ୍ସ ଓ ଇନ୍‌ଫର୍ମେଶନ ଟେକ୍ନୋଲୋଜି ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ବିଶାଳ କୁମାର ଦେବ କହିଛନ୍ତି, ଓଡ଼ିଶା କେବଳ ବିଶ୍ୱ ଡିଜିଟାଲ ଅର୍ଥନୀତିରେ ଅଂଶଗ୍ରହଣ କରିବାକୁ ନୁହେଁ, ବରଂ ବିକଶିତ ଭାରତର ଅଗ୍ରଣୀ ଅବଦାନକାରୀ ଭାବେ ଏହାକୁ ଗଠନ କରିବାକୁ ଚାହୁଁଛି। ଏହାର ଫୋକସ ଏଆଇ ଓ ଡିଜିଟାଲ ଫାଇନାନ୍ସକୁ ପ୍ରକୃତ ଅର୍ଥନୈତିକ ମୂଲ୍ୟ ଓ ଦୀର୍ଘମିଆଦୀ ସଂସ୍ଥାଗତ ସାମର୍ଥ୍ୟ ପ୍ରଦାନ କରିବାରେ ରହିଛି। ଭାରତର ଡିଜିଟାଲ ପବ୍ଲିକ୍ ଇନ୍‌ଫ୍ରାଷ୍ଟ୍ରକ୍ଚର ଏକ ଦୃଢ଼ ଜାତୀୟ ଭିତ୍ତି ସୃଷ୍ଟି କରିଛି। ଜାନୁଆରୀରେ ସିଙ୍ଗାପୁରର ରାଷ୍ଟ୍ରପତି ଥରମନ ଶନମୁଗରତ୍ନମ୍‌ଙ୍କ ଓଡ଼ିଶା ଗସ୍ତ ସମୟରେ ଭାରତନେତ୍ର ଗଠନ ହୋଇଥିଲା। ଜିଏଫ୍‌ଟିଏନ୍‌ର ଗ୍ରୁପ୍ ସିଇଓ ସ୍ୱପ୍ନେନ୍ଦୁ ମହାନ୍ତି କହିଛନ୍ତି, ଭାରତନେତ୍ର ମାଧ୍ୟମରେ ଓଡ଼ିଶାର ଜିଏଫ୍‌ଟିଏନ୍ ଭାଗୀଦାରି ରାଜ୍ୟ ସରକାରଗୁଡ଼ିକ ବିଶ୍ୱ ଡିଜିଟାଲ ଅର୍ଥନୀତି ସହ ସଂଯୋଗକରି ଜାତୀୟ ପ୍ରତିଯୋଗିତା ବୃଦ୍ଧି କରିବାର ଏକ ବ୍ଲୁପ୍ରିଣ୍ଟ ପ୍ରଦାନ କରୁଛି। ଏହା ନିବେଶ ଆକର୍ଷଣ, ୱାର୍କଫୋର୍ସ ପ୍ରସ୍ତୁତି ଓ ଗ୍ଲୋବାଲ କାପାବିଲିଟି ସେଣ୍ଟର ସ୍ଥାପନ ଉପରେ ଗୁରୁତ୍ୱ ଦେଇ ଡିଜିଟାଲ ଫାଇନାନ୍ସକୁ ବୃଦ୍ଧି କରୁଛି। ଏହି ଦୃଷ୍ଟିକୋଣକୁ କାର୍ଯ୍ୟକାରୀ କରିବା ପାଇଁ ଭାରତନେତ୍ର ଅଧୀନରେ ଫିନ୍‌ଟେକ୍ ଓ ଇନ୍‌ସ୍ୟୁରଟେକ ହାଇବ୍ରିଡ୍ ପ୍ରୋଗ୍ରାମର ପ୍ରଥମ ବ୍ୟାଚ୍ ସଫଳତାର ସହ ସମାପ୍ତ ହୋଇଛି। ଏହି ଗ୍ରାଜୁଏଟମାନଙ୍କୁ ଇଣ୍ଡଷ୍ଟ୍ରି ପାର୍ଟନରମାନେ ଇଣ୍ଟରଭ୍ୟୁ କରୁଛନ୍ତି ଏବଂ ଶ୍ରେଷ୍ଠ ପ୍ରଦର୍ଶନକାରୀମାନେ ଜାପାନ ଓ ସିଙ୍ଗାପୁରରେ ବିଶେଷ ସୁଯୋଗ ପାଇବେ। ସମିଟ୍‌ରେ ବଜାଜ ଜେନେରାଲ ଇନ୍‌ସ୍ୟୁରାନ୍ସ, ଆଡଭାଞ୍ଜୋ ଟେକ କମ୍ପାନୀମାନଙ୍କ ସହ ଏମ୍‌ଓୟୁ ହସ୍ତାକ୍ଷର ହେବ, ଯାହା ଶିକ୍ଷାରୁ ରୋଜଗାର ପର୍ଯ୍ୟନ୍ତ ଏକ ସିଧା ପାଇପଲାଇନ ସୃଷ୍ଟିକରି ଓଡ଼ିଶାକୁ ଫିନ୍‌ଟେକ୍ ଓ ଇନ୍‌ସ୍ୟୁରଟେକ ପ୍ରତିଭା ଓ କାର୍ଯ୍ୟକାରୀ ହବ୍ ଭାବେ ସୁଦୃଢ଼ କରୁଛି।

# ରେଳ ବଜେଟରେ ଝାଡ଼ଖଣ୍ଡକୁ ୭,୫୩୬ କୋଟି



**ଭୁବନେଶ୍ୱର,୪।୨(ଅନୁରାଧା ମହାରଣା)**
କେନ୍ଦ୍ର ସରକାରଙ୍କ ୨୦୨୬-୨୭ ଆର୍ଥିକ ବର୍ଷର ସାଧାରଣ ବଜେଟରେ ଭାରତୀୟ ରେଳପଥ ପାଇଁ ରେକର୍ଡ ୨,୭୮,୦୦୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ଏହି ବଜେଟରେ ସୁରକ୍ଷା, ମାଲବାହୀ ପରିବହନ ଓ ଉଚ୍ଚଗତି ସଂଯୋଗ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଓ ଓଡ଼ିଶାରେ ରେଳ ବିକାଶ ପାଇଁ ବଜେଟ ଅନୁଦାନରେ ଯଥେଷ୍ଟ ବୃଦ୍ଧି ହୋଇଛି। ଏନେଇ ଦକ୍ଷିଣ-ପୂର୍ବ ରେଳପଥ ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ନୂଆଦିଲ୍ଲୀରୁ ଭର୍ଚୁଆଲ ମାଧ୍ୟମରେ କହିଛନ୍ତି, ୨୦୨୬-୨୭ ବଜେଟ ସମ୍ପର୍କରେ ବିସ୍ତୃତ ସୂଚନା ଦିଆଯାଇଛି । ଏହି ବଜେଟରେ ପଶ୍ଚିମବଙ୍ଗ ପାଇଁ ୧୪,୨୦୫ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି, ଯାହା ୨୦୦୯-୨୦୧୪ ସମୟରେ ହୋଇଥିବା ଗତ ବର୍ଷ ଅନୁଦାନ ୪,୩୮୦ କୋଟି ଟଙ୍କାର ତୁଳନାରେ ବହୁ ଗୁଣ ଅଧିକ। ଝାଡ଼ଖଣ୍ଡ ପାଇଁ ଏହି ବଜେଟରେ ୭,୫୩୬ କୋଟି ଟଙ୍କାର ବ୍ୟୟ ବରାଦ ହୋଇଛି, ଯାହା ୨୦୦୯-୨୦୧୪ ସମୟର ଗତ ବର୍ଷ ୪୫୭ କୋଟି ଟଙ୍କାର ତୁଳନାରେ ୧୬ ଗୁଣରୁ ଅଧିକ ବୃଦ୍ଧି ପାଇଛି। ଓଡ଼ିଶା ପାଇଁ ରେକର୍ଡ ୧୦,୯୨୮ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ଅମୃତ ଭାରତ ଷ୍ଟେଶନ ଯୋଜନା ଅଧୀନରେ ପଶ୍ଚିମବଙ୍ଗରେ ୧୦୧ଟି, ଝାଡ଼ଖଣ୍ଡରେ ୫୭ଟି ଓ ଓଡ଼ିଶାରେ ୫୯ଟି ଷ୍ଟେଶନକୁ ପୁନର୍ବିକାଶ କରାଯିବ। ଦକ୍ଷିଣ-ପୂର୍ବ ରେଳପଥର ମହାପ୍ରବନ୍ଧକ ଅନିଲ କୁମାର ମିଶ୍ରଙ୍କ ସହ ବରିଷ୍ଠ ପଦାଧିକାରୀ ଏଥିରେ ଉପସ୍ଥିତ ଥିଲେ।

# ଏନ୍‌ଏମ୍‌ଡିସିର ରେକର୍ଡ ଆର୍ଥିକ ପ୍ରଦର୍ଶନ

**ଭୁବନେଶ୍ୱର,୪।୨(ଅନୁରାଧା ମହାରଣା)**
ଭାରତର ସବୁଠାରୁ ବଡ଼ ଆଇରନ ଓର୍ ଉତ୍ପାଦକ ନ୍ୟାଶନାଲ ମିନେରାଲ ଡେଭଲପମେଣ୍ଟ କର୍ପୋରେଶନ(ଏନ୍‌ଏମ୍‌ଡିସି) ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ ୯ ମାସରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଛି। କମ୍ପାନୀ ଉଭୟ ଭଲ୍ୟୁମ ଓ ଆର୍ଥିକ କ୍ଷେତ୍ରରେ ଦୃଢ଼ ବୃଦ୍ଧି ହାସଲ କରିଛି। ଜାନୁଆରୀରେ ଏନ୍‌ଏମ୍‌ଡିସି କମ୍ପାନୀର ଇତିହାସରେ ସର୍ବାଧିକ ଉତ୍ପାଦନ ଓ ବିକ୍ରି ହାସଲ କରିଛି। ଏହି ମାସରେ ୫.୫୬ ମିଲିୟନ ଟନ୍ (ଏମ୍‌ଟି) ଆଇରନ ଓର୍ ଉତ୍ପାଦନ ହୋଇଥିବାବେଳେ ୪.୭୯ ଏମ୍‌ଟି ବିକ୍ରି ହୋଇଛି। ଗତ ବର୍ଷର ସମାନ ସମୟ ତୁଳନାରେ ଉତ୍ପାଦନରେ ୯% ଓ ବିକ୍ରିରେ ୭% ବୃଦ୍ଧି ହୋଇଛି। ୨୦୨୬ ଜାନୁଆରୀ ପର୍ଯ୍ୟନ୍ତ କ୍ୟୁମୁଲେଟିଭ ପ୍ରଦର୍ଶନରେ ଉତ୍ପାଦନ ୪୨.୬୫ ଏମ୍‌ଟିରେ ପହଞ୍ଚିଛି, ଯାହା ଗତ ବର୍ଷ ତୁଳନାରେ ୧୯% ଅଧିକ। ଏହିଭଳି ବିକ୍ରି ୩୯.୭୩ ଏମ୍‌ଟିରେ ପହଞ୍ଚି ୯.୭% ବୃଦ୍ଧି ଦର୍ଶାଇଛି।



ଆର୍ଥିକ ଦୃଷ୍ଟିରୁ କମ୍ପାନୀର ପ୍ରଥମ ୯ ମାସର ଉଲ୍ଲେଖନୀୟ ପ୍ରଦର୍ଶନ। ରେଭେନ୍ୟୁ ୨୨% ବୃଦ୍ଧି ପାଇ ୨୦,୩୮୧ କୋଟି ଟଙ୍କାରେ ପହଞ୍ଚିଛି। ପ୍ରଫିଟ ବିଫୋର୍ ଟ୍ୟାକ୍ସ (ପିବିଟି) ୫% ବୃଦ୍ଧି ପାଇ ୭,୨୮୦ କୋଟି ଟଙ୍କା ହୋଇଛି। ପ୍ରଫିଟ ଆଫ୍ଟର୍ ଟ୍ୟାକ୍ସ (ପିଏଟି) ୪% ବଢ଼ି ୫,୪୦୧ କୋଟି ଟଙ୍କା ହୋଇଛି ଏବଂ ଇବିଆଇଟିଡିଏ ୫% ବୃଦ୍ଧି ପାଇ ୭,୬୬୬ କୋଟି ଟଙ୍କାରେ ପହଞ୍ଚିଛି। ଏହି ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଏନ୍‌ଏମ୍‌ଡିସି ଶେୟାର ହୋଲ୍ଡରଙ୍କ ପାଇଁ ପ୍ରତି ଇକ୍ୱିଟି ଶେୟାର ପିଛା ୨.୫୦ ଟଙ୍କାର ଇଣ୍ଟେରିମ ଡିଭିଡେଣ୍ଡ ଘୋଷଣା କରିଛି। ରେକର୍ଡ ଭଲ୍ୟୁମ ଓ ନିରନ୍ତର ଅପରେଶନାଲ ଉତ୍କର୍ଷ ଏହି ସଫଳତାର ମୁଖ୍ୟ କାରଣ ବୋଲି କମ୍ପାନୀ କହିଛି।

# ସୁନା ଚାହିଦା ୫୦୦୨ ଟନ୍‌କୁ ବୃଦ୍ଧି

**ଭୁବନେଶ୍ୱର,୪।୨(ଅନୁରାଧା ମହାରଣା)**
୨୦୨୫ରେ ବିଶ୍ୱରେ ସୁନା ଚାହିଦା ସମସ୍ତ ପୁରୁଣା ରେକର୍ଡ ଭାଙ୍ଗି ଏକ ନୂଆ ଇତିହାସ ସୃଷ୍ଟି କରିଛି। ୨୦୨୫ରେ ମୋଟ ସୁନା ଚାହିଦା ୫୦୦୨ ଟନ୍‌ରେ ପହଞ୍ଚିଛି, ଯାହାକି ଏବେ ସୁଦ୍ଧା ସର୍ବାଧିକ। ୱାର୍ଲ୍ଡ ଗୋଲ୍ଡ କାଉନ୍‌ସିଲର ୨୦୨୫ ରିପୋର୍ଟ ଅନୁଯାୟୀ, ବିଶ୍ୱସ୍ତରରେ ଲାଗିରହିଥିବା ଆର୍ଥିକ ଏବଂ ରାଜନୈତିକ ଅସ୍ଥିରତା ଯୋଗୁ ନିବେଶକମାନେ ସୁନା ଉପରେ ଅଧିକ ଭରସା କରିଛନ୍ତି। ସେହିଭଳି ବିଶ୍ୱସ୍ତରରେ ଗତବର୍ଷ ମୋଟ ନିବେଶ ଚାହିଦା ୨୧୭୫ ଟନ୍ ରେକର୍ଡ କରାଯାଇଛି। ଫଳରେ ସୁନାରେ ବିପୁଳ ନିବେଶ ହେବା ସହ ଏହାର ବାର୍ଷିକ କାରବାର ମୂଲ୍ୟ ୫୫୫ ବିଲିୟନ ଡଲାର ଛୁଇଁଛି। ଅନ୍ୟପକ୍ଷରେ ଏହି ତ୍ରୈମାସିକରେ ଭାରତରେ ମୋଟ ନିବେଶ ଚାହିଦା ୨୬% ବୃଦ୍ଧି ପାଇ ୯୬ ଟନ୍ ହୋଇଛି। ମୂଲ୍ୟ ହିସାବରେ ଦେଖିଲେ ଏହା ପ୍ରାୟ ୨ଗୁଣ ବଢ଼ି ୧,୨୦,୭୦୦ କୋଟି ଟଙ୍କାରେ ପହଞ୍ଚିଛି, ଯାହା ଗତ ବର୍ଷ ତୁଳନାରେ ୧୦୮% ଅଧିକ। ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ, ଭାରତୀୟ ନିବେଶକମାନେ ଭବିଷ୍ୟତର ସୁରକ୍ଷା ପାଇଁ ଏବେ ସୁନା ଉପରେ ଅଧିକ ଭରସା କରୁଛନ୍ତି।
ୱାର୍ଲ୍ଡ ଗୋଲ୍ଡ କାଉନ୍‌ସିଲର ବରିଷ୍ଠ ବଜାର ବିଶ୍ଳେଷକ ଲୁଇସ୍ ଷ୍ଟ୍ରିଟ୍ କହିଛନ୍ତି, ବିଶ୍ୱରେ ଲାଗିରହିଥିବା ଆର୍ଥିକ ଓ ରାଜନୈତିକ ସଙ୍କଟ ମଧ୍ୟରେ ଲୋକମାନେ ସୁନା କିଣିବା ଏବଂ ଗଚ୍ଛିତ ରଖିବାକୁ ଅଧିକ ସୁରକ୍ଷିତ ମଣୁଛନ୍ତି। ଉଲ୍ଲେଖନୀୟ ବିଷୟ ହେଉଛି, ସୁନା ଦର ୬୭% ବୃଦ୍ଧି ପାଇଥିଲେ ମଧ୍ୟ ଅଳଙ୍କାର ଚାହିଦା ମାତ୍ର ୧୮% ହ୍ରାସ ପାଇଥିଲା। ଅନ୍ୟପଟେ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ମଧ୍ୟ ନିଜର ସୁନା ଭଣ୍ଡାର ବଢ଼ାଇବା ପାଇଁ ପ୍ରତିବଦ୍ଧ ରହିଛନ୍ତି। ୱାର୍ଲ୍ଡ ଗୋଲ୍ଡ କାଉନ୍‌ସିଲର ଭାରତୀୟ ସିଇଓ ସଚିନ ଜୈନଙ୍କ କହିବା ଅନୁଯାୟୀ, ୨୦୨୫ର ଶେଷ ତ୍ରୈମାସିକରେ ଭାରତୀୟ ସୁନା ବଜାରରେ ଏକ ମିଶ୍ରିତ ଫଳାଫଳ ଦେଖିବାକୁ ମିଳିଛି। ବଢୁଥିବା ଦର ଏବଂ ଗ୍ରାହକଙ୍କ ବଦଳୁଥିବା ମାନସିକତା ଯୋଗୁଁ ସୁନା ଚାହିଦା ପରିମାଣ ଦୃଷ୍ଟିରୁ ସାମାନ୍ୟ କମିଛି। ୨୦୨୪ ତୁଳନାରେ ଏହି ସମୟରେ ଚାହିଦା ୪% ହ୍ରାସ ପାଇ ୨୪୧.୩ ଟନ୍ ରହିଛି। ପରିମାଣ କମିଥିଲେ ମଧ୍ୟ ସୁନା ଦର ବୃଦ୍ଧି ଯୋଗୁଁ ଏହାର ମୋଟ କାରବାର ମୂଲ୍ୟରେ ୪୯% ବୃଦ୍ଧି ଘଟିଛି। ଫଳରେ ଏହି ସମୟ ମଧ୍ୟରେ ପ୍ରାୟ ୩,୦୩,୪୭୦ କୋଟି ଟଙ୍କାର ସୁନା କାରବାର ହୋଇଛି। ନିବେଶକମାନେ ସୁନାକୁ ଏକ ସୁରକ୍ଷିତ ବିକଳ୍ପ ଭାବେ ବାଛି 'ଗୋଲ୍ଡ ଇଟିଏଫ୍'ରେ ୮୦୧ ଟନ୍ ସୁନା କିଣିଛନ୍ତି। ସୁନା ବିସ୍କୁଟ ଓ କଏନ୍‌ର ଚାହିଦା ମଧ୍ୟ ୧୩୭୪ ଟନ୍ କିମ୍ବା ୧୫୪ ବିଲିୟନ ଡଲାରରେ ପହଞ୍ଚିଛି। ଗତ ୩ ବର୍ଷ ଧରି ଏହି ପରିମାଣ କ୍ରମାଗତ ଭାବେ ୧୦୦୦ ଟନ୍‌ରୁ ଅଧିକ ରହୁଥିବା ବେଳେ, ଏଥର ତାହା ସାମାନ୍ୟ କମିଛି।

## ୬ ହଜାର ବଢ଼ିଲା ସୁନା ଦର

**ଭୁବନେଶ୍ୱର,୪।୨(ଅନୁରାଧା ମହାରଣା)**
ବିଶ୍ୱ ବଜାରରେ ଦର ବୃଦ୍ଧି ଏବଂ ସ୍ଥାନୀୟ ଚାହିଦା ଯୋଗୁ ଆଜି ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ସମେତ ବିଭିନ୍ନ ସହରରେ ସୁନା ଦରରେ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିଛି। ଓଡ଼ିଶାରେ ବୁଧବାର ସୁନା ଦର ପ୍ରାୟ ୩.୧୪% ବୃଦ୍ଧି ପାଇଛି। ୨୪ କ୍ୟାରେଟ ସୁନାଦର ୧୦ ଗ୍ରାମ ପ୍ରତି ଏହାର ମୂଲ୍ୟ ୧,୬୦,୫୩୦ ଟଙ୍କାରେ ପହଞ୍ଚିଛି, ଯାହା ମଙ୍ଗଳବାର ତୁଳନାରେ ପ୍ରାୟ ୬,୬୦୦ ଟଙ୍କା ଅଧିକ। ୨୨ କ୍ୟାରେଟ ସୁନା ୧୦ ଗ୍ରାମ ପ୍ରତି ୧,୪୭,୧୫୦ ଟଙ୍କା ରହିଛି। ମଙ୍ଗଳବାର ଅପେକ୍ଷା ବୁଧବାର ଏଥିରେ ପ୍ରାୟ ୬,୦୫୦ ଟଙ୍କାର ବୃଦ୍ଧି ଘଟିଛି। ବଜେଟ ପରବର୍ତ୍ତୀ ସମୟରେ ବଜାରରେ କିଛି ଦିନ ହ୍ରାସ ପରେ ଆଜି ପୁଣି ବିଶ୍ୱ ବଜାରରେ ସୁନା ଦର ବୃଦ୍ଧି ପାଇଛି। ବିଶେଷଜ୍ଞଙ୍କ ମତରେ, ବିଶ୍ୱ ଅର୍ଥନୀତିରେ ପରିବର୍ତ୍ତନ ଏବଂ ଆଗାମୀ ବିବାହ ଋତୁ ଯୋଗୁ ଚାହିଦା ବଢ଼ିବା ଫଳରେ ଏହି ଦର ବୃଦ୍ଧି ପରିଲକ୍ଷିତ ହେଉଛି।

# ବାଗ୍‌ଚୀ ଶ୍ରୀଶଙ୍କରା କ୍ୟାନ୍‌ସର ସେଣ୍ଟରରେ କ୍ୟାନ୍‌ସର ଦିବସ




**ଭୁବନେଶ୍ୱର,୪।୨(ଅନୁରାଧା ମହାରଣା)**
ସମଗ୍ର ବିଶ୍ୱରେ କ୍ୟାନ୍‌ସର ଭଳି ଦୁରାରୋଗ୍ୟ ବ୍ୟାଧିକୁ ନେଇ ଉଦ୍‌ବେଗ ରହିଥିବାବେଳେ ଧୈର୍ଯ୍ୟର ସହ ମୁକାବିଲା କଲେ ଏହି ରୋଗରୁ ମୁକ୍ତି ମିଳିପାରିବ। ବାଗ୍‌ଚୀ ଶ୍ରୀଶଙ୍କରା କ୍ୟାନ୍‌ସର ସେଣ୍ଟର ଓ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍‌ରେ ବିଶ୍ୱ କ୍ୟାନ୍‌ସର ଦିବସ ପାଳନ ଅବସରରେ ବିଶିଷ୍ଟ କ୍ୟାନ୍‌ସର ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି। ମାତ୍ର ୨ ବର୍ଷ ତଳେ ବିଶ୍ୱସ୍ତରୀୟ ଭିତ୍ତିଭୂମି ନେଇ ପ୍ରତିଷ୍ଠା ହୋଇଥିବା ବାଗ୍‌ଚୀ ଶ୍ରୀଶଙ୍କରା ହସ୍ପିଟାଲରେ ଏବେ ଦୈନିକ ୫୦୦ରୁ ଊର୍ଦ୍ଧ୍ୱ ରୋଗୀ ଭାରତର ବିଭିନ୍ନ ପ୍ରାନ୍ତରୁ ଚିକିତ୍ସା ହେବା ପାଇଁ ଆସୁଛନ୍ତି। କ୍ୟାନ୍‌ସର ଭଳି ଦୁରାରୋଗ୍ୟ ବ୍ୟାଧିର ଉପଶମ ପାଇଁ ଏଠାରେ ଅତ୍ୟାଧୁନିକ ଜ୍ଞାନକୌଶଳ ଓ ବିଶେଷଜ୍ଞ ଡାକ୍ତରଙ୍କ ଉପସ୍ଥିତି ଏହି ସେଣ୍ଟରକୁ ପ୍ରତିଷ୍ଠା ହେବାର ଅଳ୍ପ ଦିନ ମଧ୍ୟରେ ଭାରତବର୍ଷରେ ବେଶ୍ ପ୍ରସିଦ୍ଧି ହୋଇଯାଇଛି। ବିଶ୍ୱ କ୍ୟାନ୍‌ସର ଦିବସ ପାଳନ ଅବସରରେ ଏହି ଅନୁଷ୍ଠାନ ପକ୍ଷରୁ କ୍ୟାନ୍‌ସରରେ ପୀଡ଼ିତ ହୋଇ ଆରୋଗ୍ୟ ଲାଭ କରିଥିବା ଏକାଧିକ ବ୍ୟକ୍ତି ଏହି ଅବସରରେ ଉପସ୍ଥିତ ରହି ସେମାନଙ୍କର ସଂଘର୍ଷ ବିଷୟରେ ଆଲୋକପାତ କରିଥିଲେ। କ୍ୟାନ୍‌ସରକୁ ଡରିଗଲେ ଯୁଦ୍ଧ ଜିତି ହେବ ନାହିଁ ବୋଲି ଅନୁଷ୍ଠାନର ନିର୍ଦ୍ଦେଶକ ଡ. ଦୀପକ ମିଶ୍ର ପ୍ରକାଶ କରିଛନ୍ତି। ଏହି ଅବସରରେ ବାଗ୍‌ଚୀ ଶ୍ରୀଶଙ୍କରା ହସ୍ପିଟାଲ ପକ୍ଷରୁ ଭୁବନେଶ୍ୱର , କଟକ ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରେ ନିଃଶୁଳ୍କ କ୍ୟାନ୍‌ସର ସଚେତନତା ଓ ଚିହ୍ନଟ ଶିବିର ଆୟୋଜିତ କରାଯାଇଥିଲା। ଏହି ଅବସରରେ ଡା. ତ୍ରିବିକ୍ରମ ପଣ୍ଡା, ଡା. ଉଷର୍ସି ଦାସ, ଡା. ସରୋଜ ରଞ୍ଜନ ସାହୁ, ଡା. ରବିଶଙ୍କର ଦାସ, ଡା. ଇତିଶ୍ରୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।


# Classified Everyday
**0674-2580101, 9692975378**



**REAL ESTATE**

**SALE**

ଭୁବନେଶ୍ୱର, ଉତ୍ତରାଛକ, ପିପିଲି ଟୋଲ୍ ଗେଟ୍ ପାଖରେ ଘରବାରି ପ୍ଲଟ୍ KEC ପାଖରେ ready to move 2/3BHK flat ବିକ୍ରି ହେବ। 8327785834. D-3178

ଭୁବନେଶ୍ୱର GITA Engineering College ନିକଟ Infocity- 2 ପାଖରେ ଘରବାରି, Boundary ଥାଇ ପ୍ଲଟ୍ ବିକ୍ରିହେବ। 6372753860, 7008095537. D-3215

ଭୁବନେଶ୍ୱର ଉପକଣ୍ଠ ସୁନ୍ଦରପଦା Xavier University/ ଆଦିତ୍ୟ ବିର୍ଲା ସ୍କୁଲ ପାଖରେ ସରକାରୀ ରାସ୍ତାକୁ ଲାଗି ପାଚେରି ସହିତ Futureରେ ଘର କଲା ଭଳି ପ୍ଲଟ୍ ମିଳୁଛି। 9692439755, 7325891140. D-3023

Unused 3BHK Flats & 4BHK with servant quarter in heart of Cuttack City. Reserve parking and maximum facilities. Genuine direct buyers preferred. Call 9776226548. D-3271

ଜମି ବିକ୍ରି- ଅନୁଗୁଳ ରେଳ ଷ୍ଟେଶନ ସାମ୍ନାରେ ପାଚେରି ଥାଇ ଦୁଇ ଗୁଣ୍ଠ ଘରବାରି ପ୍ଲଟ୍ (ନଂ. 742) ବିକ୍ରି ହେବାର ରହିଛି। ଯୋଗାଯୋଗ ନଂ.- 7327957039. D-3293

ଭୁବନେଶ୍ୱର AIIMS Medical, ଜଟଣୀଗେଟ୍, INFOCITY-II ପାଖରେ B.D.A ଅଧୀନରେ ଆସୁଥିବା Plot Road 30ft., Electricity, ପାଚେରି ସହ ମିଳୁଅଛି। 9437801541, 9348184095. D-3301



**CONSTRUCTION**

**Construct your home @970/- 1499/- include architecture structure with branded materials, Provide plan approval, Boring, Bastu complaints, Interior work- SNV Engineering- 9439295469.** D-3190

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com




All types of physiotherapy and massage contact 9556924059/ 7656969134. D-3245

Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-3246

Wellness relax body massage & jointpain treatment by trend therapist. 6372110065. D-76951

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**AFFIDAVIT**

By virtue of an affidavit sworn before Executive Magistrate, Sohela, dated- 04.02.2026, I, Anoj Kalet, resident of At/P.O.- Sarkanda, Via/Tehsil- Sohela, Dist.- Bargarh, Odisha, PIN- 768033, declare that I have changed my name from Anoj Kumar Kalet to Anoj Kalet. Henceforth, I shall be known as Anoj Kalet for all purposes.
Anoj Kalet
D-3300

By virtue of an affidavit sworn before Notary Public, Ungamaha, dated- 29.01.2026, I, Ayush Majhi, Address: At- Ungamaha, P.O.- Kurtamgarh, Block- Tumudibandha, P.S.- Tumudibandha, Dist.- Kandhamal, State- Odisha declare that I have changed my name from Pilata Majhi to Ayush Majhi. Henceforth, I shall be known as Ayush Majhi for all purposes.
Ayush Majhi
D-3302

By virtue of an affidavit sworn before Notary Public, dated 3rd Feb. 2026, I, Santosh Kumar Sethi, Address: At- SPT Colony, P.O.- J K Pur, Dist.- Rayagada, Odisha, 765017 declare that I have changed my daughter's name from Anushaya Sethi to Anusuya Sethi. Henceforth, she shall be known as Anusuya Sethi for all purposes.
Santosh Kumar Sethi
D-3298

By virtue of an affidavit sworn before the Executive Magistrate, Sambalpur, No. 3757, Dtd.- 23.12.25, I, Santosh Kumar Gond, R/o. At- Contractors Colony, P.O./P.S.- Burla, Dist.- Sambalpur declare that I have changed the name of my son from Tashwant Saha or Alok Kumar Gond to 'TASHWANT KUMAR GOND'. Henceforth, he shall be known as 'TASHWANT KUMAR GOND' for all purposes.
Santosh Kumar Gond
D-3299

By virtue of an affidavit sworn before Executive Magistrate, Bhubaneswar, dated- 23.10.2025, I, Alamsaty Damayanti, Address: Plot No.- 342/2780, Sishu Vihar Patia, Kalarahanga, P.S.- Infosys, Bhubaneswar, PIN- 751024, Dist.- Khordha declare that I have changed my name from A. Damayanti to Alamsaty Damayanti. Henceforth, I shall be known as for all for all purposes.
Alamsaty Damayanti
D-3304

By virtue of an affidavit sworn before Executive Magistrate, Rayagada, dated- 06.01.2026, I, Surya Kumar Sabar, Address: At- Chanchada, P.O.- Marlaba, P.S.- Rayagada, PIN- 761213, Dist.- Gajapati declare that I have changed my name from Surjya Kumar Sabar to Surya Kumar Sabar. Henceforth, I shall be know as Surya Kumar Sabar for all for all purposes.
Surya Kumar Sabar
D-3305

**LOST**

I, Jagannath Sahu (31) son of Prabhakar Sahu of resident Brahmin Sahi, Rayagada, P.S./ District- Rayagada. I lost my certificate 1. B-Tech Electrical Engineering bearing Regd. No.- 1221317047 and issued with certificate Sl. No.- DO8160122160 and Certificate No.- BPC140121369, 2. 10th Board, Roll No.- 04 PH086, Board of Secondary Education, 3. Diploma in Electrical bearing No.- F0956022141 and issued with Certificate Sl. No.- 12/378122. I have lodged a FIR at Rayagada police station vide GD No.006 dated 06.11.2025, time- 12:13 PM. If anyone finds it kindly inform me on below mentioned contact No.- 9040959673. D-3303

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

# ଚିକିତ୍ସାଧୀନ ଅବସ୍ଥାରେ ମୁଖ୍ୟ ଅଭିଯୁକ୍ତ ମୁଫିଙ୍କ ମୃତ୍ୟୁ

## ନ୍ୟୁ ଆଜାଦ ନଗର ବୋମା ବିସ୍ଫୋରଣ ଘଟଣା

ଭୁବନେଶ୍ୱର, ୪।୨ (ତ୍ରିନାଥ ମହାନ୍ତି)

ଏୟାରଫିଲ୍ଡ ଥାନା ସୁନ୍ଦରପଦା ନ୍ୟୁ ଆଜାଦ ନଗର ବୋମା ବିସ୍ଫୋରଣ ଘଟଣାରେ ଗୁରୁତର ହୋଇଥିବା ମୁଖ୍ୟ ଅଭିଯୁକ୍ତ ସାହାନୱାଜ ମଲ୍ଲିକ ଓରଫ ମୁଫିଙ୍କ ବୁଧବାର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ମୁଫି ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ଖବରପାଇ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି। ମୁଫିଙ୍କ ବିରୋଧରେ ଏକାଧିକ ଆପରାଧିକ ମାମଲା ରହିଥିବାରୁ କୌଣସି ଆପରାଧିକ କାର୍ଯ୍ୟ ପାଇଁ ବେଆଇନଭାବେ ବୋମା ଭିଡୁଥିବା ସମୟରେ ବିସ୍ଫୋରଣ ଘଟିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ସନ୍ଦେହ କରିଥିଲା। ଏହାପରେ ବିସ୍ଫୋରଣ ପଛରେ କୌଣସି ଆତଙ୍କବାଦୀ ଲିଙ୍କ୍ ରହିଛି ନା ନାହିଁ, ତାର ଖୋଲତାଡ଼ ପାଇଁ ଜାତୀୟ ତଦନ୍ତକାରୀ ସଂସ୍ଥା(ଏନ୍‌ଆଇଏ) ତଦନ୍ତ କରୁଥିବାବେଳେ ମୁଫିଙ୍କ ମୃତ୍ୟୁ ଏବେ ଭିନ୍ନ ମୋଡ଼ ନେଇଛି।

ସୂଚନାଯୋଗ୍ୟ, ଗତ ୨୭ ତାରିଖରେ ମୁଫି, ତାଙ୍କ ମା', ବାନ୍ଧବୀ ଏବଂ ୨ଜଣ ସହଯୋଗୀ ନ୍ୟୁ ଆଜାଦ କଲୋନିରେ ଥିବା ଏକ ୩ତାଲା ବିଶିଷ୍ଟ ଘର ଉପରେ ବୋମା ଭିଡୁଥିଲେ। ହେଲେ ଅସାବଧାନତା କାରଣରୁ ତାହା ବିସ୍ଫୋରଣ ଘଟିଥିଲା। ଏଥିରେ ମୁଫିଙ୍କ ସମେତ ୫ ଜଣ ଆହତ ହୋଇଥିଲେ। ପ୍ରଥମେ ଏହି ମାମଲା ଏୟାରଫିଲ୍ଡ ପୋଲିସ ତଦନ୍ତ କରିଥିଲା, ପରେ ଏନ୍‌ଆଇଏର ଏକ ଟିମ୍ ବିସ୍ଫୋରଣସ୍ଥଳକୁ ଯାଇ ଖୋଳତାଡ଼ କରିଥିଲା। ଘଟଣାସ୍ଥଳରୁ କିଛି ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ଲ୍ୟାବକୁ ପଠାଇଥିଲା। ଏଥିସହ ହସ୍ପିଟାଲକୁ ଯାଇ ଆହତମାନଙ୍କୁ ପଚରାଉଚରା କରିଥିଲା। ଏନେଇ ଡିସିପି ଜଗମୋହନ ମୀନା କହିଛନ୍ତି, ବୋମା ବିସ୍ଫୋରଣ ଘଟଣାରେ ସାହାନୱାଜଓରଫ ମୁଫି ହେଉଛନ୍ତି ମାଷ୍ଟରମାଇଣ୍ଡ। ବିଭିନ୍ନ ଥାନାରେ ତାଙ୍କ ନାଁରେ ଏକାଧିକ ଆପରାଧିକ ମାମଲା ରହିଛି। ଏବେ ତାଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ପୋଲିସ ତଦନ୍ତ କରୁଛି। ମୁଫିଙ୍କ ଲିଙ୍କରେ ଥିବା ଅପରାଧୀଙ୍କ ତଥ୍ୟ ବାହାର କରାଯାଉଛି ବୋଲି ଡିସିପି କହିଛନ୍ତି। ପ୍ରକାଶ ଯେ, ମୁଫିଙ୍କ ଗାଁ ବୋଲଗଡ଼ ଇଚ୍ଛାପୁରରେ ହୋଇଥିବାବେଳେ ରାଜଧାନୀକୁ ଆସି ସେ ଆପରାଧିକ ସଂଗଠନ ବିସ୍ତାର କରିଥିଲେ। ବିଶେଷକରି ଜୟଦେବ ବିହାରରୁ ମେ ଫେୟାର ଛକ ମଝିରେ ଥିବା ଏକ ସରକାରୀ ଜମିକୁ ଜବରଦଖଲ କରି ସେଠାରେ ଯୁବ ପରିଷଦ ନାମରେ ଏକ କ୍ଲବ କରିଥିଲେ। ସେଠାରେ ବିଭିନ୍ନ ଅପରାଧିକ କାର୍ଯ୍ୟ ପାଇଁ ଯୋଜନା କରୁଥିଲେ। ବୋମା ବିସ୍ଫୋରଣ ଘଟଣା ପରେ ମୁଫିଙ୍କ ଏକ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା, ଯେଉଁଥିରେ ଏକାଧିକ ଅପରାଧୀ ଏକାଠି ହୋଇ କେକ୍ କାଟୁଛନ୍ତି। ବିସ୍ଫୋରଣର ୧୫ ଦିନ ପୂର୍ବରୁ ଅପରାଧୀ ଏକାଠି ହୋଇଥିଲେ। ଏକ ବଡ଼ ଷଡ଼ଯନ୍ତ୍ର ପାଇଁ ସେଠାରେ ଯୋଜନା କରାଯାଇଥିଲା। ଏନେଇ ଗୋଇନ୍ଦା ସୂଚନା ମିଳିଥିଲେ ସୁଦ୍ଧା ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିଲା।



ସାହାନୱାଜ ମଲ୍ଲିକ

# ବାପାଙ୍କୁ ଏସିଡ୍ ପିଆଇ, ଗଳାକାଟି ହତ୍ୟା କରିଥିଲେ ପୁଅ

## ହତ୍ୟାକାଣ୍ଡର ପର୍ଦ୍ଦାଫାଶ

ବିଷମକଟକ, ୪।୨ ( ପ୍ରସନ୍ନ କୁମାର ପଣ୍ଡା)

ରାୟଗଡ଼ା ଜିଲା ବିଷମକଟକ ସହରର ବ୍ରାହ୍ମଣସାହି ଅଞ୍ଚଳରେ ଗତ ୩୦ ତାରିଖରେ ହୋଇଥିବା ହତ୍ୟାକାଣ୍ଡର ପର୍ଦ୍ଦାଫାଶ ହୋଇଛି। ବାପା କୈଳାସ ଚନ୍ଦ୍ର ସାହୁଙ୍କୁ ପୁଅ ଶ୍ୟାମ ସୁନ୍ଦର ସାହୁ (୨୬) ପାଇଖାନା ସଫା କରିବା ଏସିଡ୍ ପିଆଇବା ପରେ ଧାରୁଆ ଅସ୍ତ୍ରରେ ତାଙ୍କ ଗଳାକାଟି ହତ୍ୟା କରିଥିବା ପୋଲିସ ଏକ ପ୍ରେସ୍ ବିଜ୍ଞପ୍ତି ମାଧମରେ ସୂଚନା ଦେଇଛି। ଅଭିଯୁକ୍ତ ଶ୍ୟାମଙ୍କୁ ଗିରଫଙ୍କରି ଡାକ୍ତରୀ ମାଇନା ପରେ କୋର୍ଟ ଚାଲାଣ କରାଯାଇଛି। ଅଧିକ ତଦନ୍ତ ଜାରି ରହିଥିବା ବିଷମକଟକ ଥାନା ଅଧିକାରୀ ସୂର୍ଯ୍ୟ ଚନ୍ଦ୍ର ପାଢ଼ୀ ସୂଚନା ଦେଇଛନ୍ତି।

ପୋଲିସ ସୂଚନା ଅନୁସାରେ, ବିଷମକଟକ ବ୍ରାହ୍ମଣ ସାହିରେ ରହୁଥିବା ମୃତ କୈଳାସ ଚନ୍ଦ୍ର ସୁଧ କାରବାର କରୁଥିଲେ। ତେବେ ଋଣ ଟଙ୍କା ଫେରସ୍ତ ନ ମିଳିବାକୁ ନେଇ ପରିବାରରେ ପ୍ରାୟ ସମୟରେ କଳହ ଲାଗି ରହୁଥିଲା। ମୃତକଙ୍କ ସହ ୨ ପୁଅ ରାମଚନ୍ଦ୍ର ସାହୁ(୨୯) ଓ ଶ୍ୟାମସୁନ୍ଦର ସାହୁଙ୍କ ସମ୍ପର୍କ ଭଲ ନ ଥିଲା। ଗତ ୩୦ ତାରିଖ ଅପରାହ୍ନ ପ୍ରାୟ ୪ଟା ୩୦ରେ ଅଭିଯୁକ୍ତ ଶ୍ୟାମ ତାଙ୍କ ବାପାଙ୍କୁ ଘର ତଳଭାଗର ଅଗଣାରେ ଏକାକୀ ଦେଖି ଥଣ୍ଡା ପାନୀୟରେ ଲାଟ୍ରିନ ସଫା କରିବାରେ ବ୍ୟବହୃତ ହେଉଥିବା ଏସିଡ୍ ମିଶାଇ ବାପାଙ୍କୁ ପିଇବାକୁ ଦେଇଥିଲେ। ଏହାକୁ ପିଇବା ପରେ କୈଳାସ ଅସୁସ୍ଥ କରିବା ସହ ବାନ୍ତି କରିବାକୁ ଯାଉଥିବାବେଳେ ଅଭିଯୁକ୍ତ ପନିକି ଦ୍ୱାରା ତାଙ୍କ ମୁଣ୍ଡକୁ ବାରମ୍ବାର ଆକ୍ରମଣ କରିଥିଲେ। ପରେ ତାଙ୍କ ଗଳା କାଟି ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ପରେ ଅଭିଯୁକ୍ତ ପୁଅ ମୃତଦେହକୁ ଉପର ମହଲାକୁ ନେଇ ହୋହାଲ୍ଲା କରିବାରୁ ସ୍ଥାନୀୟ ଲୋକେ ଆସି କୈଳାସଙ୍କୁ ବିଷମକଟକ ସ୍ଥିତ ଖ୍ରୀଷ୍ଟିଆନ ହସ୍ପିଟାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ବିଷମକଟକ ଥାନାରେ କେସ୍ ନମ୍ବର ୧୮/୩୦ରେ ମାମଲା ରୁଜୁକରାଯାଇଛି। ପୋଲିସ ପନିକି, ସ୍ପ୍ରାଇଟ୍ ବୋତଲ, ଷ୍ଟିଲ୍ ଗ୍ଲାସ୍, ମଗ, ରକ୍ତରଞ୍ଜିତ ପୋଷାକ ଓ ଏସିଡ୍ ଆଦି ଜବତ କରିଛି।

# ଯୁବକଙ୍କୁ ଖଣ୍ଡାରେ ହାଣିଲେ

କବିସୂର୍ଯ୍ୟନଗର/ବ୍ରହ୍ମପୁର, ୪।୨
(କୃପାସିନ୍ଧୁ ସ୍ୱାଇଁ/ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ଗୁଡ଼ିଆଲି ଛକ ନିକଟରେ ବୁଧବାର ଜଣେ ଯୁବକଙ୍କୁ ଦିନ ଦ୍ୱିପ୍ରହରରେ ୪ରୁ ୫ଜଣ ମୁଖା ପିନ୍ଧା ଦୁର୍ବୃତ୍ତ ସଂଘବଦ୍ଧ ଭାବେ ଆକ୍ରମଣ କରିଛନ୍ତି। ସେ ହେଲେ ଗୁଡ଼ିଆଲିର କୈଳାସ ଭୂୟାଁ। ତାଙ୍କ ୨ ହାତ ଓ ୨ ଗୋଡ଼କୁ ଦୁର୍ବୃତ୍ତମାନେ ଖଣ୍ଡାରେ ହାଣି ପକାଇଛନ୍ତି। କୈଳାସଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ କବିସୂର୍ଯ୍ୟନଗର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ତାଙ୍କ ବୟାନ ରେକର୍ଡ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି। ଜମି ବିବାଦରୁ କୈଳାସଙ୍କୁ ଆକ୍ରମଣ କରାଯାଇଥିବା ପ୍ରାଥମିକ ତଦନ୍ତରୁ ପୋଲିସ ସନ୍ଦେହ କରୁଛି। ଘଟଣାସ୍ଥଳର ସିସିଟିଭି ଯାଞ୍ଚ କରି ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ କରୁଛି।

କୈଳାସ ବୁଧବାର ଅପରାହ୍ନରେ ତାଙ୍କ ସାଙ୍ଗଙ୍କ ସହ ବାଇକ୍‌ରେ ଘରକୁ ଫେରୁଥିଲେ। ୨ଟି ବାଇକ୍‌ରେ ୪/୫ ଜଣ ଯୁବକ ତାଙ୍କୁ ପିଛାକରି ଆସି ଗୁଡ଼ିଆଲି ନିକଟ ଆଇଟିଆଇ ଛକରେ ପଛପଟୁ ଧକ୍କା ଦେଇଥିଲେ। ଫଳରେ ପଛରେ ବସିଥିବା କୈଳାସ ବାଇକ୍‌ରୁ ଖସି ପଡ଼ିଥିଲେ। ସେ କିଛି ବୁଝିବା ପୂର୍ବରୁ ମୁଖା ପିନ୍ଧିଥିବା ଅଭିଯୁକ୍ତମାନେ ତାଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ଏହାଦେଖି ସାଙ୍ଗ ଜଣଙ୍କ ଭୟଭୀତ ହୋଇ ବାଇକ୍ ଧରି ସେଠାରୁ ଚାଲିଯାଇଥିଲେ। କୈଳାସଙ୍କ ତାଙ୍କ ଗ୍ରାମର ଜଣଙ୍କ ସହ ଜମିବାଡ଼ିକୁ ନେଇ ତିକ୍ତତା ଲାଗି ରହିଥିଲା। ସମ୍ପୃକ୍ତ ବ୍ୟକ୍ତି ତାଙ୍କର ୪ ସହଯୋଗୀଙ୍କ ସହ ମିଶି ଆକ୍ରମଣ କରିଥିବା କୈଳାସ ପୋଲିସ ଆଗରେ କହିଛନ୍ତି।



ଯୁବକଙ୍କୁ ଡାକ୍ତରଖାନା ନିଆଯାଉଛି।

# ଜମି ବିବାଦରୁ ମରଣାନ୍ତକ ଆକ୍ରମଣ, ୪ଗିରଫ

ବାରଙ୍ଗ, ୪।୨ (ଲିଙ୍ଗରାଜ ରାଉତ)

ଚନ୍ଦକା ଥାନା ଅନ୍ତର୍ଗତ କୁଜିମହଲ ଗ୍ରାମରେ ପୁରୁଣା ଜମି ବିବାଦକୁ କେନ୍ଦ୍ରକରି ଏକ ପରିବାରର ୨ଜଣ ମହିଳାଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଏହି ଘଟଣାରେ ପୋଲିସ ୪ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଉକ୍ତ ଗ୍ରାମର ସୁକାନ୍ତି ମହାଭୋଇ(୨୪), ଜାନକୀ ମହାଭୋଇ(୫୫), ବାବୁଲା ମହାଭୋଇ(୬୦), ପଥରଗାଡ଼ିଆ ଗ୍ରାମର ମଞ୍ଜୁଲତା ଜେନା(୫୫)। ଏନେଇ ପୋଲିସ ମାମଲା(ନଂ.୭୨/୨୬)ରୁଜୁ କରିଛି।

ଅଜୟ ମହାଭୋଇଙ୍କ ଅଭିଯୋଗ ଅନୁଯାୟୀ, ସକାଳେ ସେ ଘରେ ଉପସ୍ଥିତ ନ ଥିବା ସମୟରେ ସୁକାନ୍ତି, ବାବୁଲା, ଜାନକୀ ଓ ମଞ୍ଜୁଲତା ବେଆଇନ ଭାବରେ ତାଙ୍କ ଘରେ ପ୍ରବେଶ କରି ତାଙ୍କ ସ୍ତ୍ରୀ ମାମିନି ଏବଂ ଶାଶୁ ଶାନ୍ତିଲତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ ଓ ହତ୍ୟା କରିବା ଉଦ୍ଦେଶ୍ୟରେ କଟୁରୀ, ଲୁହା ରଡ ଓ ସାବଳ ଆଦି ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଅଜୟ ଘରକୁ ଫେରିବା ପରେ ଉଭୟଙ୍କୁ ଆହତ ଅବସ୍ଥାରେ ପଡ଼ିଥିବା ଦେଖିଥିଲେ। ସେମାନଙ୍କ ମୁଣ୍ଡ ଓ ଶରୀରରେ ଗୁରୁତର କ୍ଷତ ହୋଇଥିବା ଦେଖି ଉଭୟଙ୍କୁ ମେଣ୍ଢାଶାଳ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଯାଇଥିଲେ। ସେଠାରୁ ଫେରି ଥାନାରେ ଏକ ଲିଖିତ ରିପୋର୍ଟ ଦାଖଲ କରିଥିଲେ। ଦୀର୍ଘଦିନ ଧରି ଉଭୟଙ୍କ ମଧ୍ୟରେ ରହିଥିବା ଜମି ବିବାଦ ଯୋଗୁ ଏପରି ଆକ୍ରମଣ କରାଯାଇଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି।

# ଯୌତୁକ ପାଇଁ ବଧୂହତ୍ୟା ଅଭିଯୋଗ, ସ୍ୱାମୀ ଅଟକ

ଦିଗପହଣ୍ଡି, ୪।୨ (ଅଶେଷ ନାଥ ମିଶ୍ର)

- ମୃତଦେହ ସଂସ୍କାର ପାଇଁ ସ୍ୱାମୀଙ୍କୁ ଛାଡିବାକୁ ଗ୍ରାମବାସୀଙ୍କ ଦାବି
- ଘର ସମ୍ମୁଖରେ ଦୀର୍ଘ ସମୟ ପଡ଼ି ରହିଥିଲା ମୃତଦେହ
- ଘଟଣାକୁ ନେଇ ଗ୍ରାମରେ ଲାଗିରହିଛି ଚାପା ଉତ୍ତେଜନା

ଗଞ୍ଜାମ ଜିଲା ଦିଗପହଣ୍ଡିଥାନା ଅନ୍ତର୍ଗତ ଜକରାପଲ୍ଲୀ ଗ୍ରାମରେ ଅଧିକ ଯୌତୁକ ଦାବି କରି ଜଣେ ମହିଳାଙ୍କୁ ହତ୍ୟା କରାଯାଇଛି। ଅଭିଯୋଗକୁ ଭିତ୍ତିକରି ସମ୍ପୃକ୍ତା ମହିଳାଙ୍କ ସ୍ୱାମୀଙ୍କୁ ଅଟକ ରଖି ପୋଲିସ ପଚରାଉଚରା କରୁଛି। ମୃତା ମହିଳା ହେଉଛନ୍ତି ସନ୍ଧ୍ୟା ବିଷୋୟୀ। ତେବେ ମୃତଦେହ ବ୍ୟବଚ୍ଛେଦ ହୋଇ ଆସିବା ପରେ ମୃତଦେହ ସଂସ୍କାର ପାଇଁ ସ୍ୱାମୀଙ୍କୁ ଛାଡିବାକୁ ଗ୍ରାମବାସୀ ଦାବି କରିଥିଲେ। ପରେ ପୋଲିସ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିବା ପରେ ଦୀର୍ଘସମୟ ଧରିଘର ସମ୍ମୁଖରେ ପଡିରହିଥିବା ମୃତଦେହ ସଂସ୍କାର ପାଇଁ ନିଆଯାଇଛି। ଏହାକୁ ନେଇ ଗ୍ରାମରେ ଚାପା ଉତ୍ତେଜନା ଲାଗି ରହିଛି।

ଖବରରୁ ଜଣାପଡିଛି, ବ୍ରହ୍ମପୁର ସଦର ଥାନା ଲାଠି ଗ୍ରାମର କାଳିଆ ସ୍ୱାଇଁଙ୍କ ଝିଅ ସନ୍ଧ୍ୟା ୨୦୨୧ରେ ଜକରାପଲ୍ଲୀ ଗ୍ରାମର ନିରଞ୍ଜନ ବିଷୋୟୀଙ୍କ ପୁଅ ଅଜିତଙ୍କୁ ବିବାହ କରିଥିଲେ। ସ୍ୱାମୀ ଓ ଶ୍ୱଶୁର ଘର ଲୋକଙ୍କ ଦାବି ମୁତାବକ ବିବାହ ବେଳେ ସୁନା ଗହଣା, ଆସବାବପତ୍ର ଯୌତୁକ ରୂପେ ପ୍ରଦାନ କରାଯାଇଥିଲା। ବିବାହର କିଛି ଦିନ ପରେ ଅଧିକ ଯୌତୁକ ଦାବିକରି ସ୍ୱାମୀ ଓ ଶ୍ୱଶୁର ଘର ଲୋକେ ସନ୍ଧ୍ୟାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ଫଳରେ ସନ୍ଧ୍ୟା ଅଧିକାଂଶ ସମୟ ବାପଘରେ ରହୁଥିଲେ। ବାହାର ରାଜ୍ୟରେ ଦାଦନ ଖଟିବାକୁଯାଇଥିବା ଅଜିତ କିଛିଦିନ ତଳେ ନିଜ ଗାଁକୁ ଫେରିବା ପରେ ସନ୍ଧ୍ୟାଙ୍କୁ ଆଣି ତାଙ୍କ ଘରେ ଛାଡ଼ିବାକୁ ଶ୍ୱଶୁର ଘର ଲୋକଙ୍କୁ ଅନୁରୋଧ କରିଥିଲେ। ଗତ ୧ ତାରିଖରେ ବାପଘର ଲୋକେ ସନ୍ଧ୍ୟାଙ୍କୁ ଶ୍ୱଶୁର ଘରେ ଛାଡ଼ି ଫେରିଥିଲେ। ତେବେ ପୁଣି ଥରେ ଶାରୀରିକ ନିର୍ଯାତନା ଦେଇ ଶ୍ୱଶୁର ଘର ଲୋକେ ସନ୍ଧ୍ୟାଙ୍କୁ ଜବରଦସ୍ତ ବିଷ ପିଆଇ ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ବୁଧବାର ପୂର୍ବାହ୍ନରେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ସନ୍ଧ୍ୟାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ତାଙ୍କ ଝିଅକୁ ହତ୍ୟା କରାଯାଇଥିବା ନେଇ ସନ୍ଧ୍ୟାଙ୍କ ମା' ସବିତା ସ୍ୱାଇଁ ଥାନାରେ ଏତଲା ଦେଇଛନ୍ତି। ଏହାକୁ ଭିତ୍ତି କରି ଦିଗପହଣ୍ଡି ଥାନା ଭାରପ୍ରାପ୍ତ ଆଇଆଇସି ତଥା ଡିଏସ୍‌ପି ପ୍ରଶାନ୍ତ ପାତ୍ର ନଂ. ୩୯/୨୬ରେ ମାମଲା ରୁଜୁ କରି ସ୍ୱାସ୍ଥ୍ୟକେନ୍ଦ୍ରରୁ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଥିଲେ। ଏହି ଘଟଣାରେ ପୋଲିସ ସନ୍ଧ୍ୟାଙ୍କ ସ୍ୱାମୀ ଅଜିତଙ୍କୁ ଧରି ଆଣି ଥାନାରେ ଅଟକ ରଖି ପଚରାଉଚରା କରୁଛି। ତେବେ ସନ୍ଧ୍ୟା ନିଜେ ମାନସିକ ଭାରସାମ୍ୟ ହରାଇ କୀଟନାଶକ ପିଇ ଆତ୍ମହତ୍ୟା କରିଥିବା ଶ୍ୱଶୁର ଘର ଲୋକେ ପୋଲିସ ନିକଟରେ ପ୍ରକାଶ କରିଛନ୍ତି।

# ରେଳଷ୍ଟେଶନରେ ମହିଳାଙ୍କୁ ଛୁରି ଭୁସି ହତ୍ୟା

## ସ୍ୱାମୀ ଗୁରୁତର

ଝାରସୁଗୁଡ଼ା, ୪।୨ (ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ରେଳଷ୍ଟେଶନ ଭିତରେ ବୁଧବାର ରାତିରେ ଜଣେ ମହିଳା ଏବଂ ତାଙ୍କ ସ୍ୱାମୀଙ୍କୁ ଛୁରି ଭୁସି ଆକ୍ରମଣ କରଯାଇଛି। ଏଥିରେ ମହିଳାଙ୍କ ମୃତ୍ୟୁ ଘଟିଥିବାବେଳେ ତାଙ୍କ ସ୍ୱାମୀ ଆହତ ହୋଇଛନ୍ତି। ମୃତା ମହିଳା ହେଲେ ଝାରସୁଗୁଡ଼ା ଜିଲା ଲଇକେରା ବ୍ଲକ୍ ଅଧୀନ ଜାମକାନି ଗ୍ରାମର କୁମୁଦିନୀ ନାଏକ (୫୧)। ସ୍ୱାମୀ ସନ୍ତୋଷ କୁମାର ସା ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ସୂଚନା ଅନୁଯାୟୀ, ବୁଧବାର ରାତି ପ୍ରାୟ ୮ଟାରେ କୁମୁଦିନୀ ଓ ସନ୍ତୋଷ ରେଳଷ୍ଟେଶନ ଭିତରେ ଯାଉଥିବାବେଳେ କେତେଜଣ ଦୁର୍ବୃତ୍ତ ତାଙ୍କୁ ଟଙ୍କା ମାଗିଥିଲେ। ଟଙ୍କା ଦେବାକୁ ମନା କରିବାରୁ ଦୁର୍ବୃତ୍ତମାନେ ସେମାନଙ୍କୁ ଛୁରାମାଡ଼ କରିଥିଲେ। ଉଭୟଙ୍କୁ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ କୁମୁଦିନୀଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଝାରସୁଗୁଡ଼ା ପୋଲିସ ଏବଂ ରେଲୱେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ପରବର୍ତ୍ତୀ ସମୟରେ ଝାରସୁଗୁଡ଼ା ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ଘଟଣାସ୍ଥଳ ସମେତ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଅଧିକ ତଦନ୍ତ କରିଥିବା ଜଣାପଡିଛି।

# ମୁଣ୍ଡରେ ବନ୍ଧୁକ ଲଗାଇ ମହିଳାଙ୍କ କାନଫୁଲ ଲୁଟ୍

## ଫୁଲ ତୋଳିବା ବେଳେ ମହିଳାଙ୍କ ଠାରୁ ନେଇଗଲେ ସୁନା ଅଳଙ୍କାର

ଭୁବନେଶ୍ୱର, ୪।୨ (ତ୍ରିନାଥ ମହାନ୍ତି)

ରାଜଧାନୀରେ ବଢ଼ି ଚାଲିଛି ଆପରାଧିକ କାର୍ଯ୍ୟକଳାପ। ଅପରାଧୀମାନେ କେଉଁଠି ଘରେ ପଶି ଲୁଟ କଲେଣି ତ' ଆଉ କେଉଁଠି ବନ୍ଧୁକ ଦେଖାଇ ସ୍ୱଷ୍ଟ ଦିବାଲୋକରେ ଲୁଟ୍‌ପାଟ କରୁଛନ୍ତି। ନୟାପଲ୍ଲୀ ଥାନା ଗଡ଼ସାହିରେ ବୁଧବାର ସକାଳେ ଜଣେ ମହିଳାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ସୁନା ଗହଣା ଲୁଟ ପାଟ ହୋଇଥିବା ଅଭିଯୋଗ ହୋଇଛି। ଲୁଟର ଶିକାର ହୋଇଥିବା ମହିଳା ବିଦ୍ୟୁଲତା ବଳବନ୍ତରାୟ ଥାନାରେ ଅଭଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି। ଲୁଟ ସ୍ଥାନର ସିସିଟିଭି ଯାଞ୍ଚ କରି ଅଭିଯୁକ୍ତଙ୍କୁ ଧରିବାକୁ ବିଭିନ୍ନ ସ୍ଥାନରେ ପୋଲିସ ଛାନ୍‌ଭିନ୍ କରୁଛି। ଅଭିଯୋଗ ଅନୁସାରେ, ବିଦ୍ୟୁଲତା ବୁଧବାର ସକାଳ ୬ ଟାରେ ଘର ଆଗରେ ଥିବା ଗଛରୁ ଫୁଲ ତୋଳୁଥିଲେ। ଏହି ସମୟରେ ୨ ଜଣ ଯୁବକ ଚାଲି ଚାଲି ତାଙ୍କ ନିକଟକୁ ଯାଇଥିଲେ। ମହିଳା କିଛି ଭାବିବା ପୂର୍ବରୁ ସେମାନେ ବନ୍ଧୁକ ବାହାର କରି ବିଦ୍ୟୁଲତାଙ୍କ ମୁଣ୍ଡରେ ଲଗାଇ ତାଙ୍କ ବେକରୁ ସୁନା ଗହଣା, କାନ ଫୁଲ ଲୁଟି ନେଇଥିଲେ। ବିଦ୍ୟୁଲତା ଚିତ୍କାର କରିବାପରେ ସ୍ଥାନୀୟ ଲୋକେ ଆସିବା ପୂର୍ବରୁ ଅଭିଯୁକ୍ତମାନେ ବାଇକ୍‌ରେ ଦ୍ରୁତ ଗତିରେ ଫେରାର ହୋଇଯାଇଥିଲେ। ଖବର ପାଇ ପୋଲିସ ପହଞ୍ଚି ଛାନ୍‌ଭିନ୍ କରିଥିଲେ ମଧ୍ୟ ଲୁଟେରାଙ୍କ ସୁରାକ ପାଇ ନ ଥିଲେ। ଏହି ଲୁଟ ପଛରେ ସ୍ଥାନୀୟ ବସ୍ତିର କେତେଜଣ ଅପରାଧୀଙ୍କ ହାତ ଥିବା ପୋଲିସ ସନ୍ଦେହ କରୁଛି। ସେଥିପାଇଁ ପୁରୁଣା ଅପରାଧୀଙ୍କ ତଥ୍ୟ ଖୋଜୁଛି।

# ବଚସାରୁ ବ୍ୟବସାୟୀଙ୍କୁ ହତ୍ୟା, ଜଣେ ଅଟକ

ଭଞ୍ଜନଗର, ୪।୨ (ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଭଞ୍ଜନଗର ସହର ଇଣ୍ଡିଆନ ଗ୍ୟାସ କାର୍ଯ୍ୟାଳୟ ନିକଟରେ ମଙ୍ଗଳବାର ରାତି ପ୍ରାୟ ୯ଟାରେ ସାମାନ୍ୟ ବଚସାରୁ ଜଣେ ବ୍ୟବସାୟୀଙ୍କୁ ହତ୍ୟା କରାଯାଇଛି। ସେ ହେଲେ ବଡ଼କୋଦଣ୍ଡା ଗ୍ରାମର ହରେକୃଷ୍ଣ ସ୍ୱାଇଁ (୩୮)। ପୋଲିସ ମୃତଦେହ ଜବତକରି ଭଞ୍ଜନଗର ହସ୍ପିଟାଲରେ ବ୍ୟବଚ୍ଛେଦ କରାଇଛି। ଏ ନେଇ ପୋଲିସ ଏକ ହତ୍ୟା ମାମଲା(ନଂ.୧୦୦/୨୬) ରୁଜୁ କରିଛି। ଏହି ଘଟଣାରେ ପୋଲିସ ଜଣଙ୍କୁ ଅଟକ ରଖି ଘଟଣାର ଅଧିକ ତଦନ୍ତ ଚଳାଇଛି। ଘଟଣାରୁ ପ୍ରକାଶ, ହରେକୃଷ୍ଣ ଓ ଅନ୍ୟ ଜଣେ ଯୁବକଙ୍କ ମଧ୍ୟରେ କୌଣସି ଏକ କାରଣକୁ ନେଇ ବଚସା ହୋଇଥିଲା। ପରେ ଉଭୟେ ଧସ୍ତାଧସ୍ତି ହୋଇଥିଲେ। ଯୁବକ ଜଣଙ୍କ ହରେକୃଷ୍ଣଙ୍କୁ ଗୋଇଠା ପରେ ଗୋଇଠା ମାରିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପରିବାର ଲୋକେ ପହଞ୍ଚି ହରେକୃଷ୍ଣ ବଞ୍ଚିଥିବେ ଭାବି ଭଞ୍ଜନଗର ହସ୍ପିଟାଲକୁ ଆଣିଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ।

# ୧୮୨ ଗ୍ରାମ୍ ହେରୋଇନ୍ ସହ ବାଇକ୍ ଜବତ: ୨ ଗିରଫ

ନିରାକାରପୁର, ୪।୨
(ମାନସ ଚନ୍ଦ୍ର ପଟ୍ଟନାୟକ)

ଟାଙ୍ଗୀ ବ୍ଲକ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୨ଜଣ ହେରୋଇନ ବ୍ୟବସାୟୀଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ପୁରୀ ଜିଲା ବ୍ରହ୍ମଗିରି ଥାନା ଅନ୍ତର୍ଗତ ମଣପଡ଼ା ପଞ୍ଚାୟତ ଦାମୋଦରପୁର ଗ୍ରାମର ସୂର୍ଯ୍ୟକାନ୍ତ ମହାପାତ୍ର (୨୯) ଏବଂ ଗଡ଼ିଶାଗଡା ଥାନା ଅନ୍ତର୍ଗତ ତେଲେଙ୍ଗାପଡ଼ା ଗ୍ରାମର ରବୀନ୍ଦ୍ର କୁମାର ପ୍ରଧାନ(୩୪)। ଉଭୟଙ୍କୁ ବୁଧବାର ୨ଟି ପୃଥକ ମାମଲାରେ କୋର୍ଟ ଚାଲାଣ କରାଯାଇଛି।

ସୂଚନା ଅନୁଯାୟୀ, ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅନ୍ତର୍ଗତ ଛଣଗିରି ଖେଳ ପଡ଼ିଆ ନିକଟରେ ସୂର୍ଯ୍ୟକାନ୍ତଙ୍କଠାରୁ ୧୧୦ ଗ୍ରାମ୍ ହେରୋଇନ ସମେତ ମୋଟର ସାଇକେଲ (ନଂ.ଓଡି-୦୨ଜ୍ରୁ-୫୮୦୯) ଏବଂ ଏକ ମୋବାଇଲ ଫୋନ୍ ଜବତ କରାଯାଇଛି। ଏ ନେଇ ଏକ ମାମଲା (ନଂ.୨୨୧/୨୬) ରୁଜୁ ହୋଇଛି। ସେହିପରି ରବୀନ୍ଦ୍ରଙ୍କୁ ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅନ୍ତର୍ଗତ ହଜ-ଛଣଗିରି ମଧ୍ୟବର୍ତ୍ତୀ ଅଞ୍ଚଳର ମନ୍ଦାକିନୀ ନଦୀ ବ୍ରିଜ୍‌ଠାରେ ଗିରଫ କରାଯାଇଛି। ତାଙ୍କଠାରୁ ୭୨ ଗ୍ରାମ୍ ହେରୋଇନ୍ ଜବତ ହୋଇଛି। ଏ ନେଇ ଏକ କେସ୍ (ନଂ. ୯୦/୨୬) ରୁଜୁ ହୋଇଛି। ଚଢ଼ାଉରେ ଟାଙ୍ଗୀ ଅବକାରୀ ଅଧୀକ୍ଷକ ଅଜିତ୍ ପାତ୍ର, ଓଆଇସି ରମେଶ ବାରିକ, ଏଏସ୍‌ଆଇ ଶମ୍ଭୁନାଥ ପାତ୍ର, ମନୋଜ ଜୟସିଂହ, ଅନିଲ ପ୍ରଧାନ, ସସ୍ମିତା ସେଠୀ, ଆହେଶ ପ୍ରଧାନ, ରଞ୍ଜିତ ପଟେଲ ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ ବୋଲି ଟାଙ୍ଗୀ ଅବକାରୀ ଅଧିକାରୀ ପାତ୍ର କହିଛନ୍ତି।

# ନ୍ୟାୟ ନ ମିଳିବାରୁ ଚାକିରି ଛାଡ଼ିଲେ ମହିଳା କର୍ମଚାରୀ

## ଯୌନ ନିର୍ଯାତନା ଅଭିଯୋଗ

ବାଲେଶ୍ୱର, ୪।୨ (ବାଞ୍ଛାନିଧି ଦେ)

ବାଲେଶ୍ୱର କାଳିଦାସପୁରସ୍ଥିତ ଓଡ଼ିଶା ଷ୍ଟେଟ୍ ପୋଲିସ୍, ହାଉସିଂ ଆଣ୍ଡ ୱେଲଫେୟାର କର୍ପୋରେଶନର ପ୍ରୋଜେକ୍ଟ ମ୍ୟାନେଜରଙ୍କ ନାଁରେ ଜଣେ ମହିଳା କର୍ମଚାରୀ ଯୌନ ନିର୍ଯାତନା ଅଭିଯୋଗ ଆଣିଛନ୍ତି। ସେ ଏନେଇ ଭୁବନେଶ୍ୱରସ୍ଥିତ ମୁଖ୍ୟାଳୟ (ସିଏମ୍‌ଡି)ରେ ଲିଖିତ ଅଭିଯୋଗ କରି କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ମାତ୍ର ନ୍ୟାୟ ନ ମିଳିବାରୁ ସେ ବାଧହୋଇ ଚାକିରି ଛାଡ଼ିଥିବା ସୂଚନା ଦେଇଛନ୍ତି। ଏଭଳି ଅଭିଯୋଗକୁ ସମ୍ପୃକ୍ତ ପ୍ରୋଜେକ୍ଟ ମ୍ୟାନେଜର ଖଣ୍ଡନ କରିବା ସହ ଉଚିତ ତଦନ୍ତ କରାଗଲେ ସତ ଜଣାପଡ଼ିବ ବୋଲି କହିଛନ୍ତି।

# ଜୁଭେନାଇଲ ଜଷ୍ଟିସ୍ ବୋର୍ଡରେ ହାଜର ହେଲେ ୬ ନାବାଳକ

## ୯ମ ଶ୍ରେଣୀ ଛାତ୍ରୀଙ୍କୁ ସହପାଠୀଙ୍କ ଗଣବଳାତ୍କାର ଘଟଣା

### ତଦନ୍ତକଲେ ଉତ୍ତରାଞ୍ଚଳ ଆଇଜି, ଏସ୍‌ପି

ବଲାଙ୍ଗୀର, ୪।୨
(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ଡୁରେକେଲା ଥାନା ଅଞ୍ଚଳର ଜଣେ ୯ମ ଶ୍ରେଣୀ ଛାତ୍ରୀ (୧୫ବର୍ଷ)ଙ୍କୁ ତାଙ୍କର ୪ଜଣ ସହପାଠୀ ଓ ୨ ଜଣ ନାବାଳକ ଗାଁର ସ୍କୁଲ ନିକଟ ନିର୍ମାଣାଧୀନ ଏକ ଘରେ ଗଣବଳାତ୍କାରକରି ଏହାର ଭିଡିଓକୁ ସାମାଜିକ ଗଣମାଧ୍ୟମରେ ଭାଇରାଲ କରିଥିଲେ। ଏହି ଘଟଣା ଜଣାପଡ଼ିବା ପରେ ରାଜ୍ୟବ୍ୟାପୀ ଆଲୋଡନ ଖେଳିଯାଇଛି।

ବଲାଙ୍ଗୀର ପୋଲିସ ମଙ୍ଗଳବାର ଘଟଣାରେ ସମ୍ପୃକ୍ତ ୬ଜଣ ନାବାଳକଙ୍କୁ ଅଟକ ରଖି ପଚରାଉଚରା କରିବା ସହ ପୀଡ଼ିତା ଛାତ୍ରୀଙ୍କୁ ସିଡବ୍ଲୁସିକୁ ଆଣି ହାଜର କରିଥିଲା। ଘଟଣାଟି ଅତ୍ୟନ୍ତ ସମ୍ବେଦନଶୀଳ ହୋଇଥିବାରୁ ବୁଧବାର ଉତ୍ତରାଞ୍ଚଳ ପୋଲିସ ଆଇଜି ହିମାଂଶୁ ଲାଲ ଏବଂ ବଲାଙ୍ଗୀର ଏସ୍‌ପି ଅଭିଲାଷ ଜି ଡୁରେକେଲା ଥାନା ଅଞ୍ଚଳ ଗସ୍ତକରି ମାମଲାର ତଦନ୍ତ ପ୍ରକ୍ରିୟାର ସମୀକ୍ଷା କରିଥିଲେ। ହିମାଂଶୁ ଲାଲ ଗଣମାଧ୍ୟମକୁ କହିଥିଲେ, ଉକ୍ତ ଗଣବଳାତ୍କାର ମାମଲାର ସମସ୍ତ ଅଭିଯୁକ୍ତଙ୍କୁ ପୋଲିସ ଅଟକ ରଖିଛି ଏବଂ ସେମାନଙ୍କୁ ବଲାଙ୍ଗୀର ଜୁଭେନାଇଲ ଜଷ୍ଟିସ୍ ବୋର୍ଡରେ ହାଜର କରାଯାଇଛି। ଫାଷ୍ଟଟ୍ରାକ୍ କୋର୍ଟରେ କିଭଳି ଏହି ମାମଲାର ବିଚାର ଚାଲିବ ଏବଂ ପୀଡ଼ିତା ଶୀଘ୍ର ନ୍ୟାୟ ପାଇବେ ସେ ଦିଗରେ ମଧ୍ୟ ଏସ୍‌ପି ଅଭିଲାଷ ସବୁପ୍ରକାର ପଦକ୍ଷେପ ନେବେ ବୋଲି କହିଥିଲେ। ଏନେଇ ଏସ୍‌ପି ଅଭିଲାଷଙ୍କୁ ପଚାରିବାରୁ ଗଣବଳାତ୍କାରର ଭିଡିଓ ଭାଇରାଲ ହେବା ପରେ ଘଟଣାଟି ଲୋକଲୋଚନକୁ ଆସିଥିଲା। ପୀଡ଼ିତାଙ୍କ ବାପାଙ୍କ ଅଭିଯୋଗକୁ ଭିତ୍ତିକରି ମାମଲା ରୁଜୁହେବା ପରେ ପୋଲିସ ଟିମ୍ ସମସ୍ତ ୬ ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚରା କରିଥିଲା। ବୁଧବାର ସମସ୍ତ ଅଭିଯୁକ୍ତ ନାବାଳକ ବୋଲି ଜଣାପଡିବା ପରେ ବଲାଙ୍ଗୀର ଜୁଭେନାଇଲ ଜଷ୍ଟିସ୍ ବୋର୍ଡରେ ହାଜର କରାଯାଇଥିଲା। ସେଠାରୁ ସେମାନଙ୍କୁ ରାଉରକେଲାସ୍ଥିତ ପର୍ଯ୍ୟବେକ୍ଷଣ ଗୃହ(ପିଓଏସ୍)କୁ ପଠାଯାଇଛି ବୋଲି ସୂଚନା ଦେଇଛନ୍ତି। ଏହାସହ ଯେଉଁ ମୋବାଇଲରୁ ଗଣବଳାତ୍କାର ଦୃଶ୍ୟ ଭାଇରାଲ କରାଯାଇଥିଲା ସେହି ୨ମୋବାଇଲ ଫୋନ୍ ଏବଂ ଏକ ବାଇକ୍‌କୁ ପୋଲିସ ଜବତ କରିଥିବା ଏସ୍‌ପି ଅଭିଲାଷ ସୂଚନା ଦେଇଥିଲେ। ଯେଉଁ ବ୍ୟକ୍ତିମାନେ ଉକ୍ତ ଗଣବଳାତ୍କାର ଭିଡିଓକୁ ସେମାନଙ୍କ ମୋବାଇଲରୁ ଅନ୍ୟ ଲୋକଙ୍କ ମୋବାଇଲକୁ ଭାଇରାଲ କରିଛନ୍ତି ସେମାନଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି ଏବଂ ତଦନ୍ତ ଆରମ୍ଭ କରାଯାଇଥିବା ଏସ୍‌ପି ସୂଚନା ଦେଇଥିଲେ। ତଦନ୍ତ ପ୍ରକ୍ରିୟା ସମୀକ୍ଷା ବେଳେ କଣ୍ଟାବାଞ୍ଜି ଏସ୍‌ଡିପିଓ ଲକ୍ଷ୍ମୀନାରାୟଣ ମାରାଣ୍ଡି ଏବଂ କଣ୍ଟାବାଞ୍ଜି ଥାନାଧିକାରୀ ତଥା ଏହି ଘଟଣାର ତଦନ୍ତ ଅଧିକାରୀ କର୍ଣ୍ଣ ଏବଂ ଅନ୍ୟ ପୋଲିସ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ବଲାଙ୍ଗୀର ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ କରିଥିଲା। ପୀଡ଼ିତାଙ୍କୁ ମଙ୍ଗଳବାର ଡାକ୍ତରୀ ପରୀକ୍ଷା କରାଯାଇଛି। ଏହାପରେ ସିଡବ୍ଲୁସି ହେପାଜତରେ ପୀଡ଼ିତା ଓ ତାଙ୍କ ମାତାପିତା ରହିଥିବା ଜଣାପଡ଼ିଛି।

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, BHUBANESWAR**
No.25001/21/2526
Ph. No.-0674-2301787, Fax No.-0674-2300965, E.Mail I.D.-eerw_bbsr@yahoo.co.in
NO:-Tender-Online-BBSR Divn.-36 Date : 27.01.2026

**e-Procurement Notice**

1. Name of the work : Repair / Maintenance Building
2. Total No. of Projects : 01 No. of Project
3. **Class of contractor**
   a) Above Rs.20 lakh and upto 3 crore : 'B' Class (of Odisha PWD) or equivalent class of other licensing authorities.
   b) Upto Rs.40.00 lakh : 'C' Class (of Odisha PWD) or equivalent class of other licensing authorities.
   c) Upto Rs.20.00 lakh : 'D' Class (of Odisha PWD) or equivalent class of other licensing authorities.
4. Estimate cost of Individual project : Rs.16.82 lakh
5. Time for completion : **As per annexure of TCN Col. No.5**
6. Other details

| Procurement Officer | Bid Identification No. | Availability of Tender online for Bidding | | Date & Time of opening of tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Superintending Engineer, Rural Works Division, Bhubaneswar | Tender Online-BBSR Divn.-33 | 03.02.2026 at 11.00 A.M. | 11.02.2026 up to 5.00 P.M. | 12.02.2026 at 11.00 A.M. |

Further details can be seen from the website www.tendersorissa.gov.in
Sd./- Superintending Engineer
Rural Works Divn., BBSR
OIPR-25001/25066/1/25-26/0021

**ODISHA MINING CORPORATION LTD**
(A Gold Category State PSU)
Registered Office : OMC House, Bhubaneswar-751 001
CIN : U13100OR1956SGC000313
ODISHA MINING CORPORATION LTD. — Mining Happiness

No.30001/5/2526 **NOTICE INVITING REQUEST FOR PROPOSAL (RFP)**
RfP No.01/OMC/CIVIL/2026 Dated : 30.01.2026

1. Request for Proposal (RfP) for the following work is invited on-line through the e-procurement portal of Govt. of Odisha.

| Sl No. | Name of Project | EMD in INR | Bid Processing Fee in INR | Period of Services |
|---|---|---|---|---|
| 1 | **Design, Manufacturing, Supply and Installation of PEB (Pre-Engineered Building) Core Box shed 2 (two) nos including civil foundation, E/I and others on Turnkey basis at Dubuna camp of Barbil region in the district of Keonjhar** | 1,67,000/- | 10,000/- plus 18% GST | 08 (Eight Months) |

2. The bidders must participate in on-line bidding at the site : **https://www.tendersodisha.gov.in**
3. Bid documents will be available in the above website from Dt.03.02.2026 to Dt.18.02.2026 up to 05:00 P.M.
4. Last date and time for on-line submission of bid in web portal is Dt.18.02.2026 up to 05:00 P.M.
5. The tender will be opened on Dt.19.02.2026 at 11:00 A.M.
6. The bidder must possess compatible Digital Signature Certificate (DSC) of Class-III.

All other details can be seen from RfP Document at **https://www.tendersodisha.gov.in**.
Odisha Mining Corporation Limited reserves the right to reject any or all RfPs received without assigning any reason thereof.
OIPR-30001/30005/1/25-26/0005 Sd./- GM (Civil)

**Odisha State Museum**
No.3001/3/2526
Kalpana Square, Bhubaneswar-751014 (Odisha), Dist.-Khordha, Tel/Fax-0674-2431597
Email: supdt.museum@hotmail.com Website:www.odishamuseum.nic.in/index.htm

**NOTICE INVITING TENDER (NIT)**
**RFP No.196/OSM/Dated 02.02.2026**
**Name of Work: For Selection of Service Provider Agency for Providing Manpower through out-sourcing basis to Odisha State Museum, Bhubaneswar & Anand Bhawan Museum & Learning Centre, Cuttack.**

| Sl. No. | Name of Work | Eligibility | Total Period | E.M.D. in Rs. | Cost of Tender Document in Rs. |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | Inviting Reputed Vendors to Submit Their Bids For **Selection of Service Provider Agency for Providing Manpower through outsourcing basis to Odisha State Museum, Bhubaneswar & Anand Bhawan Museum & Learning Centre, Cuttack** | Eligible Agency Experienced in Similar Works as Specified in the Tender Document | 1 Year | 3,00,000/- | 11,200/- (Non- Refundable) |

Date of Issue of RFP: 03.02.2026 at 10.00 A.M.
Deadline for receipt of Proposal: 10.02.2026 on 05.30 P.M.
Date of Opening of technical proposal: 11.02.2026 on 11.30 A.M.
The RFP will be available in the office of the Superintendent, Odisha State Museum, Bhubaneswar, Amendment, Corrigendum/ Cancellation if any shall be posted online only.
OIPR-3001/3015/1/25-26/0003 Sd./- Superintendent of Museum, Odisha, Bhubaneswar

# ସହ ନିର୍ଦ୍ଦେଶନାରୁ ଅଭିନୟ

ସିଦ୍ଧାର୍ଥ ମାଲହୋତ୍ରା ପ୍ରଥମେ ମଡେଲିଂ ସହ ଜଡିତ ଥିଲେ। କିନ୍ତୁ ତାଙ୍କ ଭିତରେ ଲୁଚି ରହିଥିବା ଏକ ପ୍ରତିଭାକୁ ଠିକ୍ ଭାବରେ ଚିହ୍ନି ପାରିଥିଲେ ପ୍ରଯୋଜକ କରନ୍ ଜୋହର। ତାଙ୍କ ଦ୍ୱାରା ପ୍ରଯୋଜିତ 'ମାଇଁ ନେମ୍ ଇଜ୍ ଖାନ୍'ର ସହ-ନିର୍ଦ୍ଦେଶକ ଭାବରେ ସେ କାହାକୁ ନେଇଥିଲେ ଜାଣନ୍ତି ? ସିଦ୍ଧାର୍ଥଙ୍କୁ। କେବଳ ସେତିକି ନୁହେଁ, ଏହି ଫିଲ୍ମରେ ନିଜ ଦାୟିତ୍ୱକୁ ବେଶ୍



ସିଦ୍ଧାର୍ଥ ମାଲହୋତ୍ରା

ସୁଚାରୁ ରୂପେ ତୁଲାଇଥିଲେ ସେ। କରନ୍ ତାଙ୍କର ଫିଲ୍ମ 'ଷ୍ଟୁଡେଣ୍ଟ ଅଫ ଦ ଇୟର'ରେ ସିଦ୍ଧାର୍ଥଙ୍କୁ ନାୟକ ଭାବରେ ବ୍ରେକ୍ ଦେଇଥିଲେ। ଏଥିରେ ନାୟିକା ଭାବରେ ପ୍ରଥମ ଥର ପାଇଁ ଆଲିଆ ଭଟ୍ଟଙ୍କୁ ଦେଖିବାକୁ ମିଳିଥିଲା। ତା'ସହ ଆଉ ଜଣେ ନବାଗତ ବରୁଣ ଧାୱନଙ୍କର ମଧ୍ୟ ଏହା ଥିଲା ପ୍ରଥମ ସିନେମା। ଏ ବିଷୟରେ ସିଦ୍ଧାର୍ଥ କହନ୍ତି, ''କରନ୍ ସାର୍‌ଙ୍କ ପରି ନାମୀ ନିର୍ଦ୍ଦେଶକଙ୍କ ସହ ମୁଁ ଜଣେ ସହ-ନିର୍ଦ୍ଦେଶକ ଭାବରେ କାମ କରିଥିଲି। ତା'ପରେ ସେ ଯେ ଦିନେ ମୋତେ ବଡ ପରଦାରେ ନାୟକ ଭାବରେ ବ୍ରେକ୍ ଦେବେ ତାହା ମୁଁ କେବେ ଚିନ୍ତା କରି ନ ଥିଲି। ତାଙ୍କର ଆଶୀର୍ବାଦରୁ ଆଜି ମୁଁ ଆକ୍ଟିଂ ଲାଇନ୍‌ରେ ତିଷ୍ଠି ରହିଛି।'' ଅନ୍ୟପକ୍ଷରେ ତାଙ୍କ ଅଭିନୀତ 'ଭାନ୍ : ଫୋର୍ସ ଅଫ ଦ ଫରେଷ୍ଟ'ର ଶୁଟିଂ ଚାଲୁ ରହିଛି।

# ମାତ୍ର ଆଠ ମାସରେ...

କିଆରା ଆଡଭାନୀ ଯେତେବେଳେ ପ୍ରଥମ ଥର ପାଇଁ କ୍ୟାମେରା ସାମନା କରିଥିଲେ ସେତେବେଳେ ତାଙ୍କୁ କେତେ ବୟସ ହୋଇଥିଲା ଜାଣନ୍ତି ? ମାତ୍ର ଆଠ ମାସ। ହେଲେ ଏତେ କମ୍ ବୟସରେ ସେ କ'ଣ ଅଭିନୟ କରିବା ଆରମ୍ଭ କରିଥିଲେ ? ନା। ସେତେବେଳେ ଟିଭି ପାଇଁ ପ୍ରସ୍ତୁତ ଏକ ବେବି କ୍ରିମ ବିଜ୍ଞାପନରେ ତାଙ୍କର ମା'ଙ୍କ ସହ ତାଙ୍କୁ ଦେଖିବାକୁ ମିଳିଥିଲା। ବଲିଉଡ୍ ସହ କିଆରାଙ୍କ ପରିବାର ସମ୍ପର୍କ ଥିଲା। ସେ ଥିଲେ ବିଶିଷ୍ଟ ଅଭିନେତା ଅଶୋକ କୁମାରଙ୍କର ଅଣ ନାତୁଣୀ। ତାଙ୍କର ସମ୍ପର୍କୀୟ ମାମୁ ଥିଲେ ସୟିଦ ଜାଫ୍ରି। ଖାସ୍ କଥା ହେଲା କିଆରାଙ୍କ ମା' ଜେନିଭିଭି ଆଡଭାନୀ ସଲମାନ୍ ଖାନ୍‌ଙ୍କ ସହ ଏକାଠି ବଢ଼ିଥିଲେ। ଏପରି କି କିଆରାଙ୍କୁ ଅଭିନୟରେ ଏଣ୍ଟ୍ରି କରାଇବାକୁ ସଲମାନ ତାଙ୍କୁ ପ୍ରସ୍ତାବ ଦେଇଥିଲେ। ତାଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ଫୁଗଲି' (୨୦୧୪)। କିନ୍ତୁ 'ଏମ.ଏସ. ଧୋନି : ଦ ଅନଟୋଲ୍ଡ ଷ୍ଟୋରି'ର ସାକ୍ଷୀ ରାଓ୍ୱତ ଭୂମିକା ତାଙ୍କୁ ବେଶ୍ ମାଇଲେଜ ଦେଇଥିଲା। କିଆରା ଅଭିନୟ କରିଥିବା ପ୍ରମୁଖ ଚଳଚ୍ଚିତ୍ରଗୁଡିକ ମଧ୍ୟରେ ରହିଛି 'ମେସିନ୍', 'ଲୁଷ୍ଟ ଷ୍ଟୋରିଜ', 'କଲଙ୍କ', 'କବୀର ସିଂ', 'ଗୁଡ୍ ନ୍ୟୁଜ', 'ଲକ୍ଷ୍ମୀ', 'ଭୁଲ ଭୁଲେୟା ୨', 'ଗୋବିନ୍ଦା ନାମ ମେରା', 'ଗେମ୍ ଚେଞ୍ଜର' ଏବଂ 'ୱାର ୨'।



କିଆରା

# ଅତୀତରୁ...

➤ଓଡ଼ିଆ ସିନେମା 'ରାମ ବଳରାମ'ର ନିର୍ଦ୍ଦେଶନା ଦେଇଥିଲେ ଜଗଦୀଶ ଭି.। ବିଭିନ୍ନ ଭୂମିକାରେ ଉତ୍ତମ ମହାନ୍ତି, ଅନୀତା ଦାସ,ଦୀପା ସାହୁ ଏବଂ ବୀରେନ ରାଉତରାୟ ପ୍ରମୁଖ ଅଭିନୟ କରିଥିଲେ।

➤'ସୀତା ଲବକୁଶ' ଶୀର୍ଷକ ପୌରାଣିକ ସିନେମାରେ ରୋଜାରମଣି ଏବଂ ଚକ୍ରପାଣିଙ୍କୁ ମୁଖ୍ୟ ଭୂମିକାରେ ଦେଖିବାକୁ ମିଳିଥିଲା।

➤ଓଡ଼ିଆ ସିନେମା 'ଅଶାନ୍ତ ଗ୍ରହ'ର ନିର୍ଦ୍ଦେଶନା ଦେବା ସହ ପ୍ରମୁଖ ଭୂମିକାରେ ଅଭିନୟ କରିଥିଲେ ଶରତ ପୂଜାରୀ। ଉତ୍ତମ ମହାନ୍ତି ଏବଂ ମହାଶ୍ୱେତା ରାୟ ମଧ୍ୟ କାଷ୍ଟିଂରେ ଥିଲେ।

ଅପେରା ହାଲଚାଲ

# ସ୍ୱର୍ଣ୍ଣମହଲର ରୟାଲ ଯୋଡ଼ି

ଅପେରା ଜଗତର ଅନ୍ୟତମ ଆଗଧାଡିର ଅନୁଷ୍ଠାନ ହେଉଛି ଯାତ୍ରା ସ୍ୱର୍ଣ୍ଣମହଲ। ସ୍ୱାଇଁ ବ୍ରଦର୍ସ ପ୍ରଯୋଜନାରେ ଆସନ୍ତା ଯାତ୍ରା ଋତୁ ପାଇଁ ଏହି ପାର୍ଟି ଏବେଠାରୁ ପ୍ରସ୍ତୁତି ଆରମ୍ଭ କରିଦେଇଛି। ସବୁଠାରୁ ଖାସ୍ କଥା ହେଲା ଗତ କିଛି ବର୍ଷ ଧରି ଏହାର ପ୍ରମୁଖ ମଞ୍ଚଆଳ ସାଜିଛନ୍ତି ଜଲିଉଡ୍‌ର ମୋଷ୍ଟ ଫେଭରାଇଟ୍ ଯୋଡି ସୁବାସ (ବେହେରା)-ଭାବନା। ୨୦୨୬-୨୭ରେ ମଧ୍ୟ ଏହି ରୟାଲ ଯୋଡ଼ିକୁ ପୁଣି ଥରେ ସ୍ୱର୍ଣ୍ଣମହଲ ରିପିଟ୍ କରିବାକୁ ଯାଉଛି। ଗତ ବର୍ଷ ଏହାର ସୁପରହିଟ୍ ନାଟକ 'ସ୍ୱାମୀ ପାଇଁ ପଛେ ନର୍କକୁ ଯିବି'ରେ ଏହି ଯୋଡି ବେଶ୍ ପ୍ରଶଂସା ସାଉଁଟି ଥିଲେ। ଏବର୍ଷ 'ଗୁହାରି ଶୁଣ ଦୀନବନ୍ଧୁ'ରେ ସୁବାସ-ଭାବନା ଯୋଡି ନିଜର ଅଭିନୟ ଦକ୍ଷତାର ପୁଣି ଥରେ ପ୍ରମାଣ ଦେଇଛନ୍ତି। ତେବେ ଏ ନେଇ ସୁବାସ କହନ୍ତି, ''ଆସନ୍ତା ଯାତ୍ରା ସିଜନରେ ସ୍ୱାଇଁ ବ୍ରଦର୍ସ ପୁଣି ଥରେ ମୋ ଉପରେ ଆସ୍ଥା ପ୍ରକଟ କରିଛନ୍ତି। ନୂଆ ସିଜନ୍‌ର ନୂଆ ନାଟକରେ କିପରି ଦର୍ଶକଙ୍କ ମନ ପୁଣି ଥରେ ଜିଣିପାରିବି ସେ ନେଇ ନିଶ୍ଚୟ ଉଦ୍ୟମ କରିବି। କାରଣ ସେମାନଙ୍କର ଭଲ ପାଇବା ଆଉ କରତାଳି ପାଇଁ ଆଜି ମୁଁ ଜଲିଉଡ୍‌ରେ ତିଷ୍ଠି ରହିଛି।'' ଏହି ଯୋଡି ଅଭିନୀତ ନାଟକ 'କେତେ ଦୁଃଖ ଦବୁ ଦେ ରେ କାଳିଆ', 'ବଡ ଲୋକ ଛୋଟ ଲୋକ' ଏବଂ 'ଗରିବର ଦୁଃଖ ଦେଖିଛି କିଏ' ମଧ୍ୟ ଦର୍ଶକାଦୃତ ହୋଇସାରିଛି।



ସୁବାସ-ଭାବନା

ପରଦାରେ..

# ମିଡ୍ ନାଇଟ୍

ରହସ୍ୟ ରୋମାଞ୍ଚଭରା କାହାଣୀକୁ ଆଧାର କରି ପ୍ରସ୍ତୁତ ହୋଇଛି ଓଡ଼ିଆ ସିନେମା 'ମିଡ୍ ନାଇଟ୍'। ଉକ୍ତ ଚଳଚ୍ଚିତ୍ରଟି ଚଳିତ ମାସ ୬ ତାରିଖରେ ପରଦା ଉପରକୁ ଆସୁଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। କାହାଣୀ ଅନୁସାରେ ଅମିୟ ଦାଶ ଜଣେ ପୁଞ୍ଜିପତି ଏବଂ ଗୋଟେ ନିର୍ମାଣକାରୀ ସଂସ୍ଥାର ମାଲିକ। ତାଙ୍କର ଅନ୍ତରଙ୍ଗ ବନ୍ଧୁ ବିଜୁ ବଳିୟାର ସିଂ (ବିରେନ ମିଶ୍ର) ଓ ଚନ୍ଦ୍ରଶେଖର (ଅକ୍ଷୟ ବସ୍ତିଆ)ଙ୍କୁ ସେହି ସଂସ୍ଥାରେ କାମ କରିବାର ସୁଯୋଗ ଦିଅନ୍ତି। ହେଲେ ସଂସ୍ଥାର ଉନ୍ନତି ଓ ଲାଭାଂଶ ଦେଖି ସେମାନେ ଲୋଭ କରନ୍ତି। ମୋଟା ଅଙ୍କର ଅଂଶଧନ ଓ ଲାଭାଂଶ ମାଗନ୍ତି। ବାସ୍, ଏଇଠୁ କଳହର ସୂତ୍ରପାତ ହୁଏ। ସମୟକ୍ରମେ ନିଜ ସ୍ୱାର୍ଥ ସାଧନ ପାଇଁ ବିଜୁ ଏବଂ ଚନ୍ଦ୍ର ମିଶିକରି ଅମିୟଙ୍କୁ ହତ୍ୟା କରନ୍ତି। ପରବର୍ତ୍ତୀ ସମୟରେ ବାପାଙ୍କର ରହସ୍ୟମୟ ମୃତ୍ୟୁ ଉପରୁ ପରଦା ହଟାଇବାକୁ ପୂରାଦମ୍‌ରେ ଲାଗିପଡେ ଅନୀଲ। ଆଉ ଶେଷରେ କ'ଣ ହୁଏ ତାହା ସିନେମାଟି ଦେଖିଲେ ହିଁ ଜାଣିପାରିବେ। ମନୁ ଦ୍ୱିବେଦୀ ଏକାଧାରରେ ଏହାର ପ୍ରଯୋଜକ ସାଜିବା ସହ ନିର୍ଦ୍ଦେଶନା ମଧ୍ୟ ଦେଇଛନ୍ତି। ତା' ସହ ବାପା (ଅମୀୟ ଦାଶ) ଏବଂ ପୁଅ (ଅନୀଲ) ଚରିତ୍ରରେ ମଧ୍ୟ ତାଙ୍କୁ ଦେଖିବାକୁ ମିଳିବ। ସଂଳାପ ରଚନା କରିଛନ୍ତି ଡ.ରଜନୀ ରଞ୍ଜନ। ଡ. ନିର୍ମଳ ନାୟକ ଓ ସରୋଜ ବଳଙ୍କ ରଚିତ ଗୀତକୁ ସଙ୍ଗୀତରେ ସଜେଇଛନ୍ତି ପ୍ରଶାନ୍ତ ପାଢ଼ୀ। ଦେବୁ ବ୍ରହ୍ମା, ପ୍ରତିଭା ପଣ୍ଡା, ଡାଏନା, ଆଲିଆ, ପ୍ରିୟା, ପ୍ରିୟଙ୍କା, ସସ୍ମିତା ଓ ସୁଧାଂଶୁବାଳା ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି।

'ମିଡ୍ ନାଇଟ୍' ଫିଲ୍ମର ଏକ ଦୃଶ୍ୟ



ରିଲିଜ ଅପେକ୍ଷାରେ...

# ବର ବଧୂ



'ବର ବଧୂ' ଫିଲ୍ମରେ ଶୁଭାଶିଷ-ସୂର୍ଯ୍ୟମୟୀ

ଭିନ୍ନ ଧରଣର କାହାଣୀକୁ ଆଧାର କରି ପ୍ରସ୍ତୁତ ହୋଇଛି ଏକ ନୂଆ ଓଡ଼ିଆ ସିନେମା। ଏଥିରେ ଲଭ୍, ଇମୋଶନ, ଫ୍ୟାମିଲି ଡ୍ରାମା ଭରି ରହିଛି। ରିଲିଜ ଅପେକ୍ଷାରେ ଥିବା ଏହି ନୂଆ ଓଡ଼ିଆ ଚିତ୍ରଟିର ଟାଇଟଲ ରହିଛି 'ବର ବଧୂ'। ଉକ୍ତ ଫିଲ୍ମରେ ଦୁଇ ବନ୍ଧୁ ଭୂମିକାରେ ଶୁଭାଶିଷ ଶର୍ମା ଓରଫ ମଣ୍ଟୁ ଏବଂ ଶୈଳେନ୍ଦ୍ର ସାମନ୍ତରାୟ ଅଭିନୟ କରିଛନ୍ତି। ଅନ୍ୟାନ୍ୟ ଭୂମିକାରେ ଶିବାନୀ ସଙ୍ଗୀତା, ସୂର୍ଯ୍ୟମୟୀ ମହାପାତ୍ର, ହର ରଥ, ଭାସ୍ୱତୀ ବସୁ, ଜୟଶ୍ରୀ ପ୍ରମୁଖଙ୍କୁ ଏଥିରେ ଦେଖିବାକୁ ମିଳିବ। ଏହି ଚିତ୍ରରେ ଶୁଭାଶିଷଙ୍କ ନାୟିକା ଭାବରେ ବର୍ତ୍ତମାନର ଅନ୍ୟତମ ବ୍ୟସ୍ତ ଅଭିନେତ୍ରୀ ସୂର୍ଯ୍ୟମୟୀ ସ୍କ୍ରିନ୍ ଶେୟାର କରିଥିବା ବେଳେ ଶୈଳେନ୍ଦ୍ରଙ୍କ ନାୟିକା ସାଜିଛନ୍ତି ଶିବାନୀ। ଅବଶ୍ୟ ଏହାପୂର୍ବରୁ ଶୈଳେନ୍ଦ୍ର-ଶିବାନୀ ଯୋଡି 'ଗୁଣ୍ଡୁ ଗ୍ୟାଙ୍ଗଷ୍ଟର' ଏବଂ 'ଛି ରେ ନନୀ ଛି'ରେ ଅଭିନୟ କରିସାରିଛନ୍ତି। ଆଉ ଏଥର ତୃତୀୟ ଥର ପାଇଁ ବଡ ପରଦାରେ ଦେଖାଦେବେ। ଫିଲ୍ମଟିର ପ୍ରଯୋଜନା କରିଛନ୍ତି ଚନ୍ଦ୍ରମଣି। ଏହାର କାହାଣୀ, ଚିତ୍ରନାଟ୍ୟ ଏବଂ ସଂଳାପ ରଚନା କରିବା ସହ ନିର୍ଦ୍ଦେଶନାର ଗୁରୁଦାୟିତ୍ୱ ତୁଲାଇଛନ୍ତି ବିଶ୍ୱରଞ୍ଜନ। କେବଳ ସେତିକି ନୁହେଁ, ସୁଶୀଲ କୁମାର ମିଶ୍ରଙ୍କ ସହ ସେ ମଧ୍ୟ ଏହାର ସହ-ପ୍ରଯୋଜନା କରିଛନ୍ତି। ସଂଯୋଜିତ ଗୀତଗୁଡିକୁ ସ୍ୱରରେ ସଜାଇଛନ୍ତି ଆଗଧାଡିର ଯୁବ ସ୍ୱରକାର ଗୌରବ ଆନନ୍ଦ। ଯୁଜଫୁଲ ଗାର୍ବେଜ କ୍ରିଏସନ୍ସ ବ୍ୟାନରରେ ଏହାକୁ ପ୍ରସ୍ତୁତ କରାଯାଇଛି।

# ଭୁଲି ପାରିବେନି ରାଣୀ

ଜଣେ କଳାକାର ଜୀବନରେ ଅନେକ ସ୍ମରଣୀୟ ଘଟଣା ଘଟିଥାଏ। ସେଗୁଡିକ ମଧ୍ୟରୁ କେତେକରେ ଖୁସିର ଫଲଗୁ ଝରୁଥିବା ବେଳେ ଆଉ କେତେକ ଘଟଣାରେ ବିଷାଦର ଛାୟା ଢ଼ାଙ୍କି ହୋଇ ରହିଥାଏ। ଠିକ୍ ସେମିତି ନିଜ ଅଭିନୟ କ୍ୟାରିୟର ପ୍ରାରମ୍ଭିକ ଅବସ୍ଥାରେ ଏକ ସିନେମାକୁ ଏବେ ବି ସେ ମନେ ପକାଇଥାଆନ୍ତି। ହଁ, ସେହି ଅଭିନେତ୍ରୀ ଜଣଙ୍କ ହେଉଛନ୍ତି ରାଣୀ ମୁଖାର୍ଜୀ। ଆମୀର ଖାନ୍‌ଙ୍କ ସହ 'ଗୁଲାମ୍' ହିଟ୍ ହେବା ପରେ ତାଙ୍କୁ ୟଶ ଚୋପ୍ରାଙ୍କ 'ସାଥିୟା' ଫିଲ୍ମରେ ଅଭିନୟ କରିବାର ସୁଯୋଗ ମିଳିଥିଲା। ଏହି ଚିତ୍ରଟି ଯେ ଏଭଳି ଆଶାତୀତ ଭାବରେ ସଫଳତା ଅର୍ଜନ କରିବ ତାହା ରାଣୀ କେବେ ଭାବି ନ ଥିଲେ। ''ଦିନେ ହଠାତ୍ ୟଶ ଚୋପ୍ରା ମୋତେ ଫୋନ୍ କରି କହିଲେ ଯେ ମୋତେ ସେ ତାଙ୍କର ଆଗାମୀ ଫିଲ୍ମ 'ସାଥିୟା'ରେ ସୁଯୋଗ ଦେଉଛନ୍ତି। ବଲିଉଡ୍‌ର ଏହି ବଡ ବ୍ୟାନରରେ ଅଭିନୟ କରିବାର ସୁଯୋଗ କେବଳ ଭାଗ୍ୟରେ ଥିଲେ ମିଳେ। ତେଣୁ ଅଫରଟିକୁ ଆଦୌ ହାତଛଡା କରି ନ ଥିଲି। ପରବର୍ତ୍ତୀ ସମୟରେ ଫିଲ୍ମଟି ବକ୍ସ ଅଫିସରେ ହିଟ୍ ସାବ୍ୟସ୍ତ ହୋଇଥିଲା। କେବଳ ସେତିକି ନୁହେଁ, ତା'ପରେ ମୋତେ ଅଫର ପରେ ଅଫର ମିଳି ଚାଲିଲା। ଏହି ଫିଲ୍ମଟିକୁ ମୁଁ କଦାପି ଭୁଲି ପାରିବି ନାହିଁ। 'ସାଥିୟା'ର କାହାଣୀ ଚିତ୍ରନାଟ୍ୟ ରଚନା କରିବା ସହ ଏହାର ଅନ୍ୟତମ ପ୍ରଯୋଜକ ଥିଲେ ମଣିରତ୍ନମ। ଗୁଲଜାର ଏହାର ସଂଳାପ ରଚନା କରିଥିବା ବେଳେ ଗୀତଗୁଡିକୁ ସ୍ୱର ଦେଇଥିଲେ ଏ.ଆର. ରହେମନ। ଏଥିରେ ରାଣୀଙ୍କର ନାୟକ ସାଜିଥିଲେ ବିବେକ ଓବରୟ।

# ସେହି ଛଅ ମାସ...



ବିଦ୍ୟା ବାଲାନ୍

ଅଭିନୟ କ୍ଷେତ୍ରରେ ବିଦ୍ୟା ବାଲାନ କେତେ ଦକ୍ଷ ତାହା ବର୍ଣ୍ଣନା କରିବା ଅନାବଶ୍ୟକ। ତାଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ପରିଣିତା'। ଏହାର ପ୍ରଯୋଜନା କରିଥିଲେ ବିଧୁ ବିନୋଦ ଚୋପ୍ରା। ଯେତେବେଳେ ଏହାର କାହାଣୀ ଫାଇନାଲ ହେଲା ସେ ଏହାର ନାୟିକା ଚରିତ୍ରରେ ବିଦ୍ୟାଙ୍କୁ ସାଇନ୍ କରାଇବାକୁ ସ୍ଥିର କରିଥିଲେ। କିନ୍ତୁ ଭୂମିକାଟି କିପରି ଦମଦାର ହେବ ସେ ନେଇ ବିଦ୍ୟାଙ୍କୁ କିଛି ଥର ଅଡିଶନ ଦେବାକୁ ପଡିଥିଲା। ଆଉ ବିଦ୍ୟା ଲଗାତର ଛଅ ମାସ ଧରି ଅଡିଶନ ଦେବା ପରେ ଶେଷରେ ପ୍ରଯୋଜନା ସଂସ୍ଥା ପକ୍ଷରୁ ତାଙ୍କୁ ଗ୍ରୀନ୍ ସିଗନାଲ ଦିଆଯାଇଥିଲା। ଏ ବିଷୟରେ ବିଦ୍ୟା କହନ୍ତି, ''ମୋ ପ୍ରଥମ ସିନେମା ସାଇନ୍ କରିବା ପୂର୍ବରୁ ମୋତେ ବେଶ୍ ପରିଶ୍ରମ କରିବାକୁ ପଡିଥିଲା। କାରଣ ସେହି ସମୟରେ ପ୍ରଯୋଜକ ବିଧୁ ସାର୍ ଲଗାତର ଛଅ ମାସ ମୋର ଅଡିସନ୍ ନେଇଥିଲେ। ସେତବେଳକୁ ମୁଁ ଏକରକମ ଆଶା ଛାଡିଦେଇଥିଲି। କିନ୍ତୁ ବିଶ୍ୱାସ ଥାଏ ମୋର ଏହି ପରିଶ୍ରମ କେବେ ବୃଥା ଯିବନି। ଯାହାହେଉ ଶେଷରେ ମୋର ଆଶା ପୂରଣ ହେଲା। ୨୦୦୫ରେ ରିଲିଜ ହୋଇଥିବା ଏହି ଫିଲ୍ମଟି ଭଲ ବିଜନେସ କରିଥିଲା।'' ବିଦ୍ୟାଙ୍କର ରୋଲ୍ ମଡେଲ କିଏ ଥିଲେ ଜାଣନ୍ତି ? ଉଭୟ ସବାନା ଆଜମୀ ଏବଂ ମାଧୁରୀ ଦିକ୍ଷୀତ।



ରାଣୀ



କଟକ ସିଡିଏସ୍ଥିତ ଗୋଲ୍ଡେନ କ୍ୟୁ ସ୍ନୁକର କାଫେରେ ଚାଲିଥିବା ଗୋଲ୍ଡେନ କିଙ୍ଗ ଓପନ୍ ସ୍ନୁକର ଚାମ୍ପିୟନଶିପ୍‌ରେ ବୁଧବାର ଶଟ୍ ଖେଳିବା ଅବସରରେ ଚନ୍ଦ୍ର ମହାନ୍ତି।

# ଭାରତ-ଇଂଲଣ୍ଡ ଫାଇନାଲ

ହରାରେ,୪।୨

ଚଳିତ ୧୯ ବର୍ଷରୁ କମ୍ ବିଶ୍ୱକପ୍‌ରେ ବୁଧବାର ଖେଳାଯାଇଥିବା ସେମିଫାଇନାଲରେ ଭାରତୀୟ ଦଳ ୭ ଉଇକେଟରେ ଆଫଗାନିସ୍ତାନକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ଆଫଗାନିସ୍ତାନ ପକ୍ଷରୁ ଧାର୍ଯ୍ୟ ୩୧୧ ରନର ଟାର୍ଗେଟକୁ ଭାରତ ୪୧.୧ ଓଭରରେ ୩ ଉଇକେଟ ହରାଇ ହାସଲ କରି ନେଇଥିଲା। ଏହି ବିଜୟ ସହ ଭାରତ ରେକର୍ଡ ଦଶମ ଥର ପାଇଁ ଫାଇନାଲରେ ପ୍ରବେଶ କରିଛି। ଆସନ୍ତା ୬ ତାରିଖରେ ହେବାକୁ ଥିବା ଫାଇନାଲରେ ଭାରତ ଓ ଇଂଲଣ୍ଡ ପରସ୍ପରକୁ ଭେଟିବେ।

ଆମନ୍ତ୍ରଣ ପାଇ ବ୍ୟାଟିଂ କରିଥିବା ଆଫଗାନିସ୍ତାନ ନିର୍ଦ୍ଧାରିତ ୫୦ ଓଭରରେ ୪ ଉଇକେଟ ହରାଇ ୩୧୦ ରନ କରିଥିଲା। ଦଳ ପାଇଁ ଫୈଜଲ ଶିନୋଜାଦା ୯୩ ବଲରେ ୧୧୦ (୧୫ ଚୌକା) ଓ ଉଜାଇରୁଲା ନିଆଜାଇ ୮୬ ବଲରେ ୧୦୧ (୧୨ ଚୌକା ଓ ୨ ଛକା) ରନର ଶତକୀୟ ପାଳି ଖେଳିଥିଲେ। ଦୁହେଁ ତୃତୀୟ ଉଇକେଟରେ ୧୪୮ ରନ ଯୋଡ଼ିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓସମାନ ସାଦତ ୩୯ (୩ ଚୌକା) ଓ ଖାଲିଦ ଅହମଦଜାଇ ୩୧ (୪ ଚୌକା ଓ ୧ ଛକା) ରନ କରିଥିଲେ। ଭାରତ ପକ୍ଷରୁ ଦୀପେଶ ଦେବେନ୍ଦ୍ରନ ଓ କନିଷ୍କ ଚୌହନ ୨ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଭାରତକୁ ବୈଭବ ସୂର୍ଯ୍ୟବଂଶୀ ବିସ୍ଫୋରକ ଆରମ୍ଭ ଦେଇଥିଲେ। ସେ ୩୩ ବଲରେ ୯ ଚୌକା ଓ ୪ ଛକା ୬୮ ରନ କରିଥିଲା।



ଶତକ ହାସଲ ପରେ ଆରୋନ ଜର୍ଜ।

**୧୯ ବର୍ଷରୁ କମ୍ ବିଶ୍ୱକପ୍**

ସେ ଅନ୍ୟତମ ଓପନର ଆରୋନ ଜର୍ଜଙ୍କ ମିଶି ପ୍ରଥମ ଉଇକେଟରେ ୯୦ ରନ ଯୋଡ଼ିଥିଲେ। ସୂର୍ଯବଂଶୀ ଆଉଟ୍ ହେବା ପରେ ଅଧିନାୟକ ଆୟୁଷେ ମାହାତ୍ରେ ଓ ଜର୍ଜ ଦ୍ୱିତୀୟ ଉଇକେଟରେ ୧୧୪ ରନ ଯୋଡ଼ିଥିଲେ। ମାହାତ୍ରେ ୫୯ ବଲରେ ୫ ଚୌକା ଓ ୪ ଛକା ସହିତ ୬୨ ରନ କରି ପାଭିଲିଅନ ଫେରିଥିଲେ। ଜର୍ଜ ଶତକ ପୂରଣ କରିବା ଆଉଟ୍ ହୋଇଥିଲେ। ସେ ଆଉଟ୍ ହେବା ପୂର୍ବରୁ ୧୦୪ ବଲରେ ୧୧୫ ରନ କରିଥିଲେ। ତାଙ୍କ ଇନିସରେ ୧୫ ଚୌକା ଓ ୨ ଛକା ସାମିଲ ଥିଲା। ଏହାପରେ ବିହାନ ମଲହୋତ୍ରା ୩୮ (୩ ଚୌକା) ଓ ବେଦାନ୍ତ ୫ ରନ କରି ଦଳକୁ ଜିତାଇଥିଲେ। ଫଳରେ ଭାରତ ୪୧.୧ ଓଭରରେ ୩ ଉଇକେଟ କ୍ଷତିରେ ବିଜୟୀ ହୋଇଛି।

**ସଂକ୍ଷିପ୍ତ ସ୍କୋର**

ଆଫଗାନିସ୍ତାନ: ୫୦ ଓଭରରେ ୩୧୦/୪ (ଫୈଜଲ ଶିନୋଜାଦା-୧୧୦, ଉଜାଇରୁଲା ନିଆଜାଇ-୧୦୧*, କନିଷ୍କ ଚୌହାନ-୨/୫୫, ଦୀପେଶ ଦେବେନ୍ଦ୍ରନ-୨/୬୪)। ଭାରତ: ୪୧.୧ ଓଭରରେ ୩୧୧/୩ (ଆରୋନ ଜର୍ଜ-୧୧୫, ବୈଭବ ସୂର୍ଯ୍ୟବଂଶୀ-୬୮, ଆୟୁଷ ମାହାତ୍ରେ-୬୨, ନୁରିସ୍ତାନି ଓମାରଜାଇ-୨/୬୪)।

# ସିଦ୍ଧାର୍ଥଙ୍କୁ ହରାଇଲେ ଚନ୍ଦ୍ର

କଟକ,୪।୨(କୁମାରଶ୍ରୀ)

**ଓପନ୍ ସ୍ନୁକର ଚାମ୍ପିୟନଶିପ୍**

ସିଡିଏସ୍ଥିତ ଗୋଲ୍ଡେନ କ୍ୟୁ ସ୍ନୁକର କାଫେରେ ଗୋଲ୍ଡେନ କିଙ୍ଗ୍ ଓପନ୍ ସ୍ନୁକର ଚାମ୍ପିୟନଶିପ୍ ଜାରି ରହିଛି। ନବାଗତ ଚନ୍ଦ୍ର ମହାନ୍ତି ୩-୨ ଫ୍ରେମ୍‌ରେ ବହୁବାର ରାଜ୍ୟ ଚାମ୍ପିୟନଶିପ୍ ବିଜେତା ସିଦ୍ଧାର୍ଥ ସେନ୍‌ଙ୍କୁ ପରାସ୍ତକରି ପ୍ରତିଯୋଗିତାରେ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। ପ୍ରଥମ ଫ୍ରେମ୍‌ରେ ପରାସ୍ତ ହୋଇଥିବା ସିଦ୍ଧାର୍ଥ ପରବର୍ତ୍ତୀ ଦୁଇଟିଯାକ ଫ୍ରେମ୍‌କୁ ଜିତି ୨-୧ରେ ଆଗୁଆ ରହିଥିଲେ। ମାତ୍ର ଅବଶିଷ୍ଟ ୨ ଫ୍ରେମ୍‌ରେ ଚନ୍ଦ୍ର ସଫଳ ପ୍ରତ୍ୟାବର୍ତ୍ତନକରି ବିଜୟୀ ହୋଇଥିଲେ। ଅନ୍ୟ ମୁକାବିଲାଗୁଡିକରେ ଚିରାଗ ଅରୋରା ୩-୦ ଫ୍ରେମ୍‌ରେ ବିରାଜ ଦାଶ, ବରୁଣ ପୂର୍ବା ୩-୧ ଫ୍ରେମ୍‌ରେ ଶୁଭାଙ୍ଗୀ ରାଓ, ସୁବ୍ରତ ଦାସ ୩-୦ ଫ୍ରେମ୍‌ରେ ଅମିତ୍ ସିଂ, ସୁଦୀପ୍ତ ଦାଶ ୩-୧ ଫ୍ରେମ୍‌ରେ ଅମିୟ ରଞ୍ଜନ ନାୟକ, ନିଶାନ୍ତ ବିଶ୍ୱାଳ ୩-୦ ଫ୍ରେମ୍‌ରେ ପ୍ରିୟାଂଶୁ ମହାପାତ୍ର, ଚେତନ ଆନନ୍ଦ ୩-୨ ଫ୍ରେମ୍‌ରେ ଉଭାସ ମହାପାତ୍ରଙ୍କୁ ପରାସ୍ତ କରିଛନ୍ତି। ନିଶାନ୍ତ ବିଶ୍ୱାଳ, ସୁବ୍ରତ ଦାସ, ଚେତନ ଆନନ୍ଦ ପ୍ରି-କ୍ୱାର୍ଟର ଫାଇନାଲରେ ସ୍ଥାନ ସୁରକ୍ଷିତ କରିଛନ୍ତି।

# ଫାଇନାଲରେ ବାଂଲାଦେଶକୁ ଭେଟିବ ଭାରତ

ପୋଖରା(ନେପାଳ), ୪।୨(ପି.ଟି.)

ଏଠାରେ ଚାଲିଥିବା ୧୯ ବର୍ଷରୁ କମ୍ ସାଫ୍ ମହିଳା ଫୁଟ୍‌ବଲ ଚାମ୍ପିୟନଶିପ୍‌ର ଫାଇନାଲ ଭାରତ ଓ ବାଂଲାଦେଶ ମଧ୍ୟରେ ଅନୁଷ୍ଠିତ ହେବ। ବୁଧବାର ଅନୁଷ୍ଠିତ ଶେଷ ରାଉଣ୍ଡ ରବିନ ଲିଗ୍ ମ୍ୟାଚ୍‌ରେ ୧୭ ବର୍ଷରୁ କମ୍ ଭାରତୀୟ ଦଳ ୮-୦ ଗୋଲରେ ଭୁଟାନକୁ ପରାସ୍ତ କରିଛି। ଭାରତ ପକ୍ଷରୁ ପର୍ଲ ଫର୍ନାଣ୍ଡିଜ୍ ୧୬, ୩୯ ଓ ୪୧ତମ ମିନିଟ୍‌ରେ ୩ଟି ଗୋଲ ଦେଇ ହ୍ୟାଟ୍ରିକ୍ ଅର୍ଜନ କରିଥିବାବେଳେ ପ୍ରୀତିକା ବର୍ମନ ୨୫ ଓ ୯୦ତମ ମିନିଟ୍‌ରେ ୨ଟି ଏବଂ ଅଲିଶା ଲିଙ୍ଗ୍‌ଡୋ ୬ଷ୍ଠ, ଅଭିସ୍ତା ବସନେଟ ୧୦ମ ଓ ଦିବ୍ୟାନି ଲିନ୍‌ଡା ୧୭ଶ ମିନିଟ୍‌ରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ସେହିପରି ଅନ୍ୟ ଏକ ସେମିଫାଇନାଲରେ ବାଂଲାଦେଶ ୪-୦ ଗୋଲ୍‌ରେ ଆୟୋଜକ ନେପାଳକୁ ପରାସ୍ତ କରିଛି। ବାଂଲାଦେଶ ୩ ମ୍ୟାଚ୍‌ରୁ ୯ ପଏଣ୍ଟ ସହିତ ଟେବୁଲ ଶୀର୍ଷରେ ଥିବାବେଳେ ଭାରତ ୬ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ୩ ପଏଣ୍ଟ ସହିତ ନେପାଳ ତୃତୀୟ ଓ କୌଣସି ପଏଣ୍ଟ ନ ପାଇ ଭୁଟାନ ୪ର୍ଥ ସ୍ଥାନରେ ରହି ଅଭିଯାନ ଶେଷ କରିଛି। ଭାରତ-ବାଂଲାଦେଶ ଫାଇନାଲ ୭ ତାରିଖରେ ଅନୁଷ୍ଠିତ ହେବ। ଟୁର୍ନାମେଣ୍ଟରେ ଭାରତ ଏକମାତ୍ର ପରାଜୟ ବାଂଲାଦେଶ ନିକଟରୁ ବରଣ କରିଥିଲା।

# ୱାର୍ମଅପ୍‌ରେ ଚମକିଲେ ଇଶାନ, ତିଲକ, ଅକ୍ଷର

ନଭି ମୁମ୍ବାଇ,୪।୨

ଟି୨୦ ବିଶ୍ୱକପ୍ ପୂର୍ବରୁ ଡିଫେଣ୍ଡିଂ ଚାମ୍ପିୟନ ଭାରତୀୟ ଦଳ ବୁଧବାର ତା'ର ଏକମାତ୍ର ୱାର୍ମଅପ୍ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକାକୁ ଭେଟିଥିଲା। ଏହି ମ୍ୟାଚ୍‌ରେ ଦୁଇ ଓପ୍‌ନର ଇଶାନ କିଶନ ୨୦ ବଲ୍‌ରେ ୫୩ (୨ ଚୌକା ଓ ୭ ଛକା) ଓ ଅଭିଷେକ ଶର୍ମା ୧୮ ବଲ୍‌ରେ ୨୪(୩ ଚୌକା ଓ ୧ ଛକା) ରନ୍‌କରି ରିଟାୟର୍ଡ ଆଉଟ୍ ହୋଇଥିଲେ। ଇଞ୍ଜୁରିରୁ ରିକଭର କରିଥିବା ତିଲକ ୧୯ ବଲ୍‌ରେ ୪୫(୩ ଲେଖାଏ ଚୌକା ଓ ଛକା), ଅଧିନାୟକ ସୂର୍ଯ୍ୟକୁମାର ଯାଦବ ୧୬ ବଲରେ ୩୦(୨ ଲେଖାଏ ଚୌକା ଓ ଛକା), ଅକ୍ଷର ପଟେଲ ଅପରାଜିତ ୩୫(୨ ଲେଖାଏ ଚୌକା ଓ ଛକା), ହାର୍ଦ୍ଦିକ ପାଣ୍ଡ୍ୟା ୧୦ ବଲ୍‌ରେ ୩୦(୨ ଚୌକା ଓ ୩ ଛକା) ରନ୍‌ର ଇନିଂସ୍ ଖେଳିଥିଲେ। ଫଳରେ ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୨୪୦ ରନ୍ କରିଥିଲା। ଜବାବରେ ଦକ୍ଷିଣଆଫ୍ରିକା ଶେଷପର୍ଯ୍ୟନ୍ତ ବ୍ୟାଟିଂ କରିଥିବା ସତ୍ତ୍ୱେ ୭ ଉଇକେଟ ହରାଇ ୨୧୦ ରନ୍ କରିପାରିଥିଲା। ଦଳ ପାଇଁ ଟ୍ରିଷ୍ଟାନ ଷ୍ଟବ୍ସ ୨୧ ବଲ୍‌ରେ ୪୫(୧ ଚୌକା ଓ ୪ ଛକା), ରିଆନ ରିକଲ୍‌ଟନ ୨୧ ବଲ୍‌ରେ ୪୪(୪ ଚୌକା ଓ ୩ ଛକା), ଜାସନ ସ୍ମିଥ୍ ୩୫(୪ ଚୌକା ଓ ୧ ଛକା), ଅଧିନାୟକ ଏଡେନ ମାରକ୍ରମ ୧୯ ବଲ୍‌ରେ ୩୮(୨ ଚୌକା ଓ ୪ ଛକା) ରନ୍ କରିଥିଲେ।

# ବିପୁଳ ଆର୍ଥିକ କ୍ଷତି ସହିବ ପିସିବି

କରାଚୀ,୪।୨(ପି.ଟି.)

ଆସନ୍ତା ୧୫ ତାରିଖରେ କଲମ୍ବୋରେ ଭାରତ ବିପକ୍ଷ ମ୍ୟାଚ୍‌ରେ ଖେଳିବାକୁ ମନା କରିବା ପାଇଁ ଆଇସିସିର କାର୍ଯ୍ୟକାରୀ ପରିଷଦ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି)କୁ ଦଣ୍ଡିତ କରିପାରେ। ଏଥିଯୋଗୁ ପିସିବି ବଡ଼ ଆର୍ଥିକ କ୍ଷତିର ସମ୍ମୁଖୀନ ହୋଇପାରେ। ମିଳିଥିବା ସୂଚନା ମୁତାବକ, ଆଇସିସିର ଆର୍ଥିକ ସାଇକଲ ୨୦୨୪-୨୭ରେ ପିସିବିକୁ ୧୪୪ ମିଲିଅନ ଡଲାର ମିଳିବାର ଅଛି। ଯଦି ଆଇସିସି ଭାରତ ବିପକ୍ଷରେ ନ ଖେଳିବା ଲାଗି ପାକିସ୍ତାନକୁ ଦଣ୍ଡିତ କରିବାକୁ ନିଷ୍ପତ୍ତି ନିଏ, ତେବେ ପିସିବି ପାଖାପାଖି ୪୦୦ କୋଟି ପାକିସ୍ତାନ ରୁପି ହରାଇବ। ପିସିବିକୁ ଆର୍ଥିକ ରୂପେ ସୁଦୃଢ଼ ରହିବା ପାଇଁ ଏହି ୪୦୦ କୋଟି ଟଙ୍କା ଦରକାର। ଯଦି ଏହା ନ ମିଳେ, ତେବେ ପାକିସ୍ତାନ କ୍ରିକେଟକୁ କଷ୍ଟକର ସମୟ ଦେଇ ଗତି କରିବାକୁ ପଡ଼ିବ। ପାକିସ୍ତାନକୁ ୨୦୨୪ ଟି୨୦ ବିଶ୍ୱକପ୍ ଓ ଗତ ବର୍ଷ ଚାମ୍ପିୟନ୍ସ ଟ୍ରଫି ପାଇଁ ପିସିବିକୁ ତା'ର ଅଂଶ ମିଳିସାରିଛି। ଚାମ୍ପିୟନ୍ସ ଟ୍ରଫିକୁ ପାକିସ୍ତାନ ଆୟୋଜନ କରିଥିବାରୁ ଆଇସିସି ପକ୍ଷରୁ ଅତିରିକ୍ତ ୬ ମିଲିଅନ ଆମେରିକୀୟ ଡଲାର ପ୍ରଦାନ କରାଯାଇଥିଲା।

ପିସିବି ସୂତ୍ରରୁ କୁହାଯାଇଛି ଯେ, ଚାମ୍ପିୟନ୍ସ ଟ୍ରଫି ଆୟୋଜନ ଲାଗି ପିସିବି ଖୁବ ଅଧିକ ଖର୍ଚ୍ଚ କରିଥିଲା। କିନ୍ତୁ ମ୍ୟାଚ୍ ଟିକେଟ୍ ବିକ୍ରିରୁ ଅଧିକ ମିଳି ନ ଥିଲା। କାରଣ ପାକିସ୍ତାନ ତା'ର କେବଳ ଗୋଟିଏ ମ୍ୟାଚ୍ ଘରୋଇ ଗ୍ରାଉଣ୍ଡରେ ଖେଳିଥିଲା। ବିସିସିଆଇ, ପିସିବି ଓ ଆଇସିସି ମଧ୍ୟରେ ତ୍ରିମୁଖୀ ଚୁକ୍ତି କାରଣରୁ ଭାରତ ବିପକ୍ଷ ମ୍ୟାଚ୍‌କୁ ପାକିସ୍ତାନ ନ୍ୟୁଟ୍ରାଲ ଭେନ୍ୟୁରେ ଖେଳିଥିଲା। ହେଲେ ପିସିବି ଲାହୋର, କରାଚୀ ଓ ରାୱଲପିଣ୍ଡି ଷ୍ଟାଡିୟମର ପୁନଃ ନିର୍ମାଣରେ ୧୮୦୦ କୋଟି ଟଙ୍କା ଖର୍ଚ୍ଚ କରିଥିଲା। ଏଥିଯୋଗୁ ଟୁର୍ନାମେଣ୍ଟରୁ ବୋର୍ଡର ଆୟ ପ୍ରଭାବିତ ହୋଇଛି। ଆସନ୍ତା ୭ ତାରିଖରୁ ହେବାକୁ ଥିବା ଟି୨୦ ବିଶ୍ୱକପ୍ ଓ ଆସନ୍ତା ବର୍ଷ ଦିନିକିଆ ବିଶ୍ୱକପ୍ ଲାଗି ପିସିବିକୁ ତା'ର ଅଂଶଧନ ମିଳି ନାହିଁ ଏବଂ ଏହା ଉପରେ ହିଁ ଆଇସିସି ଆର୍ଥିକ କଟକଣା ଜାରି କରିପାରେ। ଆଇସିସି ଇଭେଣ୍ଟରେ ଅଂଶଗ୍ରହଣ କରିବା ଲାଗି ପିସିବି ଅନ୍ୟ ସମ୍ପୂର୍ଣ୍ଣ ସଦସ୍ୟଙ୍କ ସହ ଚୁକ୍ତି କରିଛି। ପାକିସ୍ତାନ ଚୁକ୍ତିର ଅବମାନନା କଲେ ଆଇସିସି ପିସିବିକୁ ଅର୍ଥ ଦଣ୍ଡରେ ଦଣ୍ଡିତ କରିବା ସହ କ୍ଷତିପୂରଣ ମଧ୍ୟ ଦାବି କରିବ। ଚଳିତ ଆର୍ଥିକ ସାଇକଲ ଲାଗି ଆଇସିସିକୁ ୩୦୦ କୋଟି ଡଲାର ପ୍ରଦାନ କରୁଥିବା ପ୍ରସାରଣକାରୀ ସଂସ୍ଥା ଲାଭ ପାଇଁ ମୁଖ୍ୟତଃ ଭରାତ-ପାକିସ୍ତାନ ମ୍ୟାଚ୍ ଉପରେ ନିର୍ଭର କରେ। ଦୁଇ ପଡ଼ୋଶୀ ଦେଶ ମଧ୍ୟରେ ହେଉଥିବା ପ୍ରତ୍ୟେକ ମ୍ୟାଚ୍‌ରୁ ପାଖାପାଖି ଅଢ଼େଇ ଲକ୍ଷ ମିଲିଅନ ଡଲାର ଆୟ ହୋଇଥାଏ।

# ରାଜ୍ୟ କୁସ୍ତି ଚାମ୍ପିୟନଶିପ୍ ଆରମ୍ଭ

କଟକ,୪।୨(କୁମାରଶ୍ରୀ)

ଜବାହରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମରେ ବୁଧବାର ରାଜ୍ୟ କୁସ୍ତି ଚାମ୍ପିୟନଶିପ୍ ଆରମ୍ଭ ହୋଇଛି। ଓଡ଼ିଶା କୁସ୍ତିସଂଘ ଆନୁକୂଲ୍ୟରେ ଆୟୋଜିତ ପ୍ରତିଯୋଗିତାରେ ମୋଟ୍ ୨୫୦ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ତନ୍ମଧ୍ୟରେ ୧୮୦ ପୁରୁଷ ଏବଂ ୭୦ ମହିଳା ପ୍ରତିଯୋଗୀ ରହିଛନ୍ତି। ଦୁଇ ଦିନିଆ ଏହି ରାଜ୍ୟ ଚାମ୍ପିୟନଶିପ୍‌ରେ ୨୩ବର୍ଷରୁ କମ୍, ୧୭ବର୍ଷରୁ କମ୍ ଏବଂ ୧୫ବର୍ଷରୁ କମ୍ ବୟସ ବର୍ଗର ଇଭେଣ୍ଟ ଖେଳାଯାଉଛି। ଆସନ୍ତା ୨୨ରୁ ୨୫ ତାରିଖ ପର୍ଯ୍ୟନ୍ତ ରାଞ୍ଚିରେ ଜାତୀୟ ପ୍ରତିଯୋଗିତା ହେବା ବେଳେ ପ୍ରଦର୍ଶନ ଭିତିରେ ରାଜ୍ୟ ଦଳ ଚୟନ କରାଯିବ ବୋଲି ରାଜ୍ୟ କୁସ୍ତି ସଂଘ ପକ୍ଷରୁ ପ୍ରେସ ବିବୃତି ମାଧ୍ୟମରେ ସୂଚନା ଦିଆଯାଇଛି। ସଂଘ ସମ୍ପାଦକ କିଶୋର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବରିଷ୍ଠ କ୍ରୀଡ଼ା ସଙ୍ଗଠକ ଆଶୀର୍ବାଦ ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଓଡ଼ିଶା ଅଲିମ୍ପିକ ସଂଘ ସମ୍ପାଦକ ଅଭିଜିତ ପାଲ, ଭାଜପା ନେତ୍ରୀ ସ୍ମୃତି ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଗୁରୁବାର ଚାମ୍ପିୟନଶିପ୍ ଉଦ୍‌ଯାପିତ ହେବ।


ପୁରୁଷ ବର୍ଗରେ ଦୁଇ ପ୍ରତିଯୋଗୀଙ୍କ ମଧ୍ୟରେ ମୁକାବିଲା।



ଜାତୀୟ ସବ୍‌ଜୁନିୟର ଖୋ ଖୋରେ ଚାମ୍ପିୟନ ଓଡ଼ିଶା ଦଳର ଖେଳାଳିମାନେ ଅତିଥିଙ୍କ ଗହଣରେ।

# ଜାତୀୟ ସବ୍‌ଜୁନିୟର ଖୋ ଖୋ: ଓଡ଼ିଶା ବାଳକ ଦଳକୁ ସ୍ୱର୍ଣ୍ଣ

ଭୁବନେଶ୍ୱର, ୪।୨(ତପନ ସ୍ୱାଇଁ)

ହରିୟାଣାର କୁରୁକ୍ଷେତ୍ରଠାରେ ଅନୁଷ୍ଠିତ ୩୫ତମ ଜାତୀୟ ସବ୍‌ଜୁନିୟର ଖୋ ଖୋ ଚାମ୍ପିୟନଶିପ୍‌ରେ ଓଡ଼ିଶା ବାଳକ ଦଳ ଚାମ୍ପିୟନ ହୋଇ ସ୍ୱର୍ଣ୍ଣ ପଦକ ହାସଲ କରିଛି। ଫାଇନାଲରେ କୋହ୍ଲାପୁରକୁ ହରାଇ ଓଡ଼ିଶା ପ୍ରଥମଥର ଏହି ଟାଇଟଲ ଜିତିଛି। ଓଡ଼ିଶାର ସତ୍ୟରଞ୍ଜନ ବେହେରା ଶ୍ରେଷ୍ଠ ଖେଳାଳି ବିବେଚିତ ହେବା ସହ ୧୦ ହଜାର ଟଙ୍କା ପୁରସ୍କାର ପାଇଛନ୍ତି ବୋଲି ଓଡ଼ିଶା ଖୋ ଖୋ ଆସୋସିଏଶନ ସମ୍ପାଦକ ତଥା ସର୍ବଭାରତୀୟ ଖୋ ଖୋ ମହାସଙ୍ଘ ଉପସଭାପତି ପ୍ରଦ୍ୟୁମ୍ନ ମିଶ୍ର ସୂଚନା ଦେଇଛନ୍ତି। ଓଡ଼ିଶା ଦଳକୁ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, କ୍ରୀଡ଼ା ସଚିବ ସଚିନ ରାମଚନ୍ଦ୍ର ଯାଦବ, କ୍ରୀଡ଼ା ନିର୍ଦ୍ଦେଶକ ୟେଦୁଲ୍ଲା ବିଜୟ, ପୁରୀ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଓଡ଼ିଶା ଖୋ ଖୋ ସଙ୍ଘ ସଭାପତି ନାରାୟଣ ପାତ୍ର ଏବଂ ପୁରୀ ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ ଶୁଭେଚ୍ଛା ଜଣାଇଛନ୍ତି।

# ଏସିଆନ ଚାମ୍ପିୟନଶିପ୍‌ରୁ ଇରାନ ଓହରିଲା

ନୂଆଦିଲ୍ଲୀ,୪।୨(ପି.ଟି.)

ବୁଧବାରଠାରୁ ଆରମ୍ଭ ହୋଇଥିବା ଏସିଆନ ଚାମ୍ପିୟନଶିପ୍‌ରୁ ଇରାନର ୨୮ ଜଣିଆ ଶୁଟିଂ ଦଳ ଓହରି ଯାଇଛି। ଇରାନରେ ଚାଲିଥିବା ରାଜନୈତିକ ଅସ୍ଥିରତା ମଧ୍ୟରେ ଭିଜା ଆବେଦନରେ ବିଳମ୍ବ ଯୋଗୁ ସେମାନଙ୍କୁ ବାଧ୍ୟ ହୋଇ ଏଭଳି ନିଷ୍ପତ୍ତି ନେବାକୁ ପଡ଼ିଛି। ଇରାନର ଅନୁପସ୍ଥିତି ଟୁର୍ନାମେଣ୍ଟ ପାଇଁ ଏକ ବଡ଼ କ୍ଷତି। କାରଣ ଏସୀଅ ଶୁଟିଂ ପ୍ରତିଯୋଗିତାରେ ଇରାନ ରେକର୍ଡ ଖୁବ ଭଲ ରହିଛି। ଇରାନ ଦଳ ସେମାନଙ୍କ ଦେଶରେ ଚାଲିଥିବା ବିଦ୍ରୋହ କାରଣରୁ ଖୁବ ବିଳମ୍ବରେଭିଜାଲାଗିଆବେଦନକରିଥିଲା।

# ବାପୁଜୀ କ୍ରିକେଟ କ୍ଲବ୍ ଚାମ୍ପିୟନ


ଚାମ୍ପିୟନ ବାପୁଜୀ କ୍ରିକେଟ କ୍ଲବ ଦଳର ଖେଳାଳିମାନେ ଅତିଥିଙ୍କ ଗହଣରେ।

ଭୁବନେଶ୍ୱର, ୪।୨(ତପନ ସ୍ୱାଇଁ)

ମୁନ୍‌ଲାଇଟ୍ ୟୁଥ୍ କ୍ଲବ୍ ଆନୁକୂଲ୍ୟରେ ବିଜେବି କଲେଜ ଗ୍ରାଉଣ୍ଡରେ ଅନୁଷ୍ଠିତ ୯ମ ନବ ଦାଶ ଓ ୫ମ ପ୍ରଶାନ୍ତ ମହାପାତ୍ର ସ୍ମାରକୀ ଟି୨୦ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଛି। ବୁଧବାର ଅନୁଷ୍ଠିତ ଫାଇନାଲରେ ରାମେଶ୍ୱର ସ୍ପୋର୍ଟିଂକୁ ୩ ଉଇକେଟରେ ହରାଇ ବାପୁଜୀ କ୍ରିକେଟ କ୍ଲବ ଚାମ୍ପିୟନ ହୋଇଛି। ଟସ୍ ଜିତି ବ୍ୟାଟିଂ କରିଥିବା ରାମେଶ୍ୱର ୧୯.୧ ଓଭରରେ ୧୨୯ ରନ୍‌କରି ସମସ୍ତ ଉଇକେଟ ହରାଇଥିଲା। ଦଳ ପକ୍ଷରୁ ସ୍ୱୟମ୍ ପଣ୍ଡା ସର୍ବାଧିକ ୨୮ ଓ ଏମ୍.ଜି. ଗୋପାଳ ୨୪ ରନ୍ କରିଥିଲେ। ବିପକ୍ଷ ଦଳର ଅତୁଲ ସରୱର ୪ଟି ଏବଂ ପ୍ରୟାସ ସିଂ ଓ ନିରଞ୍ଜନ ବେହେରା ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ବାପୁଜୀ କ୍ରିକେଟ କ୍ଲବ ୧୯.୧ ଓଭରରେ ୭ ଉଇକେଟ ହରାଇ ୧୩୩ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଅତୁଲ ସରୱର ସର୍ବାଧିକ ୪୩ ରନ୍‌କରି ଅପରାଜିତ ରହିଥିଲେ। ଆର୍ଯ୍ୟଶ୍ରୀ ଭଞ୍ଜ ୨୫ ଓ ସୟଦ ଜାକି ୨୩* ରନ୍ କରିଥିଲେ। ରାମେଶ୍ୱର ବୋଲରଙ୍କ ମଧ୍ୟରେ ଜଗଦୀଶ ମହାପାତ୍ର ସର୍ବାଧିକ ୩ଟି ଓ ସମ୍ବିତ୍ ବରାଳ ୨ଟି ଉଇକେଟ ନେଇଥିଲେ। ଅମ୍ପାୟର ଦିଲୀପ କୁମାର ସାମଲ ଓ ସୁଶାନ୍ତ ଦାଶ ମ୍ୟାଚ୍ ପରିଚାଳନା କରିଥିଲେ। ସ୍କୋରର ଥିଲେ ସୁଶୀଲ ସୁନ୍ଦରାୟ। ଅଲ୍‌ରାଉଣ୍ଡ ପ୍ରଦର୍ଶନ ପାଇଁ ଅତୁଲ ସରୱର ପ୍ଲେୟର ଅଫ୍ ଦି ମ୍ୟାଚ୍ ଓ ସିରିଜ୍ ବିବେଚିତ ହୋଇଥିଲେ। ଅଭିଜିତ୍ ପାଢ଼ୀ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

# ପ୍ରଥମ ଟାଇଟଲ ଲକ୍ଷ୍ୟରେ ଦିଲ୍ଲୀ

ଭଦୋଦରା,୪।୨(ପି.ଟି.)

ଚଳିତ ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ର ଚତୁର୍ଥ ସଂସ୍କରଣରେ ଗୁରୁବାର ଫାଇନାଲ ମ୍ୟାଚ୍ ଖେଳାଯିବ। ଏହି ଟାଇଟଲ ମୁକାବିଲାରେ ସ୍ମୃତି ମନ୍ଧାନାଙ୍କ ନେତୃତ୍ୱାଧୀନ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ଓ ଜେମିମା ରୋଡ୍ରିଗ୍ସଙ୍କ ଦିଲ୍ଲୀ କ୍ୟାପିଟାଲ୍ସ ପରସ୍ପରକୁ ଭେଟିବେ। ଆର୍‌ସିବି ତା'ର ଦ୍ୱିତୀୟ ଡବ୍ଲ୍ୟୁପିଏଲ୍ ଟାଇଟଲ ଲକ୍ଷ୍ୟରେ ଥିବା ବେଳେ ଦିଲ୍ଲୀ ପ୍ରଥମ ଥର ଟ୍ରଫି ଉଠାଇବା ଉଦ୍ଦେଶ୍ୟରେ ଓହ୍ଲାଇବ। ଦିଲ୍ଲୀ ଚଳିତ ଥର ଭଳି ଏପର୍ଯ୍ୟନ୍ତ ପ୍ରତ୍ୟେକ ସଂସ୍କରଣର ଫାଇନାଲରେ ଖେଳିଛି। ହେଲେ ଦଳକୁ ଗତ ୩ ଫାଇନାଲରେ ପରାଜୟର ସମ୍ମୁଖୀନ ହେବାକୁ ପଡ଼ିଛି।

୨୦୨୪ ସଂସ୍କରଣ ଚାମ୍ପିୟନ ଆର୍‌ସିବି ଚଳିତ ସିଜନରେ ଚମତ୍କାର ପ୍ରଦର୍ଶନ କରିଛି। ଦଳ ୫ରୁ ୫ ମ୍ୟାଚ୍ ବିଜୟ ସହ ଅଭିଯାନ ଆରମ୍ଭ କରିଥିଲା, ଯାହାକି ଡବ୍ଲ୍ୟୁପିଏଲ୍ ଇତିହାସରେ ଯେ କୌଣସି ଦଳ ପାଇଁ ପ୍ରଥମ। ଏଥିସହିତ ଦଳର କିଛି ଖେଳାଳି ନିଜ ସ୍ତରଠାରୁ ଖୁବ ଭଲ ପ୍ରଦର୍ଶନ କରି ଦଳକୁ ମ୍ୟାଚ୍ ଜିତାଇଛନ୍ତି। ଦଳର ପ୍ରାୟତଃ ଖେଳାଳି କୌଣସି ନା କୌଣସି ମ୍ୟାଚ୍‌ରେ ଗୁରୁତ୍ୱପୂର୍ଣ୍ଣ ପ୍ରଦର୍ଶନ କରିଛନ୍ତି। ଅଷ୍ଟ୍ରେଲିଆର ଗ୍ରେସ ହାରିସ ୟୁପି ୱାରିଅର୍ସ ବିପକ୍ଷ ମ୍ୟାଚ୍‌ରେ ୭୫ ରନର ଇନିଂସ ଖେଳିଥିବା ବେଳେ ଗୌତମି ନାଏକ ଗୁଜରାଟ ଜାଏଣ୍ଟ୍ସ ବିପକ୍ଷରେ ୭୩ ରନ କରିଥିଲେ। ଦଳର ବ୍ୟାଟରଙ୍କ ମଧ୍ୟରେ ମନ୍ଧାନା, ହାରିସ, ଜର୍ଜିଆ ଭଲ ଓ ରିଚା ଘୋଷ ଚଳିତ ସିଜନରେ ସ୍ଥିର ପ୍ରଦର୍ଶନ କରିଛନ୍ତି। ନାଦିନେ ଡି କ୍ଲର୍କ ଓ ସୟାଲି ସାଟଘରେ ବୋଲିଂରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଛନ୍ତି। ଦକ୍ଷିଣ ଆଫ୍ରିକୀୟ କ୍ଲର୍କ ୮ ମ୍ୟାଚ୍‌ରେ ୧୫ ଉଇକେଟ ସହ ଚଳିତ ସିଜନରେ ସର୍ବାଧିକ ସଂଖ୍ୟକ ଉଇକେଟ ନେଇଥିବା ବୋଲରଙ୍କ ତାଲିକାରେ ତୃତୀୟ ସ୍ଥାନରେ ରହିଛନ୍ତି। ତାଙ୍କ ସହିତ ଶ୍ରେୟଙ୍କା ପାଟିଲଙ୍କ ସ୍ପିନ ବୋଲର ମିଡିଲ ଓଭରରେ ଦଳକୁ ନିୟନ୍ତ୍ରଣ ପ୍ରଦାନ କରୁଛି।



ଟ୍ରଫି ସହ ଦୁଇ ଦଳର ଅଧିନାୟିକା ସ୍ମୃତି ମନ୍ଧାନା ଓ ଜେମିମା ରୋଡ୍ରିଗ୍ସ।

**ଆଜି ଡବ୍ଲ୍ୟୁପିଏଲ୍ ଫାଇନାଲ**

ଅନ୍ୟପକ୍ଷରେ ଗତ ୩ ଥରର ରନରଅପ୍ ଦିଲ୍ଲୀ ଦଳ ଜେମିମାଙ୍କ ନେତୃତ୍ୱରେ ଉଭୟ ଜବରଦସ୍ତ ଓ ଅସ୍ଥିର ପ୍ରଦର୍ଶନ କରିଛି। ଦଳ ୪ ଲେଖାଏ ବିଜୟ ଓ ପରାଜୟ ସହ ଏଲିମିନେଟର ମ୍ୟାଚ୍ ଖେଳିଥିଲା। ଗୁଜରାଟ ବିପକ୍ଷ ଏଲିମିନେଟ୍‌ର ମ୍ୟାଚ୍‌କୁ ଦଳ ଅତି ସହଜରେ ଜିତି ଫାଇନାଲରେ ପ୍ରବେଶ କରିଛି। ଦଳର ଉଭୟ ବ୍ୟାଟିଂ ଓ ବୋଲିଂ ବିଭାଗର କିଛି ଖେଳାଳିଙ୍କ ପ୍ରଦର୍ଶନ ଉଲ୍ଲେଖନୀୟ ରହିଛି। ବୋଲରଙ୍କ ମଧ୍ୟରେ ଚିନେଲ ହେନରୀ ଓ ନନ୍ଦନୀ ଶର୍ମା ଚଳିତ ସିଜନରେ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ




**SHOWROOMS: ODISHA:** RENAULT **CUTTACK** Ph: 9311772648. RENAULT **BHUBANESWAR** Ph: 8860076082, RENAULT **BHUBANESWAR CENTRAL** Ph: 7428190232. RENAULT **BHAWANIPATNA** Ph: 9311733963. RENAULT **JEYPORE** Ph: 9311596618. RENAULT **SAMBALPUR** Ph: 8448890323.




**SHOWROOMS: ODISHA:** RENAULT **BHUBANESWAR** Ph: 8860076082, RENAULT **BHUBANESWAR CENTRAL** Ph: 7428190232. RENAULT **BHAWANIPATNA** Ph: 9311733963. RENAULT **CUTTACK** Ph: 9311772648. RENAULT **JEYPORE** Ph: 9311596618. RENAULT **SAMBALPUR** Ph: 8448890323.